# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୫/୨୦୨୨ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 5/2022 ★★★★

୪୮ଶ ଭାଗ ୭୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-






KP
GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଲ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ଶନିବାର, ଫେବୃୟାରୀ ୫/୨୦୨୨ Saturday, February 5/2022




**ଏଲନ୍ ମସ୍କଙ୍କ ଟିକସ ହ୍ରାସ ଦାବିକୁ ପ୍ରତ୍ୟାଖ୍ୟାନ**

ଭାରତରେ ଇଲେକ୍ଟ୍ରିକ୍ କାର ନିର୍ମାଣ ପାଇଁ ଏଲନ୍ ମସ୍କଙ୍କ ଟେସ୍‌ଲା କମ୍ପାନୀ ଟିକସ ହ୍ରାସ ନିମନ୍ତେ ଦେଇଥିବା ପ୍ରସ୍ତାବକୁ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।

୦୮

୧୦

**ସୌମ୍ୟରଞ୍ଜନ ଚାମ୍ପିୟନ**

ଭୁବନେଶ୍ୱର ଓପନ ଅନ୍‌ଲାଇନ୍ ଚେସ୍‌ରେ ଫିଡେମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଚାମ୍ପିୟନ ହୋଇଛନ୍ତି।





ବେଜିଂରେ ଶୁକ୍ରବାର ୱିଣ୍ଟର ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବରେ କଳାକାରଙ୍କ ନୃତ୍ୟ ପ୍ରଦର୍ଶନ। (ରିପୋର୍ଟ-ଖେଳପୃଷ୍ଠା)

# ନିର୍ବାଚନ ପରେ ଏମ୍‌ଏସ୍‌ପି କମିଟି: ତୋମାର

**ନୂଆଦିଲ୍ଲୀ,୪।୨ (ପି.ଟି.)**

ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ କମିଟି ଗଠନ ଲାଗି କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ତେବେ ୫ ରାଜ୍ୟ ବିଧାନସଭା ନିର୍ବାଚନ ପରେ ଏହି କମିଟି ହେବ ବୋଲି ଶୁକ୍ରବାର ରାଜ୍ୟ ସଭାରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି। ୩ ବିବାଦୀୟ କୃଷି ଆଇନକୁ ବିରୋଧରେ କରି ହଜାର ହଜାର ଚାଷୀ ଦିଲ୍ଲୀ ସୀମାରେ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଆନ୍ଦୋଳନରେ ବସିଥିଲେ। ଶେଷରେ ଗତବର୍ଷ ନଭେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ କୃଷି ଆଇନ ପ୍ରତ୍ୟାହାର ଘୋଷଣା କରିଥିଲେ। ଏଥିସହିତ ଫସଲ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ଲାଗି ଚାଷୀମାନଙ୍କ ଦାବି ଉପରେ ଆଲୋଚନା ନିମନ୍ତେ କମିଟି ଗଠନ କରିବାକୁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏବେ



କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର

ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ମଣିପୁର ଓ ଗୋଆରେ ବିଧାନସଭା ନିର୍ବାଚନ ଚାଲିଥିବାରୁ ସରକାର କମିଟି ଗଠନ ସମ୍ପର୍କରେ ନିର୍ବାଚନ କମିଶନ (ଇସି)ଙ୍କ ଅନୁମତି ଲୋଡ଼ିଥିଲେ। କମିଟି ଗଠନ ଏବେ ମନ୍ତ୍ରଣାଳୟ ବିଚାରାଧୀନ ରହିଛି। ନିର୍ବାଚନ ଶେଷ ହେବା ପରେ କମିଟି ଗଠନ କରିବାକୁ ଇସି କହିଥିବା ପ୍ରଶ୍ନୋତ୍ତର କାଳରେ ତୋମାର ସୂଚନା ଦେଇଛନ୍ତି। ☞ପୃଷ୍ଠା-୨

■ କେନ୍ଦ୍ରକୁ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନ

## ଚାଷୀଙ୍କ ଆୟ ଦୁଇଗୁଣା ହୋଇଛି କି ?

**ନୂଆଦିଲ୍ଲୀ,୪।୨**

କେନ୍ଦ୍ର ସରକାର କୃଷକମାନଙ୍କୁ ଦେଇଥିବା ପୁରୁଣା ପ୍ରତିଶ୍ରୁତିକୁ ବରିଷ୍ଠ ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ସ୍ମରଣ କରାଇଦେଇଛନ୍ତି। ଚାଷୀଙ୍କ ଆୟ ଦୁଇଗୁଣା କରିବାରେ ସରକାର ସଫଳ ☞ପୃଷ୍ଠା-୨



ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ସମ୍ଭାବନା

........୧୦........

**ଆଜିର ସମ୍ପାଦକୀୟ**

**ନିୟମ ଅମାନ୍ୟ**

# ଏନ୍‌ଇଇଟି-ପିଜି ପରୀକ୍ଷା ଘୁଞ୍ଚିଲା

**ନୂଆଦିଲ୍ଲୀ,୪।୨ (ପି.ଟି.)**

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ୨୦୨୨ ବର୍ଷ ଲାଗି ଏନ୍‌ଇଇଟି-ପିଜି (ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା-ସ୍ନାତକୋତ୍ତର) ପରୀକ୍ଷାକୁ ୬ରୁ ୮ ସପ୍ତାହ ପାଇଁ ସ୍ଥଗିତ ରଖିଛନ୍ତି। ଏହି ପରୀକ୍ଷା ମାର୍ଚ୍ଚ ୧୨ରେ ଅନୁଷ୍ଠିତ ହେବାର ଥିଲା। ମନ୍ତ୍ରଣାଳୟ ଏହାକୁ ୬ରୁ ୮ ସପ୍ତାହ ଘୁଞ୍ଚାଇଥିବାବେଳେ ନୂଆ କାର୍ଯ୍ୟସୂଚୀ ଘୋଷଣା କରିନାହିଁ। ଉପଯୁକ୍ତ ସମୟରେ ପରୀକ୍ଷା ତାରିଖ ଘୋଷଣା କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପରୀକ୍ଷା ସ୍ଥଗିତ ରଖିବା ଦାବିରେ ସୁପ୍ରିମକୋର୍ଟରେ ଦାଏର ପିଟିଶନର ମଧ୍ୟ ଶୁକ୍ରବାର ଶୁଣାଣି ହୋଇଥିଲା। ମାର୍ଚ୍ଚ ୧୨ରେ ଏନ୍‌ଇଇଟି-ପିଜି ପରୀକ୍ଷା ହେଲେ ବାଧ୍ୟତାମୂଳକ ଇଣ୍ଟର୍ନଶିପ୍ ସମୟ ପୂରଣ ହୋଇ ନ ଥିବାରୁ ଅଧିକାଂଶ ଏମ୍‌ବିବିଏସ୍ ସ୍ନାତକ ପରୀକ୍ଷା ଦେଇପାରିବେ ନାହିଁ। ଏଥିପାଇଁ ପରୀକ୍ଷା ସ୍ଥଗିତ ରଖିବା ନିମନ୍ତେ ୬ ଜଣ ଏମ୍‌ବିବିଏସ୍ ସ୍ନାତକ ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିଲେ। ପିଟିଶନରେ ସେମାନେ ଦର୍ଶାଇଥିଲେ ☞ପୃଷ୍ଠା-୨

# ନିର୍ଘଣ୍ଟ ହେଲା ସ୍କୁଲ ସମୟ

**ଭୁବନେଶ୍ୱର, ୪।୨(ବ୍ୟୁରୋ)**

■ ନବମରୁ ଦ୍ୱାଦଶ ପୂର୍ବାହ୍ନ ୧୦ରୁ ୪ଟା
■ ପ୍ରଥମରୁ ଅଷ୍ଟମ ୯ରୁ ଅପରାହ୍ନ ୧ଟା
■ ୬ତାରିଖରୁ ଖୋଲିବ ଛାତ୍ରାବାସ

ରାଜ୍ୟରେ କୋଭିଡ୍ ସଂକ୍ରମଣ ହ୍ରାସ ପାଉଥିବାରୁ ସରକାର ଶିକ୍ଷାନୁଷ୍ଠାନ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୭ ତାରିଖ (ସୋମବାର)ରୁ ଅଷ୍ଟମ ଶ୍ରେଣୀରୁ ଆରମ୍ଭ କରି କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବ। ଏହାପରେ ୧୪ ତାରିଖରୁ ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏ ପାଠପଢ଼ା ଆରମ୍ଭ ହେବ। ଶିକ୍ଷାୟତନ ଖୋଲିବା ପୂର୍ବରୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପାଇଁ ସମୟ ନିର୍ଘଣ୍ଟ ସ୍ଥିର କରାଯାଇଛି। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ଶୁକ୍ରବାର ନିର୍ଦ୍ଦେଶନାମା ଜାରି ହୋଇଛି। ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ସମୟ ପୂର୍ବଭଳି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ଯାଏ ରଖାଯାଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧ଟା ଯାଏ ସମୟ ଧାର୍ଯ୍ୟ କରାଯାଇଛି। ତେବେ ସ୍କୁଲରେ ମଧ୍ୟାହ୍ନଭୋଜନ ପାଇଁ ଅନୁମତି ଦିଆଯାଇ ନାହିଁ। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ମଧ୍ୟାହ୍ନଭୋଜନ ବାବଦରେ ପିଲାମାନଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯିବ। ଆସନ୍ତା ୭ ତାରିଖରୁ ରାଜ୍ୟର ସବୁ ଉଚ୍ଚ ଶିକ୍ଷାନୁଷ୍ଠାନରେ କ୍ଲାସ୍‌ରୁମ୍ ପାଠପଢ଼ା ଆରମ୍ଭ ହେବ। ଏହାକୁ ଦୃଷ୍ଟିରେ ରଖି ☞ପୃଷ୍ଠା-୨






## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୮,୯୭,୫୨,୦୪୨ | ୫୭,୩୪,୭୫୨ | ୩୦,୮୯,୪୧,୦୫୮ |
| ଭାରତ | ୪,୧୯,୫୨,୭୧୨ | ୫,୦୦,୦୮୨ | ୪,୦୦,୧୭,୦୮୮ |
| ଓଡ଼ିଶା | ୧୨,୬୨,୧୦୨ | ୮୬୮୯(+୫୩) | ୧୨,୨୨,୮୬୭ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................................
ବୟସ:..............................................
ଜନ୍ମ ତାରିଖ: ......................................


ସ୍ୱରାତ୍ମିକା ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ଆଜିର ମନ୍ତବ୍ୟ**

"ଦଳର ଶୀର୍ଷ ନେତୃତ୍ୱ ଦୁର୍ବଳ ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି, ଯିଏ ସେମାନଙ୍କ ଇସାରାରେ ନାଚିପାରିବେ। ନୂଆ ପଞ୍ଜାବ ଗଢ଼ିବାକୁ ହେଲେ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ବାଛିବାକୁ ପଡ଼ିବ।

**-ନବଜ୍ୟୋତ ସିଂ ସିଦ୍ଧୁ, ପଞ୍ଜାବ ପିସିସି ମୁଖ୍ୟ**

# ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା

## ପଶ୍ଚିମା ବାୟୁ ପ୍ରଭାବ

**ଭୁବନେଶ୍ୱର,୪।୨(ବ୍ୟୁରୋ)**

ପଶ୍ଚିମାବାୟୁ ପ୍ରବାହ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ଗତ ୨ ଦିନ ଧରି ଘଡ଼ଘଡ଼ି ସହ ବର୍ଷା ହୋଇଛି। ଦିନତମାମ ଆକାଶ ମେଘାଚ୍ଛନ୍ନ ରହିବା ସାଙ୍ଗକୁ କେତେକ ସ୍ଥାନରେ ଟୁହାକୁ ଟୁହା ବର୍ଷା ହୋଇଛି। ଏପରି କି କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିବା ସୂଚନା ମିଳିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱରରେ ୩୫.୪ ମିଲିମିଟର ବର୍ଷା ହୋଇଥିବା ବେଳେ ଝାରସୁଗୁଡ଼ା ୩୦.୫, ଚାନ୍ଦବାଲି ୧୯.୮, ବାରିପଦା ୨୦.୪, କେନ୍ଦୁଝର ୧୫.୫, ସମ୍ବଲପୁର ୧୯.୬, ସୁନ୍ଦରଗଡ଼ ୨୮.୩, ହୀରାକୁଦ ୫.୨ ଏବଂ ତାଳଚେରରେ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ଶୁକ୍ରବାର ରାତିରେ କଟକ, କେନ୍ଦ୍ରାପଡ଼ା, ଭଦ୍ରକ, ଭୁବନେଶ୍ୱର, ଯାଜପୁର, ଖୋର୍ଦ୍ଧା ଆଦି ସ୍ଥାନରେ ମଧ୍ୟ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଛି।

ପଶ୍ଚିମା ବାୟୁ ପ୍ରବାହ ଯୋଗୁ ରାଜ୍ୟରେ ଶୀତ ଗାଏବ ହୋଇ ଯାଇଛି। ଆକାଶ ମେଘାଚ୍ଛନ୍ନ ହେବା ସହ ରାତିର ତାପମାତ୍ରାରେ ବୃଦ୍ଧି ଘଟିଛି। ପାରଦ ୫ରୁ ୭ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ଘଟିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୪ରୁ ୨୧ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିଛି। ଆସନ୍ତା ସପ୍ତାହେ ଯାଏ ପାଗ ଶୁଖିଲା ରହିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅର୍ଥଲାଭ ସହ କିଛି ପୁରୁଣା କଥା ଓ କିଛି ନୂଆ କାମକୁ ନେଇ ବ୍ୟସ୍ତ ରହିବେ। ଆତ୍ମୀୟଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବେ। ବିଶ୍ୱାସର ବଶବର୍ତ୍ତୀ ହୋଇ କୌଣସି ବ୍ୟକ୍ତିଙ୍କ କଥାକୁ ସ୍ୱୀକାର କରି ହଇରାଣରେ ପଡ଼ିପାରନ୍ତି। ଧର୍ମକାର୍ଯ୍ୟ, ସଭାସମିତି, ରାଜନୀତି, ପ୍ରଶାସନ, ସାମ୍ବାଦିକତା ତଥା ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ।

**ବୃଷ**
ସମସ୍ୟା ମଧ୍ୟରେ ବୁଡ଼ି ରହିଥିଲେ ମଧ୍ୟ କୌଣସି କାମକୁ ଅଣଦେଖା କରିପାରିବେ ନାହିଁ। ସାଧାରଣ କଥାକୁ କେନ୍ଦ୍ରକରି ସହକର୍ମୀ କିମ୍ବା ପରିବାର ଭିତରେ ବିବାଦକୁ ପ୍ରତିହତ କରିପାରିବେ। କ୍ରମଶଃ ଦୁର୍ବଳ ଅନୁଭବ କରୁଥିବା ହେତୁ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ସମ୍ପର୍କୀୟଙ୍କ କୃତକର୍ମ ଆପଣଙ୍କ ମୁଣ୍ଡବ୍ୟଥାର କାରଣ ହେବ।

**ମିଥୁନ**
ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ସହ କାର୍ଯ୍ୟସିଦ୍ଧି, ଅର୍ଥପ୍ରାପ୍ତି, ଉଚ୍ଚ ସମ୍ମାନର ସୂଚନା ରହିଛି। ଉପରିସ୍ଥଙ୍କ ଅନୁକମ୍ପା ହେତୁକ ସୁବିଧା ସୁଯୋଗ ପାଇ ଅଫିସରେ ପ୍ରଶଂସିତ ହେବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ହଟିଯାଇ ଲାଭବାନ ହୋଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ତଥା କଳା.ସାହିତ୍ୟରେ ସୁନାମ ଅର୍ଜନ କରିବେ।

**କର୍କଟ**
ସାମାଜିକ କ୍ଷେତ୍ରରେ ସମସ୍ୟା ସମାଧାନପୂର୍ବକ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେଇ ସଫଳତା ହାସଲ କରିବେ। ପରିବାରରେ ମତାନ୍ତର ଜନିତ ଅଶାନ୍ତି ଓ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। କୌଣସି କ୍ଷେତ୍ରରେ ଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ସିଂହ**
ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ିବାକୁ ଅନ୍ୟର ସାହାଯ୍ୟର ପ୍ରାର୍ଥୀ ହେବାକୁ ପଡ଼ିପାରେ। ଅନ୍ୟମନସ୍କ ଯୋଗୁ କିଛି ମୂଲ୍ୟବାନ ଜିନିଷ ହରାଇ ମାନସିକ ବ୍ୟଥା ଅନୁଭବ କରିପାରନ୍ତି। ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେଲେ ଲାଭ କିଛି ହେବନି ବରଂ ଅଶାନ୍ତି ବଢ଼ିବ।

**କନ୍ୟା**
ଗୋପନ କଥାଟିକୁ ବନ୍ଧୁଙ୍କ ଆଗରେ କହି ପରେ ଅନୁତାପ କରିବେ। କାର୍ଯ୍ୟ କ୍ଷେତ୍ରରେ ଓଲଟା କାମ କରି ଉପର ଅଧିକାରୀଙ୍କ ବିରାଗଭାଜନ ହୋଇପାରନ୍ତି। କଚେରି ମାମଲା କିମ୍ବା ପରିବହନରେ ସମସ୍ୟା ଦୂର ହେବ ଏବଂ ଲାଭବାନ ହେବେ। ପ୍ରକାଶନ, ପ୍ରଶାସନିକ ଓ ସାଂଗଠନିକ, ସଭାସମିତି ସ୍ତରରେ କଠିନ ଶ୍ରମ କରିବାକୁ ବାଧ୍ୟ ହେବେ।

**ତୁଳା**
ଅନ୍ୟଙ୍କୁ ଖୁସି କରିବାକୁ ଯାଇ ନିଜେ ହରଡ଼ଘଣାରେ ପଡ଼ିପାରନ୍ତି। କୌଣସି ବନ୍ଧୁଙ୍କୁ ସମବେଦନା ଜଣାଇ ଚର୍ଚ୍ଚାର ପରିସରକୁ ଆସିବାକୁ ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ଅଫିସରେ ମଧ୍ୟାହ୍ନ ସମୟରେ ମନରେ ବିତର୍କର ସୂତ୍ରପାତ ହେବ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିବ।

**ବିଛା**
ଆଜି ସକାଳୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। ଯାତ୍ରାରେ ସଫଳତା ସାଙ୍ଗକୁ ବିଭିନ୍ନ ଅନୁଷ୍ଠାନ କିମ୍ବା ସଂଗଠନ କ୍ଷେତ୍ରରେ ନିଜକୁ ସାମିଲ କରି ଖୁସି ହେବେ। ଆକସ୍ମିକ ଆବଶ୍ୟକତାକୁ ନେଇ କିଛି ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ। ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ ଏବଂ ସାମୟିକ ଭାବରେ ମାନସିକ ଆଘାତ ପାଇବେ।

**ଧନୁ**
ବିଗତ ଦିନର ଘଟଣା ସମୂହକୁ ଜାଣିଥିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ସତ କଥା କହିପାରିବେ ନାହିଁ। ଯେକୌଣସି ପରିସ୍ଥିତିରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଯେଉଁ ଜିନିଷଟିକୁ ପାଇବାକୁ ଇଚ୍ଛା କରିଛନ୍ତି ତାହା ବିଳମ୍ବରେ ପାଇବେ।

**ମକର**
ଆବଶ୍ୟକତା ପୂରଣ କରିବାକୁ ଯାଇ ଭାଇ କିମ୍ବା ପଡ଼ୋଶୀଙ୍କଠାରୁ ଧାର କରଜ କରିବାକୁ ପଡ଼ିବ। ଆଜି ଫେରିବା ବାଟରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଆପଣ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ନ ହେଲେ କ୍ଷତିରେ ପଡ଼ିପାରନ୍ତି। ଧର୍ମାନୁଷ୍ଠାନ, ରାଜନୀତି, ପ୍ରଶାସନ, ଯାତ୍ରା, ବାଣିଜ୍ୟ, ନିର୍ମାଣ ପାଇଁ ଦିନଟି ବହୁତ ଭଲ।

**କୁମ୍ଭ**
ପ୍ରତିଦାନ ଆଶା କରି କିଛି ନ ପାଇବା କାରଣରୁ ମନରେ କ୍ରୋଧ ଜାଗ୍ରତ ହେବ। ଘର ସୀମା କିମ୍ବା ଜମିବାଡ଼ି ସମ୍ପର୍କରେ କିଛିଟା ଦୁଶ୍ଚିନ୍ତାର ଭାରରେ ମନ ଭାରି ଲାଗିବ। ବିଶୃଙ୍ଖଳିତ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ। ବ୍ୟବସାୟ ଓ ରପ୍ତାନି ବାଣିଜ୍ୟରେ ସାମୟିକ ପ୍ରତିବନ୍ଧକ ଦେଖାଦେଇପାରେ।

**ମୀନ**
କର୍ମଜଞ୍ଜାଳ ବୃଦ୍ଧି କାରଣରୁ ବିଚଳିତ ହୋଇପାରନ୍ତି। ଭଲ ସମ୍ପର୍କ ଥିବା ବ୍ୟକ୍ତିଙ୍କ ଉପରେ ମନେ ମନେ ଖପ୍ପା ହେଲେ ମଧ୍ୟ ଉପରେ କିଛି ପ୍ରକାଶ କରିପାରିବେ ନାହିଁ। ଘରେ କିମ୍ବା ଅଫିସରେ ମଧ୍ୟ ଏହିଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ। ମାଲି ମକଦ୍ଦମାରେ ନିଜ ସପକ୍ଷରେ ରାୟ ଯିବାର ଆଶାକରି ଏକପ୍ରକାର ଚିନ୍ତାମୁକ୍ତ ହେବେ।


# classifieds Everyday
0674-2580101, 2549302

**automobile**

**SALE**

**Chevrolet Optra Magnum for sale 2012 Model 65000K.M. running (Personal use). 8249311037.** D-71789

**real estate**

**SALE**

ପୁରୀ ସହରରେ ଷ୍ଟୁଡ଼ିଓଫ୍ଲାଟ୍ ଏକରୁମ୍ + Kitchen +Latrine ପାଇଁ 6371040227କୁ ଯୋଗାଯୋଗ କରନ୍ତୁ। ପ୍ରଥମ ଆଠଜଣଙ୍କ ନାମରେ ଜମି ରେଜିଷ୍ଟ୍ରେସନ୍ କରାଯିବା ପରେ କିସ୍ତିରେ ସହଯୋଗିତାରେ ଫ୍ଲାଟ୍ ତିଆରି କରାଯିବ। D-71472

**ଘରବାରି ପ୍ଲଟ୍ ବାଉଣ୍ଡାରି ୱାଲ୍ ସହିତ ସୁନ୍ଦରପଦାରେ 480 Sqft., Limited offer available. Mob.: 9437216666.** D-23018

ଝିଅ ବାହାଘର ପାଇଁ ସୁନ୍ଦରପଦାର ଖେତ୍ରପାଳ ମୌଜାରେ ୫୦୦୦ବର୍ଗଫୁଟ ପ୍ଲଟ୍ 45,00,000/-, ବେଣାବିଲ ମୌଜାରେ 20,00,000/- ବିକ୍ରି କରିବି। 9853150290. D-71790

**Scheduled caste plot for sale in BDA Town planning scheme Phase-1, Bhubaneswar. Contact: 9937446498.** D-71940

Patia Nandankanan ଛକରୁ 2.5K.m. Dadha Marketକୁ ଲାଗି plot କିଣନ୍ତୁ। 7008492511. D-23041

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-22911

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/-, ନଖରା ତ୍ରିନାଥବଜାର sqft.- 220/- (outright). 9556055607. D-22922

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22912

ଭୁବନେଶ୍ୱର ଗ୍ୟାରେଜ୍ ଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call-9827119799. D-71937

**ବ୍ରାହ୍ମଣଝରିଲୋ ବଜାରରୁ 1K.M. ମଧ୍ୟରେ ଘରବାରି, road, ଇଲେକ୍ଟ୍ରିସିଟି ସହ ପିଚୁ ରାସ୍ତାକୁ ଲାଗି plot/simplex ସୁଲଭ ମୂଲ୍ୟରେ ମିଳୁଛି। (Bank finance available). 9938163369, 8093053603.** D-71787

Buy or Sale Property-8984071303. 18000sqft. Triplex Pandra- 6.5cr./ 4BHK Duplex Balianta-75,00,000/-, 3BHK Apartment Patia-4000. Pipili 6Acre- 18cr., Jaanla 30000sqft-6cr. Residential Land Patia-2890, Tankapani-2650, Nakhara-1750, Hanspal-1900, Balianta-950, Sundarpada-900, Jaanla-900. D-23044

**ଭୁବନେଶ୍ୱର ହଂସପାଳଛକରୁ 5K.M. ମଧ୍ୟରେ (New BDA Planing Area) 30' ରାସ୍ତା, ଘରବାରି, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। 9938014369, 8093053602.** D-71788

ଭୁବନେଶ୍ୱର Gita/ Gandhi କଲେଜରୁ 1K.M. BDA Satellitecityକୁ ଲାଗି 30' ରାସ୍ତା ଥାଇ boundary plot sqft.- 700/- କିଣନ୍ତୁ। 9348767829. D-71784

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.** D-71763

ଭୁବନେଶ୍ୱର ଜଟଣୀଗେଟ୍ ଠାରୁ ଅଳ୍ପ ଦୂରତାରେ (per sqft.- 600/-ରୁ 300/-) ରାସ୍ତା ଥିବା ପ୍ଲଟ୍ ମିଳୁଛି। Contact: 7606015965, 8114994259. D-23040

**Gated community township gharabari plot sale in Gudiapokhari near KEC College with 30' road, Electricity, boundarywall. 8763887357, 8144730854.** D-71786

**Bhubaneswar Sum Hospitalରୁ 4 K.M. distance ଘରବାରି ପଟ୍ଟା, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। Immediate registration and possession. 9090963952.** D-71772

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**construction**

Want a dream home on your own plot assistance for construction design and development. Contact: K.K. Construction. 7008268129, 9439143273. D-71334

**to-let**

Three Rooms, Dining, Kitchen, Veranda, near GGP Colony, Pandara road. 8249484647. D-22980

Single Double Rooms at Sisupalgad, Tankapani, Bhubaneswar. Ph- 9437764734, 8249374142. D-70769

3BHK for rent 12500 per month at Ratnakarbag-1. Mob: 9902406161. D-23029

**healthcare**

**Relax, refresh your body, mind at Lotus SPA with best therapies. 8018891951.** D-71856

Newly open SPA positively health benefit with Expert. Contact: 7749976301. D-71939

Newly open SPA positively health benefits by expert therapist. 7846814019. D-71470

Newly open full body massage ladies and gents. 8327740003. D-71855

Newly open SPA positively health benefits by expert therapist. 8455987557. D-71471

Refreshing your mind and body with the best therapy, 7873794731. D-23024

Newly opening SPA positively health benefits with expert therapist. 8917332216. D-71941

Full body massage in homely atmosphere all therapy. Contact: 8114881641. D-60895

**AFFIDAVIT**



I, SAMRAT RAY aged about 22 years S/o Late Durjaya Ray a resident of village Krushna Nagar P.O. Debagam, PS. Raighar, at present residing at village/ post-. Jatabal, PS. Dabugaon in the district of Nabarangpur, Odisha. I am well acquainted with the contents of this affidavit and I am attained majority on 05.02.2000 from my date of birth. I am HINDU by religion and converted to MUSLIM . My conversion to ISLAM in my own will and nobody has pressurized to do so. I have changed my name from SAMRAT RAY to MIRZA GULAM MOINUDDIN ISMAILY for all purposes. I swear that affidavit in order to produce it before the competent authority for kind information and necessary action. The above facts stated in the affidavit are true to the best of my knowledge & belief. D-23043

I, Manukonda Devaki W/o Puppala Gangadhar Ugandharrao R/o Ariba, Gajapati, Odisha shall henceforth be known as Puppala Ramya Gangadhar Affidavit No.- 53AA884639 sworn before Notary Parlakhemundi dated 31.01.2022. D-23030

By virtue of an affidavit sworn before the Executive Magistrate, Nuapada, I, Lingaraj Behera, S/o- Kabi Chandra Behera, at present R/o. Gurukul Asram, PO- Amsena, Dist-. Nuapada declare that I have acquired the degree qualification of Acharya and a Acharya of Gurukul Asram. As per Dikshya of the Gurukul I have been recognized in the name of Acharya Dharmaraj for all purposes. D-23047


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଇବ ଦଉଡ଼ି ମଣିଷ ଗାଈ**
**ଯେଣିକି ଟାଣିବ ତେଣିକି ଯାଇ।**

ମଣିଷ ସବୁବେଳେ ସମୟର ଅଧୀନ। ସମୟ ବା ପରିସ୍ଥିତି ତାକୁ ଯେଉଁଆଡ଼େ ନେଇଯାଏ ସେ ସେଇଆଡ଼େ ଯିବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦେଖା ସୁନ୍ଦର**
**କଖାରୁ ବଡି।**

ଉପର ଦେଖା ସୁନ୍ଦର, ପରନ୍ତୁ କେଉଁ କାମକୁ ନୁହେଁ। ପରୋକ୍ଷରେ ରୂପଠାରୁ ଗୁଣ ଶ୍ରେଷ୍ଠ। ରୂପ ସୁନ୍ଦର ହୋଇଥିଲେ ମଧ୍ୟ ଗୁଣ ଯଦି ସେତେ ଭଲ ବା ଉତ୍କୃଷ୍ଟ ହୋଇ ନ ଥାଏ ତା'ହେଲେ ସେ ବ୍ୟକ୍ତି ସେତେ ଆଦର ଓ ସମ୍ମାନ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

### ନିର୍ବାଚନ ପରେ...

କେନ୍ଦ୍ର ସରକାର କୃଷି ଆଇନ ପ୍ରତ୍ୟାହାର କରିଥିଲେ ହେଁ ଏମ୍‌ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି, ଚାଷୀଙ୍କ ବିରୋଧରେ ଦାଏର ମାମଲା ପ୍ରତ୍ୟାହାର କରିବା ଆଦି ଅନ୍ୟାନ୍ୟ ଦାବି ପୂରଣ କରିନାହାନ୍ତି। ଏମ୍‌ଏସ୍‌ପି କମିଟି ଗଠନ ପାଇଁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ହେଁ ଏହା ରଖି ନ ଥିବା ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ଗୁରୁବାର ଅଭିଯୋଗ କରିଥିଲା। ତେଣୁ ୟୁପି ନିର୍ବାଚନରେ ଭାଜପାକୁ ଦଣ୍ଡିତ କରିବା ପାଇଁ ଗୁରୁବାର ଏସ୍‌କେଏମ୍ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ଫଳରେ କୃଷିମନ୍ତ୍ରୀ ତୋମାର ନିର୍ବାଚନ ପରେ ଏମ୍‌ଏସ୍‌ପି କମିଟି ଗଠନ ହେବ ବୋଲି ଗୃହକୁ ଜଣାଇଛନ୍ତି।

### ଚାଷୀଙ୍କ ଆୟ ...

ହୋଇଛନ୍ତି କି ବୋଲି ଶୁକ୍ରବାର ରାଜ୍ୟ ସଭାରେ ପ୍ରସନ୍ନ ପ୍ରଶ୍ନ କରିଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଅଂଶଗ୍ରହଣ କରି ବିଜେଡି ଏମ୍‌ପି କହିଥିଲେ, ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣା କରିବାକୁ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ଆୟ ଦୁଇଗୁଣା ହେଲାନାହିଁ। କେନ୍ଦ୍ର ସରକାରଙ୍କ କଥା ଓ କାର୍ଯ୍ୟରେ ଆକାଶ ପାତାଳ ଫରକ ବୋଲି ପ୍ରସନ୍ନ କହିଛନ୍ତି।

ଏନ୍‌ସିଆର୍‌ବି ତଥ୍ୟର ଅବତାରଣା କରି ପ୍ରସନ୍ନ କହିଥିଲେ, ୨୦୧୯ରେ ୪୨,୪୮୦ କୃଷକ ଓ ଦିନ ମଜୁରିଆ ଆତ୍ମହତ୍ୟା କରିଥିଲେ, ଯାହା ପୂର୍ବ ବର୍ଷ ତୁଳନାରେ ୬ ପ୍ରତିଶତ ଅଧିକ। ଏମ୍‌ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି ଦେବା ସମ୍ପର୍କରେ କେନ୍ଦ୍ର ସରକାର ଆଭିମୁଖ୍ୟ କ'ଣ ପାଇଁ ସ୍ପଷ୍ଟ କରୁ ନ ନାହାନ୍ତି ବୋଲି ବିଜେଡି ନେତା ପ୍ରଶ୍ନ କରିଥିଲେ।

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମବାର୍ଷିକୀ ଜାନୁୟାରୀ ୨୩ରୁ ସାଧାରଣତନ୍ତ୍ର ଦିବସ ଉତ୍ସବ ଆରମ୍ଭ କରାଯାଇଥିବାରୁ ଏଥିପାଇଁ ପ୍ରସନ୍ନ ଆଚାର୍ଯ୍ୟ କେନ୍ଦ୍ର ସରକାରଙ୍କୁ ପ୍ରଶଂସା କରିଥିଲେ। ସେହିପରି ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ୧୨ ବର୍ଷର ବାଳକ ବାଜି ରାଉତ ବ୍ରିଟିଶ ସୈନ୍ୟଙ୍କ ଗୁଳିରେ ପ୍ରାଣବଳି ଦେଇଥିଲେ। ତାଙ୍କ ସ୍ମୃତିରେ ଏକ ସ୍ମାରକୀ ନିର୍ମାଣ ଲାଗି ପ୍ରସନ୍ନ କେନ୍ଦ୍ରକୁ ଅନୁରୋଧ କରିଥିଲେ। ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍ ରାଜ୍ୟ ମାନ୍ୟତା ଦେବା ଲାଗି ଦାବିକୁ ବିଜେଡି ଏମ୍‌ପି ଦୋହରାଇଥିଲେ। ସେହିପରି ଖଣି ଖନନ ଯୋଗୁ ଓଡ଼ିଶାର ପରିବେଶ ଗୁରୁତର କ୍ଷତିଗ୍ରସ୍ତ ହେଉଛି। ହେଲେ କେନ୍ଦ୍ର ସରକାର ସଂଗ୍ରହ କରୁଥିବା ପରିବେଶ ସେସ୍‌ରୁ ରାଜ୍ୟକୁ କିଛି ମିଳୁନାହିଁ ବୋଲି ପ୍ରସନ୍ନ କହିଥିଲେ।

କେନ୍ଦ୍ର ସରକାର ମହିଳା ସଶକ୍ତୀକରଣ କଥା କହୁଛନ୍ତି। ମହିଳା ସ୍ଥାନ ସଂରକ୍ଷଣ ବିଲ୍ ୨୦୧୦ରେ ରାଜ୍ୟ ସଭାରେ ଗୃହୀତ ହୋଇଥିଲେ ହେଁ ଏପର୍ଯ୍ୟନ୍ତ ତାହା ଆଇନରେ ପରିଣତ ହୋଇନାହିଁ। ପାର୍ଲାମେଣ୍ଟରେ ମହିଳା ପ୍ରତିନିଧିତ୍ୱ ମାତ୍ର ୧୦.୫ ପ୍ରତିଶତ। ସେହିପରି ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳା ସଦସ୍ୟଙ୍କ ସଂଖ୍ୟା ୯ ପ୍ରତିଶତ ବୋଲି ପ୍ରସନ୍ନ କହିଥିଲେ। ଏଥିସହିତ ବିଜେଡି ଓଡ଼ିଶାରେ ରେଲୱେ ଡିଭିଜନ ସ୍ଥାପନ ଓ ସୁନ୍ଦରଗଡ଼ରେ ଏମ୍ସ ପ୍ରତିଷ୍ଠା ପ୍ରସଙ୍ଗ ରାଜ୍ୟ ସଭାରେ ଉଠାଇଥିଲା।

### ନିର୍ଘଣ୍ଟ ହେଲା ...

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟ, ଡିଗ୍ରୀ କଲେଜ ଓ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନଗୁଡ଼ିକର ହଷ୍ଟେଲ (ଛାତ୍ରାବାସ) ୬ ତାରିଖରୁ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି, ଡିଗ୍ରୀ କଲେଜ ଓ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷମାନଙ୍କୁ ଚିଠି ଲେଖିଛନ୍ତି। ଶିକ୍ଷାନୁଷ୍ଠାନ ସହ ଜଡ଼ିତ ବିଭାଗ ସ୍ୱତନ୍ତ୍ର ଭାବେ ନିଜର ଗାଇଡ୍‌ଲାଇନ ଜାରି କରିବେ। ବିଦ୍ୟାଳୟରେ ପିଲାଙ୍କ ସୁରକ୍ଷା ପାଇଁ ଖୁବ୍‌ଶୀଘ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯିବ। କରୋନା ମହାମାରୀ କାରଣରୁ ପ୍ରଭାବିତ ହୋଇଥିବା ଶିକ୍ଷାଦାନ ବ୍ୟବସ୍ଥା ତ୍ୱରାନ୍ୱିତ କରିବା ଲାଗି ସରକାର ଗୁରୁତ୍ୱ ଦେଉଛନ୍ତି। ଉଭୟ ଅଫ୍‌ଲାଇନ ଏବଂ ଅନ୍‌ଲାଇନ ମାଧ୍ୟମରେ ଶିକ୍ଷାଦାନ ଚାଲିବ। ସମସ୍ତ କ୍ଲାସ୍ ପ୍ରମୋଶନ ପରୀକ୍ଷା ସମେତ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ କରୋନା ସ୍ଥିତି ଦେଖି ପରୀକ୍ଷା କରିବାକୁ ମାଧ୍ୟମିକ ଶିକ୍ଷା ପରିଷଦ ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି।

ଅନ୍ୟପଟେ ଦୀର୍ଘ ୨ବର୍ଷ ପରେ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ଶିକ୍ଷା ଆରମ୍ଭ ହେଉଥିବାରୁ ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ସରକାରଙ୍କ ଘୋଷଣା ପରେ ସ୍କୁଲ, କଲେଜଗୁଡ଼ିକରେ ସାନିଟାଇଜ କାର୍ଯ୍ୟ ଆରମ୍ଭ ହୋଇଛି। ବିଦ୍ୟାଳୟର ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ସଜଡ଼ା ଚାଲିଛି।

### ଏନ୍‌ଇଇଟି-ପିଜି ...

ଏବେ ଅଧିକାଂଶ ଏମ୍‌ବିବିଏସ୍ ସ୍ନାତକ କୋଭିଡ୍ ଡ୍ୟୁଟିରେ ବ୍ୟସ୍ତ ରହୁଥିବାରୁ ସେମାନଙ୍କ ଇଣ୍ଟର୍ନଶିପ୍ ସ୍ଥଗିତ ରହିଛି। ଇଣ୍ଟର୍ନଶିପ୍ ସମୟସୀମା ୨୦୨୨ ମାର୍ଚ୍ଚ ୩୧ ରହିଥିବାରୁ ଏହା ପୂର୍ବରୁ ସେମାନେ ଏନ୍‌ଇଇଟି ପରୀକ୍ଷାରେ ଯୋଗଦେଇପାରିବେ ନାହିଁ। ତେଣୁ ପରୀକ୍ଷା ଘୁଞ୍ଚାଇବା ପାଇଁ ନିର୍ଦ୍ଦେଶ ଦେବାକୁ ସେମାନେ ଅଦାଲତଙ୍କୁ ଅନୁରୋଧ କରିଥିଲେ।

ନ୍ୟାଶନାଲ ବୋର୍ଡ ଅଫ୍ ଏକ୍‌ଜାମିନେଶନ (ଏନ୍‌ବିଇ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଏମ୍. ବାଜପାୟୀଙ୍କୁ ପତ୍ର ଲେଖି ମେଡିକାଲ ଶିକ୍ଷାର ସହକାରୀ ମହାନିର୍ଦ୍ଦେଶକ ତଥା ମେଡିକାଲ କାଉନ୍‌ସେଲିଂ କମିଟିର ସଦସ୍ୟ ସଚିବ ଡ. ବି. ଶ୍ରୀନିବାସ ଜଣାଇଥିଲେ, ଏନ୍‌ଇଇଟି-ପିଜି ୨୦୨୨ ପରୀକ୍ଷା ସ୍ଥଗିତ ରଖିବା ଲାଗି ଡାକ୍ତରମାନଙ୍କଠାରୁ ଏକାଧିକ ଆବେଦନ ପହଞ୍ଚିଛି। ଏନ୍‌ଇଇଟି ପିଜି ୨୦୨୧ କାଉନସେଲିଂ ଏବଂ ୨୦୨୨ର ପରୀକ୍ଷା ଏକ ସମୟରେ ପଡୁଛି। ଏଥିସହିତ ଅଧିକାଂଶ ଇଣ୍ଟର୍ନ ମେ'-ଜୁନ୍‌ରେ ହେବାକୁ ଥିବା ପିଜି କାଉନସେଲିଂ-୨୦୨୨ରେ ଯୋଗଦେଇପାରିବେ ନାହିଁ ବୋଲି ଶ୍ରୀନିବାସ ଜଣାଇଥିଲେ। ଉପରୋକ୍ତ ବିଷୟକୁ ଧ୍ୟାନରେ ରଖି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏନ୍‌ଇଇଟି ପିଜି ପରୀକ୍ଷା ୬ରୁ ୮ ସପ୍ତାହ ଘୁଞ୍ଚାଇବା ପାଇଁ ନିଷ୍ପତ୍ତି ନେଇଛି।

# ବଦଳୁଛି ୩ ଦଶନ୍ଧିର ସ୍ଥିତି

**ସୁକିନ୍ଦା ନିର୍ବାଚନମଣ୍ଡଳୀ ପଞ୍ଚାୟତ ଭୋଟ**



- କଂଗ୍ରେସ ହଟିବା ପରେ ଭାଜପା ପ୍ରଭାବୀ ରଣନୀତି
- ବିଜେଡି ପାଇଁ ଏକ ଶକ୍ତ ଆହ୍ୱାନ

**ଯାଜପୁର ଅଫିସ,୪।୨**

ଯାଜପୁର ଜିଲାର ଖଣି ଓ ଶିଳ୍ପ ସମୃଦ୍ଧ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ୩ ଦଶନ୍ଧିର ରାଜନୈତିକ ରୂପରେଖ କ୍ରମଶଃ ବଦଳୁ ଥିବା ସ୍ପଷ୍ଟ ହୋଇଛି। ୨୦୧୭ ପଞ୍ଚାୟତ ଓ ୨୦୧୯ ସାଧାରଣ ନିର୍ବାଚନରେ ଭୋଟରଙ୍କ ମତଦାନ ହାରକୁ ଅବଲୋକନ କଲେ ସେଠାରେ ଭାଜପା ନିଜର ବଳ କଷିବା ଆରମ୍ଭ କରିଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଦଳୀୟ ଚିହ୍ନରେ ଭାଜପା ସେତେଟା ସଫଳତା ପାଇ ନ ଥିଲେ ହେଁ ଦାନଗଦି ବ୍ଲକରେ ନିଜର ସମର୍ଥିତ ଦଳ ଦ୍ୱାରା ପଞ୍ଚାୟତ ସମିତି ଗଠନ କରିବା ବିଜେଡିକୁ ଶକ୍ତ ଧକ୍କା ଲାଗିଥିଲା। ଏହାପରେ ୨୦୧୯ରେ ଭାଜପାର ମତଦାନ ହାର ହଠାତ୍ ୩୭.୭୯% ବୃଦ୍ଧି ବିଜେଡି ଶିବିରକୁ ଚିନ୍ତାରେ ପକାଇଥିଲା। ଅନ୍ୟପକ୍ଷେ କେତେଜଣ ବରିଷ୍ଠ କଂଗ୍ରେସ ନେତା ଓ ଯୁବକର୍ମୀଙ୍କୁ ବିଜେଡି ନିଜ ଶିବିରକୁ ନେଇ ଚଳିତ ନିର୍ବାଚନୀ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରି ପାରିଥିବା ଚର୍ଚ୍ଚା ହେଉଛି।

ବିଗତ ୩୦ ବର୍ଷ ହେଲା ସୁକିନ୍ଦା ନିର୍ବାଚନମଣ୍ଡଳୀ ଜନତା ଦଳ ଓ ପରେ ବିଜେଡି କବ୍ଜାରେ ରହି ଆସିଛି । ୧୯୯୦ ରୁ ୨୦୧୪ ମଧ୍ୟରେ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଲଗାତାର ୫ ଥର ବିଧାୟକ ନିର୍ବାଚିତ ହୋଇ ମନ୍ତ୍ରୀପଦ ପାଇଥିଲେ । ଏହାପରେ ୨୦୧୪ରେ ପ୍ରୀତିରଞ୍ଜନ ଘଡ଼େଇ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ। ସେହିବର୍ଷ ପ୍ରୀତିରଞ୍ଜନ ୪,୭୦୪ ଭୋଟ ବ୍ୟବଧାନରେ ଶରତ ରାଉତଙ୍କୁ ପରାସ୍ତ କରିଥିଲେ। ହେଲେ ଗ୍ରାମାଞ୍ଚଳରେ ବିଭିନ୍ନ ମୌଳିକ ସମସ୍ୟା ସମାଧାନରେ ବିଜେଡି ବିଫଳ ହେବା, ନଗଡ଼ାରେ ଶିଶୁ ମୃତ୍ୟୁହାର, ସୁଦୃଢ଼ ଗମନାଗମନ ବ୍ୟବସ୍ଥାର ଅଭାବ, ସ୍ୱଚ୍ଛ ପାନୀୟ ଜଳ ଆଦି ପ୍ରସଙ୍ଗ ଭାଜପା ଉତ୍ଥାନର ପ୍ରମୁଖ କାରଣ ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା। ଚଳିତ ପଞ୍ଚାୟତ ନିର୍ବାଚନରେ ମଧ୍ୟ କେତେକ ଆଖିଦୃଶିଆ ପ୍ରସଙ୍ଗ ଭୋଟରଙ୍କୁ ବହୁଳ ମାତ୍ରାରେ ପ୍ରଭାବିତ କରିଥିବା ମନେହେଉଛି। ସେଥିରୁ ନଗଡ଼ାକୁ ରାସ୍ତା ସଂଯୋଗ ପାଇଁ ୧୩ କୋଟି ଟଙ୍କା ବିନିଯୋଗରେ ବ୍ୟାପକ ଅନିୟମିତତା ଓ ଲୋକାୟୁକ୍ତରେ ମାମଲା, ଏହାର ମରାମତି ପାଇଁ ମିଥ୍ୟା ବିଲ ଭାଉଚର କରି ୪୪ ଲକ୍ଷ ଟଙ୍କା ଆତ୍ମସାତ୍ ଅଭିଯୋଗ ଏବଂ ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଭାଗବଣ୍ଟା ନ ଛିଣ୍ଡିବାରୁ ଥାନାରେ ମାମଲା, ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାରେ ବିଳମ୍ୱ ଏବଂ ନିମ୍ନମାନର କାର୍ଯ୍ୟ ଅଭିଯୋଗ, ଖଣି ଓ ଶିଳ୍ପ କାରଖାନାରେ ସ୍ଥାନୀୟ ନିଯୁକ୍ତି ଓ ଶ୍ରମିକ ଛଟେଇ ଇତ୍ୟାଦି ପ୍ରସଙ୍ଗ ଭୋଟରଙ୍କୁ ବିକଳ୍ପ ଚିନ୍ତା କରିବାକୁ ବାଧ୍ୟ କରିଛି। ଏହାବାଦ୍ ସୁକିନ୍ଦା ବିଜେଡିରେ ଅନ୍ତର୍ଦ୍ୱନ୍ଦ୍ୱ ପ୍ରାର୍ଥୀଙ୍କୁ କାଳ ହେବ ବୋଲି କୁହାଯାଉଛି। ଏହି କାରଣରୁ କଂଗ୍ରେସର ଭିତ୍ତିଭୂମିକୁ ଭାଜପା ଗତ ନିର୍ବାଚନରେ ଦଖଲ କରିବା ପରେ ଏଥର ବିଜେଡିକୁ ଅନେକ ମାତ୍ରାରେ ସଂଘର୍ଷ କରିବାକୁ ପଡୁଛି ବୋଲି ରାଜନୈତିକ ମହଲରେ ଆଲୋଚନା ଚାଲିଛି। ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀର ସୁକିନ୍ଦା ଓ ଦାନଗଦି ବ୍ଲକରେ ୬ ଜିଲା ପରିଷଦ ଆସନ ରହିଛି। ଏଥିରେ ମୋଟ ୨୬ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ୩ ପ୍ରମୁଖ ଦଳ ବାଦ ସ୍ୱାଧୀନ ସମେତ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍ଏମ୍)ର ପ୍ରାର୍ଥୀମାନେ ମଧ୍ୟ ଏଥର ସକ୍ରିୟ ଥିବା ଦେଖିବାକୁ ମିଳିଛି। ୨୦୧୯ ସାଧାରଣ ନିର୍ବାଚନରେ ଆମ୍ବେଡକର ନ୍ୟାଶନାଲ କଂଗ୍ରେସ, ବହୁଜନ ମୁକ୍ତିପାର୍ଟି, କଳିଙ୍ଗସେନା ଓ ସ୍ୱାଧୀନ ପ୍ରାର୍ଥୀ ମିଶି ପ୍ରାୟ ୩ ହଜାର ଭୋଟ ହାତେଇଥିଲେ। କଂଗ୍ରେସ ହାତକୁ ମାତ୍ର ୧୮,୬୧୯ ଭୋଟ ଯାଇଥିବାବେଳେ ବିଜେଡିକୁ ୭୭,୫୧୦ ଓ ଭାଜପାକୁ ୬୦,୭୮୦ ଭୋଟ ମିଳିଥିଲା। ଭାଜପା ପାଖାପାଖି ୧୭ ହଜାର ଭୋଟରେ ପରାଜିତ ହୋଇଥିଲା। ସେତେବେଳେ ଅଧିକ ଆତ୍ମବିଶ୍ୱାସ ଭାଜପାକୁ ହାନି କରିଥିଲା ବୋଲି ମତପ୍ରକାଶ ପାଇଥିଲା। ତେବେ ଏଥର ପରିସ୍ଥିତି ବହୁଳ ଭାବେ ପରିବର୍ତ୍ତନ ହୋଇଛି ବୋଲି କୁହାଯାଉଛି। ସୁକିନ୍ଦା ନିର୍ବାଚନମଣ୍ଡଳୀର ୬ ଜିଲା ପରିଷଦ ଆସନରେ ବିଭିନ୍ନ ଦଳରୁ ବହୁ ତୁଙ୍ଗ ନେତା ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନରେ ସୁକିନ୍ଦାରେ ବିଜେଡି ଓ ଦାନଗଦି ବ୍ଲକ ଅଧ୍ୟକ୍ଷ ଭାଜପା ଦଖଲରେ ରହିଥିଲା। ଏବେ ବି ଦାନଗଦି ବ୍ଲକ ପ୍ରଶାସନରେ ବିଜେଡି ନିଜର କ୍ଷମତା ଦଖଲ କରିବାରେ ବିଫଳ ହୋଇଛି। ଭାଜପା ୨୦୧୪ରେ ୩%, ୨୦୧୭ରେ ୧୦% ଓ ୨୦୧୯ରେ ୩୮% ଭୋଟ ପାଇ ଅଗ୍ରସର ହେଉଛି। ଭାଜପା ଏହି ସଫଳତାକୁ ଆଧାର କରି ନିର୍ବାଚନ ଲଢୁଥିବାବେଳେ ବିଜେଡି ଏହାର ମୁକାବିଲା କରିବାକୁ ଭିତ୍ତିଭୂମି ପ୍ରସ୍ତୁତ କରି ସାରିଛି। ଅର୍ଥ ଓ ଲୋକବଳ ବିଜେଡିର ପ୍ରମୁଖ ଅସ୍ତ୍ର ହୋଇଛି ବୋଲି ଚର୍ଚ୍ଚା ହେଉଛି।

## ସଂକ୍ଷେପରେ

### ଜାତୀୟ ପୁରସ୍କାର ଲାଗି ଯାଜପୁର ବିଇଓ ମନୋନୀତ



**ଯାଜପୁର ସଦର, ୪।୨(ଡି.ଏନ.ଏ.):** ଶିକ୍ଷା ପ୍ରଶାସନ କ୍ଷେତ୍ରରେ ନବପ୍ରବର୍ତ୍ତନ ଏବଂ ଉତ୍ତମ ବୃତ୍ତି ପାଇଁ ଉତ୍କର୍ଷତା ପ୍ରତିପାଦିତ କରି ଜାତୀୟ ଶୈକ୍ଷିକ ଯୋଜନା ଏବଂ ପ୍ରଶାସନ ସଂସ୍ଥାନ (ଏନ୍ଆଇଇପିଏ) ପକ୍ଷରୁ ଜାତୀୟ ପୁରସ୍କାର ନିମନ୍ତେ ଯାଜପୁର ବ୍ଲକ ଶିକ୍ଷାଧିକାରୀ(ବିଇଓ) ସ୍ମିତିରେଖା ନାୟକ ମନୋନୀତ ହୋଇଛନ୍ତି। ୨୦୧୯-୨୦ ବର୍ଷ ପାଇଁ ଘୋଷିତ ଏହି ସମ୍ମାନଜନକ ପୁରସ୍କାର ଫେବୃୟାରୀ ୧୦ରେ ନୂଆଦିଲ୍ଲୀଠାରେ ପ୍ରଦାନ କରାଯିବ ବୋଲି ଆୟୋଜକ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ନାୟକ ବ୍ଲକ ଶିକ୍ଷାଧିକାରୀ ଭାବେ ଯୋଗ ଦେବାପରେ ପ୍ରଥମ କରି ଛାତ୍ରୀଛାତ୍ରଙ୍କ ପଠନ ଅଭ୍ୟାସର ଅଭିବୃଦ୍ଧି ନିମନ୍ତେ ଖୋଲା ପାଠାଗାର ବ୍ୟବସ୍ଥା ପ୍ରଚଳନ କରାଇଥିଲେ। ବିଇଓ ନାୟକଙ୍କ ନାମ ଏହି ସମ୍ମାନଜନକ ପୁରସ୍କାର ନିମନ୍ତେ ଘୋଷଣା ହେବା ପରେ ତାଙ୍କୁ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ବୁଦ୍ଧିଜୀବୀ ଓ ସହକର୍ମୀଙ୍କ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି।

### ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

**ପାଣିକୋଇଲି,୪।୨(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଷଠିପୁର ଓଭରବ୍ରିଜତଳେ ଭାରସାମ୍ୟ ହରାଇ ଏକ ୧୪ ଚକିଆ ସିମେଣ୍ଟ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଟ୍ରକ୍ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ଜାତୀୟ ରାଜପଥ ପୋଟ୍ରୋଲିଂ ଗାଡିର ଏସ୍ଆଇ ଅଶୋକ କୁମାର ବଳଙ୍କ ନେତୃତ୍ୱରେ ପୋଲିସ ଟିମ୍ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁର ସଦର ମହକୁମା ଚିକିତ୍ସାଳୟରେ ଭର୍ତ୍ତି କରିଛି। ତେବେ ଟ୍ରକ୍ ଦୁର୍ଘଟଣା ହେବାରୁ ଓଭରବ୍ରିଜ ତଳେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ସୂଚନା ମୁତାବକ, ଯାଜପୁର ଟାଉନ ପଟୁ ଆସୁଥିବା ଉକ୍ତ ଟ୍ରକ୍ ଓଭରବ୍ରିଜ ତଳେ ଯିବା ପରିବର୍ତ୍ତେ ଭାରସାମ୍ୟ ହରାଇ ଓଭରବ୍ରିଜ କଡରେ ଥିବା ସିମେଣ୍ଟ ପିଣ୍ଡି ଉପରେ ଚଢ଼ି ଯାଇଥିଲା। ଏହାପରେ ଓଭରବ୍ରିଜ କାନ୍ଥରେ ପିଟି ହୋଇଥିଲା।




ସରସ୍ୱତୀ ପୂଜା ଉପଲକ୍ଷେ ପୁରୀ ବେଳାଭୂମିରେ ଶୁକ୍ରବାର ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକା କଳା।

## ୩ ପ୍ରମୁଖ ସଙ୍ଗଠକଙ୍କ ମଧ୍ୟରେ ଲଢ଼େଇ

**ବଡ଼ଚଣା ବ୍ଲକର ୧୭ ନଂ. ଜିଲାପରିଷଦ ଜୋନ**

**ଚଣ୍ଡିଖୋଲ,୪।୨(ଡି.ଏନ.ଏ.)**

ବଡ଼ଚଣା ବ୍ଲକର ୧୭ ନଂ. ଜିଲା ପରିଷଦ ଜୋନ୍ ଅଣସଂରକ୍ଷିତ ରହିଛି। ଏଠାରେ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଇ ଦଳର ପ୍ରମୁଖ ସଙ୍ଗଠକଙ୍କୁ ପ୍ରାର୍ଥୀ କରାଯାଇଛି। ସେଥିପାଇଁ ଏହି ଜୋନ୍‌ଟି ସମସ୍ତଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇ ଛିଡ଼ାହୋଇଛି। ବ୍ଲକର ଶାନ୍ତିପୁର, ସୁଙ୍ଗୁଡ଼ା, ଧାନମଣ୍ଡଳ, ବଡ଼ଚଣା, ଖଇରା, ବନ୍ତଳା, ବନ୍ଧାଳୋ ଓ ଚଣ୍ଡିତଳ ୮ ପଞ୍ଚାୟତକୁ ନେଇ ଗଠିତ ଏହି ଜୋନ୍‌ର ଭୋଟର ସଂଖ୍ୟା ୩୪,୮୬୧। ଏଥିରେ ୧୧୭ ୱାର୍ଡ ରହିଥିବାବେଳେ ୧୭,୧୩୧ ମହିଳା ଭୋଟର ଓ ୧୭,୭୨୮ ପୁରୁଷ ଭୋଟର ରହିଛନ୍ତି। ଚଳିତ ନିର୍ବାଚନରେ ଶାସକ ବିଜେଡି ପକ୍ଷରୁ ବ୍ଲକ ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ ନିର୍ବାଚନ ଲଢୁଛନ୍ତି। ଭାଜପା ପକ୍ଷରୁ ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରୀତମ ନାୟକ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇଛନ୍ତି। ସେହିଭଳି କଂଗ୍ରେସ ପକ୍ଷରୁ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା ପ୍ରାର୍ଥୀ ହୋଇଛନ୍ତି।

୨୦୧୭ ପଞ୍ଚାୟତ ନିର୍ବାଚନରେ ଏହି ଜୋନରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଗତ ଥର ଏହି ଆସନଟି ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିଲା। ବିଜେଡି ପ୍ରାର୍ଥୀ ସୁମତୀ ବାସ୍କେ ୧୦,୬୩୨ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବାବେଳେ ଭାଜପା ପ୍ରାର୍ଥୀ ସସ୍ମିତା ଲୋହାର ମାତ୍ର ୪୦୦ ଭୋଟରେ ପରାଜିତ ହୋଇଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ସୁମିତ୍ରା ମାରାଣ୍ଡି ୨,୯୩୧ ଖଣ୍ଡ ଭୋଟ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ମଞ୍ଜୁ ଦଳାଇ ୭୨୦ ଖଣ୍ଡ ଭୋଟ ପାଇଥିଲେ। ପାଞ୍ଚ ବର୍ଷ ମଧ୍ୟରେ ଅନେକ ପରିବର୍ତ୍ତନ ହୋଇଯାଇଛି। ଚଳିତ ନିର୍ବାଚନ ପାଇଁ ଶାସକ ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ଗଣେଶ୍ୱର ଦୀର୍ଘ ବର୍ଷ ହେବ ବିଜେଡିରେ କାର୍ଯ୍ୟ କରିବା ସହିତ ଦଳର ଜଣେ ଦକ୍ଷ ସଙ୍ଗଠକ ଭାବେ ପରିଚିତ। ତାଙ୍କ ସ୍ତ୍ରୀ ମଧ୍ୟ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହି ଜୋନ ଖଇରା ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ଗଣେଶ୍ୱର ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ଓ ବିକାଶ ଧାରାକୁ ପାଥେୟ କରି ନିର୍ବାଚନ ବୈତରଣୀ ପାର ହେବାକୁ ଆଶା ରଖିଛନ୍ତି। ସେହିପରି ଭାଜପା ପ୍ରାର୍ଥୀ ପ୍ରୀତିମ ସୁଙ୍ଗୁଡ଼ା ସମିତିସଭ୍ୟ ଅଛନ୍ତି। ଉଚ୍ଚଶିକ୍ଷିତ ପ୍ରୀତମ ତାଙ୍କ କାର୍ଯ୍ୟକାଳ ସମୟରେ ବଡ଼ଚଣାରେ ସରକାରୀସ୍ତରରେ ରହିଥିବା ବିଭିନ୍ନ ସମସ୍ୟା ଓ ଦୁର୍ନୀତିକୁ ନେଇ ସ୍ୱର ଉଠାଇଛନ୍ତି। ଚଳିତ ନିର୍ବାଚନରେ ସେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିକାଶ ମୂଳକ ଯୋଜନା ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତ ସହ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଲୋକଙ୍କ ପାଖକୁ ଯାଉଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ଗଣେଶ ଜଣେ ପୁରୁଖା ନେତା। ସେ ଦୀର୍ଘ ଦିନର ନିଜ ଅଭିଜ୍ଞତା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନବିରୋଧୀ କାର୍ଯ୍ୟ ଏବଂ ଦୁର୍ନୀତିକୁ ନେଇ ନିଜର ପ୍ରଚାର ଚଳାଇଛନ୍ତି। ତେବେ ଏହି ଜୋନର ଭୋଟରମାନେ କେଉଁ ପ୍ରାର୍ଥୀଙ୍କୁ ନିଜ ପସନ୍ଦର ପ୍ରାର୍ଥୀ ଭାବେ ବିଜୟୀ କରୁଛନ୍ତି ତାହା ଭୋଟ ଗଣତି ପରେ ସ୍ପଷ୍ଟ ହେବ।

## ପ୍ରାର୍ଥୀଙ୍କୁ ପରଖୁଛନ୍ତି ଭୋଟର

**୩ ପଞ୍ଚାୟତରେ ସମସ୍ୟା ଅନେକ, ସମାଧାନ କମ୍**

**ରଘୁନାଥପୁର,୪।୨(ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ତରିକୁଣ୍ଡ, ଜୟଶୋଳ ଓ ବରାଗୋଳ ପଞ୍ଚାୟତରେ ଦୀର୍ଘଦିନ ଧରି ରାସ୍ତାଘାଟ, ପାନୀୟଜଳ ଓ ଜନକଲ୍ୟାଣମୂଳକ ଯୋଜନାଗୁଡିକ ଠିକ୍ ଭାବେ କାର୍ଯ୍ୟକାରୀ ହୋଇନାହିଁ। ତରିକୁଣ୍ଡ ପଞ୍ଚାୟତରେ ୩ଜଣ ସରପଞ୍ଚ ଓ ୫ଜଣ ସମିତିସଭ୍ୟ ପ୍ରାର୍ଥୀ ଥିବା ବେଳେ ବରାଗୋଳରେ ୩ ଜଣ ସରପଞ୍ଚ ଓ ୭ ଜଣ ସମିତିସଭ୍ୟ ପ୍ରାର୍ଥୀ ଏବଂ ଜୟଶୋଳରେ ୩ ଜଣ ସରପଞ୍ଚ ଓ ୪ ଜଣ ସମିତିସଭ୍ୟ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ଉପରୋକ୍ତ ସମସ୍ୟା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ ବୋଲି ଭୋଟର କହିଛନ୍ତି। ଏ ନେଇ ୩ ପଞ୍ଚାୟତରେ ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀଙ୍କ ପ୍ରତିଶ୍ରୁତି ଓ ପ୍ରାର୍ଥିତ୍ୱକୁ ଭୋଟରମାନେ ପରଖୁଛନ୍ତି। ଏଠାରେ ଯିଏ ଲୋକଙ୍କ ସୁଖ ଓ ଦୁଃଖର ସାଥୀ ହୋଇ ସମସ୍ୟା ସବୁର ସମାଧାନ କରିବ ସେହିଭଳି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଭୋଟର ନିଷ୍ପତ୍ତି ନେଇଛନ୍ତି। ପଞ୍ଚାୟତ ସ୍ତରରେ ଦୀର୍ଘଦିନରୁ ରହି ଆସିଥିବା ରାଜନେତା କଥାକୁ ଲୋକେ ଆଉ ବିଶ୍ୱାସକୁ ନେଇ ପାରୁନାହାନ୍ତି। ଏବେ ନୂଆଁ ମୁହଁ ଖୋଜା ଚାଲିଛି। କାରଣ ବହୁ ରାଜନେତା ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିନାହାନ୍ତି। ବରାଗୋଳ ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ କରା ନ ଯାଇ ମିଥ୍ୟା ବିଲ୍, ଖାଲି ପଡିଥିବା ଏକ ସ୍କୁଲ ଘରେ କୋଭିଡ୍ ସେଣ୍ଟର ପରେ ପୁଣି ସ୍କୁଲକୁ ମିଶନ ଶକ୍ତି ଗୃହ ଦର୍ଶାଇ ଲକ୍ଷାଧିକ ଟଙ୍କା ହଡପ କରାଯାଇଛି ବୋଲି ପ୍ରଦୀପ କୁମାର ସ୍ୱାଇଁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ଅମୀୟ ଚାନ୍ଦ ମଲ୍ଲିକ କୁହନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହା କରାଯାଇଛି। ତେବେ ଏହା ପାଇଁ ଆସିଥିବା ୫ ଲକ୍ଷ ଟଙ୍କା ଅନୁଦାନ ଖର୍ଚ୍ଚ ହୋଇ ନାହିଁ ବୋଲି ସେ କହିଛନ୍ତି। ସେହିପରି କଲ୍ୟାଣ ମଣ୍ଡପ, ମାର୍କେଟ କମ୍ପ୍ଲେକ୍ସ, ଜଳ ନିଷ୍କାସନ ସମସ୍ୟା ଆଦି ବହୁ କାର୍ଯ୍ୟ ବାକି ରହିଥିବା ୧୨ନଂ. ୱାର୍ଡ ବାସିନ୍ଦା ନାରାୟଣ ମଳିକ କହିଛନ୍ତି। ଜୟଶୋଳ ଓ ତରିକୁଣ୍ଡ ପଞ୍ଚାୟତରେ ମୁସଲିମ ସାହି ଓ ଦଳିତ ସାହିକୁ ରାସ୍ତା, ଭତ୍ତା, ରାଶନ କାର୍ଡ, ଆବାସ ଗୃହ ସମସ୍ୟା, ପାଇଖାନା, ଶ୍ମଶାନରେ ମୃତଦେହ ସଂସ୍କାର ଗୃହ, କେନାଲରେ ପୋଲ ଓ ଜଳସେଚନର ସମସ୍ୟା ରହିଥିବା ହରେକୃଷ୍ଣ ମଲ୍ଲିକ, ସନ୍ତୋଷ ପାଣି, କ୍ଷିରୋଦ ବାରିକ ଓ ସନ୍ତୋଷ କୁମାର ଦାସ ଅଭିଯୋଗ କରିଛନ୍ତି। ୩ ପଞ୍ଚାୟତରେ ମୁଖ୍ୟତଃ ସରପଞ୍ଚ ଓ ସମିତି ସଭ୍ୟ ପଦବୀ ପାଇଁ ବିଜେଡି ସମର୍ଥିତ ଓ ଅସନ୍ତୁଷ୍ଟ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ହେଉଥିବା ରାଜନୈତିକ ବିଶ୍ଳେଷକମାନେ ମତ ରଖିଛନ୍ତି। ଅନ୍ୟପକ୍ଷରେ ଯିଏ ଜିତିବ ସେ ଆମ ଦଳର ବୋଲି ନ୍ୟାୟକୁ ରାଜନେତାମାନେ ଆପଣେଇବାକୁ ମନ ସ୍ଥିର କରିସାରିଲେଣି ବୋଲି କୁହାଯାଉଛି। କାରଣ ସେମାନଙ୍କୁ ବୁଝାଇ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାରେ ନେତାମାନେ ବିଫଳ ହୋଇଛନ୍ତି।

## ଛାତ୍ରୀଙ୍କୁ ଅସଦାଚରଣ କରି ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୪।୨**

ଜଣୈକା ଯୁକ୍ତ୨ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ବ୍ରହ୍ମପୁର ସଦର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ରିଜନ ଖାନ (୨୧)। ଶୁକ୍ରବାର କୋର୍ଟରେ ପୀଡିତାଙ୍କ ଧାରା ୧୬୪ରେ ବୟାନ ରେକର୍ଡ କରାଯାଇଛି। ଶନିବାର ଅଭିଯୁକ୍ତ ରିଜନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

## ଯୁବତୀଙ୍କୁ ଅସଦାଚରଣ ଉଦ୍ୟମ, ଯୁବକ ଗିରଫ

**ଚଣ୍ଡିଖୋଲ,୪।୨(ଡି.ଏନ.ଏ.)**

ଯୁବତୀଙ୍କୁ ଅସଦାଚରଣ ଉଦ୍ୟମ ଅଭିଯୋଗରେ ବଡ଼ଚଣା ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଦର୍ପଣ ଗ୍ରାମର ସୁଶାନ୍ତ ବେହେରା(୨୭)। ପୋଲିସ ସୂଚନା ମୁତାବକ, ଜେନାପୁର ଥାନା ଅଞ୍ଚଳର ଜଣେ ଯୁବତୀ ଚଣ୍ଡିଖୋଲ ଅଞ୍ଚଳରେ ବିଭିନ୍ନସ୍ଥାନରେ କାମ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଶୁକ୍ରବାର ସେ ଚଣ୍ଡିଖୋଲ ଛକ ନିକଟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବାବେଳେ ସୁଶାନ୍ତ ତାଙ୍କୁ ଗାଡ଼ିରେ ଲିଫ୍ଟ ଦେଇଥିଲେ। ସେଠାରୁ ସେ ଯୁବତୀଙ୍କୁ ମହାବିନାୟକ ପାହାଡ଼ ନିକଟକୁ ନେଇ ଅସାଦଚରଣ ଉଦ୍ୟମ କରିଥିଲେ। ତେବେ ଯୁବତୀ ଜଣକ ପାଟି କରିବାରୁ ଲୋକେ ରୁଣ୍ଡ ହୋଇ ସୁଶାନ୍ତଙ୍କୁ କାବୁ କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ଅଭିଯୁକ୍ତ ସୁଶାନ୍ତଙ୍କୁ ଥାନାକୁ ନେଇଥିଲା। ଏନେଇ ଯୁବତୀ ଜଣକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ନଂ.୪୨/୨୨ରେ ଏକ ମାମଲା ରୁଜୁ କରାଯାଇଛି।

## ବିଜେଡିର ମିଶ୍ରଣ ପର୍ବ

**କାଳିଆପାଣି,୪।୨(ଡି.ଏନ.ଏ.)**

ସୁକିନ୍ଦା ରିଜିୟନ କ୍ରୋମାଇଟ୍ ଖାଦାନ ମଜଦୁର ସଂଘ କେନ୍ଦ୍ରୀୟ କାର୍ଯ୍ୟାଳୟ କାଳିଆପାଣିଠାରେ ଶୁକ୍ରବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ ଚନ୍ଦ୍ର ଘଡ଼ାଇଙ୍କ ଉପସ୍ଥିତିରେ ଦୁଧୁଜୁରୀ ପଞ୍ଚାୟତ ଦାମୋଦରପୁର ଗ୍ରାମର ସୋମନାଥ ପାତ୍ର, ରାଜୁ ପାତ୍ର, କୁନା ପାତ୍ର, ଅରୁଣ ପାତ୍ର, ପୂର୍ଣ୍ଣ ଚନ୍ଦ୍ର ପାତ୍ର, ମାନସ ପାତ୍ର ପ୍ରମୁଖ ନିଜ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। ସେହିପରି ବନ୍ଧଗାଁ, କୁହିକା ପଞ୍ଚାୟତର ଅନ୍ୟ ଦଳର ବହୁ ସମର୍ଥକ ଓ କର୍ମୀ ବିଜେଡିରେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ଘଡ଼ାଇ ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ତେବେ ସେମାନଙ୍କ ଯୋଗଦାନ ଫଳରେ ଦଳ ଆହୁରି ଶକ୍ତିଶାଳୀ ହେବା ସହ ନିଜ ଅଞ୍ଚଳର ଉନ୍ନତି ହୋଇପାରିବ ବୋଲି ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଯାଜପୁର ଜିଲା ବିଜେଡି ଉପସଭାପତି ବିଦ୍ୟାଧର ପାତ୍ର, ଏମ୍ପିଙ୍କ ପ୍ରତିନିଧି ବିବେକାନନ୍ଦ ବୋଷ, ପୂର୍ବତନ ସୁକିନ୍ଦା ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, ପ୍ରଭାତ ରଞ୍ଜନ ପ୍ରଧାନ, ପ୍ରତାପ ଚନ୍ଦ୍ର ପାତ୍ର, ଜିଲାପରିଷଦ ପ୍ରାର୍ଥିନୀ ଜେମା ଚାଖି ଓ ଯୁଗ୍ମ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

**ବୋଲଗଡ଼,୪।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ବଡ଼କୁମାରୀ ପଞ୍ଚାୟତ କାଉଁରୀ ପାଟଣାସାହି ଅଞ୍ଚଳରେ ଜଣେ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତା ଯୁବତୀଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ଘର କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅଞ୍ଚଳରେ ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨/୨୨)ରୁଜୁକରି ତଦନ୍ତ ଚଳାଇଛି। ପୋଲିସ ସୂଚନା ମୁତାବକ, ଗୁରୁବାର କେହି ଜଣେ ସମ୍ପୃକ୍ତା ଯୁବତୀଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଜମି ହରାଇବା ଆଶଙ୍କାରେ ଚାଷୀ

**ବ୍ୟାସସରୋବର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ**

**କଳିଙ୍ଗନଗର,୪।୨(ଡି.ଏନ.ଏ.)**

ଐତିହ୍ୟ ବ୍ୟାସସରୋବର ମନ୍ଦିର ସୌନ୍ଦର୍ଯ୍ୟକରଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିଲାଗି ୨୯୪ ଏକର ଜମିର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଜିଲା ଖଣିଜ ନ୍ୟାସ ପାଣ୍ଠିରୁ ୬୪ କୋଟି ଟଙ୍କା ମଞ୍ଜୁର ମଧ୍ୟ କରିଛନ୍ତି। ତେବେ ଏହାକୁ ନେଇ ବ୍ୟାସନଗର ପୌରାଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳ ଯଥା ମୁଣ୍ଡମାଳ, ଖଣ୍ଡାହତା, ବୀରମଣିପୁର, ରାଛିପୁର, ଯୋଡ଼ାବର ଓ ଝାଟିଆସାହି ଆଦି ଗ୍ରାମର ଚାଷୀଙ୍କ ଚିନ୍ତା ବଢ଼ିଛି। ପ୍ରକଳ୍ପ ଲାଗି ସେମାନଙ୍କ ଜମି ଯିବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ସେମାନେ ଶୁକ୍ରବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ, ମନ୍ଦିର ପାଖାପାଖି ଅଞ୍ଚଳରେ ଥିବା ବିସ୍ତୃତ ଚାଷଜମିଗୁଡ଼ିକ ବ୍ୟକ୍ତିଗତ ମାଲିକାନାରେ ରହିଛି। ଉକ୍ତ ଜମିକୁ ୨୦୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ପିଢ଼ି ପରେ ପିଢ଼ି ବ୍ୟବହାର କରି ଆସୁଛନ୍ତି। ଏହି ଜମିରେ ଧାନ, ବିରି, କୋଳଥ, କଲରା, ପୋଟଳ ଏବଂ ଭେଣ୍ଡି ଫସଲ ଉତ୍ପାଦନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ମାତ୍ର ବ୍ୟାସସରୋବର ଉନ୍ନତିକରଣ ନିମନ୍ତେ ସରକାର ଯେଉଁ ଚାଷ ଜମିଗୁଡିକ ହାତକୁ ନେଇଛନ୍ତି ଏଥିରେ ଆଇନସମ୍ମତ ଜମି ଅଧିଗ୍ରହଣ କରାଯାଇନାହିଁ।

ଚାଷୀମାନଙ୍କୁ ପୂର୍ବ ସୂଚନା ମଧ୍ୟ ଦିଆଯାଇନାହିଁ। କିନ୍ତୁ କାର୍ଯ୍ୟାଦେଶ ଦିଆଯାଇ କାର୍ଯ୍ୟ ଆରମ୍ଭ କରାଯାଉଛି। ଫଳରେ ଚାଷୀ ପରିବାର ପ୍ରତିପୋଷଣରେ ବାଧା ସୃଷ୍ଟି ହୋଇଛି। ଜମିଗୁଡିକର ପଟ୍ଟା ଚାଷୀମାନଙ୍କ ପାଖରେ ରହିଛି। କିଛି ଚାଷୀ ସବରେଜିଷ୍ଟ୍ରାର ଅଫିସରେ କିଣାବିକା ମଧ୍ୟ କରିଛନ୍ତି। ସରକାରଙ୍କୁ ଖଜଣା ଦେଇ ପାଉତି ବି କାଟୁଛନ୍ତି। ଅନ୍ୟ କେତେଜଣ ଚାଷୀ ରାଜାଙ୍କ ହାତପଟ୍ଟା ପାଇଛନ୍ତି। ଅନ୍ୟ କେତେଜଣଙ୍କ କାଗଜପତ୍ର ପ୍ରାକୃତିକ ବିପର୍ଯ୍ୟୟରେ ନଷ୍ଟ ହୋଇଥିବା ଜଣାପଡ଼ିଛି। ତେଣୁ ଏହାର ସୁଚିନ୍ତିତ ବିଚାର କରି ଚାଷୀଙ୍କୁ ନ୍ୟାୟ ଦେବାପାଇଁ ରମେଶ ଚନ୍ଦ୍ର ରାଉତ, ରବୀନ୍ଦ୍ର ରାଉତ, ମୁରଲୀଧର ପାତ୍ର, ସୁରେନ୍ଦ୍ର ନାୟକ, ଶ୍ରୀଧର ନାୟକ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଦାବି କରିଛନ୍ତି।

## ୩ ଶିକ୍ଷକରେ ୧୦ ଶ୍ରେଣୀ

**ବ୍ୟାସନଗର କେନ୍ଦ୍ରୀୟ ବିଦ୍ୟାଳୟ**

**ଯାଜପୁର ଅଫିସ,୪।୨**

ଯାଜପୁର ଜିଲା ବ୍ୟାସନଗରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ କେନ୍ଦ୍ରୀୟ ବିଦ୍ୟାଳୟରେ ଭିତ୍ତିଭୂମି ସାଙ୍ଗକୁ ଶିକ୍ଷକ ଅଭାବ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ଶିକ୍ଷାକୁ ରସାତଳଗାମୀ କରିଛି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪୯୩ ଛାତ୍ରୀଛାତ୍ରଙ୍କ ପାଇଁ ଏବେ ମାତ୍ର ୩ ଶିକ୍ଷକରେ ଶିକ୍ଷାଦାନ ଚାଲିଛି। ୧୫ ଶିକ୍ଷକଙ୍କ ଆବଶ୍ୟକତା ଥିବାବେଳେ ୧୧ଜଣ ଥିଲେ। କିନ୍ତୁ ଗତ ଶନିବାର ବିନା ରିଲିଭରରେ ଏକସଙ୍ଗେ ୮ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ବଦଳି ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହାବାଦ୍ ପ୍ରାୟ ୭ ମାସ ହେବ ସ୍କୁଲ ଗୃହ ନିର୍ମାଣ ପାଇଁ ପ୍ରାୟ ୩୩ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲେ ହେଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଭଙ୍ଗାରୁଜା ନରସିଂହ ଚୌଧୁରୀ(ଏନ୍‌ସି) ହାଇସ୍କୁଲ ପରିସରରେ ବିପଦସଙ୍କୁଳ ଅବସ୍ଥାରେ ଏବେ ଅସ୍ଥାୟୀ ଭାବେ ଶିକ୍ଷାଦାନ ଚାଲିଛି। ଆଗକୁ ସ୍କୁଲ ଖୋଲିବାକୁ ଯୋଜନା ଥିବା ସମୟରେ ଏଭଳି ଦୁରବସ୍ଥାକୁ ନେଇ ଅଭିଭାବକ ମହଲରେ ଉଦବେଗ ପ୍ରକାଶ ପାଇଛି। ବ୍ୟାସନଗର ସହରରେ ୨୦୧୬ରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ମୁଣ୍ଡମାଳ-ଗଣେଶବଜାର ମୁଖ୍ୟ ରାସ୍ତାରୁ ଏନ୍‌ସି ହାଇସ୍କୁଲ ପଡିଆ ନିକଟରେ ଏହି ବିଦ୍ୟାଳୟ ଅସ୍ଥାୟୀ ଭାବେ ଖୋଲିଛି। ୧୦ଟି ଶ୍ରେଣୀ ପାଇଁ ଏଠାରେ ଆବଶ୍ୟକ ଶ୍ରେଣୀଗୃହ ନ ଥିବାରୁ ନିୟମିତ ସ୍କୁଲ ଖୋଲାଯାଇ ପାରୁନାହିଁ। ସ୍କୁଲକୁ ତରବରିଆ ଭାବେ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଛି। ଶିକ୍ଷକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବାରୁ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି। ୧୫ ଶିକ୍ଷକଙ୍କ ଆବଶ୍ୟକତା ରହିଥିବାବେଳେ ବର୍ତ୍ତମାନ ମାତ୍ର ୩ ଶିକ୍ଷକ ଅଛନ୍ତି। ଇଂଲିଶ, ହିନ୍ଦୀ, ଗଣିତ, ସୋସିଆଲ ସାଇନ୍ସ ଇତ୍ୟାଦି ପ୍ରମୁଖ ବିଷୟରେ ପାଠପଢ଼ା ହୋଇ ପାରୁନି। ୬ ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି। ଶିକ୍ଷକଙ୍କ ଅଭାବରେ ପିଲାଙ୍କ ପାଠପଢ଼ା କେମିତି ହେବ ଏବଂ ଏଭଳି ଦୁରବସ୍ଥା ଆହୁରି କେତେ ଦିନ ଯାଏ ଲାଗି ରହିବ ସେନେଇ ଅଭିଭାବକମାନେ ଚିନ୍ତାରେ ରହିଛନ୍ତି। ପ୍ରାୟ ୫୦୦ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢିବା ଦାୟିତ୍ୱ ରଖୁଥିବା ଏହି କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତି ଅବହେଳା କେନ୍ଦ୍ର ସରକାରଙ୍କ ଶିକ୍ଷାପ୍ରତି ରହିଥିବା ଆନ୍ତରିକତା କେତେ ତାହା ଜଳଜଳ ଦିଶୁଛି। ଏ ସଂକ୍ରାନ୍ତରେ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ସିଦ୍ଧାର୍ଥ ଚନ୍ଦନ ପଟ୍ଟନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ସାରା ଦେଶରେ ଶିକ୍ଷକ ବଦଳି ହୋଇଛି। ତେବେ ଏଠାକୁ ଶିକ୍ଷକଙ୍କ ନିଯୁକ୍ତି ନେଇ ବିଭାଗସ୍ତରରେ ଯୋଜନା ଚାଲିଛି।



ମନୁଷ୍ୟର ମହତ୍ତ୍ୱ ସେ ଯେଉଁ ଅବସ୍ଥାରେ ବର୍ତ୍ତମାନ ଅଛି– ସେଥିରେ ନାହିଁ। କିନ୍ତୁ ସେ ଯାହା ହୋଇ ଚାଲିଛି ସେଇଥିରେ ଅଛି। ତା'ର ମହତ୍ତ୍ୱ ହେଲା– ତାରି ରୁଦ୍ଧ ଗୋପନ କର୍ମଶାଳା ଭିତରେ ଚାଲିଛି ଏକ ଜୀବନ୍ତ ଶ୍ରମ। ତାରି ଭିତରେ ବିଶ୍ୱକର୍ମା ଅତିମାନବତ୍ୱକୁ ନିର୍ମାଣ କରିଚାଲିଛନ୍ତି। **–ଶ୍ରୀଅରବିନ୍ଦ**

# ନିୟମ ଅମାନ୍ୟ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

କେରଳରେ ଆଇଏଏସ୍, ଆଇପିଏସ୍ ଏବଂ ଅନ୍ୟ ଅଧିକାରୀମାନେ ସେମାନଙ୍କ ସରକାରୀ ଗାଡ଼ିରେ ବହୁ ସମୟରେ ବ୍ଲୁ ଫ୍ଲାଗ୍ ବା ନୀଳ ପତାକା ଲଗାଇଥାନ୍ତି। ଏଥିରେ ଥିବା ପ୍ରତୀକ ମସୁରି ଟ୍ରେନିଂ ଏକାଡେମୀର ପ୍ରତୀକ ସହ ସମାନ । କିନ୍ତୁ ଏବେ କେରଳ ମୋଟର ଭେହିକିଲ୍ ଡିପାର୍ଟମେଣ୍ଟ ବା କେରଳ ମୋଟର ଯାନ ବିଭାଗ ଏଭଳି ପତାକା ବ୍ୟବହାରକୁ ବେଆଇନ ବୋଲି କହିଛି। ବାବୁମାନେ ସରକାରୀ ଗାଡ଼ିଗୁଡ଼ିକରେ ଏଭଳି ପତାକା ଲଗାଇବା ଲାଗି କୌଣସି ସରକାରୀ ନିର୍ଦ୍ଦେଶ ନାହିଁ ବୋଲି ଉକ୍ତ ବିଭାଗ ପ୍ରକାଶ କରିଛି। ଏହା ପୂର୍ବରୁ ବାବୁମାନେ ସରକାରୀ ଗାଡ଼ିରେ ରେଜିଷ୍ଟ୍ରେଶନ ନେମ୍ ପ୍ଲେଟ ନ ଲଗାଇ ଅସୁବିଧାରେ ପଡ଼ିଥିଲେ। ଏପରି କି ରାଜ୍ୟପାଳ ଏବଂ ଅନେକ ମନ୍ତ୍ରୀଙ୍କ ଗାଡ଼ିଗୁଡ଼ିକରେ ନେମ୍ ପ୍ଲେଟ ନ ଥିଲା ଅର୍ଥାତ୍ ସେମାନେ ଏହି ନିୟମ ଅମାନ୍ୟ କରିଥିଲେ। ସେ ସମୟରେ ସେତେବେଳର ପରିବହନ କମିଶନର ଟୋମିନ୍ ଥାଞ୍ଚାକରୀ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସରକାରୀ ଗାଡ଼ିଗୁଡ଼ିକରୁ ଫ୍ଲାଗ୍ ହଟାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ପଷ୍ଟତଃ, ସେତେବେଳେ ଏହି ନିର୍ଦ୍ଦେଶ ସମ୍ପୂର୍ଣ୍ଣ ଭାବେ ପାଳନ କରାଯାଇ ନ ଥିଲା। ମନେହୁଏ, ବାବୁମାନେ ସେମାନଙ୍କ ସରକାରୀ ଷ୍ଟାଟସ୍ ତ୍ୟାଗ କରିବା ଲାଗି ଅନିଚ୍ଛୁକ। ଏ ଦୃଷ୍ଟିରୁ ନୂଆ ନିୟମକୁ ଯଦି କଡ଼ାକଡ଼ି ଭାବେ ପାଳନ କରା ନ ଯାଏ, ତେବେ ଏହା ପୂର୍ବ ନିୟମ ଭଳି ସମ ଦଶା ସାମ୍ନା କରିବ।

### ସକାରାତ୍ମକ ସଙ୍କେତ

ସିଭିଲ ସର୍ଭିସ କାର୍ଯ୍ୟକାଳ ଶେଷ ହେବା ପରେ ବାବୁମାନେ ବହୁ ସମୟରେ ସରକାରୀ କମିଟିଗୁଡ଼ିକରେ ରହି ଭଲ କାର୍ଯ୍ୟ କରିବାକୁ ସକ୍ଷମ ହୋଇଥାନ୍ତି। ସୂତ୍ରରୁ ଜଣାପଡ଼ିଛି, ବହୁ ଦଶନ୍ଧିର ପୁରୁଣା ବିବାଦକୁ ସମାଧାନ କରିବାକୁ ପୋର୍ଟ, ଶିପିଂ ଆଣ୍ଡ୍ ୱାଟରୱେଜ୍ ମନ୍ତ୍ରଣାଳୟ ଦ୍ୱାରା ଗଠିତ କନ୍‌ସିଲେସନ ଆଣ୍ଡ୍ ସେଟେଲ୍‌ମେଣ୍ଟ କମିଟି (ସିଏସ୍‌ସି)ର ମୁଖ୍ୟ ଭାବେ ପୂର୍ବତନ ଶିପିଂ ସେକ୍ରେଟାରି ଗୋପାଳ କ୍ରିଷ୍ଣ ରହିଛନ୍ତି। କ୍ରିଷ୍ଣଙ୍କ ସହ ବାଣିଜ୍ୟ ମନ୍ତ୍ରଣାଳୟର ପୂର୍ବତନ ସ୍ୱତନ୍ତ୍ର ସଚିବ(ଲଜିଷ୍ଟିକ୍) ଏନ୍. ଶିବଶୈଳମ୍, କାର୍ମିକ ଓ ପ୍ରଶିକ୍ଷଣ ବିଭାଗର ପୂର୍ବତନ ସଚିବ ଡ. ସି. ଚନ୍ଦ୍ରମୌଳି, ସଡ଼କ ପରିବହନ ଓ ରାଜପଥର ପୂର୍ବତନ ସଚିବ ଶମ୍ଭୁ ସିଂଙ୍କ ସମେତ ଆଉ କେତେଜଣ ରହିଛନ୍ତି ଉକ୍ତ କମିଟିରେ । ଉଲ୍ଲେଖନୀୟ, କ୍ରିଷ୍ଣଙ୍କ ନେତୃତ୍ୱାଧୀନ ଏହି କମିଟିର ମଧ୍ୟସ୍ଥତାରେ ଚେନ୍ନାଇ ପୋର୍ଟ ଅଥରିଟି ଏବଂ ଚେଟିନାଡ ଲଜିଷ୍ଟିକ ମଧ୍ୟରେ ଥିବା ଏକ ଜଟିଳ ବିବାଦ ୬ ମାସ ମଧ୍ୟରେ ସମାଧାନ ହୋଇପାରିଲା। ତେବେ ବହୁ ପ୍ରମୁଖ ବନ୍ଦରଗୁଡ଼ିକରେ ରହିଥିବା ୧୦୦ରୁ ଅଧିକ ଚୁକ୍ତିଭିତ୍ତିକ ବିବାଦର ଶୀଘ୍ର ସମାଧାନ ହୋଇପାରିବ ବୋଲି ଅବସରପ୍ରାପ୍ତ ବାବୁମାନଙ୍କ ଉକ୍ତ ସଫଳତା ଏକ ସକାରାତ୍ମକ ସଙ୍କେତ ଦେଇଛି। ସେହିଭଳି, ୨୦୧୦ରେ ବିବାଦୀୟ ଆଣ୍ଟ୍ରିକ୍ସ-ଡିଭାସ୍ ଚୁକ୍ତିକୁ ହଟାଇ ଦେବା ଲାଗି ଜଣେ ବାବୁ ସରକାରଙ୍କୁ ସତର୍କ କରି ଦେଇଥିଲେ। ଏବେ ଏହା ପୁନର୍ବାର ଚର୍ଚ୍ଚାକୁ ଆସିଛି। ମହାକାଶ ବିଭାଗର ପୂର୍ବତନ ଅତିରିକ୍ତ ସଚିବ ଗୋପାଳନ୍ ବାଲ୍‌ଚନ୍ଦ୍ରନ୍‌ଙ୍କୁ ଚୁକ୍ତି ସମ୍ପର୍କିତ ରିପୋର୍ଟକୁ ସମୀକ୍ଷା ବା ଯାଞ୍ଚ କରିବା ଲାଗି ଦାୟିତ୍ୱ ଦିଆଯାଇଥିଲା। ସେ ଏହି ଚୁକ୍ତିକୁ ରଦ୍ଦ କରିବା ପାଇଁ ଏବଂ ଚୁକ୍ତି ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ଅଟକାଇଥିବା ବିଭାଗର ପୂର୍ବତନ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ଉପରେ ତଦନ୍ତ କରିବା ସହ କ୍ୟାବିନେଟ ଦ୍ୱାରା ଉକ୍ତ ଚୁକ୍ତିକୁ ରଦ୍ଦ କରିବାକୁ ସରକାରଙ୍କୁ ପରାମର୍ଶ ଦେଇଥିଲେ। ବୁଝାପଡୁଛି, ବାବୁମାନେ ବହୁ ସମୟରେ ଫାଇଲ ଓ କାଗଜକାମରେ ବୁଡ଼ିରହିଲେ ମଧ୍ୟ ବେଳେବେଳେ ଉପଯୁକ୍ତ ସମୟ ପାଇଲେ ସଫଳତା ପୂର୍ବକ ଭଲ କାର୍ଯ୍ୟ କରିଥାନ୍ତି।

### ବିତର୍କର ପ୍ରକୃଷ୍ଟ ସମୟ

ରାଜନୀତି ଅଭିଳାଷୀ ବାବୁମାନେ ସେମାନଙ୍କ ମୂଳ ରାଜ୍ୟରେ ନିର୍ବାଚନ ସମୟରେ ତତ୍ପର ହୋଇଉଠୁଛନ୍ତି। ସେମାନେ ରାଜ୍ୟର ଡାକରାକୁ ଏଡାଇଯାଇପାରୁନାହାନ୍ତି। ଉତ୍ତରପ୍ରଦେଶ ଓ ପଞ୍ଜାବରେ ହେବାକୁ ଥିବା ନିର୍ବାଚନରେ ସେହି ରାଜ୍ୟର କେତେ ଜଣ ବାବୁ ସିଭିଲ ସର୍ଭିସ କ୍ୟାରିୟର ଛାଡ଼ି ରାଜ୍ୟ ରାଜନୀତି ଆଡକୁ ମୁହାଁଇଛନ୍ତି। କିଛି ସପ୍ତାହ ପୂର୍ବରୁ ଉକ୍ତ ସ୍ତମ୍ଭରେ ଉତ୍ତରପ୍ରଦେଶର ଦୁଇ ବରିଷ୍ଠ ଆଇଏଏସ୍ ଅଧିକାରୀ ଅସିମ୍ ଅରୁନ ଏବଂ ରାଜେଶ୍ୱର ସିଂଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। ସେମାନେ ସ୍ୱେଚ୍ଛାକୃତ ଅବସର ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ସେମାନଙ୍କ ପଦାଙ୍କ ଅନୁସରଣ କରି ତାମିଲନାଡୁର ଅତିରିକ୍ତ ଶାସନ ସଚିବ ଜଗମୋହନ ସିଂ ରାଜୁ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି ଓ ତାହାକୁ ମଧ୍ୟ ତରବରିଆ ଭାବେ ଗ୍ରହଣ କରାଯାଇଛି। ରାଜୁ ଏବେ ପଞ୍ଜାବରେ ଭାଜପା ପ୍ରାର୍ଥୀ ଭାବେ ନିର୍ବାଚନ ଦୌଡ଼ରେ ସାମିଲ ହୋଇଛନ୍ତି। ବାବୁରୁ ଯେଉଁମାନେ ନେତା ହୋଇଛନ୍ତି ସେମାନେ ଅଧିକାଂଶ ସମୟରେ ଭିନ୍ନ ଯୁକ୍ତି ବାଢୁଛନ୍ତି। ସେମାନଙ୍କ ରାଜ୍ୟ ପାଇଁ କିଛି କରିବା ଦରକାର ବୋଲି ଅନୁଭବ କରୁଥିଲେ ବି ତାହାକୁ ସେମାନେ ଚାକିରି ସମୟରେ କରିବାକୁ ସକ୍ଷମ ହୋଇ ନ ଥିଲେ ବୋଲି କହୁଛନ୍ତି। ଚାକିରିରୁ ଅବସର ନେଇ ରାଜନୀତି ହେଉ କିମ୍ବା ଘରୋଇ ସେକ୍ଟର୍‌ରେ ଯୋଗଦେବାକୁ ଲମ୍ଫ ପ୍ରଦାନ କରିବା ଆଗରୁ ବାଧ୍ୟତାମୂଳକ କୁଲିଂ ଅଫ୍ ପିରିୟଡ଼ ରହିଥିଲା। ଏବେ ଏହି ବାବୁମାନଙ୍କୁ ନେଇ ଏହା ଉପରେ ପୁନର୍ବାର ପ୍ରଶ୍ନ ଉଠିଛି। ବହୁ ଘଟଣାରେ ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ( ସିଭିସି) ଏ ସମ୍ପର୍କରେ ପରାମର୍ଶ ଦେଇଛି, କିନ୍ତୁ ସରକାର ତାହାକୁ ଅଣଦେଖା କରିଛନ୍ତି। ଚାକିରି ଛାଡ଼ି ରାଜନୀତିରେ ଯୋଗ ଦେଉଥିବା ବାବୁମାନଙ୍କ ସଂଖ୍ୟା ବଢୁଥିବାରୁ କୁଲିଂ ଅଫ୍ ପିରିୟଡ ବିତର୍କକୁ ପୁନର୍ବାର ଉତ୍ଥାପନ କରିବାର ଏହା ହିଁ ପ୍ରକୃଷ୍ଟ ସମୟ।

Email: dilipcherian@gmail.com

# ସଙ୍କୁଚିତ ବଜେଟ



**ଡ. ସନ୍ତୋଷ କୁମାର ମହାପାତ୍ର**

ଗତ ଫେବୃୟାରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କେନ୍ଦ୍ର ବଜେଟ ଉପସ୍ଥାପନ କରିଛନ୍ତି। ସାଧାରଣତଃ, ଯେଉଁ ଦଳ ଶାସନ କରୁ ବା ଯିଏ ପ୍ରଧାନମନ୍ତ୍ରୀ ବା ଅର୍ଥମନ୍ତ୍ରୀ ହେଉନା କାହିଁକି, ପ୍ରତ୍ୟେକ ବର୍ଷ ଅଧିକ ଟିକସ ଆଦାୟ ବୃଦ୍ଧି ଘଟିବ ଏବଂ ବଜେଟର ଆକାର ମଧ୍ୟ ବୃଦ୍ଧି ପାଇବ। ଏପରି କି ମୁଦ୍ରାସ୍ଫୀତି ଯୋଗୁ ନାମାଙ୍କନ ମୂଲ୍ୟରେ ଆପେ ଆପେ ବୃଦ୍ଧି ପାଇବ। ଯେପରି ୧୯୫୦-୫୧ରେ ବଜେଟର ଆକାର ମାତ୍ର ୩୫୭.୪୯ କୋଟି ଟଙ୍କା ଥିଲାବେଳେ ବର୍ତ୍ତମାନ ୩୯ ଲକ୍ଷ କୋଟି ଟଙ୍କା ଅତିକ୍ରମ କଲାଣି।

ଏକ ବଜେଟକୁ ଭଲ କୁହାଯିବ, ଯଦି ବିତ୍ତୀୟ ଶୃଙ୍ଖଳା ବଜାୟ ରଖିବା ସହିତ ତାହାର ଆକାର ଜିଡିପି ବୃଦ୍ଧି ଅନୁସାରେ ବୃଦ୍ଧିପାଏ ଏବଂ ସରକାର ପୁଞ୍ଜିପତି, ଶିଳ୍ପପତିଙ୍କ ତଥା ଧନିକ ଶ୍ରେଣୀଠାରୁ ଅଧିକ ହାରରେ ଟିକସ ଆଦାୟ କରି ବିଭିନ୍ନ କ୍ଷେତ୍ରରେ ମୁଦ୍ରାସ୍ଫୀତିକୁ ବିଚାରକୁ ନେଲାପରେ ଆହୁରି ଅଧିକ ବ୍ୟୟ କରନ୍ତି ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ, ଗୃହନିର୍ମାଣ ଆଦି ସାମାଜିକ କ୍ଷତ୍ରରେ ଏବଂ ବିଭିନ୍ନ ଜନହିତକର କ୍ଷେତ୍ରରେ ଅଧିକ ବ୍ୟୟ କରିବା ସହିତ ନିଯୁକ୍ତି ବୃଦ୍ଧି ଓ ଦାରିଦ୍ର୍ୟ, ବେକାରି , କ୍ଷୁଧା, ବାସହୀନତା ଓ ବୈଷମ୍ୟ ହ୍ରାସ କରିବା ସହିତ ସାମ୍ପ୍ରତିକ ଆର୍ଥିକ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିଥାନ୍ତି ଏବଂ ସର୍ବୋପରି ସାଧାରଣ ଜନତାଙ୍କ ଜୀବନ ଧାରଣର ମାନରେ ଉନ୍ନତି ଆଣିବା ସହିତ ପ୍ରୟାସ କରିଥାନ୍ତି। କିନ୍ତୁ ବଜେଟରେ ଏସବୁ ପ୍ରତି ଧ୍ୟାନ ଦିଆଯାଇନାହିଁ। ଏକ ବଜେଟରେ ବ୍ୟୟ ବୃଦ୍ଧି ଘଟିଛି ବୋଲି କୁହାଯିବ ଯଦି ଏହା ନାମାଙ୍କନ ବୃଦ୍ଧି ସହିତ ତାଳ ଦେଇ ବୃଦ୍ଧିପାଏ ବା ମୋଟ ଜିଡିପି ଅନୁସାରେ ବୃଦ୍ଧି ପାଏ। ଅର୍ଥମନ୍ତ୍ରୀ ୨୦୨୨-୨୩ ବଜେଟ ଆକଳନ ବେଳେ ନାମାଙ୍କନ ଅଭିବୃଦ୍ଧି ୧୧.୧ ପ୍ରତିଶତ ଏବଂ ବାସ୍ତବ ଅଭିବୃଦ୍ଧି ୮ରୁ ୮.୫ ପ୍ରତିଶତ ହେବ ବୋଲି ଆକଳନ କରିଛନ୍ତି।

ଏଣୁ ପୂର୍ବବର୍ଷ ତୁଳନାରେ ବ୍ୟୟ ଅଟକଳ ଅତିକମ୍‌ରେ ୧୧.୧ ପ୍ରତିଶତରୁ ଅଧିକ ବୃଦ୍ଧିପାଇବା ଉଚିତ। ଉଲ୍ଲେଖଯୋଗ୍ୟ, ୨୦୨୧-୨୨ ବଜେଟରେ ମୋଟ ବ୍ୟୟ ବରାଦ ୩୪.୮୩ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲାବେଳେ, ସଂଶୋଧିତ ଅଟକଳରେ ଏହା ୩୭.୭୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି । କିନ୍ତୁ ୨୦୨୨-୨୩ରେ ମୋଟ ବ୍ୟୟ ବରାଦ ୩୯.୪୫ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି; ଯାହା ପୂର୍ବବର୍ଷର ସଂଶୋଧିତ ଅଟକଳଠାରୁ ମାତ୍ର ୪.୬ ପ୍ରତିଶତ। ଯାହା ଧାର୍ଯ୍ୟ ନାମାଙ୍କନ ବୃଦ୍ଧିଠାରୁ କେବଳ କମ୍ ନୁହେଁ, ବାସ୍ତବ ବୃଦ୍ଧି (ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ) ମଧ୍ୟ ବିଯୁକ୍ତାତ୍ମକ ହେବ। ବିଭିନ୍ନ କ୍ଷେତ୍ରରେ ନାମାଙ୍କନ ମୂଲ୍ୟରେ କିଛି ବ୍ୟୟ ବୃଦ୍ଧି ପାଇଲା ବେଳେ କିଛି କ୍ଷେତ୍ରରେ ବ୍ୟୟ ହ୍ରାସ ପାଇଛି। ସେହିପରି ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ କିଛି କ୍ଷେତ୍ରରେ ବାସ୍ତବ ବ୍ୟୟ ବୃଦ୍ଧି ପାଇଲା ବେଳେ କିଛି କ୍ଷେତ୍ରରେ ବାସ୍ତବ ବ୍ୟୟ ହ୍ରାସ ପାଇଛି।

୨୦୨୦-୨୧ରେ ମୋଟ ବ୍ୟୟବରାଦ ଜିଡିପିର ୧୭.୮ ପ୍ରତିଶତ ଥିଲାବେଳେ ୨୦୨୨-୨୩ରେ ୧୫.୩ ପ୍ରତିଶତକୁ ଖସି ଆସିଛି। ଉଲ୍ଲେଖଯୋଗ୍ୟ ଯେ, ଡିସେମ୍ବର ୨୦୨୦ ସୁଦ୍ଧା ଜିଡିପି ଅନୁସାରେ ସରକାରୀ ଖର୍ଚ୍ଚ ଭାରତରେ ୧୭.୬ ପ୍ରତିଶତ ହୋଇଥିଲାବେଳେ ସର୍ବାଧିକ ୬୨.୧ ପ୍ରତିଶତ ଫ୍ରାନ୍ସରେ ହୋଇଛି। ଅନ୍ୟ ଉନ୍ନତ ତଥା ସ୍କାଣ୍ଡିନାଭିଆ ଦେଶଗୁଡ଼ିକ ଯଥା ନରୱେ ୫୮.୪ ପ୍ରତିଶତ, ୟୁରୋଅଞ୍ଚଳ ୫୪.୧ ପ୍ରତିଶତ, ବ୍ରିଟେନ ୫୨ ପ୍ରତିଶତ , ସ୍ୱିଡେନ ୫୨.୪ ପ୍ରତିଶତ, ବେଲଜିୟମ ୬୦ପ୍ରତିଶତ, ଇଟାଲି ୫୭.୩ ପ୍ରତିଶତ, ଜର୍ମାନୀ ୫୧.୧ ପ୍ରତିଶତ, ଆମେରିକା ୪୪. ପ୍ରତିଶତ, ଜାପାନ ୩୮.୭ ପ୍ରତିଶତ ହୋଇଛି। ତେଣୁ ବଜେଟ ଏକ ସଙ୍କୁଚିତ ବଜେଟ। କେନ୍ଦ୍ର ସରକାରଙ୍କ ବ୍ୟୟ ଜିଡିପି ଅନୁସାରେ ସଙ୍କୁଚିତ ହେଉନି ବରଂ ରାଜ୍ୟକୁ ଦେଉଥିବା ତାଙ୍କ ଅଂଶ ମଧ୍ୟ ହ୍ରାସ ପାଉଛି । ଅର୍ଥ କମିଶନ ଅନୁସାରେ ବିଭାଜିତ ପାଣ୍ଠିରୁ ରାଜ୍ୟମାନେ ୪୨ ପ୍ରତିଶତ (ପଞ୍ଚଦଶ ଅର୍ଥ କମିଶନ ଅନୁସାରେ ୪୧ପ୍ରତିଶତ) ପାଇବା କଥା। କିନ୍ତୁ ସରଚାର୍ଜ, ସେସ୍ ଯୋଗୁ ୨୦୧୬-୧୭ ବେଳେ ରାଜ୍ୟମାନେ ୩୫% ପାଉଥିଲା ବେଳେ ବର୍ତ୍ତମାନ ୩୦ ପ୍ରତିଶତ ପାଉଛନ୍ତି । ପୁନଶ୍ଚ ଜିଡିପି ଅନୁସାରେ ରାଜ୍ୟକୁ କେନ୍ଦ୍ରର ସମ୍ବଳ ସ୍ଥାନାନ୍ତର ଯାହା ୨୦୨୦-୨୧ରେ ୬.୯୧ପ୍ରତିଶତ ଥିଲା, ତାହା ୨୦୨୨-୨୩ରେ ୬.୨୫ ପ୍ରତିଶତକୁ ହ୍ରାସ ପାଇବ।

ଉପା ସରକାର ଅମଳରେ ଭାଜପା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ଦୃଢ଼ ବିରୋଧ କରୁଥିଲା, କିନ୍ତୁ କରୋନା ମହାମାରୀ ସମୟରେ ଏହା ଅନେକ ଗରିବଙ୍କୁ ନିଯୁକ୍ତି ଦେଇ ତାଙ୍କ ଜୀବନ ଓ ଜୀବିକା ବଞ୍ଚାଇଦେଇଛି। ଏଣୁ ବୁଦ୍ଧିଜୀବୀମାନେ ଅନୁରୂପଭାବେ ସହରାଞ୍ଚଳରେ ସେହିପରି ଏକ ଯୋଜନା କରିବାକୁ ମତ ଦେଇଥିଲେ। କିନ୍ତୁ ସରକାର ତାହା ନ କରି ବ୍ୟୟ ଆହୁରି ସଙ୍କୁଚିତ କରିଛନ୍ତି। ୨୦୨୧-୨୨ର ସଂଶୋଧିତ ଅଟକଳରେ ଏହି ଯୋଜନା ବାବଦ ବ୍ୟୟ ବରାଦ ୯୮,୦୦୦ କୋଟି ଟଙ୍କା ହୋଇଥିଲାବେଳେ ଏହି ବଜେଟରେ ୨୫,୦୦୦ କୋଟି ଟଙ୍କା କମ୍ କରାଯାଇ ମାତ୍ର ୭୩,୦୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ଯଦି ମହାମାରୀ ସମୟରେ ଯୁକ୍ତାତ୍ମକ ଅଭିବୃଦ୍ଧି କେଉଁ କ୍ଷେତ୍ରରେ ହୋଇଥାଏ ତାହା ହେଉଛି କୃଷି କ୍ଷେତ୍ର । କିନ୍ତୁ କୃଷକମାନଙ୍କ ପାଇଁ ସମସ୍ତ ପ୍ରମୁଖ ଯୋଜନା ବଣ୍ଟନରେ ବ୍ୟୟ ହ୍ରାସ କରାଯାଇଛି। ଯେତେବେଳେ କୃଷକମାନେ ତାଙ୍କ ଦ୍ରବ୍ୟର ସର୍ବ ନିମ୍ନ ସହାୟକ ମୂଲ୍ୟର ବୃଦ୍ଧି ପାଇଁ ଆନ୍ଦୋଳନରତ, ସେତେବେଳେ କ୍ରୟ ଓ ବଣ୍ଟନ ଏବଂ ବିକେନ୍ଦ୍ରୀକରଣ ସ୍କିମ ଅଧୀନରେ ଏଫ୍‌ସିଆଇ ପାଇଁ ବ୍ୟୟବରାଦ ୨୮% ହ୍ରାସ କରାଯାଇଛି। ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଅଧୀନରେ ୧୨.୫ କୋଟି କୃଷକ ପରିବାରକୁ ବାର୍ଷିକ ୬୦୦୦ ଟଙ୍କା ଯୋଗାଇ ଦିଆଯିବା କଥା। ଏଥିପାଇଁ ୭୫,୦୦୦ କୋଟି ଟଙ୍କାର ଆବଶ୍ୟକତା ଥିଲାବେଳେ ମାତ୍ର ୬୮,୦୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଗତବର୍ଷର ସଂଶୋଧିତ ଅଟକଳ ତୁଳନାରେ ମାତ୍ର ୫୦୦ କୋଟି ଟଙ୍କା ଅଧିକ। ଫସଲ ବୀମା ଯୋଜନା ପାଇଁ ବ୍ୟୟବରାଦ ପ୍ରାୟ ୫୦୦ କୋଟି ଟଙ୍କା ହ୍ରାସ ପାଇଛି। ସାର ସବ୍‌ସିଡି ବାବଦ ବ୍ୟୟବରାଦ ଗତବର୍ଷର ୧୪୦,୧୨୨ କୋଟି ଟଙ୍କା ଥିଲାବେଳେ ତାହା ଏହି ବଜେଟରେ ୧୦୫,୨୨୨ କୋଟି ଟଙ୍କାକୁ ହ୍ରାସ ପାଇଛି । ଭାରତ ପରି ଭୋକିଲା ଦେଶରେ ଖାଦ୍ୟ ସବ୍‌ସିଡି ଅଧିକ ଗୁରୁତ୍ୱପୂର୍ଣ୍ଣ । ଖାଦ୍ୟ ସବ୍‌ସିଡି ବାବଦ ବ୍ୟୟବରାଦ ଗତବର୍ଷର ସଂଶୋଧିତ ଅଟକଳରେ ୨୮୬,୨୧୯ କୋଟି ଟଙ୍କା ଥିଲାବେଳେ ତାହା ଏହି ବଜେଟରେ ୨୦୬,୪୮୧ କୋଟି ଟଙ୍କାକୁ ହ୍ରାସ ପାଇଛି । ଇନ୍ଧନ ସବ୍‌ସିଡି ଯାହା ୨୦୧୯-୨୦ରେ ୩୮,୨୫୯ କୋଟି ଟଙ୍କା ଥିଲା, ତାହା କ୍ରମଶଃ ହ୍ରାସ ପାଇ ଏହି ବଜେଟରେ ୫,୮୧୨.୫କୋଟି ଟଙ୍କାରେ ପହଞ୍ଚିଛି। ଗରିବଙ୍କ ପାଇଁ ଆବଶ୍ୟକ ଏହି ସବୁ ସବ୍‌ସିଡି ବାବଦରେ ମୋଟ ବ୍ୟୟବରାଦ ଗତବର୍ଷର ସଂଶୋଧିତ ଅଟକଳରେ ୪୮୭,୮୭୨ କୋଟି ଟଙ୍କା ଥିଲାବେଳେ ତାହା ଏହି ବଜେଟରେ ୩୫୫,୬୩୯ କୋଟି ଟଙ୍କାକୁ ହ୍ରାସ ପାଇଛି।

ସାମ୍ପ୍ରତିକ ବର୍ଷଗୁଡ଼ିକରେ, ସରକାର ଶିଶୁମାନଙ୍କ କଲ୍ୟାଣ ପାଇଁ ଅଳ୍ପ ଖର୍ଚ୍ଚ ମଧ୍ୟ କରୁଛନ୍ତି। ୨୦୨୧-୨୨ରେ ପିଲାମାନଙ୍କର କଲ୍ୟାଣ ପାଇଁ ଧାର୍ଯ୍ୟ ବ୍ୟୟବରାଦ ସଂଶୋଧିତ ଆକଳନ ଠାରୁ ୫୭୦୦ କୋଟି ଟଙ୍କା ହ୍ରାସ ପାଇଛି। ପିଲାମାନଙ୍କୁ ବି ମହାମାରୀ ଯୋଗୁ ବିଦ୍ୟାଳୟ ଏବଂ ଅଙ୍ଗନୱାଡି ବନ୍ଦ ହେବାର ଭୟଙ୍କର ପ୍ରଭାବକୁ ସାମ୍ନା କରିବାକୁ କିଛି କରାଯାଇ ନାହିଁ। ଯେଉଁ ୨୦୦ ଟିଭି ଚାନେଲ ଏବଂ ଅପ୍ଟିକ ଫାଇବର କଥା କୁହାଯାଇଛି ତାହା ଅବାସ୍ତବ ପରି ଲାଗୁଛି। କାରଣ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ବହୁ ସମୟରେ ରହୁନାହିଁ । ଭାରତରେ ଇଣ୍ଟରନେଟ ସର୍ବାଧିକ ମାନ୍ଦା। ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର କଲ୍ୟାଣ ପାଇଁ ବ୍ୟୟବରାଦ ସାମାନ୍ୟ ବୃଦ୍ଧି ଘଟିଥିଲେ ମଧ୍ୟ ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ ବାସ୍ତବ ବୃଦ୍ଧି ବିଯୁକ୍ତାତ୍ମକ। ସେହିଭଳି, ମଧ୍ୟାହ୍ନଭୋଜନ (ଯୋଜନାର ନାମ ପରିବର୍ତ୍ତନ କରି ପିଏମ୍ ପୋଷଣ)ରେ ଏବେ ବି ୩୫ ପ୍ରତିଶତ ଶିଶୁ ବଞ୍ଚିତ ହେଲାବେଳେ, ସେଥିରେ ବ୍ୟୟବରାଦ ବୃଦ୍ଧି ହୋଇନାହିଁ।

ପୁଞ୍ଜି ବ୍ୟୟ ବୃଦ୍ଧି ସ୍ୱାଗତଯୋଗ୍ୟ, କିନ୍ତୁ ଏହା ସମାଜର ଅସୁରକ୍ଷିତ ବିଭାଗକୁ ସାହାଯ୍ୟ କରିବ ନାହିଁ। ବଜେଟରେ, ପୁଞ୍ଜି ବ୍ୟୟ ୩୫.୪ % ବୃଦ୍ଧି କରାଯାଇ ୭.୫ଲକ୍ଷ କୋଟି ଟଙ୍କା (ଜିଡିପିର ୨.୯ ପ୍ରତିଶତ)କୁ ବୃଦ୍ଧି କରାଯାଇଛି। ଏହା ସ୍ୱାଗତଯୋଗ୍ୟ, କିନ୍ତୁ ଅନ୍ୟ ବ୍ୟୟ ହ୍ରାସ କରି ଏହାକୁ ବୃଦ୍ଧି କଲେ ଲାଭ କାହାର ହେବ। ଗତବର୍ଷ ମଧ୍ୟ ବଜେଟରେ, ପୁଞ୍ଜି ବ୍ୟୟ ୩୫ ପ୍ରତିଶତ ବୃଦ୍ଧି କରାଯାଇ ୫.୫ଲକ୍ଷ କୋଟି ଟଙ୍କାରେ (ଜିଡିପିର ୨.୫ ପ୍ରତିଶତ) ରଖାଯାଇଥିଲା। ଏହାଦ୍ୱାରା କର୍ପୋରେଟ ଜଗତ ବେଶି ଲାଭବାନ ହେବେ। ଏବେ ସୁଦ୍ଧା ଗତବର୍ଷର ବ୍ୟୟବରାଦର ମାତ୍ର ୬୩.୩ ପ୍ରତିଶତ ଖର୍ଚ୍ଚ ହୋଇଛି। ପୁନଶ୍ଚ ଠିକ୍ ସମୟରେ ପ୍ରକଳ୍ପ ଶେଷ ନ ହେବାରୁ ପ୍ରାୟ ୧୬୭୩ଟି ଭିତ୍ତିଭୂମି ପ୍ରକଳ୍ପ ପାଇଁ ଧାର୍ଯ୍ୟ ବ୍ୟୟଠାରୁ ଆହୁରି ଅଧିକ ୪.୩୮ ଲକ୍ଷ କୋଟି ଟଙ୍କା ବ୍ୟୟ କରିବାକୁ ପଡ଼ିବ। ଏହାର ଲାଭ ବହୁତ ଡେରିରେ ମିଳିବ।

ମୋ: ୯୪୩୭୨୦୮୭୬୨
Email:skmohapatra67@gmail.com

# ଉପନିଷଦର ପ୍ରତିପାଦ୍ୟ ସିଦ୍ଧାନ୍ତ



**ଡା. ଗୋପାଳ ଚନ୍ଦ୍ର ଦାଶ**

ବୈଦିକ ସାହିତ୍ୟରେ ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ ଆଦି ୪ ଗୋଟି ଗ୍ରନ୍ଥକୁ ବେଦର ସଂଜ୍ଞା ପ୍ରଦାନ କରାଯାଇଛି। ଯେଉଁ ୩ ଗୋଟି ଦାର୍ଶନିକ ସିଦ୍ଧାନ୍ତ ଉପରେ ବୈଦିକ ସାହିତ୍ୟ ପର୍ଯ୍ୟବସିତ, ତାହା ହେଲା– ଜ୍ଞାନ, କର୍ମ ଓ ଉପାସନା। ଉପନିଷଦ ଗ୍ରନ୍ଥଗୁଡ଼ିକ ଜ୍ଞାନମାର୍ଗ ପନ୍ଥାକୁ ଅନୁସରଣ କରିଥାଏ। ସେଥିପାଇଁ ଉପନିଷଦ ବୈଦିକ ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଓ ଭାରତୀୟ ସଂସ୍କୃତିର ପ୍ରାଣ ସ୍ୱରୂପ। ଅଧୁନା ଉପଲବ୍ଧ ୧୦୮ ଗୋଟି ଉପନିଷଦ ମଧ୍ୟରୁ ଯେଉଁଗୁଡ଼ିକ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଭାଷ୍ୟ କରାଯାଇଛି, ତାହାକୁ ପ୍ରଧାନ ଉପନିଷଦ ଭାବରେ ଧରାଯାଇଅଛି। ଯେଉଁ ପ୍ରତିପାଦ୍ୟ ସିଦ୍ଧାନ୍ତ ଉପରେ ଉପନିଷଦର ବିଷୟବସ୍ତୁଗୁଡ଼ିକ ପର୍ଯ୍ୟବସିତ, ସେଗୁଡ଼ିକ ହେଲା– ବ୍ରହ୍ମ ସିଦ୍ଧାନ୍ତ, ସୃଷ୍ଟି ରହସ୍ୟ ସିଦ୍ଧାନ୍ତ, ଜ୍ଞାନ ସିଦ୍ଧାନ୍ତ, କର୍ମ ସିଦ୍ଧାନ୍ତ, ସଦାଚାର ବା ନୈତିକ ସିଦ୍ଧାନ୍ତ, ମାୟାବାଦ ସିଦ୍ଧାନ୍ତ ଓ ସମନ୍ୱୟ ସିଦ୍ଧାନ୍ତ।

**ବ୍ରହ୍ମ ସିଦ୍ଧାନ୍ତ:** ଉପନିଷଦର ମୁଖ୍ୟ ପ୍ରତିପାଦ୍ୟ ବିଷୟ ହେଉଛି ବ୍ରହ୍ମ ସିଦ୍ଧାନ୍ତ। ମାଣ୍ଡୁକ୍ୟ ଉପନିଷଦରେ ବ୍ରହ୍ମକୁ ଉଭୟ ପରମାତ୍ମା ଓ ଆତ୍ମା ଭାବରେ ବର୍ଣ୍ଣନା କରାଯାଇଛି (ଅୟମାତ୍ମା ବ୍ରହ୍ମ)। ଆତ୍ମା ଓ ପରମାତ୍ମା ଉଭୟେ ଚେତନ ସତ୍ତା। ବ୍ରହ୍ମ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ପରିବ୍ୟାପ୍ତ ଥିବାବେଳେ ଆତ୍ମା ଜୀବର ଶରୀର ମଧ୍ୟରେ ଜୀବାତ୍ମା ଭାବରେ ବିଦ୍ୟମାନ। ତେଣୁ ପରମାତ୍ମା ହେଉଛନ୍ତି ସୂକ୍ଷ୍ମତମ ଆତ୍ମା। ଏହି ସିଦ୍ଧାନ୍ତ ପିଣ୍ଡ-ବ୍ରହ୍ମାଣ୍ଡର ଦାର୍ଶନିକ ତତ୍ତ୍ୱକୁ ବ୍ୟାଖ୍ୟା କରିଥାଏ। ମାଣ୍ଡୁକ୍ୟ ଉପନିଷଦରେ ପରମାତ୍ମା ଓ ଜୀବାତ୍ମା ମଧ୍ୟରେ ଦ୍ୱୈତ ଭାବରେ କଳ୍ପନା କରାଯାଇ ଜୀବାତ୍ମାକୁ ଭୋକ୍ତା ଓ ପରମାତ୍ମାକୁ ସ୍ରଷ୍ଟା ଭାବରେ ବର୍ଣ୍ଣନା କରାଯାଇଛି (ଦ୍ୱା ସୁପର୍ଣ୍ଣ ସୟୁଜା ସଖାୟ)। ତୈତ୍ତିରୀୟ ଉପନିଷଦରେ ବ୍ରହ୍ମା ସ୍ୱରୂପ ସମ୍ବନ୍ଧରେ ବର୍ଣ୍ଣନା କରି କୁହାଯାଇଛି ଯେ, ତାଙ୍କୁ କାବ୍ୟରେ ପ୍ରକାଶ କରି ହେବ ନାହିଁ କି ମନରେ ଚିନ୍ତା କରି ହେବ ନାହିଁ। ଅର୍ଥାତ୍ ବ୍ରହ୍ମ ହେଉଛନ୍ତି ଅନିର୍ବଚନୀୟ ଓ ଅଚିନ୍ତନୀୟ। ଏହି ଉପନିଷଦରେ ବ୍ରହ୍ମଙ୍କୁ ଆନନ୍ଦମୟ ଭାବରେ ବର୍ଣ୍ଣନା କରାଯାଇଛି। ଅର୍ଥାତ୍ ବ୍ରହ୍ମ ସତ୍, ଚିତ୍ ଓ ଆନନ୍ଦମୟ ହୋଇଥିବାରୁ ତାଙ୍କୁ ସଚ୍ଚିଦାନନ୍ଦ କୁହାଯାଏ। ମାଣ୍ଡୁକ୍ୟ ଉପନିଷଦରେ ବ୍ରହ୍ମ ଚେତନର ୪ଗୋଟି ଅବସ୍ଥା (ଜାଗୃତି, ସ୍ୱପ୍ନ, ସୁଷୁପ୍ତି ଓ ତୁରୀୟ) ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି। ଏହି ଉପନିଷଦରେ ଓଁକାରକୁ ବ୍ରହ୍ମାଙ୍କର ନିଜ ନାମ ଓ ଅନ୍ୟ ସକଳ ନାମ ଏହାର ବିଶେଷଣ ମାତ୍ର ବୋଲି ବର୍ଣ୍ଣନା କରାଯାଇଛି। ତେଣୁ ଓଁକାର ନାମୀ ଅବିନାଶ ବ୍ରହ୍ମ ହେଉଛନ୍ତି ନିତ୍ୟ, ଶାଶ୍ୱତ, ଅପରିବର୍ତ୍ତନଶୀଳ, ଅଦ୍ୱିତୀୟ, ଶିବ (କଲ୍ୟାଣକାରୀ), ନିର୍ଗୁଣ, ପ୍ରପଞ୍ଚୋପଶମ (ଇନ୍ଦ୍ରିୟ ରହିତ) ତଥା ଅମାତ୍ର। ବ୍ରହ୍ମ ହେଉଛନ୍ତି ସତ୍ୟ, ଶିବ ଓ ସୁନ୍ଦର।

ଉପନିଷଦଗୁଡ଼ିକରେ ବ୍ରହ୍ମାଙ୍କ ସ୍ୱରୂପକୁ ନେତିବାଚକ ଶବ୍ଦରେ ବ୍ୟବହାର କରାଯାଇଛି। ଏହାର ଅର୍ଥ ବ୍ରହ୍ମାକୁ ସତ୍ ବୋଲି କୁହାଯାଇ ପାରିବ ନାହିଁ ତ ଅସତ୍ ବୋଲି କୁହାଯିବ ନାହିଁ। ସେ ନିରାକାର ହେଲେ ମଧ୍ୟ ସାକାର ଭାବରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡରେ ବିଦ୍ୟମାନ। ବୃହଦାରଣ୍ୟକ ଉପନିଷଦରେ ଯାଜ୍ଞବଲ୍କ-ମୈତ୍ରେୟୀ ଉପାଖ୍ୟାନରେ କୁହାଯାଇଛି ଯେ ଆତ୍ମା (ବ୍ରହ୍ମ) ଦ୍ରଷ୍ଟବ୍ୟ, ଶ୍ରେତବ୍ୟ, ମନ୍ତବ୍ୟ ଓ ନିଦ୍ଧିଧାସିତବ ଅର୍ଥାତ୍ ଆତ୍ମା ହିଁ ଦର୍ଶନ କରିବା, ଶ୍ରବଣ କରିବା, ମନନ କରିବା ଓ ଅନୁଭବ କରିବାଯୋଗ୍ୟ।

**ସୃଷ୍ଟି ରହସ୍ୟ ସିଦ୍ଧାନ୍ତ:** ଉପନିଷଦରେ ବ୍ରହ୍ମକୁ ସୃଷ୍ଟିର ନିମିତ୍ତ କାରଣ ଓ ପ୍ରକୃତିକୁ ଉପାଦାନ କାରଣ ଭାବରେ ବର୍ଣ୍ଣନା କରାଯାଇଛି। ମାଣ୍ଡୁକ୍ୟ ଉପନିଷଦରେ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ପ୍ରକ୍ରିୟାକୁ କେତୋଟି ଲୌକିକ ଉଦାହରଣ ମାଧ୍ୟମରେ ବୁଝାଇ ଦିଆଯାଇଛି। ବୁଢ଼ିଆଣୀ ଯେପରି ନିଜ ପେଟ ଭିତରୁ ସୂତା ବାହାର କରି ଜାଲ ନିର୍ମାଣ କରେ ଓ ସେହି ଜାଲରେ ଭ୍ରମଣ କରେ, ମାଟି ଉପରେ ଯେପରି ବନସ୍ପତିଗୁଡ଼ିକ ଜନ୍ମ ନିଅନ୍ତି ଓ ଜୀବନ୍ତ ମନୁଷ୍ୟର ଶରୀରରେ ଯେପରି କେଶ ଉଠିଥାଏ, ଠିକ୍ ସେହିପରି ଅବିନାଶୀ ବ୍ରହ୍ମଙ୍କଠାରୁ ସାରା ବିଶ୍ୱ ଜନ୍ମ ନେଇଥାଏ। ଛାନ୍ଦୋଗ୍ୟ ଉପନିଷଦରେ ସମଗ୍ର ଜଗତ ବ୍ରହ୍ମଙ୍କଠାରୁ ଉତ୍ପନ୍ନ, ତାଙ୍କ ଦ୍ୱାରା ସଂଚାଳିତ ଓ ଅନ୍ତିମରେ ତାଙ୍କଠାରେ ବିଲୀନ ହୁଏ ବୋଲି ବର୍ଣ୍ଣନା କରାଯାଇଛି। ସମ୍ପୂର୍ଣ୍ଣ ଜଗତ ବ୍ରହ୍ମମୟ ବୋଲି କୁହାଯାଇଛି। ଏହି ଉପନିଷଦରେ ବ୍ରହ୍ମଙ୍କୁ 'ତତ୍ତ୍ୱଜ୍ଞାନ' କୁହାଯାଇଛି। ସମଗ୍ର ଜଗତକୁ ସୃଷ୍ଟି କରିସାରିବା ପରେ ମଧ୍ୟ ବ୍ରହ୍ମଙ୍କର ପୂର୍ଣ୍ଣତା ହ୍ରାସ ହୁଏନାହିଁ। ତେଣୁ ସମସ୍ତ ଉପନିଷଦର ଅବିନାଶୀ ବ୍ରହ୍ମକୁ ପୂର୍ଣ୍ଣ ଭାବରେ କଳ୍ପନା କରାଯାଇଛି। ଶ୍ୱେତଶ୍ୱତ ଉପନିଷଦରେ ବ୍ରହ୍ମଙ୍କୁ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା, ପୋଷଣକର୍ତ୍ତା ଓ ସଂହାରକର୍ତ୍ତା ଭାବେ ଦର୍ଶାଯାଇଛି।

**ଜ୍ଞାନ ସିଦ୍ଧାନ୍ତ:** ବୈଦିକ ଜ୍ଞାନ ଦୁଇ ପ୍ରକାର– ପରାବିଦ୍ୟା ଓ ଅପରାବିଦ୍ୟା। ମାଣ୍ଡୁକ୍ୟ ଉପନିଷଦରେ ବେଦ ଓ ବେଦାଙ୍ଗ ଜ୍ଞାନକୁ ଅପରାବିଦ୍ୟା ଭାବରେ ଦର୍ଶାଯାଇଛି। ବ୍ରହ୍ମ ସମ୍ବନ୍ଧୀୟ ଜ୍ଞାନ ପରାବିଦ୍ୟା, ଯାହା ସମସ୍ତ ଉପନିଷଦ ଓ ଦର୍ଶନ ଶାସ୍ତ୍ରଗୁଡ଼ିକରେ ଉପଲବ୍ଧ। ପରାବିଦ୍ୟା ହେଉଛି ଶ୍ରେଷ୍ଠଜ୍ଞାନ, ଯାହା ଅବ୍ୟକ୍ତ ଓ ଅଗୋଚର ବ୍ରହ୍ମ ସମ୍ବନ୍ଧୀୟ ଜ୍ଞାନ ପ୍ରଦାନ କରିଥାଏ। ମାନବ ଜୀବନର ପରମଲକ୍ଷ୍ୟ ନିଃଶ୍ରେୟସ ଅର୍ଥାତ୍ ମୋକ୍ଷ ପ୍ରାପ୍ତି। ଏହାକୁ ଲାଭ କରିବାକୁ ହେଲେ ସର୍ବୋଚ୍ଚ ଜ୍ଞାନ ହେଉଛି ବ୍ରହ୍ମଜ୍ଞାନ, ଯାହା ଉପନିଷଦଗୁଡ଼ିକରେ ବର୍ଣ୍ଣନା କରାଯାଇଛି।

**କର୍ମସିଦ୍ଧାନ୍ତ:** ଉପନିଷଦରେ କୁହାଯାଇଛି ଯେ ମୃତ୍ୟୁ ପରେ ମନୁଷ୍ୟ ଶରୀର ପଞ୍ଚଭୂତ (କ୍ଷିତି, ଅପ୍, ତେଜଃ, ମରୁତ୍, ବ୍ୟୋମ)ରେ ଲୀନ ହୋଇଯାଏ। କେବଳ ତା'ର କର୍ମ ରହିଯାଇଥାଏ। ସେହି କର୍ମଫଳ ଅନୁସାରେ ମନୁଷ୍ୟ ବିଭିନ୍ନ ଯୋନିପ୍ରାପ୍ତ ହୋଇଥାଏ। ଉପନିଷଦରେ ମନୁଷ୍ୟକୁ ନିଷ୍କାମ କର୍ମ ପାଇଁ ଉପଦେଶ ଦିଆଯାଇଛି ଓ ନିଷ୍କାମ କର୍ମକୁ ଯଜ୍ଞର ମାନ୍ୟତା ପ୍ରଦାନ କରାଯାଇଛି।

**ସଦାଚାର ବା ନୈତିକ ସିଦ୍ଧାନ୍ତ:** ସମସ୍ତ ଉପନିଷଦ ସଦାଚାର ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। ମନୁଷ୍ୟକୁ ସଦାଚାରୀ ଓ ନୈତିକ ଜୀବନଯାପନ ପାଇଁ ଉପଦେଶ ଦିଆଯାଇଛି। ତୈତ୍ତିରୀୟ ଉପନିଷଦର ଶିକ୍ଷାବଲ୍ଲୀରେ ବ୍ରହ୍ମଚାରୀକୁ ଶିକ୍ଷା ସମାପ୍ତି ପରେ ସଦାଚାର ଆଚରଣ ପ୍ରଦର୍ଶନ ପାଇଁ ଉପଦେଶ ଦିଆଯାଇ କୁହାଯାଇଛି ଯେ, ସତ୍ୟ କୁହ, ଧର୍ମ ଆଚରଣ କର, ସ୍ୱାଧ୍ୟାୟରେ ଅବହେଳା କରନାହିଁ, ବଂଶ ପରମ୍ପରା ରକ୍ଷାକର, ପିତାମାତା, ଗୁରୁ ଓ ଅତିଥିଙ୍କୁ ଦେବତା ଭଳି ସମ୍ମାନ ପ୍ରଦାନ କର। ସମାଜ ଓ ପରିବାରର ଅନିଷ୍ଟ ସାଧନ କରନାହିଁ। ଦାନ ପରି ମହତ୍ କର୍ମ କଦାପି ତ୍ୟାଗ କରନାହିଁ। ସର୍ବଦା ଅନିନ୍ଦନୀୟ କର୍ମ ସମ୍ପାଦନ କର। ଖାଦ୍ୟ ପଦାର୍ଥକୁ ନିନ୍ଦା ଓ ନଷ୍ଟ କରନାହିଁ।

**ସମନ୍ୱୟ ସିଦ୍ଧାନ୍ତ:** ନୈତିକ ସାହିତ୍ୟ ଯେଉଁ ଦୁଇଗୋଟି ମୁଖ୍ୟ ସିଦ୍ଧାନ୍ତ ଉପରେ ପର୍ଯ୍ୟବସିତ ତାହା ହେଉଛି– ଜ୍ଞାନମାର୍ଗ ଓ କର୍ମମାର୍ଗ। ବାହ୍ୟ ଦୃଷ୍ଟିରୁ ଏହି ଦୁଇ ମାର୍ଗ ଭିନ୍ନ ଜଣାପଡୁଥିଲେ ମଧ୍ୟ ଉଭୟ ଚିନ୍ତାଧାରା ଏକ । ବ୍ୟାସଦେବଙ୍କ ଅନୁଶିଷ୍ୟ ଯାଜ୍ଞବଲ୍କ ଜ୍ଞାନ ଓ କର୍ମ ମାର୍ଗ ମଧ୍ୟରେ ଏକ ସମନ୍ୱୟ ଭାବନା ସୃଷ୍ଟି କରି ଇଶୋପନିଷଦ ଗ୍ରନ୍ଥ ରଚନା କରିଛନ୍ତି। ବାସ୍ତବତାକୁ ଉପଲବ୍ଧ କରି ଏକ ସଫଳ ଜୀବନଯାପନ ପାଇଁ ସମନ୍ୱୟବାଦ ଏକାନ୍ତ ଅପରିହାର୍ଯ୍ୟ। ଏହି ସମନ୍ୱୟବାଦୀ ଉପନିଷଦରେ ତ୍ୟାଗ ଓ ଭୋଗ, ଜ୍ଞାନ ଓ କର୍ମ, ବିଦ୍ୟା ଓ ଅବିଦ୍ୟା। ବସ୍ତୁବାଦ ଓ ଅଧ୍ୟାତ୍ମବାଦ, ଏକ ଈଶ୍ୱରବାଦ ଓ ବହୁ ଈଶ୍ୱରବାଦ ମଧ୍ୟରେ ସମାନତା ଆଣି ସାତ୍ତ୍ୱିକ ଜୀବନଯାପନ ପାଇଁ ଉପଦେଶ ଦିଆଯାଇଛି।

**ମାୟାବାଦ ସିଦ୍ଧାନ୍ତ:** ଉପନିଷଦରେ ମାୟାକୁ ବ୍ରହ୍ମାଙ୍କର ଏକ ଅଲୌକିକ ଶକ୍ତିଭାବରେ ବର୍ଣ୍ଣନା କରାଯାଇଛି। ଉପନିଷଦରେ ଅନେକ ସ୍ଥାନରେ ମାୟାକୁ ଗୁଣ (ସତ୍ତ୍ୱ, ରଜଃ, ତମଃ), ଅଜ୍ଞାନ ଓ ସ୍ୱପ୍ନ ଭାବରେ ମଧ୍ୟ ଦର୍ଶାଯାଇଛି। ଏହି ମାୟାତତ୍ତ୍ୱକୁ କେବଳ ଜ୍ଞାନୀ ପୁରୁଷମାନେ ଜାଣିପାରନ୍ତି। ମନୁଷ୍ୟ ଶୋକ-ମୋହରୁ ନିବୃତ୍ତ ହୋଇ ଶାଶ୍ୱତ ଚେତନାର ଅଧିକାରୀ ହେବା ପାଇଁ ଉପନିଷଦର ସିଦ୍ଧାନ୍ତଗୁଡ଼ିକୁ ହୃଦୟଙ୍ଗମ କରିବା ଏକାନ୍ତ ଆବଶ୍ୟକ।

ମୋ: ୭୮୪୮୮୫୦୯୫୦

## ଏଇ ଭାରତରେ

ତାମିଲନାଡୁର ଭିଲ୍ଲୁପୁରମ୍ ଜିଲା ମରକ୍କନାମ ଟାଉନ୍‌ର ପାଞ୍ଚ ନଂ.ୱାର୍ଡରେ ଥିବା ଅଙ୍ଗନୱାଡିକୁ ଏସ୍. ସୁମତି ନୂଆ ରୂପ ଦେଇଛନ୍ତି। ସୁମତିଙ୍କ ଘର ଟାଉନ୍ ନିକଟସ୍ଥ ପୁଡୁପାକ୍କମ ଗାଁରେ। ଆରମ୍ଭରୁ ଅଙ୍ଗନୱାଡିରେ ଘର ବ୍ୟତୀତ କିଛି ବି ନ ଥିଲା। ସେଠାରେ ୨୦୧୭ରେ ଯୋଗଦେବା ପରେ ସୁମତି ୪ ବର୍ଷ ଧରି ନିଜ ପରିଶ୍ରମ ଓ ନିଷ୍ଠା ବଳରେ ଏହାକୁ ପରିବର୍ତ୍ତନ କରିପାରିଛନ୍ତି। ନିଜସ୍ୱ ଖର୍ଚ୍ଚରେ ସେ ଚେୟାର, ଟଏଲେଟ୍, ପାନୀୟଜଳର ବ୍ୟବସ୍ଥା ସହ ଚାରିପାଖେ ତାରବାଡ଼ କରି ଗେଟ୍ ଲଗାଇଛନ୍ତି। ପିଲାମାନଙ୍କ ପାଇଁ ବାସନ ମଧ୍ୟ କିଣିଛନ୍ତି। ଏବେ ସେ ଅଙ୍ଗନୱାଡ଼ିକୁ ଏକ ସ୍ୱର୍ଗରେ ପରିଣତ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଏସବୁ କାର୍ଯ୍ୟ ଲାଗି ସୁମତି ନିଜ ପକେଟ୍‌ରୁ ଦେଢ଼ଲକ୍ଷ ଖର୍ଚ୍ଚ କରିସାରିଲେଣି। ଏପରି କି ତାଙ୍କ ସୁନାଚେନ୍ ବନ୍ଧା ପକେଇ ସେହି ଟଙ୍କା ଏଥିରେ ଲଗାଇଛନ୍ତି। ଅଙ୍ଗନୱାଡି ପରିସରରେ ଏକ ବଗିଚା କରିଛନ୍ତି ଓ ସେଥିରେ ବିଭିନ୍ନ ପ୍ରକାର ପରିବା ଫଳୁଛି। ଉକ୍ତ ଅଙ୍ଗନୱାଡିରେ ଏବେ ୩୦ ପିଲା ପଢୁଛନ୍ତି ଏବଂ ସେମାନଙ୍କ ମଧ୍ୟରେ ୧୨ ଜଣ ଆଦିବାସୀ ପିଲା ରହିଛନ୍ତି। ଏହି କାର୍ଯ୍ୟ ଲାଗି ତାଙ୍କୁ ତାମିଲନାଡୁ ସରକାର ବେଷ୍ଟ ୱାର୍କର ସମ୍ମାନ ପ୍ରଦାନ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୫ ଫେବୃୟାରୀ ୧୯୯୭**

- ଫୁଲନ ଦେବୀଙ୍କ ବିରୁଦ୍ଧରେ ଜାମିନ ବିହୀନ ପରୱାନା କାର୍ଯ୍ୟକାରୀ କରିବାକୁ ସ୍ୱତନ୍ତ୍ର ଜଜ୍ ଏସ୍.କେ. ଶ୍ରୀବାସ୍ତବଙ୍କ ନିର୍ଦ୍ଦେଶ।
- କାମାକ୍ଷାନଗର ବିଧାନସଭା ଉପ ନିର୍ବାଚନରେ ପ୍ରଦେଶ କଂଗ୍ରେସ କମିଟି ଦ୍ୱାରା ମନୋନୀତ ପ୍ରାର୍ଥୀଙ୍କ ବିରୁଦ୍ଧରେ ପ୍ରତିଦ୍ୱନ୍ଦ୍ୱିତା କରି ଦଳୀୟ ଶୃଙ୍ଖଳା ଭଙ୍ଗ କରିଥିବାରୁ ପୂର୍ବତନ ମନ୍ତ୍ରୀ ବ୍ରହ୍ମାନନ୍ଦ ବିଶ୍ୱାଳଙ୍କୁ ଦଳର ପ୍ରାଥମିକ ସଭ୍ୟ ପଦରୁ ୬ ବର୍ଷ ପାଇଁ ନିଲମ୍ବିତ କରାଯାଇଛି।

## ଚିରନ୍ତନୀ

ସାନ୍ତାଳ ଝିଅ ଛଳନାବିହୀନ
ବଦନ ଶୋଭା
ବିକାର-ବିହୀନ ହାସ୍ୟ ତାହାର
ବିମଳ ଗତି
ସାଥୀମେଳେ ହାତ ହଲାଇ ଚଳଇ
ସହଜ ଗତି
ମଧୁମାଳତୀର ମଞ୍ଜରୀ ଘେନି
ଶୋଭୁଛି ଗଭା !
-(ପାସୋରି ଦେଲିରେ ଶିମୁଳିପାଳ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | 1 | | | | |
| | | | | | | 3 | | 9 |
| | | | | | 3 | 4 | | 6 |
| | | | | 7 | 9 | | | 3 |
| | 1 | | 8 | 4 | | 2 | | |
| | | | | | | | | |
| | | 8 | 9 | | | 6 | | 7 |
| 7 | | 1 | 4 | | 5 | | | |
| 5 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 1 | 5 | 6 | 4 | 9 | 2 | 8 |
| 9 | 4 | 8 | 7 | 1 | 2 | 6 | 5 | 3 |
| 6 | 2 | 5 | 3 | 8 | 9 | 1 | 4 | 7 |
| 2 | 3 | 7 | 8 | 5 | 1 | 4 | 6 | 9 |
| 4 | 1 | 6 | 2 | 9 | 3 | 8 | 7 | 5 |
| 8 | 5 | 9 | 4 | 7 | 6 | 3 | 1 | 2 |
| 5 | 8 | 3 | 1 | 4 | 7 | 2 | 9 | 6 |
| 7 | 6 | 4 | 9 | 2 | 8 | 5 | 3 | 1 |
| 1 | 9 | 2 | 6 | 3 | 5 | 7 | 8 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାଇକେଲ ଟଙ୍କା ଖାଇଗଲେ

ମହାଶୟ,

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବିଇଓ ଅଫିସରେ ବ୍ୟାପକ ଦୁର୍ନୀତି ହେଉଛି। ସାଇକେଲ ଟଙ୍କା ନିଜ ପରିଚିତ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରେ ଛଡ଼ା ଯାଉଛି। ପରବର୍ତ୍ତୀ ଅବସ୍ଥାରେ ସେମାନଙ୍କଠାରୁ ଟଙ୍କା ଆଦାୟ କରି ଅଫିସ କର୍ମଚାରୀମାନେ ଭଲ ଦି' ପଇସା ରୋଜଗାର କରିବାରେ ଲାଗିଛନ୍ତି। ତେଣେ ପ୍ରକୃତ ହିତାଧିକାରୀ ଟଙ୍କା ପାଉ ନ ଥିବା ବେଳେ ଅଫିସର କର୍ମଚାରୀ ଭଲ ଲାଭ ପାଉଛନ୍ତି। ଏହାର ତଦନ୍ତ କରାଗଲେ ସବୁ ସତ୍ୟ ପ୍ରକାଶ ପାଇବ ଓ ଦୁର୍ନୀତିକୁ ରୋକାଯାଇପାରିବ।

**–ନାରାୟଣ ବେହେରା, ନୂଆସାହି, ପୁରୁଷୋତ୍ତମପୁର, ଗଞ୍ଜାମ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଘର ନାହିଁ, ଅସ୍ତ୍ର ଅଛି

- ଯୋଗୀଙ୍କ ସମ୍ପତ୍ତି ୧.୫୪ କୋଟି
- ଗୋରଖପୁରରେ ପ୍ରାର୍ଥୀ ହେଲେ

**ଗୋରଖପୁର,୪।୨**

ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିଜସ୍ୱ ଘର କି ଜମିବାଡ଼ି ନାହିଁ। ତେବେ ତାଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ରହିଛି। ଗୋରଖପୁର ସହର ନିର୍ବାଚନମଣ୍ଡଳୀରୁ ଯୋଗୀ ଭାଜପା ପ୍ରାର୍ଥୀ ଭାବେ ଶୁକ୍ରବାର ଦାଖଲ କରିଥିବା ନାମାଙ୍କନପତ୍ରରେ ସଂଲଗ୍ନ ସତ୍ୟପାଠରୁ ଏହା ଜଣାପଡ଼ିଛି।

ୟୁପିରେ ହେବାକୁ ଥିବା ୭ ପର୍ଯ୍ୟାୟ ନିର୍ବାଚନ ମଧ୍ୟରୁ ଗୋରଖପୁରରେ ଷଷ୍ଠ ପର୍ଯ୍ୟାୟରେ ମାର୍ଚ୍ଚ ୩ରେ ଭୋଟ ଗ୍ରହଣ କରାଯିବ। ଏଥିଲାଗି ଯୋଗୀ ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ତାଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏକ ରାଲିରେ ଗୋରଖପୁର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ବିଧାୟକ ହେବା ପାଇଁ ଏହା ହେଉଛି ଯୋଗୀଙ୍କ ପ୍ରଥମ ନାମାଙ୍କନ। ତେବେ ଭାଜପା ପ୍ରାର୍ଥୀ ଯୋଗୀ ଆଦିତ୍ୟନାଥ ତାଙ୍କର ମୋଟ ସମ୍ପତ୍ତିର ପରିମାଣ ୧,୫୪,୯୪,୦୫୪ ଟଙ୍କା ବୋଲି ସତ୍ୟପାଠରେ ଦର୍ଶାଇଛନ୍ତି। ସେଥିରୁ ୬ ହଜାର ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଅଛି। ଯୋଗୀ ୧୨,୦୦୦ ଟଙ୍କାର ଏକ



ଗୋରଖପୁର ବିଧାନସଭା ଆସନରୁ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନାମାଙ୍କନପତ୍ର ଦାଖଲ କରୁଛନ୍ତି। ନିକଟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଉପସ୍ଥିତ।

ସାମ୍‌ସଙ୍ଗ୍ ମୋବାଇଲ ବ୍ୟବହାର କରନ୍ତି। ସେହିପରି ତାଙ୍କ ପାଖରେ ଥିବା ଏକ ରିଭଲଭର୍‌ର ଦାମ୍ ହେଉଛି ୧ ଲକ୍ଷ ଟଙ୍କା। ସେ ୮୦,୦୦୦ ଟଙ୍କାର ଏକ ରାଇଫଲ ମଧ୍ୟ ରଖିଛନ୍ତି। ପାଖରେ ୬୯,୦୦୦ ଟଙ୍କାର ସୁନା ଅଳଙ୍କାର ରହିଛି। ଏଥିରେ ସେ ବିଗତ ୪ ବର୍ଷର ଆୟ ମଧ୍ୟ ଦର୍ଶାଇଛନ୍ତି। ଯୋଗୀଙ୍କ ଘୋଷଣା ଅନୁସାରେ ୨୦୨୦-୨୧ ଆର୍ଥିକ ବର୍ଷରେ ସେ ୧୩,୨୦,୬୫୩ ଟଙ୍କା ଆୟ କରିଛନ୍ତି। ସେହିପରି ୨୦୧୯-୨୦ରେ ୧୫,୬୮,୭୯୯ ଟଙ୍କା, ୨୦୧୮-୧୯ରେ ୧୮,୨୭,୬୩୯ ଏବଂ ୨୦୧୭-୧୮ରେ ୧୪,୩୮,୬୭୦ ଟଙ୍କା ଆୟ କରିଥିବା ଉଲ୍ଲେଖ କରିଛନ୍ତି। ହେଲେ ଯୋଗୀଙ୍କ କୌଣସି ଚାଷଜମି କି ଘର ନାହିଁ। ସେ ଋଣ ମଧ୍ୟ କରିନାହାନ୍ତି। ତାଙ୍କ ନାମରେ କୌଣସି ଗାଡ଼ି ପଞ୍ଜୀକୃତ ହୋଇ ନ ଥିବା ଯୋଗୀ ସତ୍ୟପାଠରେ ଦର୍ଶାଇଛନ୍ତି।

ଏହି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା କହିଛନ୍ତି, ପୂର୍ବରୁ ୨୫ ବର୍ଷ ଧରି ଉତ୍ତର ପ୍ରଦେଶରେ ଅପରାଧୀମାନଙ୍କ ଶାସନ ଚାଲିଥିଲା। ଯୋଗୀ ମୁଖ୍ୟମନ୍ତ୍ରୀ ହେବା ପରେ ରାଜ୍ୟକୁ ଅପରାଧମୁକ୍ତ କରିଛନ୍ତି। ଅପରାଧୀମାନଙ୍କୁ ଏବେ କେବଳ ଜେଲରେ କିମ୍ବା ଅଖିଳେଶ ଯାଦବଙ୍କ ନେତୃତ୍ୱାଧୀନ ସମାଜବାଦୀ ପାର୍ଟି (ଏସ୍‌ପି)ର ପ୍ରାର୍ଥୀ ତାଲିକାରେ ଦେଖିବାକୁ ମିଳିବ ବୋଲି ଶାହା ସମାଲୋଚନା କରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି ଯେ ଯୋଗୀଙ୍କ ଅମଳରେ ଯଦି ସବୁ ଅପରାଧୀଙ୍କୁ ଜେଲ ପଠାଇଦିଆଯାଇଛି ତେବେ ସେ ବନ୍ଧୁକ କାହିଁକି ରଖିଛନ୍ତି, ଯେତେବେଳେ କି ତାଙ୍କୁ ଅହରହ ଜେଡ୍ ପ୍ଲସ୍ ସିକ୍ୟୁରିଟି ମିଳିଛି।

# ପଛୁଆବର୍ଗଙ୍କ ଅଧିକାର କ୍ଷୁଣ୍ଣ କରାଯାଉଛି: କଂଗ୍ରେସ



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

**ଭୁବନେଶ୍ୱର,୪।୨(ବ୍ୟୁରୋ)**

ପଛୁଆବର୍ଗଙ୍କ ଅଧିକାରକୁ କ୍ଷୁଣ୍ଣ କରାଯାଉଥିବା ନେଇ କଂଗ୍ରେସ ଅଭିଯୋଗ କରିଛି। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅପାରଗତା, ଇଚ୍ଛା ଶକ୍ତିର ଅଭାବ ହିଁ ଦାୟୀ। ଏହି ଦୁଇ ସରକାରଙ୍କ ଚକ୍ରାନ୍ତ ପାଇଁ ରାଜ୍ୟର ବୃହତ୍ତର ଭାଗ ପଛୁଆ ବର୍ଗ (ଓବିସି) ସାମ୍ବିଧାନିକ ପ୍ରଦତ୍ତ ଅଧିକାର ହରାଇଛନ୍ତି ବୋଲି କହି କଂଗ୍ରେସ ଉଭୟ ସରକାରଙ୍କ ଉପରେ ବର୍ଷିଛି।

ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି, ଉଚ୍ଚ ନ୍ୟାୟାଳୟ ପଛୁଆ ବର୍ଗ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହୋଇପାରିବ ନାହିଁ ବୋଲ ରାୟ ଦେଇଥିଲେ। ଏହାପରେ ରାଜ୍ୟ ସରକାର ନିଜ ଉପରୁ ଦୋଷ ଛଡାଇବା ଆଳରେ ୨୦୧୭ରୁ ଏହି ରାୟ ବିରୋଧରେ ସୁପ୍ରିମ କୋର୍ଟରେ ଏକ ସ୍ପେଶାଲ ଲିଭ୍ ପିଟିଶନ(ଏସ୍‌ଏଲ୍‌ପି) ଦାୟର କରି ଚୁପ୍ ବସିଛନ୍ତି। ଅନୁରୂପ ଭାବେ କେନ୍ଦ୍ରରେ କଂଗ୍ରେସ (ଉପା) ସରକାର ସମୟରେ ହୋଇଥିବା ପଛୁଆ ବର୍ଗ ଜନଗଣନାକୁ ବର୍ତ୍ତମାନର ଭାଜପା ନେତୃତ୍ୱାଧୀନ ସରକାର ଲାଗୁ କରୁନାହାନ୍ତି କି ନିଜେ ମଧ୍ୟ ଏହି କ୍ଷେତ୍ରରେ କୌଣସି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏବେ ତାମିଲନାଡୁ ସମସ୍ତ କ୍ଷେତ୍ରରେ ୬୯ ପ୍ରତିଶତ ସଂରକ୍ଷଣ ପାଉଛି। ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଇ ବିଧେୟକ ପାରିତ କରି ଦଳମତ ନିର୍ବିଶେଷରେ ରାଷ୍ଟ୍ରପତିଙ୍କୁ ଭେଟି ଏହି ଅଧିକାର ହାସଲ କରିଛି, ଯାହା ୨୨ବର୍ଷ ଶାସନ ମଧ୍ୟରେ ରାଜ୍ୟରେ ଶାସନାଧୀନ ବିଜେଡି ସରକାର କରିବାରେ ଅକ୍ଷମ ହୋଇଛି। ତେବେ କଂଗ୍ରେସ ପଛୁଆ ବର୍ଗଙ୍କ ଅଧିକାର ସୁରକ୍ଷା ପାଇଁ ଆଇନଗତ ଲଢ଼େଇ ଜାରି ରଖିଛି ଓ ଅଧିକାର ପାଇବା ପର୍ଯ୍ୟନ୍ତ ଜାରି ରଖିବ ବୋଲି ମିଶ୍ର କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମୁଖପାତ୍ର ମନୋରଞ୍ଜନ ଦାଶ ଉପସ୍ଥିତ ଥିଲେ।

**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. ମହିନ୍ଦ୍ରା ବ୍ଲାଜୋ31 ଏଫ୍‌ବିଟି ଟିପ୍ପର୍
ଗାଡ଼ି ନଂ.- OD09G3531
ନିର୍ମାଣ ବର୍ଷ - 2017
ସଂରକ୍ଷିତ ମୂଲ୍ୟ - 1130000.00
2) ମଡେଲ ନଂ. ଏଏଲ 3118 କାଉଲ୍ ଚେସିସ୍
ଗାଡ଼ି ନଂ.- OD09K4433
ନିର୍ମାଣ ବର୍ଷ - 2019
ସଂରକ୍ଷିତ ମୂଲ୍ୟ - 1375000.00

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେସନ୍

**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:**
**ତାପସ ମହାନ୍ତି 9861502061/ ଦୁର୍ଗା ସ୍ୱାଇଁ 9692645791**



ଉତ୍ତରପ୍ରଦେଶ ଗାଜିଆବାଦରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସାହିବାବାଦ ନିର୍ବାଚନମଣ୍ଡଳୀର ଦଳୀୟ ପ୍ରାର୍ଥୀ ସଙ୍ଗୀତା ତ୍ୟାଗୀଙ୍କ ସହ ରୋଡ୍ ଶୋ' କରୁଥିବାବେଳେ ସମର୍ଥକଙ୍କ ଭିଡ଼।

# ରେଳ ଷ୍ଟେଶନରେ ଛାତ୍ର କଂଗ୍ରେସର ବିକ୍ଷୋଭ

**ଏନ୍‌ଟିପିସି ପରୀକ୍ଷାର ତ୍ରୁଟି ସଂଶୋଧନ ସମେତ ୪ ଦଫା ଦାବି**

**ଭୁବନେଶ୍ୱର,୪।୨(ବ୍ୟୁରୋ)**

ରେଲ୍‌ୱେ ନିଯୁକ୍ତି ବୋର୍ଡ ପକ୍ଷରୁ ପରିଚାଳିତ ଏନ୍‌ଟିପିସିପରୀକ୍ଷାର ତ୍ରୁଟିସଂଶୋଧନ, ଗ୍ରୁପ-ଡି କ୍ୟାଟେଗୋରିରେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ନ କରିବା ଆଦି ୪ ଦଫା ଦାବି ନେଇ ଛାତ୍ର କଂଗ୍ରେସ ଶୁକ୍ରବାର ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ରେଳଷ୍ଟେଶନରେ ବିକ୍ଷୋଭ ପ୍ରଦର୍ଶନ କରିଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ଆହ୍ୱାନକ୍ରମେ ଶତାଧିକ କଂଗ୍ରେସ କର୍ମୀ ଶୁକ୍ରବାର ମଧ୍ୟାହ୍ନରେ କଂଗ୍ରେସ ଭବନ ସାମ୍ନାରେ ଏକତ୍ର ହୋଇଥିଲେ। ନାନା ନାରାବାଜି ଦେଇ ଶୋଭାଯାତ୍ରାରେ ଭୁବନେଶ୍ୱର ରେଳଷ୍ଟେଶନରେ ପହଞ୍ଚି ଧାରଣା ଦେବା ସହ ପ୍ରତିବାଦ ଓ ବିକ୍ଷୋଭ କରିଥିଲେ। ଛାତ୍ର ନେତା ବିଶ୍ୱଭୂଷଣ ମହାପାତ୍ର, ବାବୁ ଜେନା, ରଞ୍ଜିତ ସେନାପତି, ସାହାରୁଖ ଖାନ୍, ଅଖିଳେଶ ଯାଦବ, ବିଭୂତି ଭୂଷଣ ମହାପାତ୍ର, ମହମ୍ମଦ ସମିଉଲ, ମୁନା ପରିଡ଼ା, ନିଆଜୁଲ ଇସ୍‌ଲାମ, ଉଦ୍ଧିତ ପ୍ରଧାନ, ରାଜଲକ୍ଷ୍ମୀ ସାହୁ, ମିର୍ ରିଆଜ, ସନ୍ତୋଷ ଭୋଳ ପ୍ରମୁଖ ସାମିଲ ହୋଇ ଦାବି ରଖିଥିଲେ।

ଏହି ପରିପ୍ରେକ୍ଷୀରେ ନୱାଜ କହିଛନ୍ତି, ସାଧାରଣ ନିର୍ବାଚନ-୨୦୧୯ ପୂର୍ବରୁ ନିଯୁକ୍ତିର ସ୍ୱପ୍ନ ଦେଖାଇ ବେକାର ଯୁବତୀଯୁବକଙ୍କଠାରୁ ଭୋଟ ହାତେଇଥିବା ଭାଜପାର ଏକ ନିର୍ବାଚନୀ ଷ୍ଟ୍ରାଟେଜି ଥିଲା। ତତ୍‌କାଳୀନ ରେଳମନ୍ତ୍ରୀ ପୀୟୂଷ ଗୋୟଲ ରେଲ୍‌ୱେରେ ୪ ଲକ୍ଷ ନିଯୁକ୍ତି ଦେବାକୁ ଘୋଷଣା କରିଥିଲେ। ସେହିଭଳି ୨୦୧୪ ନିର୍ବାଚନ ପୂର୍ବରୁ ନରେନ୍ଦ୍ର ମୋଦି ନିଜେ ଘୋଷଣା କରିଥିଲେ ଯେ, ସେ କ୍ଷମତାକୁ ଆସିଲେ ବର୍ଷକୁ ୨ କୋଟି ନିଯୁକ୍ତି ଦେବେ। ମାତ୍ର ନିର୍ବାଚନ ପରେ ଅଦ୍ୟାବଧି ସେ ତାଙ୍କ ପ୍ରତିଶ୍ରୁତି ପାଳନ କରିପାରି ନାହାନ୍ତି। ଏ ଦେଶରେ ବେକାର ଯୁବତୀଯୁବକଙ୍କୁ ସେ ପ୍ରତାରିତ କରିଛନ୍ତି। ତାଙ୍କର 'ପକୋଡ଼ା ନିଯୁକ୍ତି' ପ୍ରସଙ୍ଗ ଏ ଦେଶର ବେକାରିଙ୍କୁ କ୍ଷୁବ୍ଧ କରିଛି। ଏଣୁ ଆର.ଆର.ବି. ଏନ୍‌ଟିପିସି ପରୀକ୍ଷାର ତ୍ରୁଟି ସଂଶୋଧନ କରି ଖାଲିଥିବା ପଦବୀର ୨୦ ଗୁଣ ପରୀକ୍ଷାର୍ଥୀଙ୍କୁ ସିବିଟି -୨ପାଇଁ ସୁଯୋଗ ଦିଆଯାଉ, ଜଣେ ପରୀକ୍ଷାର୍ଥୀଙ୍କୁ କେବଳ ଗୋଟିଏ ବିଭାଗ ପାଇଁ ସୁଯୋଗ, ଗ୍ରୁପ-ଡି ପରୀକ୍ଷାକୁ ଦୁଇଟି ବଦଳରେ ଗୋଟିଏ ପର୍ଯ୍ୟାୟରେ କରାଯାଉ। ଏଥିସହିତ ବିହାର ଓ ଉତ୍ତର ପ୍ରଦେଶ ଆଦି ରାଜ୍ୟରେ ଯେଉଁଠି ପରୀକ୍ଷାର୍ଥୀମାନେ ରେଲ୍‌ୱେ ବିରୋଧରେ ପ୍ରତିବାଦ କରିଛନ୍ତି, ସେମାନଙ୍କୁ ପୋଲିସ ଓ ରେଲ୍‌ୱେ କର୍ତ୍ତୃପକ୍ଷ ନିର୍ମମ ଭାବରେ ଆକ୍ରମଣ କରିଛନ୍ତି। ଆନ୍ଦୋଳନରତ ଆଶାୟୀଙ୍କ ବିରୋଧରେ ପ୍ରତିଶୋଧ ପରାୟଣ ନ ହୋଇ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିଜ ତ୍ରୁଟି ସୁଧାରନ୍ତୁ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ ନୱାଜ ଦାବି କରିଛନ୍ତି।

# ଦଳ ବିରୋଧୀ କାର୍ଯ୍ୟ ଲାଗି ୧୯ ଜଣଙ୍କୁ ବହିଷ୍କୃତ କଲା ଭାଜପା

**ଭୁବନେଶ୍ୱର, ୪।୨(ବ୍ୟୁରୋ):** ଦଳ ବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ ପାଇଁ ଭାଜପାର କେତେଜଣ ନେତାଙ୍କୁ ଶୁକ୍ରବାର ବହିଷ୍କାର କରାଯାଇଛି। ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ଜିଲା ସଭାପତିମାନଙ୍କ ସୁପାରିସ କ୍ରମେ ଲୋକାନାଧମ (ସୁବାଷ) ନକୁଳ ସେନାପତି, ମିନକେତନ ହିକ୍କା, ରାମଚନ୍ଦ୍ର ବେହେରା, ସୁଶାନ୍ତ କୁମାର କାନୁନଗୋ, ବିଶ୍ୱଜିତ୍ ମହାନ୍ତି, ବିଜୟଲକ୍ଷ୍ମୀ ତ୍ରିପାଠୀ, ଶାନ୍ତନୁ ଦଳାଇ, ଶାନ୍ତିମୟୀ ଦଳାଇ, ଦେବାଶିଷ ଦାସ, ରଶ୍ମିତା ଦାସ, ଅଚିନ୍ତ ମାଇତି, ଉଷାରାଣୀ ମିଶ୍ର, ନାରାୟଣ ପ୍ରସାଦ ସ୍ୱାଇଁ, ସନ୍ତୋଷ ଜେନା, ଶ୍ରୁତିରେଖା ପାଣିଗ୍ରାହୀ, ଜୟନ୍ତୀ ଜେନା, ମଞ୍ଜୁଲତା ସିଂହ, ରାଜକିଶୋର ହାଁସଦାଙ୍କୁ ଭାଜପାରୁ ବହିଷ୍କୃତ କରାଯାଇଥିବା ଦଳୀୟ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।

# ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା ବହିଷ୍କୃତ

**କେନ୍ଦ୍ରାପଡ଼ା ଅଫିସ, ୪।୨:** ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡାଙ୍କୁ ଦଳର ପ୍ରାଥମିକ ସଭ୍ୟ ପଦରୁ ଶୁକ୍ରବାର ବହିଷ୍କୃତ କରାଯାଇଛି। ଏ ନେଇ କେନ୍ଦ୍ରାପଡ଼ା ଜିଲା ସଭାପତି ଉତ୍କଳ କେଶରୀ ପରିଡା କହିଛନ୍ତି, ଦଳ ବିରୋଧୀ କାର୍ଯ୍ୟ ପାଇଁ ରାଜେଶଙ୍କୁ ବହିଷ୍କୃତ କରାଯାଇଛି। ଏ ସମ୍ପର୍କରେ ରାଜେଶ କହିଛନ୍ତି, ଛାତ୍ର ଜୀବନରୁ ଦଳ ପାଇଁ କାର୍ଯ୍ୟ କରିଛି। ଅଦ୍ୟାବଧି ଦଳ ବିରୋଧରେ ଯାଇଥିବା କୌଣସି କାର୍ଯ୍ୟ କରିନାହିଁ। ବିଜେଡି ସହିତ ରହିବି ବୋଲି ସେ ନିଜର ମତ ଦେଇଛନ୍ତି।

# ଭାଜପାରେ ଯୋଗଦେଲେ ଅବସରପ୍ରାପ୍ତ ପ୍ରଶାସକ

**ଭୁବନେଶ୍ୱର, ୪।୨(ବ୍ୟୁରୋ):** ରାଜ୍ୟ କାର୍ଯ୍ୟାଳୟଠାରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ଅର୍ଥ ସେବାର ଅବସରପ୍ରାପ୍ତ ପ୍ରଶାସକ ଦିଲୀପ କୁମାର ମହାପାତ୍ର ଶୁକ୍ରବାର ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦାନ କରିଛନ୍ତି। ମହାପାତ୍ର ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ନିଜ ଦାୟିତ୍ୱ ସୁଚାରୁ ରୂପେ ପାଳନ କରିଛନ୍ତି। ଗତବର୍ଷ ସରକାରୀ ଚାକିରିରୁ ଅବସର ଗ୍ରହଣ କରିବା ପରେ ଦିଲୀପ ବର୍ତ୍ତମାନ ଆଇନଜୀବୀ ଭାବେ କାର୍ଯ୍ୟରତ ଅଛନ୍ତି।

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India** | **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** | **କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ** | ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩ | **ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଅନୁଗୁଳ ଶାଖା (ଇ-ସିବି)**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରିକରାଯାଇଥିଲା ଏବଂ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ତେଣୁ ସେଗୁଡ଼ିକର ବିଷୟ ବସ୍ତୁ ସହିତ ବକେୟା ଦେୟ, ଋଣ ପରିମାଣ ଏବଂ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ଅନୁଗୁଳ ଶାଖା (ଇ-ସିବି) / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଋଣ ପ୍ରକାର / ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ଶ୍ରୀ ପ୍ରଫୁଲ୍ଲ କୁମାର ପଟ୍ଟନାଏକ,** ପିତା: ଡମ୍ବରୁଧର ପଟ୍ଟନାଏକ, ସା: ଟିବିଟି/୦୫, ନାଲ୍‌କୋ ନଗର, ନାଲକୋ, ଅନୁଗୁଳ, ଓଡ଼ିଶା-୭୫୯୧୪୫, **୨) ଶ୍ରୀମତୀ ସୁଚରିତା ରଣା,** ସ୍ୱାମୀ: ପ୍ରମୋଦ କୁମାର ପଟ୍ଟନାଏକ, **ଠିକଣା-୧:** ପ୍ଲଟ୍ ନଂ.: ୬୨୭୬/୯୩୭୯, ଖାତା ନଂ.: ୯୩୨/୧୪୬୮, କୁମୁଣ୍ଡା, ଅନୁଗୁଳ-୭୫୯୧୨୨, **ଠିକଣା-୨:** ଟିବିଟି/୦୧, ନାଲକୋ ନଗର, ଅନୁଗୁଳ, ଓଡ଼ିଶା-୭୫୯୧୪୫ | ସିଭିପିଓଡି / ଟ.୧୯,୫୦,୦୦୦/- ସିଭିଇଏଚ୍‌ଆଇ/ ଟ.୯,୦୦,୦୦୦/- ଜିଓଭିଏସ୍‌ଏଲ/ ଟ.୪,୧୫,୦୦୦/- **ସମୁଦାୟ:** ଟ.୩୨,୬୫,୦୦୦/- | ୨୩.୧୧.୨୦୨୧/ ୩୦.୦୯.୨୦୨୧ ସୁଦ୍ଧା ଟ.୨୯,୦୧,୬୭୧.୩୯ +୦୧.୧୦.୨୦୨୧ ଠାରୁ ତତ୍ପରବର୍ତ୍ତୀ ସୁଧ ଏବଂ ଦେୟ | **ଶ୍ରୀମତୀ ସୁଚରିତା ରଣା,** ସ୍ୱାମୀ: ପ୍ରମୋଦ କୁମାର ପଟ୍ଟନାଏକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୨୭୬/୯୩୭୯, ଖାତା ନଂ.: ୯୩୨/୧୪୬୮, କ୍ଷେତ୍ର: ଏକର୦.୦୪୫ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ନାରଣ ସ୍ୱାଇଁ, ଦକ୍ଷିଣ: ରାସ୍ତା, ପୂର୍ବ: କଲ୍ୟାଣୀ ବାନାର୍ଜୀ, ପଶ୍ଚିମ: ମଳୟ ସ୍ୱାଇଁ, କୁମୁଣ୍ଡା, ଅନୁଗୁଳ |

ଉପରଦର୍ଶିତ **ଅନୁଗୁଳ ଶାଖା (ଇ-ସିବି)**ର ଋଣଗ୍ରହୀତା ମୂଳଋଣ/କିସ୍ତି ସୁବିଧା/ସୁଧ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି, ତେଣୁ ସେମାନଙ୍କର ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA) ରେ ଶ୍ରେଣୀଭୁକ୍ତ ହୋଇଯାଇଛି, ତେଣୁ ଚୁକ୍ତି ଅନୁସାରେ ସେମାନେ ସେମାନଙ୍କର ଆକାଉଣ୍ଟ ନିମନ୍ତେ ଉପର ଦର୍ଶିତ ଦେୟ ରାଶି ଓ ତତ୍ପରବର୍ତ୍ତୀ ସୁଧ ଦର୍ଶିତ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ଦାୟୀ ଅଟନ୍ତି। ସେମାନଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି କି ସେମାନେ ବର୍ତ୍ତମାନ ସୁଦ୍ଧା ସୁଧ ସହିତ ଉପରୋକ୍ତ ବକେୟା ରାଶି ଏହି ନୋଟିସ୍ ପ୍ରକାଶନର **୬୦ଦିନ** ମଧ୍ୟରେ ପ୍ରଦାନ କରନ୍ତୁ, ଅନ୍ୟଥା ବ୍ୟାଙ୍କ ନିମ୍ନଲିଖିତ ଯେକୌଣସି ଗୋଟିଏ କିମ୍ବା ତତୋଧିକ କାର୍ଯ୍ୟାନୁଷ୍ଠାନ ଉପରଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତି ଉପରେ ଗ୍ରହଣ କରି ଅଦାଲତର ବିନା ହସ୍ତକ୍ଷେପରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ (୨୦୦୨ର ୫୪) ଅନୁଯାୟୀ ଉପର କଥିତ ଦେୟରାଶି ଆଦାୟ କରିବେ। ଯଥା: **୧.** ବନ୍ଧକ ସମ୍ପତ୍ତିକୁ ଦଖଲ, ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରି କରାଯାଇ ଋଣ ରାଶି ଆଦାୟ କରିପାରିବେ। **୨.** ଋଣଗ୍ରହୀତାଙ୍କ ସୁରକ୍ଷିତ ବନ୍ଧକ ସମ୍ପତ୍ତିର ପରିଚାଳନା ଭାର ଗ୍ରହଣ କରି ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରୟ କରି ଋଣ ରାଶି ଆଦାୟ କରିପାରିବେ। **୩.** ବନ୍ଧକଧାରୀ ଋଣଦାତା ଭାବେ ବ୍ୟାଙ୍କ ବନ୍ଧକପ୍ରାପ୍ତ ସମ୍ପତ୍ତିର ପରିଚାଳନା ପାଇଁ ଯେକୌଣସି ବ୍ୟକ୍ତିଙ୍କୁ (ଏହା ପରେ ପରିଚାଳକ ଭାବେ ଦର୍ଶିତ ହେବେ) ନିଯୁକ୍ତି କରିପାରିବେ। **୪.** କୌଣସି ବ୍ୟକ୍ତିଙ୍କୁ ଯିଏ କି ଋଣଗ୍ରହୀତାଙ୍କ ଠାରୁ ସୁରକ୍ଷିତ ସମ୍ପତ୍ତିକୁ ଅଧିକାର କରିଛନ୍ତି ଏବଂ ଯାହାଙ୍କ ଠାରୁ ଅର୍ଥରାଶି ପ୍ରାପ୍ତ ହେବାକୁ ଅଛି କିମ୍ବା ଯାହାଙ୍କର ଋଣଗ୍ରହୀତାଙ୍କୁ ଦେୟ ପ୍ରଦାନ କରିବାକୁ ଅଛି, ତାଙ୍କୁ ଲିଖିତ ନୋଟିସ୍ ମାଧ୍ୟମରେ ବ୍ୟାଙ୍କକୁ ଉକ୍ତ ଅର୍ଥରାଶି ଯାହାକି ସୁରକ୍ଷିତ ଋଣ ନିମନ୍ତେ ଯଥେଷ୍ଟ ତାହା ପ୍ରଦାନ କରିବାକୁ କୁହାଯିବ। ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି, ନୋଟିସ୍ ପ୍ରାପ୍ତ ପରେ ଆପଣ ନୋଟିସ୍ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବ୍ୟାଙ୍କର ପୂର୍ବ ଲିଖିତ ଅନୁମତି ବିନା ବିକ୍ରି, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ହସ୍ତାନ୍ତରିତ କରିପାରିବେ ନାହିଁ। ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦେୟ, ଖର୍ଚ୍ଚ ଇତ୍ୟାଦି ବିକ୍ରି ଲବ୍ଧ ଅର୍ଥରେ ଭରଣା କରାଯିବ। ଯଦି ବ୍ୟାଙ୍କର ସମସ୍ତ ଦେୟ ନିମନ୍ତେ ବିକ୍ରି ଲବ୍ଧ ରାଶି ପର୍ଯ୍ୟାପ୍ତ ନ ହୁଏ, ତେବେ ସରଫେଶୀ ଆକ୍ଟ ୨୦୦୨ର ୫୪ ଅନୁସାରେ କିମ୍ବା ଆବଶ୍ୟକୀୟ କୌଣସି ପ୍ରକ୍ରିୟା ଆଇନ ଅନୁସାରେ ଆପଣଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଅବଶିଷ୍ଟ ରାଶି ନିମନ୍ତେ ଗ୍ରହଣ କରାଯିବ। ସେବାବଦ ସମସ୍ତ ଆଇନଗତ ଖର୍ଚ୍ଚ ଏବଂ ଫଳାଫଳ ନିମନ୍ତେ ଆପଣ ସମସ୍ତେ ଏକତ୍ର ଏବଂ ପୃଥକ୍ ଭାବେ ଦାୟୀ ରହିବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ କଥିତ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ କିମ୍ବା ସର୍ବସାଧାରଣରେ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ କୋଟେସନ୍ କିମ୍ବା ଟେଣ୍ଡର ଆହ୍ୱାନ କିମ୍ବା ଘରୋଇ ଚୁକ୍ତିମାଧ୍ୟମରେ ଲିଜ୍ ଆସାଇନମେଣ୍ଟ ଦ୍ୱାରା ସମ୍ପତ୍ତି ହସ୍ତାନ୍ତରିତ ନିମନ୍ତେ ସର୍ବସାଧାରଣ ବିଜ୍ଞପ୍ତି ପ୍ରକାଶନ ତାରିଖର ଯେକୌଣସି ସମୟ ପୂର୍ବରୁ ବ୍ୟାଙ୍କର ସମସ୍ତ ଦେୟ ସହିତ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ପ୍ରଦାନ କରି ଋଣମୁକ୍ତ ହେବାର ଅଧିକାର ଆପଣଙ୍କ ପାଇଁ ଉପଲବ୍ଧ ରହିଛି।

ଏହି ବିଜ୍ଞପ୍ତି କୌଣସି ଆଇନ ବଳରେ ବ୍ୟାଙ୍କ ଅଧିକାର କ୍ଷୁର୍ଣ୍ଣ ନକରି ଜାରି କରାଯାଇଛି।

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୪.୦୨.୨୦୨୨ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଚାଷୀଙ୍କୁ ଶୋଷଣକରି ବିଜେଡିକୁ ଚାନ୍ଦା ଦେଇଛନ୍ତି ମିଲର୍ସ

**ଭୁବନେଶ୍ୱର, ୪।୨(ବ୍ୟୁରୋ):** ରାଜ୍ୟରେ ବିଜେଡି ସରକାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମସ୍‌ଗୁଲ ଥିବାବେଳେ ମିଲର୍ସମାନଙ୍କ ଅକ୍ତିଆରରେ ମଣ୍ଡି ଏବଂ ସରଳ ଚାଷୀ। ଚଳିତ ପଞ୍ଚାୟତ ନିର୍ବାଚନ ପାଇଁ ଶାସକ ବିଜେଡିକୁ ୫୦୦ କୋଟି ଟଙ୍କାର ଦଳୀୟ ଚାନ୍ଦା ପ୍ରଦାନ କରିବାର ଦାୟିତ୍ୱ ନେଇଥିବା ମିଲର୍ସମାନେ ଚାଷୀଙ୍କୁ ଶୋଷଣ କରିଚାଲିଥିବା ବେଳେ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଚାଷୀମାରଣ ନୀତିକୁ ସ୍ପଷ୍ଟ କରୁଛି ବୋଲି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ କ୍ଷୋଭ ପ୍ରକାଶ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି, ରାଜ୍ୟରେ ମଣ୍ଡିର ବ୍ୟାପକ ଅବ୍ୟବସ୍ଥା ଯୋଗୁ ସରଳ ଚାଷୀ ଶୋଷଣର ଶିକାର ହେଉଛନ୍ତି। କୁଇଣ୍ଟାଲ ପିଛା ୮ରୁ ୧୦ କେଜି କଟ୍‌ନି ଛଟ୍‌ନିରେ ଚାଷୀମାନେ ଧାନ ବିକ୍ରି କରୁଛନ୍ତି। ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟ ପାଇବା ତ ଦୂରର କଥା କୁଇଣ୍ଟାଲ ପିଛା ମାତ୍ର ହଜାର ଟଙ୍କାରେ ବିକ୍ରିକରି ଚାଷୀ ବହୁ ପରିମାଣରେ କ୍ଷତି ସହୁଛି ବୋଲି ପୁରୋହିତ କହିଛନ୍ତି। ଷଡ଼ଯନ୍ତ୍ର କରି ଚାଷୀଙ୍କଠାରୁ କମ୍ ଦରରେ ଧାନ କିଣିଥିବା ମିଲର୍ସ ଏବଂ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ପୁରୋହିତ ଦାବି କରିଛନ୍ତି। ଭାଜପାର ଦାବିପରେ ରାଜ୍ୟ ସରକାର କୌଣସି ଗୋଟିଏ ଟୋକନ ଲାପ୍ସ ହେବାକୁ ଦିଆଯିବ ନାହିଁ ବୋଲି ନିର୍ଭର ପ୍ରତିଶ୍ରୁତି ଦେବା ସତ୍ତ୍ୱେ ଚଳିତ ସିଜନରେ ପାଖାପାଖି ୩ ହଜାରରୁ ଊର୍ଦ୍ଧ୍ୱ ଟୋକନ ଲାପ୍ସ ହୋଇଛି ବୋଲି ପୁରୋହିତ କହିଛନ୍ତି।

# 'ସରକାରୀ କର୍ମଚାରୀ କରୁଛନ୍ତି ପ୍ରଚାର'

**ଭାଜପାର ଅଭିଯୋଗ**

**ଭୁବନେଶ୍ୱର, ୪।୨(ବ୍ୟୁରୋ)**

ସରକାରୀ କର୍ମଚାରୀମାନେ ନିର୍ବାଚନରେ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପାଇଁ ପ୍ରଚାର କରିପାରିବେ ନାହିଁ। ସେମାନେ ପ୍ରଚାର କରିବା ଏକ ଦଣ୍ଡନୀୟ ଅପରାଧ ବୋଲି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି। କିନ୍ତୁ ଶାସକ ବିଜେଡିର ମନ୍ତ୍ରୀ ଓ ନେତାଙ୍କ ପ୍ରତ୍ୟକ୍ଷ ପ୍ରରୋଚନାରେ ସରକାରୀ କର୍ମଚାରୀମାନେ ଶାସକ ଦଳ ସପକ୍ଷରେ ପ୍ରଚାର କରୁଥିବା ଭାଜପା ଅଭିଯୋଗ କରିଛି। ଏଭଳି ଘଟଣାର ଭିଡିଓ ଭାଇରାଲ ହେଉଥିଲେ ମଧ୍ୟ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ଏବଂ ରାଜ୍ୟ ନିର୍ବାଚନ କମିଶନ ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ଏଭଳି ବ୍ୟତିକ୍ରମ ଦେଖାଦେଇଥିବା ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଛି। ସେହିପରି ଯାଜପୁର ଜିଲା କୋରେଇ ବ୍ଲକରେ ବିଜେଡି ଭୋଟ ପାଇଁ ଲାଞ୍ଚ ଆକାରରେ ଟଙ୍କା ବଣ୍ଟନ କରୁଥିବା ଦଳ ଅଭିଯୋଗ ଆଣିଛି। ଏହି ଘଟଣାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ବାଚନ କମିଶନଙ୍କ ନିକଟରେ ଭାଜପା ଦାବି କରିଛି।




ନିର୍ବାଚନ କମିଶନରଙ୍କୁ ଭେଟିବାକୁ ଆସିଥିବା ଭାଜପା ନେତୃବୃନ୍ଦ।

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India** | **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** | **କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ** | ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩ | **ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

**[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]**

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **କୁମୁଣ୍ଡା ଶାଖା / ଋଣଗ୍ରହୀତା: ମେସର୍ସ ଶ୍ରୀୟା ମେଡିକାଲ ଷ୍ଟୋର, ସତ୍ତ୍ୱାଧିକାରୀ: ପ୍ରଶାନ୍ତ ବିଶ୍ୱାଳ,** ପିତା: ଲୋଚନ ବିଶ୍ୱାଳ, ସା: ସପ୍ ରୁମ୍ ନଂ.: ୫, ବସ୍ ଷ୍ଟାଣ୍ଡ, କୁରୁଡୁଳ ଆରଆଇ କାର୍ଯ୍ୟାଳୟ ସମ୍ମୁଖ, ଅନୁଗୁଳ-୭୫୯୧୩୨/ **ଗ୍ୟାରେଣ୍ଟିଦାତାମାନେ: ୧) ଲୋଚନ ବିଶ୍ୱାଳ,** ପିତା: ସଦାନନ୍ଦ ବିଶ୍ୱାଳ, **୨) ରଞ୍ଜନ ବିଶ୍ୱାଳ,** ପିତା: ସଦାନନ୍ଦ ବିଶ୍ୱାଳ, ଉଭୟଙ୍କ ଠିକଣା- ସା: ସାନକେରଜାଙ୍ଗ, ପୋ: ଗୋଲାବନ୍ଧ, ଥାନା: ନିଶା, ଜିଲ୍ଲା: ଅନୁଗୁଳ-୭୫୯୧୪୩ | ୩୧.୦୩.୨୦୨୧ ସୁଦ୍ଧା ଟ.୧୦,୧୯,୨୫୪.୬୦ + ଚୁକ୍ତିନାମା ଅନୁଯାୟୀ ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୨.୧୦.୨୦୨୧ (ଖବର କାଗଜରେ ପ୍ରକାଶିତ ହୋଇଛି)/ ୦୧.୦୨.୨୦୨୨ (ଭୌତିକ) | ଲୋଚନ ବିଶ୍ୱାଳ ଏବଂ ରଞ୍ଜନ ବିଶ୍ୱାଳଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ଖାତା ନଂ.: ୨୭୬/୬୧୨, ପ୍ଲଟ୍ ନଂ.: ୨୨୩୯/୩୨୮୯, କ୍ଷେତ୍ର: ଏକର ୦.୧୩୦ ଡିସିମିଲି, ପ୍ଲଟ୍ ନଂ.: ୨୨୪୦/୩୨୯୦, କ୍ଷେତ୍ର: ଏକର ୦.୧୫୦ ଡିସିମିଲି ଏବଂ ଗ୍ରାମ/ମୌଜା: ସାନକେରଜାଙ୍ଗ, ଥାନା: ନିଶା, ଜିଲ୍ଲା: ଅନୁଗୁଳ, ରାଜ୍ୟ: ଓଡ଼ିଶା, ପିନ୍-୭୫୯୧୪୩, **ପ୍ଲଟ୍ ନଂ.: ୨୨୩୯/୩୨୮୯ର ଚାରିପାର୍ଶ୍ୱରେ** ଉତ୍ତର: ବାବାଜୀ ବିଶ୍ୱାଳ, ଦକ୍ଷିଣ: ରାସ୍ତା, ପୂର୍ବ: ନିଜସ୍ୱ ଏବଂ ପୁରନ୍ଦର ବିଶ୍ୱାଳ, ପଶ୍ଚିମ: ବାନାମ୍ବର ବିଶ୍ୱାଳ, **ପ୍ଲଟ୍ ନଂ.: ୨୨୪୦/୩୨୯୦ ର ଚାରିପାର୍ଶ୍ୱରେ** ଉତ୍ତର: ସାଧୁ ବିଶ୍ୱାଳ, ଦକ୍ଷିଣ: ନିଜ୍, ପୂର୍ବ: ନିଜ୍, ପଶ୍ଚିମ: ନିଜ୍ |
| **ମାଲଗୋଦାମ ଶାଖା / ୧) ଶ୍ରୀ ମାନସ କୁମାର ଲେଙ୍କା, ମେସର୍ସ ମଣ୍ଟେସୋରୀ ଆଗ୍ରୋଟେକ୍‌ର ସ୍ୱତ୍ତ୍ୱାଧିକାରୀ,** ପିତା: ଶ୍ରୀ ବଟକୃଷ୍ଣ ଲେଙ୍କା, ସା: ବିଶ୍ୱାଳପଡ଼ା, ସା/ପୋ./ଥାନା: କିଶୋର ନଗର, କଟକ - ୭୫୪୧୩୧, **୨) ଶ୍ରୀମତୀ ଉର୍ମିଳା ନାୟକ,** ସ୍ୱାମୀ: ଶ୍ରୀ ନିରଞ୍ଜନ ନାୟକ, ସା/ପୋ.: ଯଁକୋଟି, ଥାନା: ବେଣ୍ଟପୁର, ଜିଲ୍ଲା: ଜଗତ୍‌ସିଂହପୁର-୭୫୪୧୧୪, **୩) ଶ୍ରୀ ଅଶୋକ କୁମାର ରାଉତ,** ପିତା: ଶ୍ରୀ ସୁବାଷ ଚନ୍ଦ୍ର ରାଉତ, ସା: ଭାଲୁକିପାଟଶ୍ରୀବିହାର, ଡିଏଭି ପବ୍ଲିକ୍ ସ୍କୁଲ୍ ନିକଟ, କେନ୍ଦୁଝର - ୭୫୮୦୦୧ | ୩୧.୦୩.୨୦୨୧ ସୁଦ୍ଧା ଟ.୭,୧୬,୫୭,୦୯୩.୪୫ + ଚୁକ୍ତିନାମା ଅନୁଯାୟୀ ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୦୬.୦୪.୨୦୨୧ / ୦୩.୦୨.୨୦୨୨ (ଭୌତିକ) | **ଅଶୋକ କୁମାର ରାଉତ,** ପିତା: ସୁବାଷ ଚନ୍ଦ୍ର ରାଉତଙ୍କ ନାମରେ ଥିବା ଗ୍ରାମାଞ୍ଚଳ ଘରବାରୀ ଜମି ଯାହାର ଖାତା ନଂ.: ୨୫୪/୧୬୪, ପ୍ଲଟ୍ ନଂ.: ୧୨୯, ମୌଜା: ପଳାଶପୁର ଶାସନ, କୁହା ପଞ୍ଚାୟତ, ତହସିଲ/ଥାନା: ଭୁବନେଶ୍ୱର, ଖୋର୍ଦ୍ଧା, ପରିମିତ କ୍ଷେତ୍ର: ଏକର୧.୧୧୦ ଡିସିମିଲି |
| **ପାରାଦୀପ ପୋର୍ଟ ଶାଖା / ଋଣଗ୍ରହୀତା: ଶ୍ରୀ ସାନୁଜ ଦାସ,** ପିତା: ଂ ଶ୍ରୀଚରଣ ଦାସ, ସା/ପୋ.: ଗରଜଙ୍ଗା, ଭାୟା: ମାର୍ଶାଘାଇ, ଥାନା: ପାଟକୁରା, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା - ୭୫୪୨୧୩ / **ଗ୍ୟାରେଣ୍ଟିଦାତା: ଶ୍ରୀ ଯୁବରାଜ ଦାସ,** ପିତା: ଂ ଶ୍ରୀଚରଣ ଦାସ, ସା/ପୋ.: ଗରଜଙ୍ଗା, ଭାୟା: ମାର୍ଶାଘାଇ, ଥାନା: ପାଟକୁରା, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା - ୭୫୪୨୧୩ | ୩୧.୦୫.୨୦୨୧ ସୁଦ୍ଧା ଟ.୧୦,୦୯,୧୭୮.୬୫ + ଚୁକ୍ତିନାମା ଅନୁଯାୟୀ ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୧୫.୦୭.୨୦୨୧ / ୦୩.୦୨.୨୦୨୨ (ସାଙ୍କେତିକ) | ଶ୍ରୀ ସାନୁଜ ଦାସଙ୍କ ନାମରେ ଥିବା ଘରବାରୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୧୫/୩୨୮୦ ଏବଂ ୨୧୫/୩୨୮୧, ଖାତା ନଂ.: ୭୭୭/୫୭୧, କିସମ: ଘରବାରୀ, କ୍ଷେତ୍ର: ଏକର୦.୧୮ ଡିସିମିଲି, ମୌଜା: ଗରଜଙ୍ଗା, ଏସ୍‌ଆରଓ: କେନ୍ଦ୍ରାପଡ଼ା, ଥାନା: ପାଟକୁରା ନଂ.: ୨୦୫, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା - ୭୫୪୨୧୩, ଭାରତ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପିଡବ୍ଲୁଡି ନଦୀବନ୍ଧ, ଦକ୍ଷିଣ: ଶ୍ରୀ ଦୈତାରୀ ବେହେରା, ପୂର୍ବ: ଶ୍ରୀ ଦୈତାରୀ ବେହେରା, ପଶ୍ଚିମ: ଶ୍ରୀ ମହେଶ୍ୱର ବେହେରା |

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୪.୦୨.୨୦୨୨ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୫ ଫେବୃୟାରୀ, ୨୦୨୨



## ସଂକ୍ଷେପରେ

### ଡେରାବିଶରେ ନିର୍ବାଚନ ତାତି

ଡେରାବିଶ, ୪।୨(ସ୍ୱ.ପ୍ର.): ଡେରାବିଶ ବ୍ଲକରେ ଚଳିତ ପଞ୍ଚାୟତ ନିର୍ବାଚନ ଆସନ୍ତା ଫେବୃୟାରୀ ୧୬ରେ ଅନୁଷ୍ଠିତ ହେବ। ତେବେ ଏବେଠାରୁ ବ୍ଲକ ଅଞ୍ଚଳରେ ନିର୍ବାଚନୀ ତାତି ଦେଖିବାକୁ ମିଳିଲାଣି। ବ୍ଲକ ଅଧୀନ ୨୬ଟି ପଞ୍ଚାୟତରେ ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ପ୍ରାର୍ଥୀ ରହିଛନ୍ତି। କେତୋଟି ପଞ୍ଚାୟତରେ କଂଗ୍ରେସ ଓ ଭାଜପା ପକ୍ଷରୁ ପ୍ରାର୍ଥୀ ଦିଆଯାଇନାହିଁ। ତେବେ ଯେଉଁ ପଞ୍ଚାୟତରେ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଦିଆଯାଇନାହିଁ ସେଠାରେ ଭାଜପା ପ୍ରାର୍ଥୀଙ୍କୁ କଂଗ୍ରେସ ପକ୍ଷରୁ ସମର୍ଥନ ଦିଆଯାଇଛି। ସମ୍ପୃକ୍ତ ପ୍ରାର୍ଥୀ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ସହ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଅନୁରୂପ ଭାବେ ଭାଜପା ପକ୍ଷରୁ କେତେଗୋଟି ପଞ୍ଚାୟତରେ ସମର୍ଥିତ ପ୍ରାର୍ଥୀ ନାହାନ୍ତି। ସେଠାରେ କଂଗ୍ରେସ ସମର୍ଥିତ ପ୍ରାର୍ଥୀଙ୍କୁ ଭାଜପା ପକ୍ଷରୁ ସମର୍ଥନ ଯୋଗାଇ ଦିଆଯାଇଥିବା କୁହାଯାଉଛି। ବିଜେଡି ପକ୍ଷରୁ ପଞ୍ଚାୟତ ସମିତିକୁ ନିଜ ଅକ୍ତିଆରକୁ ନେବାକୁ ଜୋରଦାର କସରତ ଚାଲିଛି। ଏ ସମ୍ପର୍କରେ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କୁ ପଚାରିବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟ, ବିଭିନ୍ନ ଯୋଜନା ପାଇଁ ସାଧାରଣ ଭୋଟରଙ୍କ ବିଜେଡି ପ୍ରତି ଅକୁଣ୍ଠ ସମର୍ଥନ ମିଳିଛି। ଚଳିତ ପଞ୍ଚାୟତ ନିର୍ବାଚନରେ ବିଜେଡି ପଞ୍ଚାୟତ ସମିତି ଦଖଲ କରିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାଜପା ନେତା ସରୋଜକାନ୍ତ ନାୟକ କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସିଥିବା ପ୍ରଧାନମନ୍ତ୍ରୀଙ୍କ ଆବାସ ଯୋଜନାରେ ବ୍ଲକରେ ବହୁ ଦୁର୍ନୀତି ହୋଇଛି। ଏଥିସହ କେନ୍ଦ୍ରର ବହୁବିଧ ଯୋଜନା ପ୍ରତି ସାଧାରଣ ଲୋକ ଆକୃଷ୍ଟ ହେବାରେ ଲାଗିଛନ୍ତି। ତେବେ ଚଳିତ ନିର୍ବାଚନରେ ଭାଜପା ପଞ୍ଚାୟତ ସମିତିକୁ ନିଜ ଅକ୍ତିଆରକୁ ଆଣିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତେବେ ନିର୍ବାଚନର ଫଳାଫଳ କାହା ସମକ୍ଷରେ ଯିବ ତାହା ଦେଖିବାକୁ ବାକି ରହିଲା।

### ଗ୍ରାମଦେବତୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ରଘୁନାଥପୁର,୪।୨(ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ବ୍ରାହ୍ମଣବାଡ଼ିସ୍ଥିତ ଗ୍ରାମଦେବତୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଓ ବିଶଶାନ୍ତି ଯଜ୍ଞ ଶୁକ୍ରବାର ସମ୍ପନ୍ନ ହୋଇଛି। ୪ ଦିନ ବ୍ୟାପୀ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଗ୍ନି ସ୍ଥାପନ, ବିଗ୍ରହ ସ୍ନାନ ଓ ମା'ଙ୍କ ଗ୍ରାମ୍ୟ ଭ୍ରମଣ ଓ ମନ୍ଦିର ପ୍ରବେଶ ସହ ପୂର୍ଣ୍ଣାହୁତି ଦିଆଯାଇଥିଲା।

### ପାଇଖାନା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ

ବାସୁଦେବପୁର, ୪।୨ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବିରସ ସମେତ ବିଭିନ୍ନ ପଞ୍ଚାୟତରେ ହୋଇଥିବା ପାଇଖାନା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଶୁକ୍ରବାର ଆରମ୍ଭ ହୋଇଛି। ବିରସ ପଞ୍ଚାୟତରେ ପାଇଖାନା ନିର୍ମାଣରେ ଚଞ୍ଚକତା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ସହ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ବ୍ଲକ ପରିସରରେ ପହଞ୍ଚି ପାଇଖାନା ନିର୍ମାଣ ସମ୍ପର୍କିତ ବିଭିନ୍ନ ଫାଇଲ ଓ ହିତାଧିକାରୀଙ୍କ କାଗଜପତ୍ର ଯାଞ୍ଚ କରିଛି।

# ଭାଜପାକୁ ଟକ୍କର ଦେବାକୁ ବିରୋଧୀଙ୍କ ରଣନୀତି

**ରଘୁନାଥପୁର ଜିଲା ପରିଷଦ ୧ନଂ. ଜୋନ୍**



- ଗତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହାରିଥିଲେ
- ଯୋଗ୍ୟତା ଓ ଦକ୍ଷତାକୁ ମାପୁଛନ୍ତି ଭୋଟର

ଜଗତ୍‌ସିଂହପୁର ଅଫିସ, ୪।୨

ଜଗତ୍‌ସିଂହପୁର ଜିଲାର ୨୬ ଜିଲା ପରିଷଦ ଆସନ ମଧ୍ୟରୁ ରଘୁନାଥପୁର ଜିଲା ପରିଷଦ ୧ନଂ. ଜୋନ୍‌ର ଗୁରୁତ୍ୱ ରହିଛି। କାରଣ ୨୦୧୭ ନିର୍ବାଚନରେ ଏହି ଜୋନ୍‌ରେ ବିଜେଡିକୁ ହରାଇ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିଲେ। ଏଥର ଭାଜପାକୁ ଚେକ୍ ଦେବା ପାଇଁ ବିଜେଡି ନେତୃତ୍ୱ ଅଣ୍ଟା ଭିଡିଥିବା ବେଳେ କଂଗ୍ରେସ ପକ୍ଷରୁ ପ୍ରଚାର କାର୍ଯ୍ୟ ଜୋର୍‌ଦାର କରାଯାଇଛି। ଅନ୍ୟପଟେ ପ୍ରାର୍ଥୀଙ୍କ ଯୋଗ୍ୟତା ଓ ଦକ୍ଷତାକୁ ଭୋଟର ପରଖୁଛନ୍ତି। ଏଠାରେ ତ୍ରିମୁଖୀ ଲଢେଇ ହେଉଥିଲେ ସୁଦ୍ଧା ଭାଜପା ଓ ବିଜେଡି ମଧ୍ୟରେ ମୁହାଁମୁହିଁ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି କୁହାଯାଇଛି।

ରଘୁନାଥପୁର ୧ନଂ. ଜୋନ୍‌ଟି ଗତଥର ଅଣସଂରକ୍ଷିତ ଥିବାବେଳେ ଏଥର ଅନୁସୂଚିତ ଜାତି (ମହିଳା)ଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଏହି ଜୋନ କହିଲେ ରଘୁନାଥପୁର, ବରାଗୋଳ, ଜଗନ୍ନାଥପୁର, ତରିକୁନ୍ଦ, ଧରାଧରପୁର, ଗୁଆଳିପୁର, ତାରପୁର, ପୂରଣ ଓଡ଼ପଡ଼ା ଓ ଜଏଶୋଳ ପଞ୍ଚାୟତକୁ ନେଇ ଗଠିତ। ଗତ ନିର୍ବାଚନରେ ଜୋନରେ ଭୋଟର ସଂଖ୍ୟା ୩୨,୩୪୨ ଥିଲା। ଏଥର ଅଧିକ ୨,୩୧୮ ଜଣ ଯୋଡି ହୋଇଛନ୍ତି। ୨୦୧୭ ନିର୍ବାଚନ ଫଳାଫଳ ଦେଖିଲେ ଜଣାଯାଏ ଏହି ଜୋନରୁ ଭାଜପା ପ୍ରାର୍ଥୀ ଅଶୋକ କୁମାର ମହାରଣାଙ୍କୁ ୧୨୦୩୭ ଖଣ୍ଡ, ଅର୍ଥାତ୍ ମୋଟ ମତଦାନର ୩୭.୨୧% ଭୋଟ ମିଳିଥିଲା। ବିଜେଡି ପ୍ରାର୍ଥୀ ପରମାନନ୍ଦ ସ୍ୱାଇଁଙ୍କ ସପକ୍ଷରେ ୧୦୩୮୧ ଖଣ୍ଡ, ଅର୍ଥାତ୍ ୩୨.୦୯% ଭୋଟ ଯାଇଥିଲା। କଂଗ୍ରେସ ପ୍ରାର୍ଥୀ ଗଗନଚନ୍ଦ୍ର ଦାଶଙ୍କୁ ୩୬୨୧ ଖଣ୍ଡ, ଅର୍ଥାତ୍ ୧୧.୧୯% ଭୋଟ ମିଳିଥିଲା। ଏହି ନିର୍ବାଚନରେ ବିଜେଡିର ସ୍ୱାଇଁଙ୍କଠାରୁ ଭାଜପା ପ୍ରାର୍ଥୀ ମହାରଣା ଅଧିକ ୧୬୫୬ ଖଣ୍ଡ ଭୋଟ ପାଇ ସମସ୍ତ ଆକଳନକୁ ଗୋଳମାଳିଆ କରି ଦେଇଥିଲେ। ଜିଲାରେ ବିଜେଡି ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ହାତେଇ ନେଇଥିଲେ ସୁଦ୍ଧା ରଘୁନାଥପୁର ୧ନଂ. ଜୋନ ହାତଛଡା ହେବା ଘଟଣା ଦଳୀୟ ନେତୃତ୍ୱଙ୍କୁ ଶକ୍ତ ଆଘାତ ଦେଇଥିଲା। ଆଗାମୀ ନିର୍ବାଚନରେ ଏହି ଫଳର ପୁନରାବୃତ୍ତି କିପରି ନ ହେବ ସେନେଇ ବିଜେଡି ନେତୃତ୍ୱ ନୂଆ ରଣନୀତି ଆପଣାଉଛନ୍ତି।

ଏଥର ଭାଜପାରୁ ସୁଚିତ୍ରା ଭୋଇ, ବିଜେଡିରୁ ରିନାରାଣୀ ମଲ୍ଲିକ ଓ କଂଗ୍ରେସରୁ ନନ୍ଦିକା ମଲ୍ଲିକ ପ୍ରାର୍ଥୀ ହୋଇଛନ୍ତି। କଂଗ୍ରେସ ପ୍ରାର୍ଥୀ ନନ୍ଦିକା କହିଛନ୍ତି, ସେ ଯୁକ୍ତ ୩ ପାସ ପରେ ଏକ ବେସରକାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ବଡବାପା, ବଡ ଭଉଣୀ ମଧ୍ୟ ବ୍ୟାଙ୍କ ପରିଚାଳକ। ଅତୀତରେ ବଡ ବୋଉ ବରାଗୋଳ ପଞ୍ଚାୟତ ସମିତି ସଭ୍ୟ ଥିଲେ। ବାପା ବେସରକାରୀ ଭାବେ ବିଦ୍ୟୁତ କାମ କରନ୍ତି। ଅର୍ଥ ବଳ ନ ଥିଲେ ମଧ୍ୟ ସେ ଲୋକଙ୍କ ସୁଖଦୁଃଖରେ ସାଥୀ ହୋଇପାରିବେ ବୋଲି ସେ କହିଛନ୍ତି। ଇତିମଧ୍ୟରେ ବରାଗୋଳ ଓ ଜଏଶୋଳ ପଞ୍ଚାୟତରେ ଘର ଘରକୁ ବୁଲି ପ୍ରଚାର କରିଛନ୍ତି। ଏହି ସମୟରେ ଭଲ ସମର୍ଥନ ମିଳିଛି ବୋଲି ନନ୍ଦିକା ପ୍ରକାଶ କରିଛନ୍ତି। ନିର୍ବାଚନରେ ଜନମତ ତାଙ୍କ ସପକ୍ଷରେ ଯିବାନେଇ ସେ ଆଶାବାଦୀ ରହିଛନ୍ତି। ବିଜେଡି ପ୍ରାର୍ଥୀ ରିନାରାଣୀ କହିଛନ୍ତି, ସ୍ୱାମୀ ଦୀର୍ଘ ୨୦ ବର୍ଷ ଧରି ବିଜେଡିର ଜଣେ ସକ୍ରିୟ କର୍ମୀ ଭାବରେ କାମ କରିଆସୁଛନ୍ତି। ୨୦୧୩ ନିର୍ବାଚନରେ ସ୍ୱାମୀ ଗୁଆଳିପୁର ପଞ୍ଚାୟତ ସମିତି ସଭ୍ୟ ପ୍ରାର୍ଥୀ ହୋଇ ୧୧ ଖଣ୍ଡ ଭୋଟରେ ହାରିଯାଇଥିଲେ। କିନ୍ତୁ ଲୋକଙ୍କ ସେବାରେ ସେ ନିଜକୁ ଉତ୍ସର୍ଗ କରିଦେଇଥିବାରୁ ବହୁ ଜନ ସମର୍ଥନ ମିଳୁଛି। ଏଥିମଧ୍ୟରେ ପାଖାପାଖି ୪ ମାସ ହେବ ସେ ଜୋନ ଅନ୍ତର୍ଗତ ୯ଟି ପଞ୍ଚାୟତ ବୁଲି ନିଜ ସପକ୍ଷରେ ଜନମତ ସୃଷ୍ଟି କରିବାରେ ଲାଗିଛନ୍ତି। ରଘୁନାଥପୁର, ଧରାଧରପୁର, ଗୁଆଳିପୁର, ଜୟଶୋଳ ଆଦି ପଞ୍ଚାୟତରେ ଅଧିକ ଭଲ ଫଳ ମିଳିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଗତ ଥର ଅପେକ୍ଷା ଏଥର ନିର୍ବାଚନୀ ପରିବେଶ ବଦଳି ଥିବାରୁ ସେ ଜିତିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଭାଜପା ପ୍ରାର୍ଥୀ ସୁଚିତ୍ରା କହିଛନ୍ତି, ତାଙ୍କ ସ୍ୱାମୀ ଗତ କରୋନା ମହାମାରୀ ସମୟରେ ଲୋକଙ୍କୁ ସହଯୋଗ କରିଥିଲେ। ଏଥିସହ ଭତ୍ତାଠାରୁ ଅନ୍ୟ ସରକାରୀ ଯୋଜନା କିପରି ଲୋକେ ପାଇବେ ସେନେଇ ବିଶେଷ ଦାୟିତ୍ୱ ନେଇଥିଲେ। ଏନେଇ ପ୍ରତି ପଞ୍ଚାୟତରୁ ଭଲ ଭୋଟ ମିଳିବାର ଥିଲେ ସୁଦ୍ଧା ତରିକୁନ୍ଦ, ବରାଗୋଳ, ଜୟଶୋଳ, ଗୁଆଳିପୁର, ପୂରଣ ଓଡ଼ପଡ଼ା ଓ ଜଗନ୍ନାଥପୁରରୁ ତାଙ୍କ ସପକ୍ଷରେ ଅଧିକ ଭୋଟ ଆସିବ ବୋଲି ସେ କହିଛନ୍ତି।

### ପ୍ରାଥମିକ କୃଷି ସମବାୟ ସମିତିର ଧାନ ମଣ୍ଡି ଖୋଲିଲା

ନାଉଗାଁ,୪।୨(ସ୍ୱ.ପ୍ର)

ନାଉଗାଁ ବ୍ଲକର ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଧାନ ମଣ୍ଡି ଖୋଲାଯାଇଛି। ଏହାକୁ ବ୍ଲକ ଯୋଗାଣ ଅଧିକାରୀ ଅମିୟ ରଞ୍ଜନ ପ୍ରଧାନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମଣ୍ଡିରେ ପ୍ରଥମ ପର୍ଯ୍ୟାୟରେ ୩ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି। ମିଲର ଭାବେ ସମ୍ବଲପୁରର ଓମ ସାଇ ଫୁଡ ପ୍ରଡକ୍ଟ ଓ ଶାନ୍ତି ରାଇସ ମିଲ୍‌କୁ ଦାୟିତ୍ୱ ଦିଆଯାଇଛି। ପ୍ରଥମ ଦିନରେ ୧୫ ଜଣ ଚାଷୀଙ୍କଠାରୁ ୩୨୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଏଆରସିଏସ୍ ଜଗତ୍‌ସିଂହପୁରର ଶିବ ପ୍ରସାଦ ମହାନ୍ତି, ମନୋରଞ୍ଜନ ଦାସ, ଜ୍ୟୋତି ପ୍ରକାଶ ଲେଙ୍କା, ବିରଞ୍ଚି କୁମାର ପରିଡା,ଅଜୟ ସ୍ୱାଇଁ, ଅନୁପ କୁମାର ମହାନ୍ତି,ଉମେଶ ସ୍ୱାଇଁ ଓ ଅନିଲ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

### ଦଳ ବିରୋଧୀ କାର୍ଯ୍ୟ, ବିଜେଡିରୁ ୨ ବିଦା

ରାଜନଗର, ୪।୨ (ଡି.ଏନ.ଏ.)

ବିଜେଡିରେ ଥାଇ ଦଳୀୟ ଶୃଙ୍ଖଳା ଭଙ୍ଗ କରି ବିରୋଧୀ କାମ କରିବା ୨ ଜଣଙ୍କୁ ମହଙ୍ଗା ପଡିଛି। କେନ୍ଦ୍ରାପଡ଼ା ଜିଲା ଯୁବ ବିଜେଡି ସମ୍ପାଦକ ବିକ୍ରମ କୁମାର ବାରିକ ଦଳ ବିରୋଧୀ କାମ କରିଥିବାରୁ ତାଙ୍କୁ ଜିଲା ଯୁବ ବିଜେଡି ସଭାପତି ରାଜେଶ କୁମାର ଦାସ ନିଲମ୍ବନ କରିଛନ୍ତି। ଏଥିସହ ଦଳ ବିରୋଧୀ କାମ ପାଇଁ ବାଘମାରି ପଞ୍ଚାୟତର ମନୋରଞ୍ଜନ ମଣ୍ଡଳଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି ବୋଲି ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ ପ୍ରେସ ବିବୃତିରେ ଜଣାଇଛନ୍ତି।

# ୫ ନଂ. ଜୋନ୍‌ରେ ତ୍ରିମୁଖୀ ଲଢ଼େଇ

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୨**



**ଆସନ ଅକ୍ତିଆର ପାଇଁ ସବୁ ପ୍ରାର୍ଥୀ ତତ୍ପର**

କେନ୍ଦ୍ରାପଡ଼ା ଅଫିସ, ୪।୨

କେନ୍ଦ୍ରାପଡ଼ା ଜିଲାରେ ଆସନ୍ତା ୨୨ ତାରିଖରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ଭୋଟ୍ ଗ୍ରହଣ ହେବ। କେନ୍ଦ୍ରାପଡ଼ା ବ୍ଲକ ୫ ନଂ. ଜୋନ୍ ଜିଲା ପରିଷଦ ପଦବୀ ପାଇଁ ୩ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଅନ୍ନପୂର୍ଣ୍ଣା ମଲ୍ଲିକ କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଭାଜପାରୁ ପଦ୍ମିନୀ ମଲ୍ଲିକ ଓ ବିଜେଡିରୁ ଲିଳିତା ଦାସ ପ୍ରାର୍ଥୀ ହୋଇଛନ୍ତି। ଏହି ୩ ପ୍ରାର୍ଥୀ ନବାଗତା। ଲିଳିତା ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏଲଏଲବି କରିଛନ୍ତି। ସେହିପରି ପଦ୍ମିନୀ ବିଏ ପାସ କରିଥିବା ବେଳେ ଅନ୍ନପୂର୍ଣ୍ଣାଙ୍କ ଶିକ୍ଷାଗତ ଯୋଗ୍ୟତା ନବମ ପାସ। ଏହି ଆସନକୁ ଦଖଲ କରିବାକୁ ସବୁ ପ୍ରାର୍ଥୀ ତତ୍ପର ହୋଇ ଉଠିଛନ୍ତି। ଏହି ଜୋନରେ ଡୋଳ ପଞ୍ଚାୟତର ୧୪ ୱାର୍ଡରେ ୩୦୭୪ ଭୋଟର ଅଛନ୍ତି। ସେହିପରି ଧୁମାତରେ ୧୭ ୱାର୍ଡର ୪୫୯୩, ଘାଘରାରେ ୧୨ ୱାର୍ଡର ୩୨୨୫, ଇନ୍ଦୁପୁରରେ ୧୨ ୱାର୍ଡର ୪୧୧୧, କୋରୋରେ ୧୮ ୱାର୍ଡର ୫୧୬୩, କୁତରଙ୍ଗରେ ୧୧ ୱାର୍ଡର ୧୮୫୭, ନିକିରାଇରେ ୨୪ ୱାର୍ଡର ୬୮୧୨ ଓ ଚାରିଗାଁ ପଞ୍ଚାୟତର ୧୨ ୱାର୍ଡରେ ୩୩୮୩ ଭୋଟର ମତଦାନ ପାଇଁ ଚିହ୍ନଟ ହୋଇଛନ୍ତି। ଏହି ତ୍ରିମୁଖୀ ଲଢ଼େଇରେ ସ୍ଥାନୀୟ ସମସ୍ୟା ସହିତ ରାଜନୈତିକ ସଙ୍ଗଠନ ଫଳାଫଳକୁ ପ୍ରଭାବିତ କରିବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ରାଜନୈତିକ ବିଶ୍ଳେଷକ ଶିବାଶିଷ ମହାନ୍ତି, ପ୍ରଶାନ୍ତ କୁମାର ନାୟକ, ମୀର ଅବୁ ଓବେଦା ପ୍ରମୁଖ କହିଛନ୍ତି, ଜୋନ ଅଞ୍ଚଳର ଅର୍ଥନୀତି କୃଷି ପର୍ଯ୍ୟବସିତ। ସ୍ଥାନୀୟ ସମସ୍ୟା ମଧ୍ୟରେ କ୍ଷେତକୁ ଜଳ ପରିଚାଳନା ମୁଖ୍ୟ ହୋଇଥିବା ବେଳେ ଗ୍ରାମ୍ୟ ରାସ୍ତା ନିର୍ମାଣରେ ବହୁ ଅନିୟମିତତା ଅଛି। ଏହାବ୍ୟତୀତ ସ୍ଥାନୀୟ ଅଞ୍ଚଳର ଐତିହ୍ୟ ସଂରକ୍ଷଣ ପ୍ରତି ପୂର୍ବରୁ କୌଣସି ସଫଳ ଉଦ୍ୟମ ହୋଇପାରିନାହିଁ। ଜୋନ ଅଞ୍ଚଳରେ ସିଏଚ୍‌ସି ହୋଇଛି। ତେବେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଉନ୍ନତିକୁ ପ୍ରାର୍ଥୀମାନେ ପ୍ରାଥମିକତା ଦେଇଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଏହି ଜୋନରେ ଭାଜପାର ରେଶମୀ ଚକ୍ରବର୍ତ୍ତୀ ନିର୍ବାଚିତ ହୋଇଥିଲେ। ଦ୍ୱିତୀୟ ସ୍ଥାନରେ ବିଜେଡି ପ୍ରାର୍ଥୀ ଥିଲେ। ଚଳିତ ନିର୍ବାଚନରେ ଏହି ଜୋନ୍ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି। ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଏଠାରେ ପ୍ରାର୍ଥୀ ଦେଇଥିବାରୁ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହେବ। ଭାଜପା ପୂର୍ବରୁ ଏଠାରେ ଜିତାପଟ ନେଇଥିବା ବେଳେ କଂଗ୍ରେସ ପ୍ରାର୍ଥୀଙ୍କର ରାଜନୈତିକ ଅଭିଜ୍ଞତା ଅଛି। ଅପରପକ୍ଷରେ ବିଜେଡି ଏଠାରେ ଶିକ୍ଷିତା ପ୍ରାର୍ଥୀ ଦେଇ ଗତ ନିର୍ବାଚନ ପରାଜୟକୁ ଭୁଲିବାକୁ ଚେଷ୍ଟା କରୁଛି। ଦଳୀୟ ନେତାମାନେ ମହିଳା ସଙ୍ଗଠନ ସହ ଯୋଗାଯୋଗରେ ରହିଛନ୍ତି। ଏଥିସହ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ରଣନୀତି ପ୍ରସ୍ତୁତ କରିଛି। ହାତରେ ପ୍ରାୟ ୧୮ ଦିନ ଥିବାରୁ ୩ ପ୍ରାର୍ଥୀ ପ୍ରଚାରକୁ ଜୋରଦାର କରିଛନ୍ତି ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି। ନିର୍ବାଚନରେ ଥିବା ୩ ପ୍ରାର୍ଥୀ ବିଜୟକୁ ନେଇ ଆଶାବାଦୀ ବୋଲି ମତ ଦେଇଛନ୍ତି।

# ୭୮୩ କିଆରିରେ ଶସ୍ୟକାଟ ଅନୁମୋଦନ



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**ଜିଲାସ୍ତରୀୟ ପ୍ରଧାନମନ୍ତ୍ରୀ ଫସଲ ବୀମା ପର୍ଯ୍ୟବେକ୍ଷଣ କମିଟି ବୈଠକ**

ଜଗତ୍‌ସିଂହପୁର ଅଫିସ, ୪।୨

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସଂକ୍ରାନ୍ତୀୟ ଜିଲାସ୍ତରୀୟ ପର୍ଯ୍ୟବେକ୍ଷଣ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାରୁଲ୍ ପଟୱାରୀ ପୌରୋହିତ୍ୟ କରି କହିଥିଲେ. କମିଟିର ବୈଠକକୁ ତହସିଲଦାରମାନଙ୍କୁ ଡକାଯାଉ। ଏଥିସହ ବୀମା କମ୍ପାନୀ ଦ୍ୱାରା କରାଯାଉଥିବା ଶସ୍ୟକାଟ ଆକଳନ ସମୟରେ ସମ୍ପୃକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକମାନେ ଉପସ୍ଥିତ ରୁହନ୍ତୁ। ବୈଠକରେ ଶାରଦ ଧାନ ଫସଲ ପାଇଁ ଜଗତସିଂହପୁର ପୌରପରିଷଦ ଓ ଜିଲାର ୧୯୮ ପଞ୍ଚାୟତକୁ ମିଶାଇ ମୋଟ ୧୯୯ ଅଞ୍ଚଳର ୭୯୬ଟି କିଆରିରେ ଶସ୍ୟକାଟ ସମ୍ପର୍କିତ ଆକଳନକୁ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯାଇଥିଲା । ଯୋଜନା ଓ ପରିସଂଖ୍ୟାନ ବିଭାଗ ଉପ-ନିର୍ଦ୍ଦେଶିକା ସବିତା ସାହୁ ଏହା ଉପରେ ସବିଶେଷ ତଥ୍ୟ ରଖିଥିଲେ। ସର୍ବସମ୍ମତି କ୍ରମେ ୭୮୩ଟି କିଆରିର ଶସ୍ୟକାଟ ଆକଳନ ଅନୁମୋଦନ ଲାଭ କରିଥିଲା।ଅବଶିଷ୍ଟ ୧୩ଟିକୁ ରାଜ୍ୟସ୍ତରୀୟ ପର୍ଯ୍ୟବେକ୍ଷଣ କମିଟି ଦ୍ୱାରା ଆଶୁ ସମାଧାନ ନିମନ୍ତେ ପଠାଯାଇଥିଲା। ଚଳିତ ବର୍ଷର ଧାନ ଅମଳ ଓ ବିଗତ ବର୍ଷର କ୍ଷୟକ୍ଷତିରେ ଆଧାରରେ ଫସଲ ବୀମା ଯୋଗାଇଦେବା ପାଇଁ ସରକାର ପଦକ୍ଷେପ ନେବେ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଜିଲା ମୁଖ୍ୟ କୃଷି ଅଧିକାରୀ ଆର୍.କେ. ଦାସ ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ବିଶ୍ୱଭୂଷଣ ମହାନ୍ତି, ବିଭିନ୍ନ ବ୍ୟାଙ୍କ, ବୀମା କମ୍ପାନୀର ପରିଚାଳକ, ଜିଲାସ୍ତରୀୟ ପର୍ଯ୍ୟବେକ୍ଷଣ କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ସବିତା ସାହୁ ଧନ୍ୟବାଦ ଦେଇଥିଲେ।

### ୩୦ ବସ୍ତା ଧାନ ନଷ୍ଟ କଲା ଦନ୍ତା



ସଜନାଗଡ଼, ୪।୨(ଡି.ଏନ.ଏ.)

ନୀଳଗିରିରେ କିଛି ଦିନ ଧରି ୨ଟି ଦନ୍ତା ଆତଙ୍କ ଖେଳାଇ ଚାଲିଥିବା ବେଳେ ଅନେକଙ୍କ ଘର ମଧ୍ୟ ଭାଙ୍ଗିଛି। ଫଳରେ ବନାଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଗୁରୁବାର ମଧ୍ୟରାତ୍ରିରେ ସିଙ୍ଗିରି ଗ୍ରାମରେ ଧୀରେନ୍ଦ୍ର ବାରିକଙ୍କ ଘରେ ଥିବା ୩୦ବସ୍ତା ଧାନକୁ ଦନ୍ତା ନଷ୍ଟ କରିଛି। ଯେତିକି ଖାଇଛି, ତା'ଠୁ ଅଧିକ ନଷ୍ଟ କରିଛି। ନୀଳଗିରି ଅଞ୍ଚଳରେ ହାତୀଦାଉରୁ କ୍ଷୟକ୍ଷତି କମିବାରେ ନାଁ ନେଉନାହିଁ। ପରିବାର ଲୋକ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଧୀରେନ୍ଦ୍ର ଜଣେ ଗରିବ ଲୋକ ହୋଇଥିବାରୁ ତାର ବର୍ଷକର ଅମଳ ଧାନ ନଷ୍ଟ ହୋଇଯାଇଛି। ସେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ବନବିଭାଗ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି।

# ୨ଶିଶୁଙ୍କ ମୃତଦେହକୁ ଝୁଣି ଖାଇଲେ କୁକୁର

ବାଲେଶ୍ୱର ଅଫିସ, ୪।୨

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପୂର୍ବପଟ କଲେଜ ରାସ୍ତାରେ ଶୁକ୍ରବାର ପଡି ରହିଥିବା ଦୁଇ ଶିଶୁଙ୍କ ମୃତଦେହକୁ କୁକୁର ଝୁଣି ଖାଉଥିବା ଦେଖିବାକୁ ମିଳିଥିଲା। ଅଦିନିଆ ବର୍ଷାରେ ହସ୍ପିଟାଲ ଭିତରୁ ପାଣି ରାସ୍ତା ଉପରକୁ ଉଠି ଆସିଥିଲା। ସେଥିରେ ଏହି ଦୁଇ ଶିଶୁଙ୍କ ମୃତଦେହ ଭାସି ଆସିଥିବା କୁହାଯାଇଛି। ଖବରପାଇ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ହସ୍ପିଟାଲ୍‌ରୁ ଆସିନାହିଁ ବୋଲି କହି ପଳାଇ ଯାଇଥିଲେ। ଏନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଚିକିତ୍ସାଳୟରେ ବର୍ଷା ଜଳ ନିଷ୍କାସନ ପାଇଁ ଉଚିତ୍ ବ୍ୟବସ୍ଥା ନ ଥିବାରୁ ଟିକିଏ ବର୍ଷାରେ ହସ୍ପିଟାଲର ଆବର୍ଜନା ପାଣି ରାସ୍ତା ଉପରକୁ ଚାଲିଆସେ।

# ବିଦ୍ୟାଳୟ ଗୃହ ଭାଙ୍ଗି କ୍ଲବ ନିର୍ମାଣ ଅଭିଯୋଗ



ସ୍କୁଲ ଘରକୁ ଭାଙ୍ଗି ଦିଆଯାଇଛି।

ପଟ୍ଟାମୁଣ୍ଡାଇ, ୪।୨(ସ୍ୱ.ପ୍ର.)

**ମାମଲା ରୁଜୁ କଲେ ତହସିଲଦାର**

ପଟ୍ଟାମୁଣ୍ଡାଇ ବ୍ଲକ ବଡମୁଳବସନ୍ତ ପଞ୍ଚାୟତ ନସିପୁର ପ୍ରାଥମିକ ବିଦ୍ୟାଳୟର ଗୃହ ଭାଙ୍ଗି କ୍ଲବ ଘର ନିର୍ମାଣ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିହାରବାଳା ଦାଶ ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ, ପଟ୍ଟାମୁଣ୍ଡାଇ ବିଡିଓ ଓ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ। ତହସିଲଦାର ଦିଲୀପ କୁମାର ସେଠୀ ଭଙ୍ଗା ଯାଇଥିବା ସ୍କୁଲ ଗୃହ ପରିଦର୍ଶନ କରି ଜାଣିବାକୁ ପାଇଲେ ଯେ ମରାମତି ଆଳରେ ବେଆଇନ ଭାବେ ସ୍କୁଲ ଗୃହ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଛି। ସେଠାରେ କେତେଜଣ ଯୁବକ କ୍ଲବ ଘର ନିର୍ମାଣ କରିବା ଅପରିଣାମଦର୍ଶୀ କାର୍ଯ୍ୟ। ଏ ନେଇ ତହସିଲଦାର ସେଠୀ ଏକ ମାମଲା ରୁଜୁ କରି ସ୍କୁଲ ଗୃହ ଭାଙ୍ଗି କ୍ଲବ ନିର୍ମାଣ କରିବା କାର୍ଯ୍ୟ ବନ୍ଦ କରିଛନ୍ତି। ଆଗାମୀଦିନରେ ତଦନ୍ତ କରାଯିବ ବୋଲି ତହସିଲଦାର ସେଠୀ କହିଛନ୍ତି। ଏହି ତଦନ୍ତରେ ବ୍ଲକ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପରିଡା, ବିଡିଓ ଭରତ ଚନ୍ଦ୍ର ପରିଡାଙ୍କ ସମେତ ପଟ୍ଟାମୁଣ୍ଡାଇ ପୋଲିସ ଉପସ୍ଥିତ ରହିବେ। ଯେଉଁମାନେ ପିଲାମାନଙ୍କ ପାଠ ପଢାରେ ବ୍ୟାହତ ସୃଷ୍ଟି କରି ମନମୁଖି ଭାବେ ସ୍କୁଲ ଗୃହ ଭାଙ୍ଗି ଦେଇଛନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଏହି ସ୍କୁଲରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଜୁଆଣିଆ ପଞ୍ଚାୟତରେ ୧ କୋଟି ଦୁର୍ନୀତି ଅଭିଯୋଗ

ଆଳି,୪।୨(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଜୁଆଣିଆ ପଞ୍ଚାୟତରେ ବିକାଶ ନାମରେ ଆସୁଥିବା ଅର୍ଥ ତୋସରପାତ ହୋଇଥିବା ନେଇ ଅଭିଯୋଗ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ଜୁଆଣିଆ ପଞ୍ଚାୟତର ସଚେତନ ନାଗରିକଙ୍କ ପକ୍ଷରୁ ହଦୁଆ ଗାଁରେ ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସରକାର ପଞ୍ଚାୟତର ବିକାଶ ନିମନ୍ତେ କୋଟି କୋଟି ଟଙ୍କା ଯୋଗାଇ ଦେଉଛନ୍ତି। ହେଲେ ଏଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ହୋଇଛି ବୋଲି ଖବରଦାତା ସମ୍ମିଳନୀରେ ପୂର୍ବତନ ସରପଞ୍ଚ ଅଚ୍ୟୁତାନନ୍ଦ ସ୍ୱାଇଁ, ପ୍ରଶାନ୍ତ ସାମଲ, ନବକିଶୋର ପଲାଇ, ଦେବଦାସ ମଲିକ, ଶୈଳେନ୍ଦ୍ର ଛାଟୋଇ ଓ ସଚେତନ ନାଗରିକମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନର ସରପଞ୍ଚ ଗତ ୫ ବର୍ଷ ମଧ୍ୟରେ ପଞ୍ଚାୟତରେ ଅଧାପନ୍ତରିଆ କାମ କରି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଅଭିଯୋଗ କରିଛନ୍ତି।

ସେମାନେ କହିଥିଲେ, ହଦୁଆ ଗ୍ରାମକୁ ଆଲୋକୀକରଣ ବାବଦରେ ୪ ଲକ୍ଷ ୪୦ହଜାର ୨୭୦ ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ଷ୍ଟ୍ରିଟ ଲାଇଟ ଖୁଣ୍ଟ ବଦଳରେ ବିଭାଗୀୟ ବିଦ୍ୟୁତ ଖୁଣ୍ଟରେ ଗୋଟିଏ ଲେଖାଏ ବଲ ଲଗାଯାଇ ସମ୍ପୂର୍ଣ୍ଣ ବିଲ୍ ହୋଇଛି। ମଝି ଜୁଆଣିଆ ତାରିଣୀ ପୋଖରୀ ଖୋଳାରେ ୧୧ ଲକ୍ଷ ୫୧ ହଜାର ୧୦୫ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି କିନ୍ତୁ ଏବେବି ତାହା ଏକ ଦଳପୂର୍ଣ୍ଣ ଜଳାଶୟ ହୋଇ ରହିଛି। ଏହାର ଚାରି ପାଖ କେବଳ ବାଉଣ୍ଡାରି ହୋଇଛି। ବର୍ଷା ଦିନେ ପୋଖରୀ ସୌନ୍ଦର୍ଯ୍ୟ ଯୋଜନାରେ ତଳ ଜୁଆଣିଆ ହନୁମାନ ପୋଖରୀ ପାଇଁ ୧୧ ଲକ୍ଷ ୪୩ ହଜାର ୩୬୭ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ତେଣୁ ବର୍ଷାଦିନେ ଯାହା କାମ ହୋଇଥିବ ତାହା ଜଳଜଳ ଦେଖାଯାଉଛି। ମଝି ଜୁଆଣିଆ ଶିବ ମନ୍ଦିର ନିକଟରେ ୧୭ ଲକ୍ଷ ୪୮ ହଜାର ୫୮୪ ଟଙ୍କାର ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। କିନ୍ତୁ ଏଠାରେ କେବଳ ବାଉଣ୍ଡାରୀ ୱାଲ ଛଡ଼ା ଆଉ କିଛି ହୋଇନାହିଁ। ଜୁଆଣିଆ ବାଳିକା ବିଦ୍ୟାଳୟ ନିକଟରେ ଏକ ପାର୍କ ନିର୍ମାଣ ହୋଇଥିବା ଦର୍ଶାଇ ୧୪ ଲକ୍ଷ ୩୬ ହଜାର ୮୬୮ ଟଙ୍କାର ବିଲ୍ କରାଯାଇଛି। କିନ୍ତୁ ପାର୍କରେ ଆବଶ୍ୟକ ଉପକରଣ ନାହିଁ। ହଦୁଆ ଖେଳ ପଡିଆରେ କେବଳ ମାଟି ପକାଯାଇ ୧୬ ଲକ୍ଷ ୮୯ ହଜାର ଟଙ୍କା ଖର୍ଚ୍ଚ ଦର୍ଶାଯାଇଛି। ଜୁଆଣିଆ ପଞ୍ଚାୟତ ଅଫିସ୍ ଗୃହ ମରାମତି ବାବଦରେ ୪,୮୪,୪୮୭ଟଙ୍କା ଖର୍ଚ୍ଚ ଦର୍ଶାଯାଇଛି କିନ୍ତୁ କାମ ହୋଇନାହିଁ। ପଞ୍ଚାୟତ ଶୌଚାଳୟ ପାଇଁ ୨ଲକ୍ଷ ଟଙ୍କା କାଗଜ ପତ୍ରରେ କେବଳ ରହିଛି ଆଉ ଟଙ୍କା ଉଠାଇ ନିଆ ଯାଇଛି। ଲାପଟପ୍ କିଣାରେ ୧,୧୯,୯୮୦ ଟଙ୍କା ଉଠାଯାଇଥିବା ଜଣାପଡିଛି କିନ୍ତୁ ଲାପଟପର ଚିହ୍ନବର୍ଣ୍ଣ ନାହିଁ। ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନା ପୂଜା ମଣ୍ଡପ ତିଆରି ପାଇଁ ୧ ଲକ୍ଷ ୮୪ ହଜାର ୧୪୩ ଟଙ୍କା ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଛି କିନ୍ତୁ କାମ ହୋଇନାହିଁ। ଏପରିକି ଚାଷୀମାନଙ୍କ ନିମନ୍ତେ ନିର୍ମାଣ ହୋଇଥିବା ଜୁଆଣିଆ କ୍ରିକ ବାବଦରେ ୨ କୋଟି ୨୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ତାରିଣୀ ମନ୍ଦିରଠାରେ ତାକୁ ଏନକ୍ଲୋଜ କରାଯାଇ ଏମ୍‌ଜିଏନ୍‌ଆରଇଜିଏସରେ ପୋଖରୀ ଖୋଳାଯାଇ ଚାଷୀମାନଙ୍କ ସହ ବିଶ୍ୱାସଘାତକ କରାଯାଇଛି। ଏପରି ଭାବେ ସରକାରଙ୍କ ଅନୁଦାନକୁ ସଦୁପଯୋଗ ନ କରି ହରିଲୁଟ ହୋଇଥିବା ସମ୍ମିଳନୀରେ ଗାଁର କେତେଜଣ ସରପଞ୍ଚଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ସହ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଏ ସମ୍ପର୍କରେ ଜୁଆଣିଆ ସରପଞ୍ଚ ସ୍ୱାପ୍ନାରାଣୀ ନାୟକ କହିଛନ୍ତି, କୋଭିଡ -୧୯ ଯୋଗୁ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଟଙ୍କା ଆସିନାହିଁ। ପଞ୍ଚାୟତରେ ଯେତିକି କାମ ହୋଇଛି ତାହାର ୩୦ ପ୍ରତିଶତ ଟଙ୍କା ଆସିଛି। ନିର୍ବାଚନ ସମୟ ହୋଇଥିବାରୁ ବିରୋଧୀ ଅଭିଯୋଗ ଆଣିଛନ୍ତି। ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ। ଆଳି ବିଡିଓ ଦ୍ୱିବେନ୍ଦୁ ଦାସଙ୍କୁ ପଚାରିବାରେ ଅଭିଯୋଗ ମିଳିଛି। ବ୍ଲକର ଇଞ୍ଜିନିୟର ଟିମ ପଠାଯାଇ ତଦନ୍ତ କରାଯିବ। ତଦନ୍ତ ପରେ ଯଦି ଦୁର୍ନୀତି କରାଯାଇଥିବା ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବ୍ୟକ୍ତିମାନେ।

## ସଂକ୍ଷେପରେ

### ୭ରୁ ହାଇବ୍ରିଡ୍ ମୋଡ୍‌ରେ ଚାଲିବ ହାଇକୋର୍ଟ

**କଟକ ଅଫିସ, ୪।୨:** ଆସନ୍ତା ୭ ତାରିଖରୁ ହାଇକୋର୍ଟ ହାଇବ୍ରିଡ(ଭର୍ଚୁଆଲ ଓ ଫିଜିକାଲ) ମୋଡ୍‌ରେ ଚାଲିବ। ଏ ନେଇ ହାଇକୋର୍ଟ ରେଜିଷ୍ଟ୍ରାର ଜୁଡିସିଆଲ ଶୁକ୍ରବାର ନିର୍ଦ୍ଦେଶ ଜାରି କରିଛନ୍ତି। ୭ ତାରିଖରୁ ଶତ ପ୍ରତିଶତ କର୍ମଚାରୀଙ୍କୁ ନେଇ ହାଇକୋର୍ଟରେ ମାମଲାର ଶୁଣାଣି ଜାରି ରହିବ। ସୂଚନାଯୋଗ୍ୟ, କରୋନା ମହାମାରୀକୁ ଦୃଷ୍ଟିରେ ରଖି ଜାନୁୟାରୀ ୧୦ରୁ ଫେବୃୟାରୀ ୪ ତାରିଖ ପର୍ଯ୍ୟନ୍ତ କେବଳ ଭିଡିଓ କନଫରେନ୍ସରେ ହାଇକୋର୍ଟରେ ମାମଲାର ଶୁଣାଣି ହେଉଥିଲା। ସେହିପରି ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ହାଇକୋର୍ଟ ଚାଲୁଥିଲା। ରାଜ୍ୟରେ କରୋନା ସଂକ୍ରମଣ କମୁଥିବାରୁ ସରକାରଙ୍କ ନୂଆ ଗାଇଡ୍‌ଲାଇନ ଅନୁଯାୟୀ ହାଇକୋର୍ଟ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

### ଦଶପଲ୍ଲାରେ ଖଣି ବିଭାଗ ପକ୍ଷରୁ ସର୍ଭେ



**ଦଶପଲ୍ଲା,୪।୨(ଡି.ଏନ୍.ଏ.):** ଦୀର୍ଘଦିନ ପରେ କେନ୍ଦ୍ର ସରକାରଙ୍କ ଖଣି ବିଭାଗ ଭୂ-ବିଜ୍ଞାନ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ତୁମାଣ୍ଡିଠାରେ ସିସା(ଗ୍ରାଫାଇଟ୍)ଖଣି ପାଇଁ ସର୍ବେକ୍ଷଣ ଆରମ୍ଭ ହୋଇଛି। କୋଲ୍‌କତାସ୍ଥିତ ମାହେଶ୍ୱରୀ କମ୍ପାନୀ ଏହି ଦାୟିତ୍ୱ ନେଇଥିବା ବେଳେ ଏହାର କର୍ମଚାରୀମାନେ ଦଶପଲ୍ଲାରେ ପହଞ୍ଚି ସର୍ଭେ ଆରମ୍ଭ କରିଛନ୍ତି। ତୁମାଣ୍ଡିଠାରେ କେତେ ଏରିଆରେ ଏହି ସିସା ଖଣି ରହିଛି ଓ କି ପ୍ରକାରର ସିସା ରହିଛି, ତାହାର ସର୍ବେକ୍ଷଣ ଚାଲିଛି। ଉକ୍ତ କମ୍ପାନୀ ପକ୍ଷରୁ ଡ୍ରିଲିଂ ମେଶିନ ଦ୍ୱାରା ଏହାର ଖନନ କରାଯାଇ ପରୀକ୍ଷା କରାଯାଉଛି। ନିର୍ଦ୍ଦେଶକ କଲର ବେହେରା ଓ ଫିଲ୍ଡ ଅଫିସର ତାରିଣୀ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଏହି ସର୍ବେକ୍ଷଣ ଚାଲିଛି। ଖୁବ୍‌ଶୀଘ୍ର ତୁମାଣ୍ଡିଠାରେ ଥିବା ଏହି ଖଣି ପାଇଁ ଟେଣ୍ଡର ହେବା ସମ୍ଭାବନା ରହିଛି। ସୂଚନାଯୋଗ୍ୟ, ପୂର୍ବରୁ ଦଶପଲ୍ଲା ସରିଗଣ୍ଡାଠାରେ ଏକ ଗ୍ରାଫାଇଟ୍ ଫ୍ୟାକ୍ଟ୍ରି କାର୍ଯ୍ୟ କରୁଥିଲା। ମାତ୍ର କିଛିବର୍ଷ ଚାଲିବା ପରେ ତାହା ବନ୍ଦ ହୋଇଯାଇଥିଲା। ଏହି ଫ୍ୟାକ୍ଟ୍ରି ପାଇଁ ଖଣି ବିଭାଗ ପକ୍ଷରୁ ପୂର୍ବରୁ ଦଶପଲ୍ଲାର ତୁମାଣ୍ଡି ସହ ବିଭିନ୍ନ ସ୍ଥାନରେ ସର୍ବେକ୍ଷଣ କରାଯାଇ ଗ୍ରାଫାଇଟ୍ ଉତ୍ତୋଳନ କରାଯାଉଥିଲା। ଏହି ଫ୍ୟାକ୍ଟ୍ରି ବନ୍ଦ ହୋଇଯିବା ପରେ ଦଶପଲ୍ଲା ଶିଳ୍ପବିହୀନ ହୋଇପଡ଼ିଥିଲା। କେବଳ ତୁମାଣ୍ଡି ନୁହେଁ, ଦଶପଲ୍ଲାର ବିଭିନ୍ନ ସ୍ଥାନରେ ଏହି ସିସା ଖଣି ରହିଛି। ମାତ୍ର ଏବେ ଭାରତ ସରକାରଙ୍କ ଖଣି ବିଭାଗ ପକ୍ଷରୁ ଗ୍ରାଫାଇଟ ବା ସିସା ଉତ୍ତୋଳନ ପାଇଁ ସର୍ବେକ୍ଷଣ ଚାଲିଥିବାରୁ ଏଠାରୁ ଉତ୍ତୋଳନ କରାଯାଇ ବାହାର ରାଜ୍ୟକୁ ଯିବ ନା ପୁଣି ଦଶପଲ୍ଲାରେ ସିସା ଶିଳ୍ପ ଗଢ଼ି ଉଠିବ, ତାହା ଦେଖିବାକୁ ବାକି ରହିଛି।

### ଦିଲ୍ଲୀ ପରେଡରେ ଛାତ୍ରୀ ଆକାଂକ୍ଷା

**କେନ୍ଦ୍ରାପଡା ଅଫିସ, ୪।୨:** ଇଚ୍ଛା ଓ ଉଦ୍ୟମ ଥିଲେ ଅର୍ଥନୈତିକ ସମସ୍ୟା ବାଧା ସୃଷ୍ଟି କରିପାରେ ନାହିଁ। କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ରୀ ଆକାଂକ୍ଷା ରାଉତ ଏହାର ଉଦାହରଣ ସାଜିଛନ୍ତି। ଗତ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀଠାରେ ଆୟୋଜିତ ପରେଡରେ ରାଷ୍ଟ୍ରୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଓଡ଼ିଶାର ୬ ଜଣଙ୍କ ମଧ୍ୟରୁ ଜଣେ ଥିବା ଆକାଂକ୍ଷା ଗୁରୁବାର ଘରକୁ ଫେରିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ଗ୍ରାମଠାରୁ ଜିଲାସ୍ତର ପର୍ଯ୍ୟନ୍ତ ଶୁଭେଚ୍ଛାର ଶୁଅ ଛୁଟିଛି। ତାଙ୍କ ସମ୍ପର୍କରେ ବଛରାଇ ସରପଞ୍ଚ ଗୌରୀରାଣୀ ପ୍ରଧାନ କୁହନ୍ତି, ଆକାଂକ୍ଷା ପଢ଼ିବା ସହିତ ଅନ୍ୟ ବ୍ୟବହାର ବହୁତ ଭଲ। ଛୋଟ ବୟସରୁ ଅନ୍ୟକୁ ସାହାଯ୍ୟ ଓ ସାମାଜିକ ସଚେତନତା ପାଇଁ ଉଦ୍ୟମ କରିବା ବିଭିନ୍ନ ସମୟରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଆକାଂକ୍ଷାଙ୍କ ବାପାଙ୍କ ପରଲୋକ ପରେ ଆର୍ଥିକ ସ୍ଥିତି ଖରାପ ଦିଗକୁ ଗତି କରିଛି। ତେବେ ମା’ ପ୍ରେମଲତାଙ୍କ ସହଯୋଗରେ ସେ ପଞ୍ଚାୟତର ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଆସିଛନ୍ତି। ମା’ ପ୍ରେମଲତା କହିଛନ୍ତି, ଝିଅକୁ ପୋଲିସ କିମ୍ବା ସୈନ୍ୟ ବିଭାଗରେ ଭର୍ତ୍ତି କରିବା ମୂଳ ଲକ୍ଷ୍ୟ ରହିଛି। ନିଜର କୃତିତ୍ୱ ସମ୍ପର୍କରେ ଆକାଂକ୍ଷା କହିଛନ୍ତି, ହିନ୍ଦୁ ସଂସ୍କୃତିରେ ଅନ୍ୟକୁ ସହଯୋଗ କରିବା ପ୍ରତ୍ୟେକଙ୍କର ସହଜାତ ପ୍ରବୃତ୍ତି। ଏହି ସଂସ୍କାର ମୋ ପରିବାର, ଗୁରୁଜନ ଓ ଶିକ୍ଷାନୁଷ୍ଠାନରୁ ଶିଖିଛି। ଜାତୀୟ ସେବା ଯୋଜନାରେ ଦିଲ୍ଲୀରେ ପହଞ୍ଚିବା ପାଇଁ ବିଭିନ୍ନ ସ୍ତରରେ ପରୀକ୍ଷା ହୋଇଛି। ତେବେ ଏଥିରେ ଉତ୍ତୀର୍ଣ୍ଣ ହୋଇ ପ୍ରଧାନମନ୍ତ୍ରୀଙ୍କ ସଚିବ ଜିତେନ୍ଦ୍ର ଚଢ଼ାଙ୍କ ଦସ୍ତଖତରେ ପ୍ରମାଣପତ୍ର ପାଇବା ଆଗକୁ ଯିବାକୁ ପ୍ରେରଣା ଯୋଗାଇଛି।

# ଝାଡ଼ଖଣ୍ଡରେ ଜମତରା ଗ୍ୟାଙ୍ଗ ମାଷ୍ଟରମାଇଣ୍ଡ୍

**ସାଇବର ଠକେଇ**
- ସରିଲା ୩ ଅଭିଯୁକ୍ତଙ୍କ ରିମାଣ୍ଡ ଅବଧି
- ୭ ରାଜ୍ୟରେ ୫୫ ମାମଲା, ତେଲଙ୍ଗାନାରେ ୪୫
- ମୁମ୍ବାଇରୁ ଆସୁଛି ବ୍ୟାଙ୍କ ତଥ୍ୟ

ଭୁବନେଶ୍ୱର,୪।୨(ବ୍ୟୁରୋ)

ଭୁବନେଶ୍ୱରରେ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିବା ଜମତରା ଗ୍ୟାଙ୍ଗର ୩ଜଣ ସାଇବର ଲୁଟେରାଙ୍କ ୪ ଦିନିଆ ରିମାଣ୍ଡ ଅବଧି ସରିଛି। ଶୁକ୍ରବାର ସେମାନଙ୍କୁ ପୁଣି ଜେଲ୍ ପଠାଇ ଦିଆଯାଇଛି। ତେବେ ଏମାନଙ୍କୁ ଜେରାବେଳେ ପୋଲିସକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଏହି ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ଝାରଖଣ୍ଡରେ ରହିଛନ୍ତି। ସେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସମେତ ପୂରା ର୍ୟାକେଟକୁ ପରିଚାଳନା କରୁଥିଲେ ବୋଲି କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏଡିଜି କହିଛନ୍ତି, ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ୍ ମୁମ୍ବାଇରୁ ଜଣେ ବ୍ୟକ୍ତିଙ୍କଠାରୁ ବ୍ୟାଙ୍କ ଗ୍ରାହକଙ୍କ ତଥ୍ୟ ସଂଗ୍ରହ କରି ସଦସ୍ୟଙ୍କ ଦ୍ୱାରା ଠକେଇ କରୁଥିଲେ। ସେମାନେ ଯେଉଁ ମୋବାଇଲର ସିମ୍‌କାର୍ଡ ବ୍ୟବହାର କରୁଥିଲେ, ତାହାର ଆଇଏମ୍‌ଇଆଇ ସମ୍ପର୍କରେ ସମସ୍ତ ରାଜ୍ୟକୁ ସୂଚନା ଦିଆଯାଇଥିଲା। ୭ଟି ରାଜ୍ୟରେ ଏମାନଙ୍କ ବିରୋଧରେ ୫୫ଟି ମାମଲା ରହିଥିବା ଜଣାପଡିଛି। ଏମାନଙ୍କ ବିରୋଧରେ ସର୍ବାଧିକ ୪୫ଟି ଠକେଇ ମାମଲା ତେଲଙ୍ଗାନାରେ ରହିଛି। ଏହି ଗ୍ୟାଙ୍ଗ ଉତ୍ତରପ୍ରଦେଶରେ ଦୁଇଟି ମାମଲାରେ ସମ୍ପୃକ୍ତ ଥିବାବେଳେ ଗୋରଖପୁରର ଖଜାନିରୁ ୩ଲକ୍ଷ ୮୬ହଜାର ଟଙ୍କାର ସାଇବର ଠକେଇ ଅଭିଯୋଗ ରହିଛି। ଏଥିସହ କର୍ନାଟକ, ଦାଦ୍ରାନଗର ହାବେଳି, ପଶ୍ଚିମବଙ୍ଗରେ ଗୋଟିଏ ଲେଖାଏ ମାମଲା ଏବଂ ଝାଡ଼ଖଣ୍ଡ ଓ ଉତ୍ତରାଖଣ୍ଡର ଦୁଇଟି ଲେଖାଏ ମାମଲାରେ ଏହି ଗ୍ୟାଙ୍ଗ୍‌ର ସମ୍ପୃକ୍ତି ରହିଛି। ମାଷ୍ଟରମାଇଣ୍ଡଙ୍କୁ ଧରିବାକୁ ତଦନ୍ତ ଚାଲିଛି। ଏଥିସହ ବ୍ୟାଙ୍କ ସମ୍ପର୍କିତ ତଥ୍ୟ ଦେଉଥିବା ବ୍ୟକ୍ତିଙ୍କ ସମ୍ପର୍କରେ କିଛି ତଥ୍ୟ ମିଳିଛି। ତାଙ୍କୁ ଧରିବାକୁ କ୍ରାଇମବ୍ରାଞ୍ଚର ଏକ ଟିମ୍ ଖୁବ୍‌ଶୀଘ୍ର ମୁମ୍ବାଇ ଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷେ ସାଇବର ଠକେଇରୁ ବର୍ତ୍ତିବା ପାଇଁ ଏଡିଜି ପଣ୍ଡା ଲୋକଙ୍କୁ ସଚେତନ କରାଇଛନ୍ତି। ସେ କହିଛନ୍ତି, ଅଜଣା ନମ୍ବରରୁ ଆସୁଥିବା କଲ୍ ଓ ମେସେଜ ପ୍ରତି ସତର୍କ ରୁହନ୍ତୁ। କୌଣସି ବ୍ୟକ୍ତିଗତ ନମ୍ବରରୁ କେହି କଲ୍ କରି ତଥ୍ୟ ମାଗିଲେ ସତର୍କ ରହିବା ସହ ବ୍ୟାଙ୍କ ଓଟିପିକୁ କାହାକୁ ନ ଦେବାକୁ ସେ କହିଛନ୍ତି। ଏଥିସହ ମୋବାଇଲକୁ ଆସୁଥିବା ଅଜଣା କଲ୍ ନମ୍ବର ବାବଦରେ ଜାତୀୟ ସାଇବର ଅପରାଧ ପୋର୍ଟାଲରେ ଅଭିଯୋଗ କରିବାକୁ ସେ କହିଛନ୍ତି।

# ସୀମାନ୍ତରେ ଗାଡ଼ି ଜାଳିଦେଲେ ମାଓବାଦୀ

ମାଲକାନଗିରି,୪।୨(ଡି.ଏନ.ଏ.)


ମାଓବାଦୀମାନେ ପୋଡ଼ି ଦେଇଥିବା ଟିପ୍ପର।

ସୀମାନ୍ତରେ ପୁଣି ନିଜ ସ୍ଥିତି ଜାହିର କରିଛନ୍ତି ମାଓବାଦୀ। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲାରେ ଶୁକ୍ରବାର ମାଓବାଦୀମାନେ ହିଂସାର ଆଶ୍ରୟ ନେଇଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଦୁଇଟି ଟିପ୍ପରକୁ ନିଆଁ ଲଗାଇ ପୋଡି ଦେଇଛନ୍ତି। କାତ୍ରୁରୁ ଥାନା ଅନ୍ତର୍ଗତ ବରଗାପଡା ଗ୍ରାମ ନିକଟରେ ଏହି ରାସ୍ତା ନିର୍ମାଣ ଚାଲିଥିବା ବେଳେ ସକାଳେ ୪୦/୫୦ ଜଣ ସଶସ୍ତ୍ର ମାଓବାଦୀ ସେଠାରେ ପହଞ୍ଚି ଦୁଇଟି ଟିପ୍ପରରେ ନିଆଁ ଲଗାଇ ଦେଇଥିଲେ। ଏଥିସହ ରାସ୍ତା କାମ ବନ୍ଦ କରିବାକୁ ଧମକ ଦେଇ ଚାଲିଯାଇଥିଲେ। ଏହି ଘଟଣା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ପୋଲିସ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

# ନିର୍ବାଚନ, ବିକାଶମୂଳକ କାର୍ଯ୍ୟଠାରୁ ଦୂରେଇ ରହିବାକୁ ଚେତାବନୀ

**ମାଓବାଦୀଙ୍କୁ ବିରୋଧକରି ଲାଗିଲା ପୋଷ୍ଟର**

ମାଲକାନଗିରି,୪।୨(ଡି.ଏନ.ଏ.)

ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳ ଯନ୍ତ୍ରୀରେ ଗୁରୁବାର ନିର୍ବାଚନକୁ ନେଇ ମାଓବାଦୀଙ୍କ ଧମକପୂର୍ଣ୍ଣ ପୋଷ୍ଟର ଲାଗିବା ପରେ ଶୁକ୍ରବାର ସ୍ୱାଭିମାନ ଅଞ୍ଚଳର ସମାନ ସ୍ଥାନରେ ମାଓବାଦୀଙ୍କୁ ବିରୋଧକରି ପୋଷ୍ଟର ଲାଗିଛି। ମାଓବାଦୀ ବିରୋଧୀ ସଙ୍ଗଠନ ଆଣ୍ଟି ନକ୍ସଲ ପିପୁଲ ପିସ୍ ଫୋର୍ସ(ଏଏନ୍‌ପିପିଏଫ୍) ଏହି ପୋଷ୍ଟର ଲଗାଇଛି। ମାଓବାଦୀଙ୍କୁ ନିର୍ବାଚନଠାରୁ ଦୂରରେ ରହିବା ସହ ବିକାଶମୂଳକ କାର୍ଯ୍ୟରେ ବାଧକ ନ ସାଜିବାକୁ ଏଥିରେ କୁହାଯାଇଛି। ସ୍ୱାଭିମାନ ଅଞ୍ଚଳ ମାଓବାଦୀଙ୍କ ପୈତୃକ ସମ୍ପତ୍ତି ନୁହେଁ ଯେ, ସେମାନେ ଯାହା ଚାହିଁବେ ସେଇଆ ହେବ। ଗଣତନ୍ତ୍ର ବିରୋଧୀ ମାଓବାଦୀ ରାଜନୀତିରୁ ଦୂରରେ ରୁହ ନଚେତ୍ ପରିଣାମ ଭୟଙ୍କର ହେବ ବୋଲି ଏହି ପୋଷ୍ଟରରେ କଡ଼ା ଚେତାବନୀ ଦେଇଛି ଏଏନ୍‌ପିପିଏଫ୍। ସ୍ୱାଭିମାନ ଅଞ୍ଚଳର ଭୋଟରଙ୍କୁ ନିର୍ଭୟରେ ମତଦାନ ପାଇଁ ସଙ୍ଗଠନ ଉତ୍ସାହିତ କରିଛି। ମାଓବାଦୀଙ୍କୁ ଭୟ କରିବାର କୌଣସି ଆବଶ୍ୟକତା ନାହିଁ। ଆମେ ସେମାନଙ୍କୁ ପୂର୍ବରୁ ଉଚିତ ଜବାବ ଦେଇଛୁ। ମାଓବାଦୀମାନେ ନିଜକୁ ନ ସୁଧାରିଲେ ସେମାନଙ୍କୁ ସମୂଳେ ନାଶ କରାଯିବ। ସିପିଆଇ ମାଓବାଦୀ ମୁର୍ଦ୍ଦାବାଦ ବୋଲି ଏହି ପୋଷ୍ଟରରେ ଉଲ୍ଲେଖ ରହିଛି।


ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସରେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

# ବସ୍ ମାଲିକଙ୍କ ଗାଡ଼ି ଉପରେ ବୋମାମାଡ଼

**ଅଭିଯୁକ୍ତ ଗିରଫ, ବନ୍ଧୁକ, ବୋମା ଜବତ**

ସାକ୍ଷୀଗୋପାଳ,୪।୨(ଡି.ଏନ.ଏ)


ତଦନ୍ତ କରିବାକୁ ଆସିଥିବା ଅଧିକାରୀ।

ପୁରୀ ଜିଲା ସତ୍ୟବାଦୀ ବ୍ଲକର ବିଲିପଡା ସାମିଲ ବଡେଇକେରା ଗ୍ରାମରେ ଜଣେ ବସ୍ ମାଲିକଙ୍କ ଗାଡ଼ି ଉପରେ ଶୁକ୍ରବାର ଭୋର ସମୟରେ ଏକ ବୋମମାଡ଼ ହୋଇଛି। ଏହି ବୋମାମାଡ଼ ବସ୍ ମାଲିକଙ୍କ ଡ୍ରାଇଭର କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୪୭/୨୨) ରୁଜୁ କରି ତଦନ୍ତ କରି ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ସଞ୍ଜୟ ସୁକାରୀ ଓରଫ ମୁନା। ଅଭିଯୁକ୍ତଙ୍କଠାରୁ ଗୋଟିଏ ବନ୍ଧୁକ ଓ ବୋମା ଜବତ କରାଯାଇଛି। ଖବର ଅନୁଯାୟୀ, ବସ୍ ମାଲିକ ସୁବାସ ଚନ୍ଦ୍ର ବରାଳଙ୍କ ବସ୍‌ରେ ସଞ୍ଜୟ ଡ୍ରାଇଭର ଭାବେ କାମ କରୁଥିଲେ। ସେ ଯାତ୍ରୀମାନଙ୍କୁ ଦୁର୍ବ୍ୟବହାର ଓ ବସଭଡ଼ା ଆୟ ହେରଫେର କରୁଥିଲେ। ଏହି କଥା ସୁବାସ ଜାଣିବା ପରେ ସଞ୍ଜୟଙ୍କୁ କାମରୁ ବାହାର କରି ଦେଇଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ମାଲିକଙ୍କୁ ପୂର୍ବରୁ ଧମକ ଦେଇଥିବା ବେଳେ ସଞ୍ଜୟ ଶୁକ୍ରବାର ଭୋରୁ ସୁବାସଙ୍କ ଘର ପାଖରେ ରହିଥିବା ବସ୍ ନିକଟକୁ ବୋମାମାଡ଼ କରି ପଳାଇଥିଲେ। ଦୁଇଟି ବୋମା ବିସ୍ଫୋରଣ ହୋଇଥିଲେ ଅନ୍ୟ ଦୁଇଟି ଅଫୁଟା ହୋଇ ପଡ଼ିଥିଲା। ପରେ ସୁବାସ ଘଟଣା ସମ୍ପର୍କରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଖବରପାଇ ସତ୍ୟବାଦୀ ଥାନା ଆଇଆଇସି ଦିଲୀପ କୁମାର ଧଳ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସେଠାରେ ପୋଲିସ ମୁତୟନ କରିବା ସହ ବୋମା ନିଷ୍କ୍ରିୟକାରୀ ଦଳକୁ ଡକାଯାଇଥିଲା। ପୋଲିସ ତଦନ୍ତ କରି ବାଲିପଡା ଗ୍ରାମରୁ ଅଭିଯୁକ୍ତ ଡ୍ରାଇଭରଙ୍କୁ କାବୁ କରିଥିବା ବେଳେ ଅଧିକ ତଦନ୍ତ ଚଳାଇ ଏସ୍‌ଡିପିଓ ଦେବଦତ୍ତ ବରାଳ କହିଛନ୍ତି।

# ନିଶାବଟିକା ଦେଇ ଡାକ୍ତରଙ୍କ ଶାରୀରିକ ସମ୍ପର୍କ

- ଯୁବତୀଙ୍କ ଅଭିଯୋଗ, ଡାକ୍ତରଙ୍କ ନାମରେ ମାମଲା
- ୨ଥର କରିଥିଲେ ଗର୍ଭପାତ

ସମ୍ବଲପୁର,୪।୨(ବ୍ୟୁରୋ)

ନିଶା ବଟିକା ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ ଜଣେ ଡାକ୍ତର। ସମ୍ବଲପୁର ଜିଲା ବୁର୍ଲା ଥାନାରେ ଗତ ୧ତାରିଖରେ ଏହି ଅଭିଯୋଗ ଆଣିଛନ୍ତି ଯୁବତୀ ଜଣକ। ତାଙ୍କ ଅଭିଯୋଗ କ୍ରମେ ନୂଆପଡା ଜିଲାରେ କାର୍ଯ୍ୟରତ ଡାକ୍ତର କମଳାକାନ୍ତ ସାହୁଙ୍କ ନାମରେ ପୋଲିସ ମାମଲା (ନଂ.୬୯/୨୨) ରୁଜୁକରି ତଦନ୍ତ କରୁଛି। ପୋଲିସ ତଦନ୍ତ ଆଳରେ ଅଭିଯୁକ୍ତ ଡାକ୍ତରଙ୍କୁ ଗିରଫ କରୁ ନ ଥିବା କୁହାଯାଉଛି। ଅନ୍ୟପଟେ ଡାକ୍ତର ସାହୁ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି।

ସୂଚନା କ୍ରମେ ଡାକ୍ତର କମଳାକାନ୍ତ ବୁର୍ଲା ଭିମ୍‌ସାରରେ ପଢୁଥିବା ସମୟରେ ଯୁବତୀ ଜଣଙ୍କ ନିଜ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ଯାଇଥିଲେ। ଏହି ସମୟରେ ଡାକ୍ତର ଯୁବତୀଙ୍କ ସହ ସମ୍ପର୍କ ବଢାଇଥିଲେ। ଧୀରେ ଧୀରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ପରେ କମଳାକାନ୍ତ ଯୁବତୀଙ୍କୁ ବାହାରକୁ ବୁଲାଇନେବାକୁ କହି ନିଶାବଟିକା ଦେଇ ବଳାତ୍କାର କରିଥିଲେ। ଯୁବତୀ ଜଣକ ଗର୍ଭଧାରଣ କରିଥିବା ଜାଣିବା ପରେ ଅଭିଯୁକ୍ତ ଡାକ୍ତର ତାଙ୍କୁ ଔଷଧ ଦେଇ ଗର୍ଭପାତ କରିଥିଲେ। ପରେ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥଲେ। ଯୁବତୀ ପୁଣିଥରେ ଗର୍ଭଧାରଣ କରିବାରୁ ଡାକ୍ତର ତାଙ୍କ ଗର୍ଭପାତ କରିଥିଲେ। କମଳାକାନ୍ତଙ୍କ ନୂଆପଡା ଜିଲାରେ ପୋଷ୍ଟିଂ ହେବା ପରେ ଯୁବତୀଙ୍କଠାରୁ ଦୂରେଇ ଯାଇଥିଲେ। ତାଙ୍କୁ ବିବାହ କରିବାକୁ ଯୁବତୀ କହିବାକୁ ସେ ମନା କରି ଦେଇଥିଲେ। ଶେଷରେ ଅନ୍ୟ ଉପାୟ ନ ପାଇ ଯୁବତୀ ଜଣଙ୍କ ଆଇନର ଆଶ୍ରୟ ନେଇଛନ୍ତି। ଜଣେ ଡାକ୍ତର ହୋଇ ଗର୍ଭପାତ କରାଇବା ଓ ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଉଛି। ଏ ସମ୍ପର୍କରେ ବୁର୍ଲା ଥାନା ଅଧିକାରୀ କମଳ ଲୋଚନ ପଣ୍ଡା କହିଛନ୍ତି, ଯୁବତୀଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା ରୁଜୁ ହୋଇଛି। ଯୁବତୀଙ୍କ ଡାକ୍ତରୀ ମାଇନା ସହ ୧୬୪ରେ ବୟାନ ରେକର୍ଡ କରାଯାଇଛି। ପ୍ରମାଣ ସଂଗ୍ରହ କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

# ଓଡ଼ଗାଁରୁ ଗଲା ରୁକୁଣା ରଥ କାଠ

ଓଡ଼ଗାଁ, ୪।୨ (ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବନାଞ୍ଚଳ ଓ ବାହାଡ଼ାଖୋଲା ସେକ୍ସନ ଡହଙ୍ଗୀ ଗାଁରୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ନିମନ୍ତେ କାଠ ସଂଗ୍ରହ କରାଯାଇଛି। ଗାଁରେ ବିଜେ ମା’ ବ୍ରାହ୍ମଣୀ ଦେବୀଙ୍କ ମନ୍ଦିର ପରିସରରେ ଥିବା ଶତାୟୁ ବେଲଗଛ ନିକଟରେ ରଥ ନିମନ୍ତେ କାଠର ପୂଜାର୍ଚ୍ଚନା ହୋଇଛି। ବନ କର୍ମଚାରୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ରଥ କାଠ ଛେଦନ କରାଯାଇଥିଲା। ଏଥିପାଇଁ ଶତାୟୁ ବେଲଗଛ ସହିତ କାଂସ ଓ ଶିମିଳି ଗଛକୁ ଚୟନ କରାଯାଇଥିଲା। ରୁକୁଣା ରଥ ପାଇଁ ଆବଶ୍ୟକ ମୁତାବକ ବେଲ, କାଂସ ଓ ଶିମିଳି ଗଛ ଛେଦନ କରାଯାଇ ୨ ଗଣ୍ଡି ଲେଖା ୬ ଗଣ୍ଡି କାଠ ପଠାଯାଇଛି। ଏଥିରେ ସ୍ଥାନୀୟ ରେଞ୍ଜର ଅମ୍ରିତ୍ କୁମାର ସାହୁ, ବାହାଡ଼ାଖୋଲା ବନପାଳ ସନାତନ ସ୍ୱାଇଁ, ବନରକ୍ଷୀ ଧରଣୀଧର ନାୟକ, ସୁନୀଲ କୁମାର ନାୟକ, କବିରାଜ ସାହୁ ଓ ଫରେଷ୍ଟ ସ୍କ୍ୱାଡ୍ ସହିତ ଡହଙ୍ଗୀ ଗ୍ରାମବାସୀ ଯୋଗଦେଇଥିଲେ। ରଥ କାଠ ଅନୁକୂଳ, ପୂଜାର୍ଚ୍ଚନା ସମୟରେ ମନ୍ଦିର ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। କାଠ ଛେଦନ ପରେ ଭୁବନେଶ୍ୱର ଶ୍ରୀଲିଙ୍ଗରାଜଙ୍କ ରଥଖଳାକୁ ସମସ୍ତ କାଠଗଣ୍ଡି ଟ୍ରକ୍‌ରେ ପଠାଯାଇଛି। ଶ୍ରୀପଞ୍ଚମୀରେ ରଥକାଠ ଅନୁକୂଳ ହେବାର ବିଧି ରହିଛି।


ଓଡ଼ଗାଁଠାରେ ରୁକୁଣା ରଥ ଲାଗି କାଠ କଟା ଯିବା ପୂର୍ବରୁ ଗଛକୁ ପୂଜାର୍ଚ୍ଚନା କରାଯାଉଛି।

# ଖଣି କାର୍ଯ୍ୟାଳୟରେ ପୁରୁଣା ଫାଇଲ ପୋଡ଼ି

**ବଡ଼ ଦୁର୍ନୀତି ସନ୍ଦେହ, ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ**

ଯାଜପୁର ଅଫିସ/
କଳିଙ୍ଗନଗର(ଡି.ଏନ.ଏ.),୪।୨


ପୋଡ଼ାଯାଇଥିବା ଫାଇଲ୍।

ଯାଜପୁରରୋଡ୍‌ର ଧବଳଗିରିସ୍ଥିତ ଖଣି ଉପନିର୍ଦ୍ଦେଶାଳୟ(ଡିଡିଏମ୍) କାର୍ଯ୍ୟାଳୟର ପଛପଟେ ର ଶତାଧିକ ସରକାରୀ ଫାଇଲ ପୋଡ଼ି ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଫାଇଲ ପୋଡ଼ା କାର୍ଯ୍ୟ ପ୍ରାୟ ୨ ଘଣ୍ଟା ଧରି ଚାଲିଥିଲା। ଜଣେ ଅଧିକାରୀ ୨ ଜଣ ପିଅନଙ୍କୁ ଲଗାଇ ଏଭଳି କାମ କରିଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ମିଳିଛି। ଏ ସଂକ୍ରାନ୍ତରେ ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ରାଉତ ଟୁଇଟ୍ ଯୋଗେ ମୁଖ୍ୟମନ୍ତ୍ରୀ, ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ, ଖଣି ଓ ଇସ୍ପାତ ବିଭାଗ, ଯାଜପୁର ଜିଲାପାଳଙ୍କୁ ତଦନ୍ତ ଦାବି କରିଛନ୍ତି। ସେ ଆହୁରି ଦର୍ଶାଇଛନ୍ତି ଯେ, ଯାଜପୁର ରୋଡ ଖଣି ବିଭାଗ ଦ୍ୱାରା ବିଭିନ୍ନ ସମୟରେ ଦୁର୍ନୀତି ଓ ଅନିୟମିତତା ହେଉଥିବା ଅଭିଯୋଗ ହୋଇଆସୁଛି। କେତେକ ଗୁରୁତ୍ୱପୂର୍ଣ୍ଣ ଫାଇଲକୁ ପୋଡ଼ି ଦେଇ ପରେ ନ ମିଳିବାର ବାହାନା ଦେଖାଇ ଖଣି, ଟ୍ରାନ୍ସପୋର୍ଟ ଆଦି ବହୁ ସଂସ୍ଥାଙ୍କଠାରୁ ଅଯାଚିତ ଅନୁକମ୍ପା ନିଆଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ପ୍ରମାଣ ନଷ୍ଟ କରିବାକୁ ଯାଇ ଫାଇଲ ପୋଡ଼ା ସ୍ଥାନରେ ପାଉଁଶ ଆସ୍ତରଣ ଦିଆଯାଇଥିବା କୁହାଯାଉଛି।

ସୂଚନାଯୋଗ୍ୟ ଯେ, ଡିଡିଏମ୍ କାର୍ଯ୍ୟାଳୟର କେତେଜଣ ଅଧିକାରୀ ମାସିକ ଖଣି କମ୍ପାନୀ ପକ୍ଷରୁ ଦରମା ପାଉଥିବା କୁହାଯାଇଛି। ୨୦୨୦ରେ ଏକ ଖଣି କମ୍ପାନୀର ସିନିୟର ମ୍ୟାନେଜର ଦେଇଥିବା ଇ-ମେଲରୁ ଏହା ପ୍ରମାଣିତ ହୋଇ ସାରିଛି। ଏହି କ୍ରମରେ କୌଣସି ଦୁର୍ନୀତି କିମ୍ବା ଅନିୟମିତତାର ସମ୍ଭାବ୍ୟ ତଦନ୍ତ ସୂଚନା ପାଇ ଗୁରୁତ୍ୱପୂର୍ଣ୍ଣ ଫାଇଲଗୁଡ଼ିକୁ ପୋଡ଼ି ଦିଆଯାଇଥିବା ସନ୍ଦେହ କରାଯାଉଛି।

ଯାଜପୁର, କେନ୍ଦୁଝର, ଅନୁଗୋଳ ଆଦି ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ କଡ଼ରେ ବିଭିନ୍ନ ସମୟରେ ଚୋରା ଲୁହାପଥର ଠାବ ହେଉଛି। ଏହି ବିପୁଳ ପରିମାଣର ଲୁହାପଥର କେଉଁଠୁ ଆସିଲା ସେନେଇ ଖଣି ବିଭାଗ ସ୍ୱଷ୍ଟ ଉତ୍ତର ରଖି ପାରୁନାହିଁ। ଏହାକୁ ନେଇ ପ୍ରାୟ ୧୦ ବର୍ଷ ତଳର ଖଣି ଦୁର୍ନୀତିର ପୁଣି ପୁନରାବୃତ୍ତି ହେଉଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଖଣି ବିଭାଗ ଓ ପାରାଦୀପ ପୋର୍ଟର କେତେଜଣ ଅସାଧୁ କର୍ମଚାରୀଙ୍କ ସହଯୋଗରେ ନକଲି ଚାଲାଣ କାଟି ଚୋରା ଲୁହାପଥର ପରିବହନ କରାଉଥିବା ଏଥିରୁ ସନ୍ଦେହ କରାଯାଉଛି। ପାଖାପାଖି ୧୦ ବର୍ଷ ତଳେ ଯୋଡ଼ା ଖଣି ଅଞ୍ଚଳରୁ ୫୯,୨୦୩ କୋଟି ଟଙ୍କାର ଲୁହାପଥର ଓ ମାଙ୍ଗାନିଜ ଅନୁମତିଠାରୁ ଅଧିକ ଉତ୍ତୋଳନ କରାଯାଇ ଚୋରାଚାଲାଣ ହୋଇଥିବା ସାହା କମିଶନ ରିପୋର୍ଟରୁ ଜଣାପଡ଼ିଥିଲା।

ଫାଇଲ ପୋଡ଼ି ସଂକ୍ରାନ୍ତରେ ଯାଜପୁର ରୋଡ୍ ଡିଡିଏମ୍ ପ୍ରିୟଦର୍ଶୀ ସନ୍ଦୀପ କୁମାର ବଳଙ୍କୁ ପଚାରିବାରେ ସେ କହିଛନ୍ତି, ସାପ ପଶିଯିବାରୁ ସୁରକ୍ଷା ଦୃଷ୍ଟିରୁ ଫାଇଲଗୁଡ଼ିକୁ ପୋଡ଼ି ଦିଆଯାଇଛି। ଏଥିରେ କୌଣସି ଅନିୟମିତତା କିମ୍ବା ଦୁର୍ନୀତିର ଖବର ନାହିଁ। ବର୍ତ୍ତମାନ ଅନ୍‌ଲାଇନରେ ସବୁ କାମ ହେଉଥିବାରୁ ପୁରୁଣା ଫାଇଲର କିଛି ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି।

ଧରିତ୍ରୀ DHARITRI
ଶନିବାର, ୫ ଫେବୃୟାରୀ, ୨୦୨୨



ନିକଟରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ହୋଇଥିବା ହରିକୃଷ୍ଣ ହୀରା କମ୍ପାନୀର ମାଲିକ ସାବଜି ଢୋଲକିଆ ୫୦ କୋଟି ଟଙ୍କାର ଏକ ନୂଆ ହେଲିକପ୍ଟର ସାମାଜିକ କାର୍ଯ୍ୟ ପାଇଁ ସୁରଟବାସୀଙ୍କୁ ଦାନ କରିଛନ୍ତି। ଢୋଲକିଆଙ୍କୁ ମେଡିକାଲ ଓ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ପାଇଁ ତାଙ୍କ ପରିବାର ସଦସ୍ୟ ଏହି ହେଲିକପ୍ଟର ଦେଇଥିଲେ।



## ସଂକ୍ଷେପରେ

### ଏନ୍‌ଇଇଟି ପ୍ରସଙ୍ଗରେ ଡିଏମ୍‌କେ ସଦସ୍ୟଙ୍କ କକ୍ଷତ୍ୟାଗ

**ନୂଆଦିଲ୍ଲୀ,୪।୨ (ପି.ଟି.):** ଏନ୍‌ଇଇଟି ପରୀକ୍ଷାରୁ ତାମିଲନାଡୁକୁ ବାଦ୍ ଦେବା ଲାଗି ଡିଏମ୍‌କେ ସରକାର ବିଧାନସଭାରେ ଗୃହୀତ କରାଇଥିବା ବିଲ୍‌କୁ ରାଜ୍ୟପାଳ ଆର୍.ଏନ୍. ରବି ଫେରାଇ ଦେଇଥିଲେ। ରାଜ୍ୟପାଳଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ରାଜ୍ୟ ସଭାରେ ଡିଏମ୍‌କେ ଏବଂ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ଶୂନ୍ୟକାଳରେ ଡିଏମ୍‌କେ ସଦସ୍ୟମାନେ ଏହି ପ୍ରସଙ୍ଗ ଉଠାଇ ଏହା ଉପରେ ଆଲୋଚନା ଦାବି କରିଥିଲେ। ଗୃହର ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଏଥିରେ ରାଜି ହୋଇ ନ ଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସଙ୍ଗ ଆଲୋଚନା ବେଳେ ଉକ୍ତ ପ୍ରସଙ୍ଗ ଉଠାଇବାକୁ ଭେଙ୍କାୟା କହିଥିଲେ। ଡିଏମ୍‌କେ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଯାଇ ଏହାର ପ୍ରତିବାଦ କରୁଥିବାବେଳେ କଂଗ୍ରେସ ସଦସ୍ୟ ଏହାକୁ ସମର୍ଥନ କରିଥିଲେ। ପରେ ଡିଏମ୍‌କେ ସଦସ୍ୟମାନେ କକ୍ଷତ୍ୟାଗ କରି ଚାଲିଯାଇଥିଲେ।

### ଜେଏନ୍‌ୟୁର ବିବାଦୀୟ ଭିସି ହେଲେ ୟୁଜିସି ଅଧ୍ୟକ୍ଷ



**ନୂଆଦିଲ୍ଲୀ,୪।୨:** ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ)ର ବିବାଦୀୟ କୁଳପତି ଏମ୍. ଜଗଦୀଶ କୁମାରଙ୍କୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଉଚ୍ଚଶିକ୍ଷା ନିୟନ୍ତ୍ରକ ଭାବେ ସେ ୫ ବର୍ଷ କାର୍ଯ୍ୟ କରିବେ ବୋଲି ଶୁକ୍ରବାର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଗତ ଡିସେମ୍ବର ୭ରେ ପ୍ରଫେସର ଡି.ପି. ସିଂ ଇସ୍ତଫା ଦେବା ପରଠାରୁ ୟୁଜିସି ଅଧ୍ୟକ୍ଷ ପଦ ଖାଲି ପଡ଼ିଥିଲା। ୨୦୧୬ର ଦେଶଦ୍ରୋହ ବିବାଦଠୁ ନେଇ ୨୦୧୯ ରେ ଜେଏନ୍‌ୟୁ ସମାବର୍ତ୍ତନ ଉତ୍ସବ ବେଳେ ମାନବ ସମ୍ବଳ ମନ୍ତ୍ରୀ ବିଶ୍ୱବିଦ୍ୟାଳୟ ରାସ୍ତାରେ ୬ ଘଣ୍ଟା ଫସିରହିବା ଭଳି ଘଟଣାକୁ ନେଇ ଜଗଦୀଶ କୁମାର ବିବାଦୀୟ ହୋଇଥିଲେ। ଏହା ପୂର୍ବରୁ ସେ ଆଇଆଇଟି ଖଡ଼ଗପୁରରେ ସହକାରୀ ପ୍ରାଧ୍ୟାପକ ଏବଂ ଆଇଆଇଟି ଦିଲ୍ଲୀରେ ଆସୋସିଏଟ୍ ପ୍ରଫେସର ଥିଲେ।

### ସିଆଇଏସ୍‌ସିଇ ଫାଷ୍ଟ ଟର୍ମ ବୋର୍ଡ ପରୀକ୍ଷା ଫଳ ୭ରେ

**ନୂଆଦିଲ୍ଲୀ,୪।୨ (ପି.ଟି.):** ଆଇସିଏସ୍‌ଇ ଦଶମ ଶ୍ରେଣୀ ଏବଂ ଆଇଏସ୍‌ସି ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପ୍ରଥମ ସେମିଷ୍ଟର ଫଳାଫଳ ଆସନ୍ତା ୭ ତାରିଖରେ ପ୍ରକାଶ ପାଇବ। କାଉନସିଲ୍ ଫର୍ ଦି ଇଣ୍ଡିଆନ ସ୍କୁଲ୍ ସାର୍ଟିଫିକେଟ ଏକ୍ଜାମିନେଶନ (ସିଆଇଏସ୍‌ସିଇ) ପକ୍ଷରୁ ଶୁକ୍ରବାର ଏହା ଘୋଷଣା କରାଯାଇଛି। କାଉନସିଲର କ୍ୟାରିୟରସ୍ ପୋର୍ଟାଲରେ ଲଗ୍ କରି ଛାତ୍ରଛାତ୍ରୀ ଫଳାଫଳ ଜାଣିପାରିବେ। ଏହା ବ୍ୟତୀତ କାଉନସିଲ୍ ୱେବ୍‌ସାଇଟରେ ଏବଂ ଏସ୍‌ଏମ୍‌ଏସ୍ ଜରିଆରେ ମଧ୍ୟ ପରୀକ୍ଷା ଫଳ ଉପଲବ୍ଧ ହେବ ବୋଲି ସିଆଇଏସ୍‌ସିଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଗେରି ଅରାଥୁନ୍ କହିଛନ୍ତି। ଗତବର୍ଷ ନଭେମ୍ବର ୨୯ରୁ ଡିସେମ୍ବର ୧୬ ମଧ୍ୟରେ ଆଇସିଏସ୍‌ଇ ଦଶମ ପରୀକ୍ଷା ପ୍ରଥମ ଟର୍ମ ଏବଂ ନଭେମ୍ବର ୨୨ରୁ ଡିସେମ୍ବର ୨୦ ମଧ୍ୟରେ ଆଇଏସ୍‌ସି ଦ୍ୱାଦଶ ପ୍ରଥମ ଟର୍ମ ବୋର୍ଡ ପରୀକ୍ଷା ହୋଇଥିଲା।

### ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ଅବୁ ବକର ଗିରଫ

**ମୁମ୍ବାଇ,୪।୨:** ୧୯୯୩ ମୁମ୍ବାଇ ସିରିଏଲ୍ ବିସ୍ଫୋରଣ ମାମଲାର ଅଭିଯୁକ୍ତ ତଥା ଭାରତର ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ଅବୁ ବକରଙ୍କୁ ୟୁଏଇରେ ଗିରଫ କରାଯାଇଛି। ଦୀର୍ଘ ୨୯ ବର୍ଷର ତଲାସି ପରେ ଅଣ୍ଡର ୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍‌ଙ୍କ ଘନିଷ୍ଠ ସହଯୋଗୀ ଅବୁ ପୋଲିସ ହାତରେ ଧରାପଡ଼ିଛି। ବିଦେଶରେ ଭାରତୀୟ ଏଜେନ୍ସିର ଏହା ଏକ ବଡ଼ ସଫଳତା। ପାକ୍ ଅଧିକୃତ କଶ୍ମୀରରେ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ତାଲିମରେ ସମ୍ପୃକ୍ତ ଅବୁ ମୁମ୍ବାଇରେ ସିରିଏଲ୍ ବିସ୍ଫୋରଣ ଲାଗି ଆରଡିଏକ୍ସ ପହଞ୍ଚାଇଥିଲେ ଏବଂ ଦାଉଦ ସହ ମିଶି ଆକ୍ରମଣ ଯୋଜନା ପ୍ରସ୍ତୁତ କରିଥିଲେ। ମୁମ୍ବାଇର ୧୨ଟି ସ୍ଥାନରେ ହୋଇଥିବା ବିସ୍ଫୋରଣରେ ୨୫୭ ଜଣଙ୍କ ମୃତ୍ୟୁ ଘଟିବା ସହ ୭୧୩ ଜଣ ଆହତ ହୋଇଥିଲେ।

# ୫ ଲକ୍ଷ ଟପିଲା କୋଭିଡ୍ ମୃତ୍ୟୁ




ପାଟନାର ଏକ ଟିକାକରଣ କେନ୍ଦ୍ରରେ ଶୁକ୍ରବାର ସ୍ୱାସ୍ଥ୍ୟକର୍ମୀମାନେ ନିଡିଲ୍-ଫ୍ରି ଜାଇକୋଭ୍-ଡି ଭାକ୍ସିନ ଦେଖାଉଛନ୍ତି।

**ନୂଆଦିଲ୍ଲୀ,୪।୨**

ଭାରତରେ କୋଭିଡ୍ ଜନିତ ମୃତ୍ୟୁସଂଖ୍ୟା ୫ ଲକ୍ଷ ଅତିକ୍ରମ କରିଛି। ଗତବର୍ଷ ଜୁଲାଇ ୧ରେ ମୃତ୍ୟୁସଂଖ୍ୟା ୪ ଲକ୍ଷରେ ପହଞ୍ଚିଥିଲା। ଏହା ୫ ଲକ୍ଷରେ ପହଞ୍ଚିବାକୁ ୨୧୭ ଦିନ ଲାଗିଛି। କୋଭିଡ୍ ମୃତ୍ୟୁସଂଖ୍ୟା ୫ ଲକ୍ଷ ଅତିକ୍ରମ କରିବାରେ ଆମେରିକା, ବ୍ରାଜିଲ ପରେ ଭାରତ ତୃତୀୟ ଦେଶ।

ଗତବର୍ଷ ଏପ୍ରିଲ-ମେ’ରେ ଭାରତରେ କରୋନା ମହାମାରୀର ଦ୍ୱିତୀୟ ଲହର ସବୁଠୁ ଘାତକ ହୋଇଥିଲା। ୨୦୨୦ ଅକ୍ଟୋବରରେ ମୃତ୍ୟୁସଂଖ୍ୟା ୧ ଲକ୍ଷ ଟପିଥିବାବେଳେ ୨୦୨୧ ଏପ୍ରିଲ ୨୭ରେ ୨ ଲକ୍ଷ, ମେ’ ୨୩ରେ ୩ ଲକ୍ଷ ଅତିକ୍ରମ କରିଥିଲା। ଶୁକ୍ରବାର ସକାଳ ୮ଟା ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ଦେଶରେ ୧,୦୭୨ ଜଣଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଦେଶରେ କୋଭିଡ୍ ଜନିତ

### ଆମେରିକା, ବ୍ରାଜିଲ ପରେ ଭାରତ ତୃତୀୟ

ମୋଟ ମୃତ୍ୟୁସଂଖ୍ୟା ୫,୦୦,୦୫୫ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ୯.୨ ଲକ୍ଷରୁ ଊର୍ଦ୍ଧ୍ୱ ମୃତ୍ୟୁସଂଖ୍ୟା ସହ ଆମେରିକା ଶୀର୍ଷରେ ରହିଥିବାବେଳେ ୬.୩ ଲକ୍ଷ ମୃତ୍ୟୁସଂଖ୍ୟା ସହ ବ୍ରାଜିଲ ଦ୍ୱିତୀୟ ସ୍ଥାନରେ ରହିଛି। ଦ୍ରୁତ ସଂକ୍ରାମକ ଓମିକ୍ରନ୍ ଭାରିଆଣ୍ଟ ଯୋଗୁ ଭାରତରେ ଏବେ କରୋନାରେ ତୃତୀୟ ଲହର ଚାଲିଛି। ତେବେ ଦ୍ୱିତୀୟ ଲହର ତୁଳନାରେ ଏହି ଲହରରେ ମାମଲା କମ୍ ଗୁରୁତର ଓ ଲକ୍ଷଣବିହୀନ ରହୁଥିବା ବିଶେଷଜ୍ଞମାନେ କହିଛନ୍ତି। ଦେଶରେ ଏବେ ଦୈନିକ ସଂକ୍ରମଣ ହ୍ରାସ ପାଇ ଚାଲିଛି। କର୍ଣ୍ଣାଟକ, ତାମିଲନାଡୁ, ମହାରାଷ୍ଟ୍ର, ଗୁଜରାଟ ସମେତ ୩୪ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସଂକ୍ରମଣ କମିଥିବାବେଳେ କେବଳ କେରଳ ଓ ମିଜୋରାମରେ ଏହା ଚିନ୍ତାଜନକ ରହିଛି ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ ଅଗ୍ରୱାଲ ସୂଚନା ଦେଇଥିଲେ। ଶୁକ୍ରବାର ୧,୪୯,୩୯୪ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଦେଶରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪,୧୯,୫୨,୭୧୨ରେ ପହଞ୍ଚିଛି। ସେହିପରି ଗତ ୨୪ ଘଣ୍ଟାରେ ସକ୍ରିୟ ମାମଲା ସଂଖ୍ୟା ୯୮,୩୫୨ ହ୍ରାସ ପାଇ ୧୪,୩୫,୫୬୯ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଏହା ମୋଟ ସଂକ୍ରମିତ ସଂଖ୍ୟାର ୩.୪୨ ପ୍ରତିଶତ। ଦୈନିକ ପଜିଟିଭିଟି ହାର ୯.୨୭ ପ୍ରତିଶତ ରହିଥିବାବେଳେ ସାପ୍ତାହିକ ପଜିଟିଭିଟି ହାର ୧୨.୦୩ ପ୍ରତିଶତ ରହିଛି।

## ମୃତକଙ୍କ ପରିବାରକୁ ଶୀଘ୍ର କ୍ଷତିପୂରଣ ପାଇଁ ନୋଡାଲ ଅଫିସର ନିଯୁକ୍ତ କର: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୪।୨ (ପି.ଟି.)**

କୋଭିଡ୍ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ନୋଡାଲ ଅଫିସର ନିଯୁକ୍ତ କରିବାକୁ ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟାକୁ ଶୀଘ୍ର କରାଇବାରେ ନୋଡାଲ ଅଫିସରମାନେ ରାଜ୍ୟର ଆଇନସେବା କର୍ତ୍ତୃପକ୍ଷ (ଏସ୍‌ଏଲ୍‌ଏସ୍‌ଏ)ର ସଦସ୍ୟ ସଚିବଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ କୁହାଯାଇଛି। ସମ୍ପୃକ୍ତ ଏସ୍‌ଏଲ୍‌ଏସ୍‌ଏକୁ ରାଜ୍ୟ ସରକାର ସପ୍ତାହେ ମଧ୍ୟରେ ମୃତକଙ୍କ ସବିଶେଷ ତଥ୍ୟ ଓ ମୃତ୍ୟୁ ପ୍ରମାଣପତ୍ର ଯୋଗାଇଦେବା ସହ ମୃତକଙ୍କ ଅନାଥ ପିଲାଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ବି.ଭି. ନାଗରତ୍ନଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଉଲ୍ଲଂଘନ ହେଲେ ଏହାକୁ ଗମ୍ଭୀରତାର ସହ ନିଆଯିବ ବୋଲି ଖଣ୍ଡପୀଠ କହିଛନ୍ତି।

ମୃତକଙ୍କ ଅନାଥ ପିଲାଙ୍କୁ କ୍ଷତିପୂରଣ ସହାୟତା ଯୋଗାଇଦେବା ଜନମଙ୍ଗଳ ରାଜ୍ୟର ଶେଷ ଲକ୍ଷ୍ୟ ହୋଇଥିବାରୁ ବୈଷୟିକ ତ୍ରୁଟି ଦର୍ଶାଇ କୌଣସି କ୍ଷତିପୂରଣ ଆବେଦନକୁ ଖାରଜ କରାଯିବା ଉଚିତ ନୁହେଁ। ଏଥିପାଇଁ ଆବେଦନ ପତ୍ରରେ ସଂଶୋଧନ କରିବା ଲାଗି ଆବେଦନକାରୀଙ୍କୁ ସୁଯୋଗ ଦେବାକୁ ଖଣ୍ଡପୀଠ କହିଛନ୍ତି। ଆବେଦନ ଗ୍ରହଣର ୧୦ ଦିନ ମଧ୍ୟରେ କ୍ଷତିପୂରଣ ଅର୍ଥ ପ୍ରଦାନ କରିବା ଦିଗରେ ସରକାର ସମସ୍ତ ପଦକ୍ଷେପ ନେବା ଉଚିତ ବୋଲି ଖଣ୍ଡପୀଠ କହିଛନ୍ତି।

## ଉପସାଗରୀୟ ଦେଶରୁ ଫେରିଛନ୍ତି ୭ ଲକ୍ଷ

**ନୂଆଦିଲ୍ଲୀ,୪।୨**

କୋଭିଡ୍ ମହାମାରୀ ଆରମ୍ଭ ହେବା ପରେ ବନ୍ଦେ ଭାରତ ମିଶନରେ ୬ ଉପସାଗରୀୟ ରାଷ୍ଟ୍ରରୁ ୭ ଲକ୍ଷରୁ ଊର୍ଦ୍ଧ୍ୱ ଭାରତୀୟ ଶ୍ରମିକ ଫେରିଛନ୍ତି। ଏଥିସହିତ ମହାମାରୀ ଯୋଗୁ ବେରୋଜଗାର ହୋଇଥିବା ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକଙ୍କୁ କାମଧନ୍ଦା ଯୋଗାଇଦେବା ଲାଗି ଏଥର ବଜେଟରେ ଭିତ୍ତିଭୂମି ଓ ନିର୍ମାଣ କ୍ଷେତ୍ର ଲାଗି ଅଧିକ ଅର୍ଥ ବ୍ୟବସ୍ଥା କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। କୋଭିଡ୍-୧୯ ସଂକ୍ରମଣ କମିବା ପରେ ୬ ଉପସାଗରୀୟ ରାଷ୍ଟ୍ରରୁ ୭,୧୬,୬୬୨ ଶ୍ରମିକ ଭାରତ ଫେରିଥିଲେ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପାର୍ଲାମେଣ୍ଟକୁ କହିଛନ୍ତି। କେବଳ ୟୁଏଇରୁ ୩ ଲକ୍ଷରୁ ଅଧିକ ଶ୍ରମିକ ଫେରିଥିବାବେଳେ ସାଉଦି ଆରବରୁ ୧.୩୭ ଲକ୍ଷ ଫେରିଥିଲେ। ମହାମାରୀ ବେଳେ ଉପସାଗରୀୟ ଅଞ୍ଚଳରେ ଥିବା ଭାରତୀୟମାନଙ୍କୁ ସହାୟତା ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଇଣ୍ଡିଆନ କମ୍ୟୁନିଟି ୱେଲ୍‌ଫେୟାର ଫଣ୍ଡ ବ୍ୟୟରେ ସେମାନଙ୍କୁ ରହିବା, ବିମାନ ଭଡ଼ା, ଜରୁରୀ ଔଷଧ ଓ ଚିକିତ୍ସା ଖର୍ଚ୍ଚ ଯୋଗାଇ ଦିଆଯାଇଥିଲା। ସଂକ୍ରମଣ କମିବା ପରେ ସେଠାରୁ ଅନେକ ଭାରତୀୟ ଫେରିଆସିଛନ୍ତି।

## ଜେଡ୍ ପ୍ଲସ୍ ସୁରକ୍ଷା ଚାହୁଁନି: ଓୱାଇସି



**ନୂଆଦିଲ୍ଲୀ,୪।୨**

ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି ଶୁକ୍ରବାର ଜେଡ୍ ପ୍ଲସ୍ ସୁରକ୍ଷାକୁ ନେବାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ହାଇଦ୍ରାବାଦ ଏମ୍‌ପି କହିଛନ୍ତି, ତାଙ୍କ କାର୍‌କୁ ଗୁଳି ଚଳାଇଥିବା ବ୍ୟକ୍ତିଙ୍କ ନାମରେ ଆତଙ୍କବାଦ ନିରୋଧୀ ମାମଲା ରୁଜୁ ହେଉ। ଓୱାଇସି ଗୁରୁବାର ଉତ୍ତର ପ୍ରଦେଶର ମିରଟରୁ ନିର୍ବାଚନ ପ୍ରଚାର କରି ଫେରୁଥିବାବେଳେ ଦିଲ୍ଲୀର ଏକ ଟୋଲ୍ ପ୍ଲାଜା ନିକଟରେ ତାଙ୍କ ଏସ୍‌ୟୁଭିକୁ ଗୁଳି କରାଯାଇଥିଲା। ଏଥିରେ ଗାଡ଼ିର ଟାୟାର ପଙ୍କଚର ହୋଇଯାଇଥିଲା। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସିଆରପିଏଫ୍ ଯବାନଙ୍କୁ ନିୟୋଜିତ କରି ଓୱାଇସିଙ୍କୁ ଜେଡ୍ ପ୍ଲସ୍ ସିକ୍ୟୁରିଟି ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏନେଇ ପୋଲିସ ନୋଏଡାର ସଚିନ ଓ ସାହରନ୍‌ପୁର ବାସିନ୍ଦା ଶୁଭମ୍‌ଙ୍କୁ ଗିରଫ କରି ଦୁଇଟି ଦେଶୀ ବନ୍ଧୁକ ଜବତ କରିଛି। ଉଭୟଙ୍କ ନାମରେ ପୂର୍ବରୁ ମଧ୍ୟ ଆପରାଧିକ ମାମଲା ରହିଛି। ଏଆଇଏମ୍‌ଆଇଏମ୍ ମୁଖ୍ୟ ଓ ତାଙ୍କ ବିଧାୟକ ଭାଇ ଆକବରୁଦ୍ଦିନ ଓୱାଇସି ବାରମ୍ବାର ହିନ୍ଦୁଧର୍ମ ବିରୋଧୀ ମନ୍ତବ୍ୟ ଦେଉଥିବାରୁ ଦୁହେଁ ତାଙ୍କୁ ଟାର୍ଗେଟ କରିଥିବା ନେଇ ଜେରା ବେଳେ ପୋଲିସ ଆଗରେ ମାନିଛନ୍ତି।

## କଲେଜରେ ହିଜାବ ପରେ ଗୈରିକ ଶାଲ୍ ବିବାଦ



**ବେଙ୍ଗାଲୁରୁ, ୪।୨**

କର୍ଣ୍ଣାଟକର ଉଡୁପି ଜିଲା ଅନ୍ତର୍ଗତ ପ୍ରି-ୟୁନିଭର୍ସିଟି କଲେଜରେ ମୁସଲମାନ ଛାତ୍ରୀଙ୍କୁ ହିଜାବ ପିନ୍ଧି ଆସିବାକୁ ଅନୁମତି ନ ମିଳିବାରୁ ଏହାକୁ ନେଇ ବିବାଦ ଦେଖାଦେଇଛି। ଏହାର ପ୍ରତିବାଦରେ ଛାତ୍ରୀମାନେ ଆନ୍ଦୋଳନରେ ବସିଥିବାବେଳେ ଏବେ ହିନ୍ଦୁ ଛାତ୍ରମାନେ ଆଉ ଏକ ବିବାଦ ଛିଡ଼ା କରାଇଛନ୍ତି। ଶୁକ୍ରବାର ସେମାନେ ଗୈରିକ ଶାଲ୍ ପକାଇ କଲେଜ ଆସିଥିବା ଦେଖାଯାଇଛି। ସେମାନଙ୍କୁ ଗୈରିକ ଶାଲ୍ ପକାଇବାକୁ କେତେକ ହିନ୍ଦୁ ସଂଗଠନ ବାଧ୍ୟ କରିଥିବା ଅଭିଯୋଗ ହୋଇଛି। ଏଭଳି ନ କରିବା ପାଇଁ କଲେଜ ପ୍ରିନ୍ସିପାଲ ହିନ୍ଦୁ ସଂଗଠନଗୁଡ଼ିକୁ ଅନୁରୋଧ କରିଛନ୍ତି। ପୋଲିସ ଯଦି ଶାଲ୍ ପକାଇଥିବା ହିନ୍ଦୁ ଛାତ୍ରଙ୍କୁ କ୍ୟାମ୍ପସରେ ପ୍ରବେଶ କରାଇ ଦେଉନାହିଁ, ସେହିପରି ହିଜାବ ପିନ୍ଧି ଆସୁଥିବା ମୁସଲମାନ ଛାତ୍ରୀଙ୍କୁ ପ୍ରବେଶ ଅନୁମତି ଦିଆ ନ ଯାଉ ବୋଲି ବଜରଙ୍ଗ ଦଳ ଜିଲା ସମ୍ପାଦକ ସୁରେନ୍ଦ୍ର କୋଷଟଶୱାର ପ୍ରତିକ୍ରିୟାରେ କହିଛନ୍ତି।



ପୁଣେରେ ଏକ ନିର୍ମାଣାଧୀନ ବିଲ୍ଡିଂ ଭୁଶୁଡ଼ିଯିବା ପରେ ଉଦ୍ଧାର କାର୍ଯ୍ୟ।

## ନିର୍ମାଣାଧୀନ ବିଲ୍ଡିଂ ଭୁଶୁଡ଼ି ୬ ମୃତ

**ପୁଣେ,୪।୨**

ମହାରାଷ୍ଟ୍ରର ପୁଣେ ସହରର ୟେରୱାଡ଼ା ଅଞ୍ଚଳରେ ଏକ ନିର୍ମାଣାଧୀନ ବିଲ୍ଡିଂ ଭୁଶୁଡ଼ିପଡ଼ିବାରୁ ୬ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ପୋଲିସ କହିବା ଅନୁଯାୟୀ ଗୁରୁବାର ରାତି ପ୍ରାୟ ୧୧ଟା ବେଳେ ୟେରୱାଡାର ଶାସ୍ତ୍ରୀନଗର ଅଞ୍ଚଳରେ ନିର୍ମାଣାଧୀନ ମଲ୍‌ର ସ୍ଲାବ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ସେଠାରେ କାର୍ଯ୍ୟରତ ୬ ଜଣଙ୍କ ମୃତ୍ୟୁ ଘଟିଛି। ସ୍ଲାବ୍ ଭୁଶୁଡ଼ିବା ଘଟଣାର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ଏହା ଉପରେ ତଦନ୍ତ ଚଳାଇଛି।

## ଏଲନ୍ ମସ୍କଙ୍କ ଟିକସ ହ୍ରାସ ଦାବିକୁ ଭାରତର ପ୍ରତ୍ୟାଖ୍ୟାନ

**ବ୍ଲୁମ୍‌ବର୍ଗ,୪।୨**

ଭାରତରେ ଇଲେକ୍ଟ୍ରିକ୍ କାର ନିର୍ମାଣ ପାଇଁ ଏଲନ୍ ମସ୍କଙ୍କ ଟେସ୍‌ଲା କମ୍ପାନୀ ଟିକସ ହ୍ରାସ ନିମନ୍ତେ ଦେଇଥିବା ପ୍ରସ୍ତାବକୁ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। କମ୍ ଟିକସରେ ଭାରତରେ ବିଦ୍ୟୁତଚାଳିତ କାର ଆସେମ୍ବ୍ଲି କରିବା ଲାଗି ଟେସ୍‌ଲା ଚାହୁଁଥିଲା। ଟିକସ ପରିବର୍ତ୍ତନର ଆବଶ୍ୟକତା ସମ୍ପର୍କରେ ଆମେ ଅନୁଧ୍ୟାନ



କରିଥିଲୁ। ତେବେ ଏଠାରେ କେତେକ ଘରୋଇ କମ୍ପାନୀ ଉତ୍ପାଦନ କରୁଛନ୍ତ ଏବଂ ବର୍ତ୍ତମାନର ଟିକସ ଢାଞ୍ଚାରେ କେତେକ ନିବେଶ ଆସିଛି। ତେଣୁ ଟିକସ ଏକ ପ୍ରତିବନ୍ଧକ ନୁହେଁ ବୋଲି ସ୍ପଷ୍ଟ ହୋଇଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡର ଅଧ୍ୟକ୍ଷ ବିବେକ ଜୋହରି କହିଛନ୍ତି।

ଟେସ୍‌ଲା ଭାରତରେ ବିଦ୍ୟୁତ୍ ଚାଳିତ କାର୍ ନିର୍ମାଣ କରିବା ପାଇଁ କେନ୍ଦ୍ର ସରକାର ପ୍ରୋତ୍ସାହିତ କରିଥିଲେ। ଇମ୍ପୋର୍ଟେଡ୍ ଇଭି ଉପରେ ଅତ୍ୟଧିକ ଟିକସ ଲଗାଯାଉଥିବାରୁ ଭାରତ ସରକାର ଏହାକୁ କମ୍ କରିବା ପାଇଁ ମସ୍କ ଦାବି କରିଥିଲେ। ଆସେମ୍ବ୍ଲି ପାଇଁ ଆମଦାନୀ ହେବାକୁ ଥିବା କାର୍ ପାର୍ଟ ଉପରେ ୧୫ରୁ ୩୦ ପ୍ରତିଶତ ଟିକସ ଲଗାଯାଉଛି। ସରକାରଙ୍କ ପ୍ରସ୍ତାବ ପରେ ଟେସ୍‌ଲା ଭାରତରେ କାର୍ ନିର୍ମାଣ ସମ୍ପର୍କିତ ଯୋଜନା ଦାଖଲ କରିନାହିଁ ବୋଲି ଜୋହରି କହିଛନ୍ତି। ଟେସ୍‌ଲାର ଦାବିକୁ ମହାରାଷ୍ଟ୍ର ସରକାର ସମର୍ଥନ କରୁଥିଲେ ହେଁ କେନ୍ଦ୍ର ବଜେଟରେ ଇମ୍ପୋର୍ଟେଡ୍ ଇଲେକ୍ଟ୍ରିକ୍ କାର୍ ପାଇଁ ଟିକସରେ କୌଣସି ରିହାତି ଘୋଷଣା ହୋଇନାହିଁ।



## ଶେର୍ଲିନ ଚୋପ୍ରା ଆଶ୍ୱସ୍ତ

### ପର୍ନ ଫିଲ୍ମ ମାମଲା

**ନୂଆଦିଲ୍ଲୀ,୪।୨**

ପର୍ନ ଫିଲ୍ମ ର୍ୟାକେଟ ମାମଲାରେ ଅଭିନେତ୍ରୀ ଶେର୍ଲିନ ଚୋପ୍ରାଙ୍କୁ ଆଶ୍ୱସ୍ତି ମିଳିଛି। ଶୁକ୍ରବାର ସୁପ୍ରିମକୋର୍ଟ ଶେର୍ଲିନଙ୍କୁ ଗିରଫଦାରିରୁ ସୁରକ୍ଷା ଦେଇଛନ୍ତି। ପୂର୍ବରୁ ବମ୍ବେ ହାଇକୋର୍ଟ ଶେର୍ଲିନଙ୍କୁ ଏହି ମାମଲାରେ ଅଗ୍ରିମ ଜାମିନ ଦେବାକୁ ଅଗ୍ରାହ୍ୟ କରିଦେଇଥିଲେ। ହାଇକୋର୍ଟ ରାୟକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।

ଜଷ୍ଟିସ୍ ବିନୀତ ଶରଣ ଏବଂ ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ଆବେଦନର ଶୁଣାଣି କରି ମହାରାଷ୍ଟ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଇତିମଧ୍ୟରେ ଶେର୍ଲିନଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ପ୍ରକାଶ ଯେ, ଅଭିନେତ୍ରୀ ଶିଳ୍ପା ସେଟ୍ଟିଙ୍କ ବ୍ୟବସାୟୀ ସ୍ୱାମୀ ରାଜ କୁନ୍ଦ୍ରା ପୂର୍ବରୁ ଅଶ୍ଳୀଳ ଚଳଚ୍ଚିତ୍ର ପ୍ରଯୋଜନା ଅଭିଯୋଗରେ ଗିରଫ ହୋଇଥିଲେ। ପରେ ଗତ ଡିସେମ୍ବରରେ ଗିରଫଦାରି ଏଡାଇବା ପାଇଁ ସେ ମୁମ୍ବାଇର ଏକ ସେସନ୍ସ କୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ସେଠାରେ ଆବେଦନ ଅଗ୍ରାହ୍ୟ ହେବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଅଗ୍ରିମ ଜାମିନ ପାଇଥିଲେ। ଉକ୍ତ ମାମଲାର ଏଫ୍‌ଆଇଆର୍‌ରେ ଅଭିନେତ୍ରୀ ପୁନମ ପାଣ୍ଡେ ଓ ଶେର୍ଲିନ୍ ଚୋପ୍ରାଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ପୁନମ ଗତ ଜାନୁୟାରୀ ୧୮ରେ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ପାଇଥିବାରୁ ଶେର୍ଲିନଙ୍କୁ ମଧ୍ୟ ଗିରଫଦାରିରୁ ସୁରକ୍ଷା ଦିଆଯାଉ ବୋଲି ତାଙ୍କ ଓକିଲ ସୁନୀଲ ଫର୍ନାଣ୍ଡିଜ୍ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ।

## ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ପୁତୁରା ଗିରଫ

**ଚଣ୍ଡିଗଡ଼,୪।୨**

ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନିଙ୍କ ପୁତୁରା ଭୂପିନ୍ଦର ସିଂ ଓରଫ ହନିଙ୍କୁ ଗୁରୁବାର ବିଳମ୍ବିତ ରାତିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। ବେଆଇନ ବାଲି ଖନନ ସମ୍ପର୍କିତ ଏକ ମନି ଲଣ୍ଡରିଂ ମାମଲାରେ ଇଡି ଅଧିକାରୀମାନେ ହନିଙ୍କୁ ଶୁକ୍ରବାର ଜଳନ୍ଧରସ୍ଥିତ ଏକ କୋର୍ଟରେ ହାଜର କରାଇଥିଲେ। ଅଦାଲତ ତାଙ୍କୁ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଇଡି ହାଜତକୁ ପଠାଇଦେଇଛନ୍ତି। ଜଳନ୍ଧରସ୍ଥିତ ଇଡି କାର୍ଯ୍ୟାଳୟରେ ହନିଙ୍କୁ ଅନେକ ଘଣ୍ଟା ଧରି ପଚରାଉଚରା କରାଯାଇଥିଲା। ତେବେ ତାଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଗିରଫ କରାଯାଇଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। ପଞ୍ଜାବରେ ଫେବୃୟାରୀ ୨୦ରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ଭାଜପା କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରି ମୁଖ୍ୟମନ୍ତ୍ରୀଙ୍କ ପୁତୁରାଙ୍କୁ ଗିରଫ କରାଇଥିବା କଂଗ୍ରେସ ଅଭିଯୋଗ ଆଣିଛି। ଗତ ଜାନୁୟାରୀ ୧୮ରେ ଇଡି ପକ୍ଷରୁ ହନି ଓ ତାଙ୍କର କେତେଜଣ ବ୍ୟବସାୟିକ ସହଯୋଗୀଙ୍କ ଘରେ ଚଢ଼ାଉ କରାଯାଇଥିଲା। ଉକ୍ତ ଚଢ଼ାଉ ବେଳେ ଏଜେନ୍ସି ନଗଦ ଟଙ୍କା ସହ ୧୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ଜବତ କରିଥିବା ଇଡି କହିଥିଲା।



### ମନି ଲଣ୍ଡରିଂ ମାମଲା: ୮ ଯାଏ ଇଡି ହାଜତରେ ରହିବେ ହନି

# ଦାଦାଙ୍କ ସହ ଦାଦାଗିରି କରିବେ ଅନୁଭବ

## ଆଜି 'ଦାଦାଗିରି ହୃଦୟରୁ' ର ସ୍ୱତନ୍ତ୍ର ଅଧ୍ୟାୟ

ଭୁବନେଶ୍ୱର,୪।୨



ସାରା ବିଶ୍ୱରେ ଦାଦା ଭାବେ ବେଶ୍ ଲୋକପ୍ରିୟତା ହାସଲ କରିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ଅଧିନାୟକ ସୌରଭ ଗାଙ୍ଗୁଲି। ଶନିବାର ଜୀ ସାର୍ଥକରେ ପ୍ରସାରିତ ହେବାକୁ ଥିବା ସ୍ୱତନ୍ତ୍ର ଅଧ୍ୟାୟରେ ଦାଦାଙ୍କ ସହ ଦାଦାଗିରି କରିବେ ଅନୁଭବ। ଏଥର ଓଡ଼ିଆ ଟେଲିଭିଜନ ଦର୍ଶକଙ୍କୁ ମନୋରଞ୍ଜନ କରିବାକୁ ଉଭୟ ସୌରଭ-ଅନୁଭବ ଆସୁଛନ୍ତି। ଜୀ ସାର୍ଥକ ଓଡ଼ିଆର ସବୁଠାରୁ ବ୍ୟୟବହୁଳ ମେଗା ରିଆଲିଟି ଗେମ୍ ଶୋ 'ଦାଦାଗିରି'କୁ ଆହୁରି ଲୋକପ୍ରିୟ କରାଇବାକୁ ଦାଦା (ସୌରଭ ଗାଙ୍ଗୁଲି) ଆସୁଛନ୍ତି। ଦାଦା ମଧ୍ୟ ଜୀ ବଙ୍ଗଳାରେ ପ୍ରସାରିତ ହେଉଥିବା ସବୁଠାରୁ ଲୋକପ୍ରିୟ ମେଗା ରିଆଲିଟି ଗେମ୍ ଶୋ 'ଦାଦାଗିରି'ର ପରିଚାଳକ ଭାବେ ଗତ ୯ବର୍ଷ ହେବ ଉକ୍ତ ଧାରାବାହିକକୁ ସଞ୍ଚାଳନ କରି ଆସୁଛନ୍ତି। ଏଥର ଓଡ଼ିଶାର ଜୀ ସାର୍ଥକ ଚ୍ୟାନେଲରେ ପ୍ରସାରିତ ହେଉଥିବା ଧାରାବାହିକ 'ଦାଦାଗିରି'ର ଏକ ସ୍ୱତନ୍ତ୍ର ଅଧ୍ୟାୟରେ ସୌରଭ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଉଛନ୍ତି। ପ୍ରଥମେ ଓଡ଼ିଆ ମେଗାଷ୍ଟାର ଅନୁଭବଙ୍କୁ ନେଇ ମେଗା ରିଆଲିଟି ଶୋ' 'ଦାଦାଗିରି'ର ପରିକଳ୍ପନା କରିଥିଲା ଚ୍ୟାନେଲ ଜୀ ସାର୍ଥକ। ଅନୁଭବଙ୍କ ଏହି ରିଆଲିଟି ଶୋ' ସଞ୍ଚାଳନା ନେଇ ସାରା ଓଡ଼ିଶାରେ ଚର୍ଚ୍ଚା ଜୋର ଧରିଛି। ଅନେକ ସୁପରହିଟ୍ ଚଳଚ୍ଚିତ୍ର ଦେଇ ଓଡ଼ିଆ ଦର୍ଶକଙ୍କ ହୃଦୟ ଜିଣିଥିବା ଅନୁଭବ 'ଦାଦାଗିରି' ଶୋ' ମାଧ୍ୟମରେ ଘରେ ଘରେ ସବୁବର୍ଗର ଲୋକଙ୍କୁ ଭରପୂର ମନୋରଞ୍ଜନ ଦେଇ ଚାଲିଛନ୍ତି। ଓଡ଼ିଶାର ୩୦ଟି ଜିଲାରୁ ୩୦ ଜଣ ବଛାବଛା ପ୍ରତିଯୋଗୀଙ୍କୁ ନେଇ 'ଦାଦାଗିରି'ର ସ୍ପେଶାଲ ଏପିସୋଡ୍ ପ୍ରସ୍ତୁତ ହୋଇଥିବା ବେଳେ ଏଥିରେ ଯୋଗ ଦେଉଥିବା ପ୍ରଖ୍ୟାତ ସେଲିବ୍ରିଟିମାନେ ହିଁ 'ଦାଦାଗିରି' ର ଦର୍ଶକାଦୃତି ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ନେଉଛନ୍ତି ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଇଛି। 'ଦାଦାଗିରି ହୃଦୟରୁ'ର ଏହି ସ୍ୱତନ୍ତ୍ର ଓ ସପ୍ତମ ଅଧ୍ୟାୟ ଫେବୃୟାରୀ ୫ ରାତି ୯ଟାରେ ପ୍ରସାରଣ ହେବ ବୋଲି ଜୀ ସାର୍ଥକ ପକ୍ଷରୁ ସୂଚନା ଦିଆଯାଇଛି।

## ଏୟାର ଏସିଆ ପକ୍ଷରୁ ଲାଉଞ୍ଜ ସେବା ପ୍ରଦାନ

ଭୁବନେଶ୍ୱର,୪।୨

ଏୟାର ଏସିଆ ଇଣ୍ଡିଆ ପକ୍ଷରୁ ନିକଟରେ ଲାଉଞ୍ଜ ସେବା ସମ୍ପର୍କରେ ଘୋଷଣା କରାଯାଇଛି। ଏହାର ଅତିଥିମାନେ ୮୦୦ ଟଙ୍କାରୁ ଆରମ୍ଭ ହେଉଥିବା ଫି' ଦେଇ କମ୍ପାନୀର ୱେବ୍‌ସାଇଟ୍ ଏବଂ ମୋବାଇଲ ଆପ୍‌ରେ ଉକ୍ତ ଲାଉଞ୍ଜ ସେବା ଓ ସୁବିଧାର ପ୍ରାକ୍ ବୁକିଂ କରିପାରିବେ। ବିମାନ ବୁକିଂ କରିବା ବେଳେ କିମ୍ବା ବୁକିଂ ପରବର୍ତ୍ତୀ ସମୟରେ ଏୟାରଲାଇନ୍ସର ୱେବ୍‌ସାଇଟ୍ ଜରିଆରେ ଲଗ୍ ଇନ୍‌କରି ଏହାର ମ୍ୟାନେଜ ସେକ୍ସନ ଯାଇ କିମ୍ବା ଚେକ୍ ଇନ୍ ସମୟରେ ବିମାନବନ୍ଦର ଲାଉଞ୍ଜ ସେବା କ୍ରୟ କରିପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ବିମାନ ବନ୍ଦର ଲାଉଞ୍ଜ ସେବାରେ ଗ୍ରାହକମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ମିଳିବ। ଏୟାର ଏସିଆ ଇଣ୍ଡିଆ ପକ୍ଷରୁ ବର୍ତ୍ତମାନ ୧୩ଟି ବିମାନବନ୍ଦର ସମେତ ଏହାର ସମସ୍ତ ୪ଟି ହବ୍‌ରେ ଲାଉଞ୍ଜ ସେବା ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ଏୟାର୍ ଏସିଆ ଇଣ୍ଡିଆର ଚିଫ୍ ମାର୍କେଟିଂ ଅଫିସର ସିଦ୍ଧାର୍ଥ ବୁଟାଲିଆ କହିଛନ୍ତି, ବିମାନବନ୍ଦର ଲାଉଞ୍ଜରେ ସହଜରେ ପହଞ୍ଚିବା ଏବଂ ଅତିଥିମାନଙ୍କୁ ଯାତାୟାତ ଅନୁଭୂତି ନିଶ୍ଚିତ କରିବ ଓ ସେଥିରେ ଉନ୍ନତି ଆଣିପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।


### ୨ୟ ବାର୍ଷିକ ଜନ୍ମଦିନ ଶୁଭେଚ୍ଛା



**ସ୍ୱରାମ୍ରିକା ସାହୁ**
ପତିତପାବନ ପାଟଣା, ବନମାଳିପୁର
ଆଜି ତୁମର ଦ୍ୱିତୀୟ ବାର୍ଷିକ ଜନ୍ମଦିନର ଶୁଭ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀପୟରେ ପ୍ରାର୍ଥନା କରୁଛୁ କି ତୁମ ଚଲାପଥ କୁସୁମିତ ହେଉ।
**ଶୁଭେଚ୍ଛା ସହ:**
ଅଜା, ଆଈ, ମାମା, ମାମୁ, ମାଇଁ, ମାଉସୀ, ମଉସା ଓ ବନ୍ଧୁ, ପରିବାରବର୍ଗ ।
ଧ-୭୧୮୫୭

### ଜନ୍ମଦିନ ଶୁଭେଚ୍ଛା



(କାହ୍ନା)
**ମଣ୍ଟି ମିଲନ୍ ବିଶ୍ୱାଳ**
ନୟାପଲ୍ଲୀ, ଭୁବନେଶ୍ୱର
ଆଜିର ଏହି "ସତର" ତମ ଶୁଭ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ଜଣାଇବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ ଜଗତଜନନୀ ମା' ଦୁର୍ଗାଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
**ଶୁଭାଶୀର୍ବାଦ ସହ:** ଜେଜ: ଶ୍ରୀଅଦ୍ୱୈତ ଚରଣ ବିଶ୍ୱାଳ, ଜେଜି: ଗୋମତୀ, ବାପା: ରଞ୍ଜନ କୁମାର ବିଶ୍ୱାଳ, ବାଙ୍ଗୋଲ ବାପା: ପ୍ରସନ୍ନ କୁମାର ବିଶ୍ୱାଳ, ମମି: ବୈଜୟନ୍ତୀ ବାଳା, ଛୋଟ ମମି: ସଂଘମିତ୍ରା ତଥା ଦିଦି: ନେହା, କୁନୁ, ରିଙ୍କି ଓ ଛୋଟ ଭଉଣୀ: ମୁନୁ ।
ଧ-୬୭୪୧୯

### ୧୧ତମ ଜନ୍ମଦିନ ଶୁଭେଚ୍ଛା



**Subhalaxmi Sahu**
Angul
ସବୁବେଳେ ତୁମ ଓଠରେ ହସଟିଏ ଥାଉ, ତୁମ ଜୀବନରେ ସବୁବେଳେ ହସର ଲହରୀ ଖେଳିଯାଉ। "ଜନ୍ମ ଦିନର ଅନେକ ଅନେକ ଶୁଭେଚ୍ଛା"
**-:ଶୁଭେଚ୍ଛା ସହ:-**
ଅଭୟ, ଲକ୍ଷ୍ମୀକାନ୍ତ, ରୂପାଲି ।
ଧ-୭୧୮୫୭


## ହ୍ରାସ ପାଉଛି ବଜାର ଶେୟାର

ମୁମ୍ବାଇ,୪।୨

କ୍ରମାଗତ ଭାବେ ହ୍ରାସ ପାଉଛି ବଜାର ଶେୟାର। ଶୁକ୍ରବାର କାରବାରର ଶେଷ ଦିନରେ ବିଏସ୍‌ଇ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ରେ ବେଞ୍ଚମାର୍କ ଇକ୍ୱିଟି ସୂଚକାଙ୍କ ପ୍ରାୟ ୧.୫% ହ୍ରାସ ଘଟିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୧୪୩ ପଏଣ୍ଟ ହ୍ରାସ ପାଇ ୫୮,୬୪୫ ଅଙ୍କରେ ରହିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟ ୫୦ ରେ ୪୪ ପଏଣ୍ଟ କମି ୧୭,୫୧୬ ଅଙ୍କରେ କାରବାର ଶେଷ କରିଛି।

## ଜେକେ ଲକ୍ଷ୍ମୀ ସିମେଣ୍ଟର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୪।୨

ଦେଶର ଅଗ୍ରଣୀ ସିମେଣ୍ଟ କମ୍ପାନୀ ଜେକେ ଲକ୍ଷ୍ମୀ ଚଳିତ ଆର୍ଥିକ ବର୍ଷ(୨୦୨୧ ଅକ୍ଟୋବର-ଡିସେମ୍ବର)ର ୩ୟ ତ୍ରୈମାସିକରେ ୧୧୯୩.୪୧ କୋଟି ଟଙ୍କାର କାରବାର ସହିତ ବ୍ୟବସାୟରେ ସାମାନ୍ୟ ଅଭିବୃଦ୍ଧି ହାସଲ କରିଛି । ଗତବର୍ଷ ଅକ୍ଟୋବର-ଡିସେମ୍ବରର ସମାନ ତ୍ରୈମାସିକରେ ୧୧୯୨.୮୦ କୋଟି ଟଙ୍କା ରହିଥିଲା । ଜେକେ ଲକ୍ଷ୍ମୀ ସିମେଣ୍ଟର ଛତିଶଗଡ଼ କାରଖାନାରେ ଟ୍ରାନ୍ସପୋର୍ଟରମାନଙ୍କ ଧର୍ମଘଟ ଯୋଗୁ ୧୭ଦିନ ପାଇଁ କମ୍ପାନୀର ଯାତାୟାତ ବନ୍ଦ ରହିଥିଲା । ସେହିଭଳି ଗତ ନଭେମ୍ବରରେ ଅଧିକାଂଶ ବଜାରରେ ଏହାର ଚାହିଦାରେ ଦ୍ରୁତ ହ୍ରାସ ଯୋଗୁ କମ୍ପାନୀର ବିକ୍ରିକୁ କ୍ଷତି ପହଞ୍ଚାଇଛି । ସେହିଭଳି ବିକ୍ରି ପରିମାଣରେ ହ୍ରାସ ଏବଂ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କାରଣରୁ ଅକ୍ଟୋବର-ଡିସେମ୍ବରରେ କମ୍ପାନୀର ଇବିଆଇଡିଟିଏରେ ୨୩% ହ୍ରାସ ଘଟିଛି। ଏହା ୧୬୨.୮୪ କୋଟି ଟଙ୍କାରେ ପହଞ୍ଚିଛି, ଯାହାକି ଗତବର୍ଷ ସମାନ ତ୍ରୈମାସିକ ସମୟରେ ୨୧୨.୪୬ କୋଟି ଟଙ୍କା ରହିଥିଲା । ସୁଧ ଏବଂ ମୂଲ୍ୟହ୍ରାସ ପାଇଁ ପ୍ରଦାନ କରିବା ପରେ ଅକ୍ଟୋବର-ଡିସେମ୍ବରରେ କମ୍ପାନୀର ପିବିଟି ୯୦.୯୯ କୋଟି ଟଙ୍କାରେ ପହଞ୍ଚିଛି। ଗତ ବର୍ଷ ସମାନ ତ୍ରୈମାସିକରେ ୧୨୭.୧୫ କୋଟି ଟଙ୍କା ରହିଥିଲା । ଟିକସ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପରେ ଜେକେ ଲକ୍ଷ୍ମୀ ସିମେଣ୍ଟର ଲାଭ ଅକ୍ଟୋବର-ଡିସେମ୍ବର ତ୍ରୈମାସିକରେ ୫୯.୮୪ କୋଟି ଟଙ୍କାକୁ ହ୍ରାସ ପାଇଛି।


# ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଂଶାନ୍ତିଲତା ଦ୍ୱିବେଦୀ**
ଅମଳାପଡ଼ା, ଅନୁଗୋଳ
ଆବିର୍ଭାବ: ତା୧୭।୦୩।୧୯୩୯
ତିରୋଧାନ: ତା୨୭।୦୧।୨୦୨୨
ବୋଉ, ତୁମ ଅବର୍ତ୍ତମାନରେ ଆଜି ସମଗ୍ର ପରିବାର ହତବାକ୍ ଓ ବାକ୍‌ଶୂନ୍ୟ। ପରିବାରର ପ୍ରତିଟି ସଦସ୍ୟଙ୍କ ପାଇଁ ତୁମ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ନିଃସ୍ୱାର୍ଥପରତା ଚିର ଅଭୁଲା ଓ ଅବିସ୍ମରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ଭକ୍ତିପୂତ ଗୁହାରି।
ତୁମର ହତଭାଗା: ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ପୌତ୍ର, ପୌତ୍ରୀ, ବନ୍ଧୁ ଓ ଶୋକାକୁଳ ପରିବାରବର୍ଗ ।

### ଏକବିଂଶ ବାର୍ଷିକ ଶ୍ରାଦ୍ଧଦିବସ ଅବସରରେ



**ସ୍ୱର୍ଗତ ଜାନକୀ ବଲ୍ଲଭ ଦାଶ**
ପ୍ଲଟ ନଂ- ୨୦୨୫, ମହତାବ ରୋଡ଼, ଓଲଡ଼ ଟାଉନ୍, ଭୁବନେଶ୍ୱର-୨
ତୁମର ଅମ୍ଳାନ ଆତ୍ମା ବିଭୁପଦ ତଳେ ଚିରଶାନ୍ତି ଲାଭକରୁ, ଏହାହିଁ ମହାପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା। ହତଭାଗା- ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ନାତୁଣୀ, ଆତ୍ମୀୟସ୍ୱଜନ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୨୩୦୧୫

### ୨୩ତମ ଶ୍ରାଦ୍ଧବାର୍ଷିକୀ



**ଂଦିନ ସିଂହ**
ପଚ୍ଛିକୋଟଗଡ଼, ଯାଜପୁର
ଜନ୍ମ-୧୯୫୭
ତିରୋଧାନ- ୧୯୯୯ (ଶ୍ରୀପଞ୍ଚମୀ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
ଆପଣଙ୍କର ଶୋକସନ୍ତପ୍ତ ପରିବାରବର୍ଗ ଓ ପୁତ୍ର ।
ଧ-୨୩୦୦୪

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଂଶ୍ରୀମତୀ ଅଳିଭା କୁମାରୀ ସ୍ୱାଇଁ**
(ଅଳିଭା ଦିଦି)
ଅବସରପ୍ରାପ୍ତ ସରକାରୀ ଶିକ୍ଷୟିତ୍ରୀ, ଭୁବନେଶ୍ୱର
ଆବିର୍ଭାବ: ୦୫।୦୪।୧୯୫୧
ତିରୋଧାନ: ୨୬।୦୧।୨୦୨୨
ମା', ତୋର ଧୈର୍ଯ୍ୟଶକ୍ତି, ତ୍ୟାଗ, ନିଷ୍ଠା ଓ ମମତାର ତୁଳନା ନାହିଁ। ତୋର ଚିର ବିଦାୟ ଆମ ପାଇଁ ଅସହ୍ୟ ବେଦନାଦାୟକ । ଅସରନ୍ତି ଲୁହକୋହ ଭରା ହୃଦୟରେ ତୋ ଚରଣରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ତୋ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ରାଜେଶ (ବାଉଲୁ), ଟିପୁନୁ, ଟୁନୁ, ରୋଲି, ଅନୁ, ବାପୁ, କୁଲୁ, ଚେଣ୍ଟୁ, ଶକ୍ତିମାନ, ଗୁଡ଼ୁଲି, ଛୋଟୁ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୩୦୩୭


## ବିଓଆଇର ନିଟ୍ ଲାଭ ୧,୦୨୭ କୋଟି ଟଙ୍କା

ଭୁବନେଶ୍ୱର,୪।୨

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ର ଚଳିତ ଆର୍ଥିକ ବର୍ଷ (୨୦୨୧-୨୨) ର ୩ୟ ତ୍ରୈମାସିକ ଆର୍ଥିକ ଫଳାଫଳ ପ୍ରକାଶ ପାଇଛି। ବ୍ୟାଙ୍କର ସୂଚନା ଅନୁସାରେ ପ୍ରତିଷ୍ଠାନ ୩ୟ ତ୍ରୈମାସିକରେ ୧,୦୨୭ କୋଟି ଟଙ୍କାର ନିଟ୍ ଲାଭ ସଂଗ୍ରହ କରିଥିବା ସହ ବ୍ୟାଙ୍କର ନିଟ୍ ଲାଭ ପୂର୍ବ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ତୁଳନାରେ ୯୦.୦୨% ଅଭିବୃଦ୍ଧି ଘଟିଥିବା କଥା ଜଣାପଡ଼ିଛି। ସେହିଭଳି ରିଟର୍ନ ଅନ୍ ଆସେଟ (ଆର୍‌ଓଏ) ୨୩ ବିପିଏସ୍ ହାରରେ ୦.୫୧%କୁ ବୃଦ୍ଧି ପାଇଛି। ରିଟର୍ନ ଅନ୍ ଇକ୍ୟୁଟି (ଆର୍‌ଓଇ) ଶତକଡା ୨୦୫ ବିପିଏସ୍ ହାରରେ ୧୧.୫୯%କୁ ବୃଦ୍ଧି ପାଇଛି। ବ୍ୟାଙ୍କର ସିଆର୍‌ଏଆର୍ ସିଇଟି-୧ ଅନୁପାତ ୧୩.୧୬%ରୁ ୧୬.୬୬%କୁ ବୃଦ୍ଧି ପାଇଛି। ବ୍ୟାଙ୍କର ନିଟ୍ ଏନ୍‌ପିଏ ୧୩ ବିପିଏସ୍ ହ୍ରାସ ପାଇ ୨.୬୬%ରେ ରହିଛି। ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ (ପିସିଆର୍) ରେ ୮୬.୮୬% ରେ ପହଞ୍ଚିଛି। ସେହିପରି ବ୍ୟାଙ୍କର କାସା ଡିପୋଜିଟ୍‌ରେ ୧୦.୭୪% ବୃଦ୍ଧି ଘଟିଛି। ବ୍ୟାଙ୍କର ମୋଟ୍ ସୁଧ ଆୟ ପୂର୍ବ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ୩,୭୩୯ କୋଟି ଥିବା ବେଳେ ଏହା ଚଳିତ ଆର୍ଥିକ ବର୍ଷରେ ୩,୪୦୮କୋଟି ରହିଛି। ବ୍ୟାଙ୍କର ଅଣ ସୁଧ ଆୟ ୧୮୩୫ ରହିଛି। ଏନ୍‌ଆଇଏମ୍ (ଗ୍ଲୋବାଲ) ୨.୨୭% ରହିଥିବା ବେଳେ ଏନ୍‌ଆଇଏମ୍ (ଘରୋଇ) ୨.୫୧% ରହିଛି।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Looking for female candidates for
Tele-caller Post
in Bhubaneswar
(minimum Qualification +2).
Salary- 6000/- to 10000/-.
Contact- 8144890408

**WANTED**
SENIOR MANAGER FOR
SPONGE IRON PLANT
NEAR CUTTACK.
CONTACT:
7381075901
9437021279

**ଆବଶ୍ୟକ**
ବାଡ଼ି ବଗିଚା କାମପାଇଁ ଲୋକଟିଏ ଦରକାର। କଟକ, ରହିବାକୁ ଘରସହ ୧୦,୦୦୦।
7809525452

**आवश्यकता है**
टेलीकॉलिंग
ऑफिस कार्य हेतु
10वीं 12वीं पास अविवाहित लड़कों की आवश्यकता उम्र 18 – 28 वेतन 10000+ कमीशन + बोनस रहना फ्री ट्रेनिंग के बाद कमाये 15 से 20000 जो बाहर रहकर काम कर सके
—: संपर्क करे :—
9625949738
9131182006

**Urgently Required**
(PERMANENT JOB)ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper, Supervisors, Checkers, Loaders, Drivers, Guards and Helpers.
Qualification: ପାଠ ପଢ଼ିନଥିବା + Graduate
Salary: Rs 25000 - 75000 + Bonus + Cab ( ରହିବା + ଖାଇବା Free )
9536644810, 8859205431

ଭୁବନେଶ୍ୱର ଅଫିସ୍ ପାଇଁ
**ଷ୍ଟାଫ୍ ଆବଶ୍ୟକ**
GRAPHIC DESIGNER - DTP OPERATOR
OFFICE ASSISTANT - PEON
କେବଳ ଅଭିଜ୍ଞତା ଥିବା ବ୍ୟକ୍ତି ବାୟୋଡାଟା ପଠାନ୍ତୁ
needofficestaffs@gmail.com
8249416516 (Whatsapp)

**APPOINTMENT**
150 Years India's Most Trusted Company is looking for professional Male/Female in BBSR & Cuttack city. Work (Full/part time) Excellent Career & Earning opportunity (Need: Retired Bankers, Mutual Fund Advisor, Credit and Loans Sales person & VRS Employee, House-wife, Finance professional, Real Estate people, Business people, Pvt. Employee, Teachers). 8686933457, 9861660969

**URGENT REQUIREMENT**
1. OFFICE ASSISTANTS (Married Female Candidates) Salary : 15,000/- PM. Quali.- Graduation with 3 years Experience.
2. BACK OFFICE EXECUTIVE (Female Candidates) Quali.- Graduation. Salary 10,000/- PM with 1 year Experience.
Email : recruitments@elmechindia.in

See Career Appointment on every Wednesday & Saturday



# ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

ସଂଖ୍ୟା: 1795/IND-II-PH-989 — ତାରିଖ: 4.2.2022

## ବିଜ୍ଞାପନ

No. CAD-2892: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ସାହୁ ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ, ଓଡ଼ିଶାର କଟକ ଜିଲ୍ଲା, ସାଲେପୁର ତହସିଲ, ଭୈରପୁର ମୌଜା ଅନ୍ତର୍ଗତ ଭୈରପୁରଠାରେ ୫.୦୫୮ ହେକ୍ଟର ପରିମିତ ଲିଜ୍ ଅଞ୍ଚଳରେ ସ୍ଥିତ ବିରୂପା ନଦୀ ବାଲିଘାଟ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରିଛନ୍ତି। ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ଼, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୦୯।୦୩।୨୦୨୨ରିଖ ଦିବା ୧୧.୩୦ ଘଟିକା ସମୟରେ କଟକ ଜିଲ୍ଲା, ସାଲେପୁର ତହସିଲ ଅନ୍ତର୍ଗତ କଟକ-ଚାନ୍ଦବାଲି ପାର୍ଶ୍ୱସ୍ଥିତ ତାରିଣୀ ମନ୍ଦିର ନିକଟ ଭୈରପୁର ମୌଜାସ୍ଥିତ ଖେଳପଡ଼ିଆଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ. ୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Enviornmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, କଟକ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, କଟକ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, କଟକ।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ୱେବସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କଟକସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0272/2122 — ସ୍ୱା./- ସଦସ୍ୟ ସଚିବ



# DIRECTORATE OF TEXTILES
## ODISHA, SATYANAGAR, BHUBANESWAR - 751007
## SHORT QUOTATION TENDER CALL
## NOTICE FOR HIRING OF VEHICLE

No. PP-98: Sealed quotations are invited in the prescribed format from Travel Agencies/Tour Operator/ Individual Vehicle owners having valid uptodate PAN/ GSTN for providing 01 (One) No. of Vehicle (Zest/Tigor/ Swift/Dzire/Xcent/Etios) for engagement in Office of the Directorate of Textiles, Odisha, Bhubaneswar on monthly rent basis. The details of the terms and conditions of the above services along with tender documents can be downloaded from website **https://textiles.odisha.gov.in**. Last date for submission of quotation is on or before 25.02.2022 by 5.00 P.M. through Registered Post/Speed Post. The undersigned reserves all rights either to accept or to reject the quotations without assigning any reasons whatever.

**Sd./- S.K Dash**
**Director of Textiles & Handloom, Odisha**
OIPR-31003/11/0023/2122

# OFFICE OF THE SUPERINTENDENT
## MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL
BERHAMPUR - 760004, GANJAM, ODISHA
E-mail: supdtmkcg@gmail.com
No. 1776/MCH/EC-I/2022 — Dt./Berhampur the 03.02.2022

## EXPRESSION OF INTEREST

No. E-900: The Superintendent, MKCG Medical College Hospital, Berhampur invites Expression of Interest from Local/States/National Level Voluntary Organisation/Non-Governmental Organisation/Social Service Organisations and any Volunteers to provide attendants to attend the Destitute patients having no attendants at MKCG medical College Hospital, Berhampur as per the terms and conditions laid down in resolution No. 26168/H Dt.25.11.2008 & No. 22316/H Dt.25.10.2016 of Govt. in Health & F.W. Department, Odisha, Bhubaneswar. The rate of remuneration is Rs.300/- per day per patient is fixed by the Swasthya Bikash Samittee, MKCG Medical College Hospital, Berhampur.
The eligible interested applicants are requested to carefully read the terms and conditions laid down in the above mentioned Government Resolutions and submit their applications regarding "Expression of Interest" in sealed envelope latest by 28.02.2022 through Registered Post/Speed Post or Courier Service. The details can be fetched at **www.ganjam.nic.in**. The envelope must be superscribed as "EXPRESSION OF INTEREST TO ATTEND THE DESTITUTE PATIENT AT MKCG MEDICAL COLLEGE HOSPITAL, BERHAMPUR", with the date of advertisement and this office reference No. and date should be written in bracket below it.

**Sd./- Superintendent**
**MKCG Medical College Hospital, Berhampur**
OIPR-10013/11/0021/2122

See Career Appointment on every Wednesday & Saturday


## 'କିଚେନ୍ ମିନିଷ୍ଟର୍ସ ଅଫ୍ ଇଣ୍ଡିଆ'

ଭୁବନେଶ୍ୱର,୪।୨

ଦେଶର ପ୍ରମୁଖ ସର୍ଟ ଭିଡିଓ ଆପ୍ ମୋଜ୍ ପକ୍ଷରୁ ପ୍ରଥମ ରୋଷେଇ ପ୍ରତିଯୋଗିତା 'କିଚେନ୍ ମିନିଷ୍ଟର୍ସ ଅଫ୍ ଇଣ୍ଡିଆ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଖାଦ୍ୟପ୍ରେମୀଙ୍କୁ କେବଳ ମୋଜ୍ ନୁହେଁ ବରଂ ସେଲିବ୍ରିଟି ସେଫ୍ ସଞ୍ଜୀବ କପୁର ଓ ଅଜୟ ଚୋପ୍ରାଙ୍କ ଏକ ପ୍ୟାନେଲ ନିକଟରେ ନିଜ ପ୍ରତିଭାର ପ୍ରଦର୍ଶନ କରିବା ପାଇଁ ସୁଯୋଗ ପ୍ରଦାନ କରୁଛି। ଏ ସମ୍ପର୍କରେ ସେଫ୍ ସଞ୍ଜୀବ କପୁର କହିଛନ୍ତି, ଭାରତରେ ବିଭିନ୍ନ ରାଜ୍ୟର ଖାଦ୍ୟ ସଂସ୍କୃତିକୁ ଏହାର ପରମ୍ପରା,ଐତିହ୍ୟ ଓ ବିଶ୍ୱାସ ଦ୍ୱାରା ପରିଭାଷିତ କରାଯାଇପାରିବ। ମୁଁ ମୋଜ୍‌ର କିଚେନ୍ ମିନିଷ୍ଟର୍ସ ଅଫ୍ ଇଣ୍ଡିଆର ଅଂଶ ହୋଇ ଏବଂ ଦେଶବ୍ୟାପୀ ପାରମ୍ପରିକ ଖାଦ୍ୟଗୁଡ଼ିକର ନୂଆ ଯୁଗର ଉପସ୍ଥାପନାକୁ ଦେଖିବା ପାଇଁ ଉତ୍ସାହିତ ରହିଛି। ସେହିଭଳି ସେଫ୍ ଅଜୟ ଚୋପ୍ରା କହିଛନ୍ତି, ମୂଳ ପାରମ୍ପରିକ ଖାଦ୍ୟ ସହିତ ଜଡ଼ିତ ହେବା ଏବଂ ଭାରତର ଉଦୀୟମାନ ହୋମ୍ ସେଫ୍‌ମାନଙ୍କ ମେଣ୍ଟରିଂ ମାଧ୍ୟମରେ ଭିନ୍ନ ଭିନ୍ନ ରୋଷେଇ ଶୈଳୀକୁ ଆବିଷ୍କାର କରିବା ପାଇଁ ରୋମାଞ୍ଚିତ ରହିଛି।


**TATA**
# JOB OPPORTUNITIES in Tata Power for its Distribution Business in Odisha

Tata Power has entered into a Joint Venture with Odisha Govt. for Distribution Business in Odisha. Distribution companies (TPWODL, TPSODL & TPNODL) have laid out an ambitious plan to improve reliability of power supply, enhance customer services and implement innovative technology in these areas. To meet the business requirements, Distribution companies plan to recruit suitable manpower in various functions listed below and invites applications from interested and eligible candidates.

- Commercial functions (Revenue Cycle Management, Customer Services (including Key Consumer Group), Connection Management (including new connection), Meter Management Group, Metering, Billing, Collection, Recovery, Client Manager, Enforcement, Vigilance & Energy Audit).
- Electricity Distribution Operations & Maintenance (O & M, Safety, Network Engineering & Quality assurance of Sub transmission system (33 / 11 kV Primary Distribution Substation, 33 kV lines), Distribution System (11 kV lines, 11/0.4 KV Distribution Transformers and LT lines), Switchgear/ Transformer Workshop and E&MR
- Operational Technology (GIS, Automation (SCADA) and Power System Control (PSC))
- Civil Construction & Maintenance
- Projects Execution (Project Planning, Preparation of Detailed project Report (DPR), Project Execution of 33 kV, 11 kV, LT projects including erection of poles/towers, laying HT/LT conductors/cables, Erection and commissioning of Indoor/Outdoor 33/11kV S/S, LT Distribution S/S etc.)
- IT Software development & Support Services
- Human Resource, Industrial Relation & General Administration
- Finance & Accounts, Legal & Secretarial
- Contract, Procurement & Stores
- Community Relations, Business Excellence

Candidates possessing Diploma/ Degree in Electrical, Civil, Electronics, Computer Science & Communication Engineering, CA, CMA, MBA, BSc (IT), MSc (IT), BCA, MCA, Graduate/ Post Graduates in Science/Commerce/ Arts/ Law/ Management/ Media & Mass Communication qualifications and with 1 - 7 years of relevant experience with minimum of 60% marks throughout career from 10th Standard onwards, can apply on or before 16.02.2022.
Note: In line with the needs of specific role requirements, preference will be given to local domicile applicants.
Link for applying online to respective Discoms of interest, are as below.
**TPWODL - https://Tpcareer.tpwesternodisha.com:7055**
**TPSODL - https://Tpcareer.tpsouthernodisha.com:7054**
**TPNODL - https://Tpcareer.tpnodl.com:7052**
Candidates can apply only for any One of the Distribution Companies and for One Department. Eligible shortlisted candidates shall be invited to participate in the recruitment process. For any information, please visit the above Links for contact details of the particular DISCOM being applied for.

**TATA POWER**

# ସୌମ୍ୟଙ୍କୁ ୭୫ତମ ଚେସ୍ ଟାଇଟଲ

**ଭୁବନେଶ୍ୱର, ୪।୨ (କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୩୫ତମ ଅନ୍‌ଲାଇନ୍ ଓପନ ଚେସ୍‌ରେ ଫିଡେମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ୮ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଟପ୍ ସିଡ୍ ସୌମ୍ୟ ୬.୫ ପଏଣ୍ଟ ସହିତ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଏଥିସହ ରାଜ୍ୟ ଓପନ ଚେସ୍ ଟାଇଟଲ ଜିତିବାରେ ୭୫ ସଂଖ୍ୟା ସ୍ପର୍ଶ କରିଛନ୍ତି । ସମାନ ପଏଣ୍ଟ ପାଇଥିବା ଅନ୍ୟ ଦୁଇ ଖେଳାଳି ତପନ ବଡ଼ମୁଣ୍ଡି ଓ ସତ୍ୟମ୍ ସରବଜିତ ମିଶ୍ର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଏହା ବ୍ୟତୀତ ମହେନ୍ଦ୍ର ତେଜା ମେକଲା, ସୁରପାନେନି ଚିଦ୍‌ଭିଲାସ ସାଇ, ହର୍ଷିତ ରଞ୍ଜନ ସାହୁ, ରବୀନ୍ଦ୍ର କୁମାର ଓଝା (ସମସ୍ତେ ୬ ପଏଣ୍ଟ), ସଙ୍କେତ ସାଗର ଦାଶ, ଶ୍ରୀହନ ସବତ (ଉଭୟେ ୫.୫), ଫକୀର ମାଝି, ମଣିନ୍ଦ୍ର କାର୍ଜୀ, ମନୋଜ କୁମାର ତ୍ରିପାଠୀ, ଶ୍ଳୋକ ଜୟେଶ ଚନ୍ଦ୍ରାଣି, ଶୁଭ୍ ସିଂ ସଇନୀ ଓ ସାହାନା ଲେଙ୍କା (ସମସ୍ତେ ୫ ପଏଣ୍ଟ) ଟପ୍-୧୫ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଶିବମ୍ ସବତ, ଭିନିତ ମହାପାତ୍ର, ଆଦିତ୍ୟ ଜେନା, ଭିନିତ ନାୟକ, ବିନାୟକ କୁମାର ସାମଲ, ରିଶିତ ଦେବନାଥ, ସିଦ୍ଧାର୍ଥ ମିଶ୍ର, ଉଦୟ ପରିଡ଼ା, ସ୍ଥିତପ୍ରଜ୍ଞ ସାହୁ, ମନସିଜ ସାମଲ, ତମନ୍ନା ତ୍ରିପାଠୀ ଓ ଅଦିତି ମୁଖାର୍ଜୀଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସ୍ନେହାଞ୍ଜଳି ପ୍ରଧାନ ଶ୍ରେଷ୍ଠ ମହିଳା ଓ ରବୀନ୍ଦ୍ର ସାହୁ ଶ୍ରେଷ୍ଠ ଭେଟେରାନ ଖେଳାଳି ପୁରସ୍କାର ପାଇଥିଲେ। ଗୁଗ୍‌ଲ ମିଟ୍‌ରେ ଉଦ୍‌ଘାଟିତ ପ୍ରତିଯୋଗିତାକୁ ଅଜୟ ବିନୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଏମ୍‌ସିଏ ବିଭାଗ ମୁଖ୍ୟ ଅମରେଶ ସାହୁ ମୁଖ୍ୟ ଅତିଥି ଏବଂ ରାଜ୍ୟ ଗୋଇନ୍ଦା ବିଭାଗ ଇନ୍‌ସ୍ପେକ୍ଟର ଦୀପିକା ପ୍ରିୟଦର୍ଶିନୀ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱର ଚେସ୍ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ସ୍ମୃତିରଞ୍ଜନ ଦାସ, ସମ୍ପାଦକ ଦେବାଶିଷ ପାଣିଗ୍ରାହୀ, ଉପସଭାପତି ସୀତେନ୍ଦୁ ରାଜଗୁରୁ ଏବଂ ନିର୍ଦ୍ଦେଶକ ଦୀପକ କୁମାର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।



ସୌମ୍ୟରଞ୍ଜନ ମିଶ୍ର

# ଭାରତ-ନ୍ୟୁଜିଲାଣ୍ଡ କାର୍ଯ୍ୟସୂଚୀରେ ପରିବର୍ତ୍ତନ

**ଅକ୍‌ଲାଣ୍ଡ, ୪।୨ (ପି.ଟି.):** ଭାରତ ଓ ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ ଦଳ ମଧ୍ୟରେ ଖେଳାଯିବାକୁଥିବା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ମ୍ୟାଚଗୁଡ଼ିକ ମଧ୍ୟରେ ବ୍ୟବଧାନ ବୃଦ୍ଧି କରାଯାଇଛି। ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତୀୟ ଦଳ ୫ ଅନ୍ତର୍ଜାତୀୟ ଦିନିକିଆ ଓ ଏକ ଅନ୍ତର୍ଜାତୀୟ ଟି୨୦ ଖେଳିବାର

**ମହିଳା ଦିନିକିଆ କ୍ରିକେଟ ସିରିଜ**

କାର୍ଯ୍ୟସୂଚୀ ରହିଛି। ଏକମାତ୍ର ଟି୨୦ ମ୍ୟାଚ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଫେବୃୟାରୀ ୯ରେ ଖେଳାଯିବ। ତେବେ ପ୍ରଥମ ୩ ଅନ୍ତର୍ଜାତୀୟ ଦିନିକିଆ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇଛି। ଦିନିକିଆ ସିରିଜର ଓପନିଂ ମ୍ୟାଚ ଫେବୃୟାରୀ ୧୧ ପରିବର୍ତ୍ତେ ଫେବୃୟାରୀ ୧୨ରେ ଖେଳାଯିବ। ଫେବୃୟାରୀ ୧୪ରେ ଖେଳାଯିବାକୁଥିବା ଦ୍ୱିତୀୟ ଦିନିକିଆ ଗୋଟିଏ ଦିନ ଘୁଞ୍ଚାଇ ଦିଆଯାଇ ଫେବୃୟାରୀ ୧୫ରେ ଖେଳାଯିବ। ତୃତୀୟ ଦିନିକିଆ ଫେବୃୟାରୀ ୧୬ ପରିବର୍ତ୍ତେ ଫେବୃୟାରୀ ୧୮ରେ ହେବ। ଶେଷ ଦୁଇଟି ଦିନିକିଆ ମ୍ୟାଚର ଦିନ ପରିବର୍ତ୍ତନ କରାଯାଇ ନାହିଁ। ଏହା ଫେବୃୟାରୀ ୨୨ ଓ ୨୪ରେ ଖେଳାଯିବ। ମାର୍ଚ୍ଚ-ଏପ୍ରିଲରେ ବିଶ୍ୱକପ୍ ଦୃଷ୍ଟିରୁ ଏହି ଦ୍ୱିପାକ୍ଷିକ ସିରିଜ ଗୁରୁତ୍ୱ ବହନ କରୁଛି। ଭ୍ରମଣକାରୀ ଭାରତୀୟ ମହିଳା ଦଳ ବର୍ତ୍ତମାନ ବାଧ୍ୟତାମୂଳକ ଆଇସୋଲେଶନ ଓ କ୍ୱାରାଣ୍ଟାଇନ୍‌ରେ ରହିଛି।

# ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ସମ୍ଭାବନା

**ଭୁବନେଶ୍ୱର, ୪।୨ (କ୍ରୀଡ଼ା ପ୍ରତିନିଧି)**

କଟକର ବାରବାଟୀ ଷ୍ଟାଡିୟମରେ ହେବାକୁଥିବା ଭାରତ-ୱେଷ୍ଟଇଣ୍ଡିଜ ଟି୨୦ ମ୍ୟାଚ ସ୍ଥାନାନ୍ତର ହେବାରୁ ନିରାଶ ହୋଇଥିବା ଓଡ଼ିଆ କ୍ରିକେଟପ୍ରେମୀଙ୍କ ପାଇଁ ଆସୁଛି ଆଉ ଏକ ଖୁସି ଖବର। ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଆୟୋଜନ ସମ୍ଭାବନା ସୃଷ୍ଟି ହୋଇଛି। ନିକଟରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲିଙ୍କ ସହ ଆଲୋଚନା ପରେ ଏ ସମ୍ଭାବନା ଦୃଢ଼ୀଭୂତ ହୋଇଛି। ଏ ସମ୍ପର୍କରେ ସଞ୍ଜୟ କହିଛନ୍ତି ଯେ, ‘‘ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ମ୍ୟାଚ ନେଇ ସୌରଭଙ୍କ ସହିତ ମୋର ପ୍ରାରମ୍ଭିକ ଆଲୋଚନା ହୋଇଛି। ବିସିସିଆଇ ସଭାପତି ଆଶ୍ୱାସନା ଦେଇଥିବାରୁ ଆସନ୍ତା ଜୁନ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ ମିଳିବା ନେଇ ଆମେ ଆଶାବାଦୀ ଅଛୁ’’। ପ୍ରକାଶଯୋଗ୍ୟ ଯେ, ଭାରତ ଗସ୍ତରେ ଆସି ଦକ୍ଷିଣ ଆଫ୍ରିକା ଚଳିତ ବର୍ଷ ଜୁନ୍ ୯, ୧୨, ୧୪, ୧୭ ଓ ୧୯ ତାରିଖରେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳିବା କାର୍ଯ୍ୟସୂଚୀ ରହିଛି। ଏହି ସିରିଜର ଭେନ୍ୟୁ ନିର୍ଦ୍ଧାରଣ ହୋଇନାହିଁ। ବିସିସିଆଇ ସଭାପତିଙ୍କ ସହ ଓସିଏ ସମ୍ପାଦକ ଆଲୋଚନା କରିଥିବାରୁ ଏଥିରୁ ଗୋଟିଏ ମ୍ୟାଚ ବାରବାଟୀକୁ ମିଳିବା ସମ୍ଭାବନା ରହିଛି। ବାରବାଟୀରେ ପ୍ରକୃତରେ ଭାରତ-ୱେଷ୍ଟଇଣ୍ଡିଜ ଟି୨୦ ମ୍ୟାଚ ହେବାର ଥିଲା। ମାତ୍ର ଦେଶରେ କୋଭିଡ୍-୧୯ ସ୍ଥିତିକୁ ଦେଖି ବିସିସିଆଇ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଓ ଟି୨୦ ସିରିଜକୁ ୨ଟି ଭେନ୍ୟୁରେ ସୀମିତ ରଖିବାକୁ ନିଷ୍ପତ୍ତି ନେଇଛି। ଫଳରେ ୩ ଦିନିକିଆ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଏବଂ ୩ ଟି୨୦ କୋଲକାତାର ଇଡେନ ଗାର୍ଡେନ୍ସରେ ଅନୁଷ୍ଠିତ ହେବ।



# ଭାରତର ସୁହାନା ସଇନିଙ୍କୁ ବ୍ରୋଞ୍ଜ

**ନୂଆଦିଲ୍ଲୀ, ୪।୨ (ପି.ଟି.):** ଟ୍ୟୁନିସିଆ ରାଜଧାନୀରେ ଚାଲିଥିବା ଡବ୍ଲ୍ୟୁଟିଟି ୟୁଥ୍ କଣ୍ଟେଡର ଟେନିସ୍ ୨୦୨୨ ଚାମ୍ପିୟନଶିପ୍‌ରେ ଭାରତୀୟ ଟେବୁଲ ଟେନିସ(ଟିଟି) ଖେଳାଳି ସୁହାନା ସଇନି ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୯ବର୍ଷରୁ କମ୍ ବାଳିକା ସେମିଫାଇନାଲରେ ସେ ରୋମାନିଆର ଏଲିନା ଜାହାରିଆଙ୍କଠାରୁ ୧୧-୯, ୯-୧୧, ୧୦-୧୨, ୧୧-୧୩ରେ ହାରିଯାଇଥିଲେ। ଭାରତୀୟ ଖେଳାଳିଙ୍କ ପାଇଁ ତୃତୀୟ ଓ ଚତୁର୍ଥ ଗେମ୍‌ରେ ପ୍ରତ୍ୟାବର୍ତ୍ତନର ସୁଯୋଗ ରହିଥିଲା। ମାତ୍ର ୧୯ବର୍ଷରୁ କମ୍ ବିଶ୍ୱର ନମ୍ବର ୱାନ ଖେଳାଳି ଏଲିନା ତାଙ୍କ ଉଦ୍ୟମକୁ ବ୍ୟର୍ଥ କରିଦେଇଥିଲେ। ପୂର୍ବରୁ ଅନୁଷ୍ଠିତ କ୍ୱାର୍ଟରଫାଇନାଲରେ ସୁହାନା ଇଜିପ୍ଟର ଫରିଦା ବାଦାୱିଙ୍କୁ ଏକତରଫା ୧୧-୯, ୧୧-୪, ୧୧-୮ରେ ହରାଇ ଦେଇଥିଲେ। ଭାରତର ଏହି ଉଦୀୟମାନ ଖେଳାଳି ଗତବର୍ଷ ଡିସେମ୍ବରରେ ୱାର୍ଲ୍ଡ ୟୁଥ୍ ଚାମ୍ପିୟନଶିପ୍‌ରେ ତିନୋଟି ବ୍ରୋଞ୍ଜ ହାସଲ କରିଥିଲେ।



ସୁହାନା ସଇନି

# ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍

# ଫାଇନାଲ ଆଜି

**ନର୍ଥସାଉଣ୍ଡ, ୪।୨ (ପି.ଟି.)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ଫାଇନାଲ ଶନିବାର ଅନୁଷ୍ଠିତ ହେବ। ପ୍ରତିଯୋଗିତାର ୧୪ ସଂସ୍କରଣ ମଧ୍ୟରୁ ୮ ଥର ଫାଇନାଲରେ ପ୍ରବେଶ ସହ ୪ ଥର ଟ୍ରଫି ବିଜୟୀ ହୋଇଥିବା ଭାରତ ଏହାର ଆଧିପତ୍ୟ ଅବ୍ୟାହତ ଲକ୍ଷ୍ୟରେ ରହିଛି। ସ୍ଥାନୀୟ ସାର୍ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ଇଂଲଣ୍ଡକୁ ହରାଇ ୟାଶ ଧୁଲଙ୍କ ନେତୃତ୍ୱାଧୀନ ଭାରତ ୫ମ ଥରପାଇଁ ଚାମ୍ପିୟନ ହେବା ଆଶା ରଖିଛି। କରୋନାରେ ସଂକ୍ରମିତ ହେବାଯୋଗୁ ଧୁଲ ଓ ତାଙ୍କ ଡେପୁଟି ଶେକ୍ ରଶିଦ ୨ଟି ଲିଗ୍ ମ୍ୟାଚରେ ଖେଳିପାରି ନ ଥିଲେ। ଏହା ସତ୍ତ୍ୱେ ଭାରତ ସହଜରେ ଲିଗ୍ ପର୍ଯ୍ୟାୟ ଅତିକ୍ରମ କରି ନକ୍‌ଆଉଟରେ ପ୍ରବେଶ କରିଥିଲା। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଧୁଲ ଶତକ ହାସଲ କରିଥିଲେ। ରଶିଦଙ୍କ ପ୍ରଦର୍ଶନ ମଧ୍ୟ ଆକର୍ଷଣୀୟ ରହିଛି। ତେଣୁ ଫାଇନାଲରେ ଏହି ଦୁଇ ଖେଳାଳିଙ୍କ ଉପରେ ନଜର ରହିବ। ସେହିପରି ଅତିରିକ୍ତ ପେସ୍ ପକାଇ ପାରୁଥିବା ରାଜବର୍ଦ୍ଧନ ହାଙ୍ଗରଗେକର, ବାମହାତୀ ସୁଇଂ ବୋଲର ରବି କୁମାର ଓ ଭାରତୀୟ ସ୍ପିନ ଆକ୍ରମଣର ନେତୃତ୍ୱ ନେଉଥିବା ଭିକି ଓସ୍ୱାଲଙ୍କ ଉପରେ ନଜର ରହିବ। ଓସ୍ୱାଲ ଭାରତ ପକ୍ଷରୁ ଏପର୍ଯ୍ୟନ୍ତ ସର୍ବାଧିକ ୧୨ଟି ଉଇକେଟ ନେଇଛନ୍ତି। ଅନ୍ୟପକ୍ଷରେ ୧୯୯୮ ପରେ ଇଂଲଣ୍ଡ ପ୍ରଥମଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ତେଣୁ ଏହି ଦଳ ଦୀର୍ଘ ୨୪ ବର୍ଷ ଟାଇଟଲ ଶୂନ୍ୟତାକୁ ପୂରଣ କରିବାକୁ ନିଶ୍ଚିତ ଚେଷ୍ଟା କରିବ।

**ମ୍ୟାଚ ଆରମ୍ଭ: ସନ୍ଧ୍ୟା ୬ଟା ୩୦**

# ପୂର୍ବତନ ପାକିସ୍ତାନ ହକି ଖେଳାଳି ୧୦ବର୍ଷ ବାସନ୍ଦ

**ଇସ୍‌ଲାମାବାଦ୍, ୪।୨ (ପି.ଟି.):** ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ଆପତ୍ତିଜନକ ଭାଷା ପ୍ରୟୋଗ କରିଥିବା ଅଭିଯୋଗରେ ପାକିସ୍ତାନର କ୍ରୀଡ଼ା କର୍ତ୍ତୃପକ୍ଷ ପୂର୍ବତନ ହକି ଖେଳାଳି ରଶିଦ ଉଲ୍ ହସନଙ୍କୁ ୧୦ବର୍ଷ ବାସନ୍ଦ କରିଛନ୍ତି। ୬୨ବର୍ଷୀୟ ହସନ ୧୯୮୪ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ଦଳର ଅନ୍ୟତମ ସଦସ୍ୟ ଥିଲେ। ସେ ଅଭିଯୋଗକୁ ଖଣ୍ଡନ କରିବା ସହ ବାସନ୍ଦ ଦଣ୍ଡକୁ କୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି କହିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI





ଭୁବନେଶ୍ୱର, ଶନିବାର, ଫେବୃୟାରୀ ୫/୨୦୨୨ (୧୨+୮=୨୦ ପୃଷ୍ଠା) Bhubaneswar, Saturday, February 5/2022 | ପୃଷ୍ଠା-୧

**ପ୍ୟାରିସରେ ପ୍ରମୋଦଙ୍କ ଟ୍ରେନିଂ**
ପାରାଲିମ୍ପିକ୍ସ ଗୋଲ୍ଡ ମେଡାଲିଷ୍ଟ ବ୍ୟାଡ୍‌ମିଣ୍ଟନ ତାରକା ଓଡ଼ିଶାର ପ୍ରମୋଦ ଭଗତ ପ୍ୟାରିସରେ ୧୦ ଦିନିଆ ଟ୍ରେନିଂ ଆରମ୍ଭ କରିଛନ୍ତି। ୦୮

୦୨ **ଫେରୁଛନ୍ତି କରିନା**
ଦ୍ୱିତୀୟ ସନ୍ତାନର ଜନନୀ ହେବା ପରେ ଅଭିନୟଠାରୁ ଦୂରରେ ଥିବା ବଲିଉଡ କୁଇନ୍ କରିନା କପୁର ଖାନ୍ ନିର୍ଦ୍ଦେଶକ ସୁଜୟ ଘୋଷଙ୍କ ଆଗାମୀ ଫିଲ୍ମରେ ନଜରକୁ ଆସିବେ।






# ବଳକା ରାଜ୍ୟରେ ଉପଭୋକ୍ତା ଶୋଷିତ

## ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ବିରୋଧ: ଜନଆନ୍ଦୋଳନ ଚେତାବନୀ



**ଭୁବନେଶ୍ୱର, ୪।୨(ବ୍ୟୁରୋ)**

ଓଡ଼ିଶା ବିଦ୍ୟୁତ୍‌ରେ ବଳକା ରାଜ୍ୟ ବୋଲି ଶକ୍ତିମନ୍ତ୍ରୀ ବିଭିନ୍ନ ସମୟରେ ବିଧାନସଭାରେ ବିଧାୟକଙ୍କ ପ୍ରଶ୍ନର ଉତ୍ତର ଦେଉଛନ୍ତି। ହେଲେ ବଳକା ରାଜ୍ୟ ହୋଇ ମଧ୍ୟ ରାଜ୍ୟର ବିଦ୍ୟୁତ୍ ଉପଭୋକ୍ତା ଚଡ଼ାଦର ଦେବାକୁ ବାଧ୍ୟ ହେଉଛନ୍ତି। ଗତ ୨୦ ବର୍ଷ ଧରି ରାଜ୍ୟବାସୀ ଘରୋଇ କମ୍ପାନୀ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି ବୋଲି ଓଡ଼ିଶା ଜନଶକ୍ତି ମଞ୍ଚ ଅଭିଯୋଗ କରିଛି। ଏହାର ସମାଧାନ କରା ନ ଗଲେ ଜନଆନ୍ଦୋଳନ କରାଯିବ ବୋଲି ଶୁକ୍ରବାର ଭୁବନେଶ୍ୱରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚର ଆବାହକ ଅଶୋକ ନନ୍ଦ ଚେତାବନୀ ଦେଇଛନ୍ତି।

ଓଡ଼ିଶାରେ ୨୦୦ ୟୁନିଟ୍‌ରୁ କମ୍ ବିଦ୍ୟୁତ୍ ବ୍ୟବହାର କରୁଥିବା ଉପଭୋକ୍ତା ଅନ୍ୟ ରାଜ୍ୟ ତୁଳନାରେ ଅଧିକ ଶୁଳ୍କ ଦେଉଛନ୍ତି। ରାଜ୍ୟର ବିଦ୍ୟୁତ୍ ଗ୍ରାହକମାନେ ୨୦୦ ୟୁନିଟ୍‌କୁ ମାସିକ ହାରାହାରି ୯୪୫ ଟଙ୍କା ଦେଉଛନ୍ତି। ସମାନ ୟୁନିଟ୍ ପାଇଁ ଆନ୍ଧ୍ରପ୍ରଦେଶରେ ୬୨୦, ଛତିଶଗଡ଼ରେ ୮୬୧, ପଞ୍ଜାବରେ ୬୭୨ ଟଙ୍କା ନିଆଯାଉଛି। ଦିଲ୍ଲୀରେ ୨୦୦ ୟୁନିଟ୍ ଏବଂ ତାମିଲନାଡୁରେ ୧୦୦ ୟୁନିଟ୍ ଯାଏ ସମ୍ପୂର୍ଣ୍ଣ ଶୁଳ୍କ ମୁକ୍ତ କରାଯାଇଛି। ରାଜ୍ୟରେ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଖର୍ଚ୍ଚ ଆକଳନ ଆଧାରରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ବିଦ୍ୟୁତ୍ ଶୁଳ୍କ ଧାର୍ଯ୍ୟ କରୁଥିବାରୁ ସାଧାରଣ ଉପଭୋକ୍ତାଙ୍କ ଉପରେ ବୋଝ ବଢ଼ି ଚାଲିଛି। ବଣ୍ଟନ କମ୍ପାନୀ ଦ୍ୱାରା ଦିଆଯାଉଥିବା ଖର୍ଚ୍ଚ ଓ କ୍ଷତିର କୌଣସି ସ୍ୱତନ୍ତ୍ର ନିରପେକ୍ଷ ଅଡିଟ୍ ହେଉନାହିଁ। ଫଳରେ ମନଇଚ୍ଛା ଦର ବୃଦ୍ଧି କରାଯାଉଛି। ଦିଲ୍ଲୀରେ ନିରପେକ୍ଷ ଅଡିଟ୍ ହେବା ପରେ ସେଠାରେ ବିଦ୍ୟୁତ୍ ଶୁଳ୍କ ହ୍ରାସ ପାଇଛି। ଓଡ଼ିଶାରେ ମଧ୍ୟ ନିରପେକ୍ଷ ଅଡିଟ୍ କରିବାକୁ ନନ୍ଦ ଦାବି କରିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ସରକାର ଚାଷୀ ଓ ଚାଷର ବିକାଶ ପାଇଁ ଡିଣ୍ଡିମ ପିଟୁଥିବା ବେଳେ ଗରିବ ଚାଷୀଙ୍କ ଉପରେ ବିଦ୍ୟୁତ୍ ବୋଝ ଲଦି ଦିଆଯାଉଛି। ଓଡ଼ିଶାର କୃଷି କ୍ଷେତ୍ରରେ ମାତ୍ର ୨% ବିଦ୍ୟୁତ୍ ଉପଯୋଗ ହେଉଛି। ପଞ୍ଜାବ, ହରିୟାଣା, କର୍ଣ୍ଣାଟକ ଭଳି ରାଜ୍ୟରେ ୩୦ ପ୍ରତିଶତ ବିଦ୍ୟୁତ୍ କୃଷି କ୍ଷେତ୍ରକୁ ଯୋଗାଇ ଦିଆଯାଇଛି। ନିକଟରେ ରାଜ୍ୟର ବିଦ୍ୟୁତ୍ ବ୍ୟବସ୍ଥାକୁ ଟାଟା ପାୱାର ହାତକୁ ଟେକି ଦିଆଯାଇଛି। ତେବେ ଘରୋଇ କମ୍ପାନୀ ସହ କରାଯାଇଥିବା ଚୁକ୍ତିରେ ରାଜ୍ୟ ସରକାର ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ଖର୍ଚ୍ଚ କରିଥିବା ୨୦ ହଜାର କୋଟି ଟଙ୍କା ବିଷୟରେ କିଛି ଉଲ୍ଲେଖ କରାଯାଇ ନାହିଁ। କାହା ସ୍ୱାର୍ଥରେ ରାଜ୍ୟ ସରକାର ବିଦ୍ୟୁତ୍ ଅଡିଟ୍ କରୁନାହାନ୍ତି ବୋଲି ନନ୍ଦ ପ୍ରଶ୍ନ କରିଛନ୍ତି। ଘରୋଇ କମ୍ପାନୀ ଓ ସରକାରୀ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ବାରମ୍ବାର ଶୁଳ୍କବୃଦ୍ଧି କରାଯାଉଛି। ପୁନର୍ବାର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବାକୁ ଗ୍ରୀଡ୍‌କୋ, ଓପିଟିସିଏଲ୍ ଏବଂ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକ ଓଇଆରସି ନିକଟରେ ଆବେଦନ କରିଛନ୍ତି। ଏହା ବିରୋଧରେ ମଞ୍ଚ ପକ୍ଷରୁ ସମଗ୍ର ରାଜ୍ୟରେ ଜନସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ମଳୟ କୁମାର ସାମଲ, ଆନନ୍ଦ ମହାପାତ୍ର, ସୀତାବଲ୍ଲଭ ମହାପାତ୍ର, ତୁଷାର ରାୟ, ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ୨୩ ଜୀବନ ନେଲା କରୋନା

**ଭୁବନେଶ୍ୱର, ୪।୨ (ବ୍ୟୁରୋ)**

### ତୃତୀୟ ଲହରରେ ସର୍ବାଧିକ

ରାଜ୍ୟରେ ବର୍ତ୍ତମାନ କୋଭିଡ୍‌ର ତୃତୀୟ ଲହର ଜାରି ରହିଛି। ସଂକ୍ରମଣ କମିଥିଲେ ମଧ୍ୟ ମୃତ୍ୟୁ ସଂଖ୍ୟା ବଢ଼ୁଛି। କରୋନା ସହ ଡେଲ୍‌ଟା, ଓମିକ୍ରନ୍ ଭଳି ଭାରିଆଣ୍ଟର ଉପସ୍ଥିତି ଯୋଗୁ ଆକ୍ରାନ୍ତଙ୍କ ଜୀବନ ଯାଉଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହୁଛନ୍ତି। ଏପରିସ୍ଥିତିରେ ଗତ ୨୪ ଘଣ୍ଟାରେ ତୃତୀୟ ଲହରର ସର୍ବାଧିକ ୨୩ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁଯାୟୀ, ଖୋର୍ଦ୍ଧାରୁ ସର୍ବାଧିକ ୭ଜଣ ଆକ୍ରାନ୍ତ ଆଖି ବୁଜିଛନ୍ତି। ସେହିଭଳି ସୁନ୍ଦରଗଡରୁ ୩, ଭଦ୍ରକ, ଗଞ୍ଜାମ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡାରୁ ୨ ଜଣେ ଲେଖାଏ ଏବଂ ବାଲେଶ୍ୱର, ଢେଙ୍କାନାଳ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜରୁ ଜଣେ ଲେଖାଏ ମୃତକ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ୮୬୮୯କୁ ବୃଦ୍ଧି ପାଇଥିବାବେଳେ କେବଳ ଖୋର୍ଦ୍ଧାରେ ୧୬୫୫ରେ ପହଞ୍ଚିଛି।

ଅପରପକ୍ଷରେ ରାଜ୍ୟରେ ପୁଣି ୨,୬୯୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କ୍ୱାରାଣ୍ଟାଇନ୍‌ରୁ ୧,୫୬୮ଜଣ ଥିବାବେଳେ ୧,୧୨୯ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ୧୮ ବର୍ଷରୁ କମ୍ ବର୍ଗର ୪୩୫ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଦୈନିକ ସଂକ୍ରମଣରେ ଖୋର୍ଦ୍ଧା ଆଗରେ ରହିଆସିଥିବାବେଳେ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ସର୍ବାଧିକ ୫୧୩ଜଣ ପଜିଟିଭ୍ ଏହି ଜିଲାରୁ ବାହାରିଛନ୍ତି। ସେହିପରି ସୁନ୍ଦରଗଡରୁ ୨୯୧ଜଣ, କଟକ ୧୩୮, ମୟୂରଭଞ୍ଜ ୧୨୮, ଯାଜପୁର ୧୨୭, ଅନୁଗୋଳ ୫୫, ବାଲେଶ୍ୱର ୭୩, ବରଗଡ ୫୩, ଭଦ୍ରକ ଓ ବୌଦ୍ଧରୁ ୪୮ ଲେଖାଏ, ବଲାଙ୍ଗୀର ୯୮, ଦେବଗଡ ୩୯, ଢେଙ୍କାନାଳ ୪୦, ଗଜପତି ୫୯, ଗଞ୍ଜାମ ୧୬, ଜଗତ୍‌ସିଂହପୁର ୬୭, ଝାରସୁଗୁଡା ୩୬, କଳାହାଣ୍ଡି ୯୫, କନ୍ଧମାଳ ୩୪, କେନ୍ଦ୍ରାପଡା ୪୦, କେନ୍ଦୁଝର ୪୪, କୋରାପୁଟ ୪୧, ମାଲକାନଗିରି ୧୮, ନବରଙ୍ଗପୁର ୭୫, ନୟାଗଡ ୯୬, ନୂଆପଡା ୫୫, ପୁରୀ ୬୩, ରାୟଗଡା ୮୫, ସମ୍ବଲପୁର ୮୫, ସୋନପୁର ୨୯ ଏବଂ ଷ୍ଟେଟ୍‌ପୁଲରୁ ୧୦୮ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨ଲକ୍ଷ ୬୨ ୧୦୨କୁ ବୃଦ୍ଧି ପାଇଛି।

# ୭ରୁ ମିଳିବ ଏମ୍ସ ଓପିଡି ସେବା

**ଭୁବନେଶ୍ୱର,୪।୨(ବ୍ୟୁରୋ):** କୋଭିଡ୍ ଯୋଗୁ ଜାନୁୟାରୀ ୧୭ରୁ ବନ୍ଦ ରହିଥିବା ଭୁବନେଶ୍ୱର ଏମ୍ସର ଓପିଡି ସେବା ଆସନ୍ତା ୭ ତାରିଖରୁ ପୁଣି ମିଳିବ। ସଂକ୍ରମଣ ହ୍ରାସ ପାଉଥିବାରୁ ଏମ୍ସ କର୍ତ୍ତୃପକ୍ଷ ଓପିଡି ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଶୁକ୍ରବାର ଏମ୍ସ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ସମସ୍ତ ବିଭାଗ ପୂର୍ବଭଳି ଓପିଡିର ନିୟମାବଳୀକୁ ଅନୁସରଣ କରିବେ। ଏଥିସହ ନୂଆ ସଂକ୍ରମିତଙ୍କ ପାଇଁ ସମସ୍ତ ବିଭାଗର ୱାର୍ଡରେ ୪ରୁ ୫ ବେଡ୍ ସଂରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ 'ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟ ଆପ୍' ପକ୍ଷରୁ ପୂର୍ବପରି ରୋଗୀଙ୍କୁ ଟେଲିମେଡିସିନ ସ୍ୱାସ୍ଥ୍ୟସେବା ଯୋଗାଣ ଜାରି ରହିବ। ସମସ୍ତ ଆଇପିଡିରେ ରୋଗୀଙ୍କୁ ଭର୍ତ୍ତିକରିବା ସହ ଓଟି ଗୁଡ଼ିକ ସ୍ୱାଭାବିକ ଭାବେ କାର୍ଯ୍ୟ କରିବ। ସେହିପରି କୋଭିଡ୍ ଲେବର ରୁମ୍ ଆହୁରି ସପ୍ତାହେ ପର୍ଯ୍ୟନ୍ତ କାର୍ଯ୍ୟ କରିବ ବୋଲି କୁହାଯାଇଛି।

# ବାପା ଆଗରେ ପୁଅକୁ ଦଳିଦେଲା ଦନ୍ତା

## ମହୁଲଡଗରରେ ହୃଦୟ ବିଦାରକ ଘଟଣା

**କାମାକ୍ଷାନଗର, ୪।୨(ଡି.ଏନ୍.ଏ.)**

ସବୁଦିନ ପରି ଖାଇପିଇ ନିଶ୍ଚିନ୍ତରେ ବାରଣ୍ଡାରେ ସାନପୁଅ ରିଷି ସହିତ ଶୋଇଯାଇଥିଲେ ରସାନନ୍ଦ ଜେରେଇ। ବିଳମ୍ବିତ ରାତିରେ ଗ୍ରାମକୁ ପଶିଆସିଥିବା ହିଂସ୍ର ଦନ୍ତା ପ୍ରଥମେ ଘର ଭାଙ୍ଗି ଭିତରକୁ ପଶିବାକୁ ଚେଷ୍ଟା କଲା। ଏଥିରେ ବିଫଳ ହେବା ପରେ ବାରଣ୍ଡାରେ ଶୋଇଥିବା ରସାନନ୍ଦଙ୍କୁ ଶୁଣ୍ଢରେ ଟେକିନେଇ ଫିଙ୍ଗିଦେଲା। କିଛି ବୁଝିବା ପୂର୍ବରୁ ୫ବର୍ଷର ପୁଅକୁ ନୃଶଂସ ଭାବେ ଦଳିଦେଲା। ଆଖି ଆଗରେ ପୁଅ ଜୀବନ ଚାଲିଯାଉଥିବାବେଳେ ନରହନ୍ତା ଦନ୍ତା ଆଗରେ ଅସହାୟ ହୋଇପଡ଼ିଥିଲେ ବାପା। ଢେଙ୍କାନାଳ ଜିଲା କାମାକ୍ଷାନଗର ☞ପୃଷ୍ଠା-୬

### ମିଳନ ଋତୁରେ ଉନ୍ମତ୍ତ ହେଉଛନ୍ତି ଦନ୍ତା

ଏବେ ହାତୀଙ୍କ ମିଳନ ଋତୁ ଚାଲିଛି। ଫଳରେ ଉନ୍ମତ୍ତ ଦନ୍ତା ଗୋଠରୁ ଅଲଗା ହୋଇ ଜନବସତିରେ ପଶି ବ୍ୟାପକ ଉପଦ୍ରବ କରୁଛନ୍ତି। ଏଥିରେ ଧନଜୀବନ ହାନି ହେଉଛି। ହାତୀ ଉପଦ୍ରୁତ ଅଞ୍ଚଳବାସୀଙ୍କୁ ଏ ଦିଗରେ ସଚେତନ କରାଯିବା ସହିତ ସ୍ୱତନ୍ତ୍ର ପାଟ୍ରୋଲିଂ ଦଳ ନିୟୋଜିତ କରାଗଲେ କ୍ଷୟକ୍ଷତି ଅନେକାଂଶରେ କମାଇ ଦିଆଯାଇପାରନ୍ତା ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ରୁଷିଆ ଛାଡ଼ିଲେ ଏଲେନା ମିଲାଶିନା

## ଖବରଦାତାଙ୍କୁ ଚେଚନ୍ୟା ରାଷ୍ଟ୍ରପତିଙ୍କ ହତ୍ୟା ଧମକ

**ମସ୍କୋ,୪।୨**


ଏଲେନା ମିଲାଶିନା

ପୁରସ୍କାର ବିଜୟିନୀ ଇନ୍‌ଭେଷ୍ଟିଗେଟିଭ୍ ଜର୍ନାଲିଷ୍ଟ ଏଲେନା ମିଲାଶିନା ଚେଚନ୍ୟାରୁ ହତ୍ୟା ଧମକ ପାଇବା ପରେ ଶୁକ୍ରବାର ସାମୟିକ ଭାବେ ରୁଷିଆ ଛାଡ଼ିଛନ୍ତି। ଚେଚନ୍ୟାରେ ମାନବାଧିକାର ଉଲ୍ଲଂଘନ ସମ୍ପର୍କରେ ସେ ରୁଷିଆର ପ୍ରମୁଖ ସ୍ୱାଧୀନ ଖବରକାଗଜ 'ନୋଭାୟା ଗେଜେଟା'ରେ ଦୀର୍ଘ ସମୟ ଧରି ନିର୍ଭୀକତା ସହ ଲେଖୁଥିଲେ। ନିଜ ରିପୋର୍ଟକୁ ନେଇ ସେ ଅନେକ ଅନ୍ତର୍ଜାତୀୟ ପୁରସ୍କାର ଲାଭ କରିଛନ୍ତି। ରୁଷିଆର ଦକ୍ଷିଣାଞ୍ଚଳ ଚେଚନ୍ୟାର ବରିଷ୍ଠ ନେତାମାନେ ନିକଟରେ ତାଙ୍କୁ ବାରମ୍ବାର ହତ୍ୟା ଧମକ ଦେଇଆସୁଥିଲେ। ତେଣୁ ସମ୍ପାଦନା ମଣ୍ଡଳୀ ଏଲେନାଙ୍କୁ ରୁଷିଆ ବାହାରକୁ ଏକ ବିଜ୍‌ନେସ୍ ଟ୍ରିପ୍‌ରେ ପଠାଇବାକୁ ନିଷ୍ପତ୍ତି ନେଇଥିବା ଉକ୍ତ ଖବରକାଗଜରେ ପ୍ରକାଶ ପାଇଛି। ତେବେ ୪୪ ବର୍ଷୀୟା ଏଲେନା ଚେଚନ୍ୟାର ମାନବାଧିକାର ଉଲ୍ଲଂଘନ, ରାଜନୀତି ଆଦି ପ୍ରସଙ୍ଗରେ ଲେଖା ଜାରି ରଖିବେ ବୋଲି ଏଥିରେ କୁହାଯାଇଛି।

'ନୋଭାୟା ଗେଜେଟା' ସମ୍ପାଦକ ଡିମିଟ୍ରି ମୁରାଟୋଭ୍ ଗତବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ। ୨୦୦୦ ମସିହା ପରଠାରୁ ତାଙ୍କର ୬ ଜଣ ଖବରଦାତାଙ୍କୁ ହତ୍ୟା କରାଯାଇଛି, ଯାହାଙ୍କ ମଧ୍ୟରେ ଇନ୍‌ଭେଷ୍ଟିଗେଟିଭ୍ ରିପୋର୍ଟର ଆନ୍ନା ପୋଲିଟ୍‌କୋଭ୍‌ସ୍କାୟା ଅନ୍ୟତମ। ଚେଚନ୍ୟାରେ କ୍ରେମ୍‌ଲିନ୍ ନୀତିର ଘୋର ସମାଲୋଚିକା ପୋଲିଟ୍‌କୋଭ୍‌ସ୍କାୟାଙ୍କୁ ୨୦୦୬ ଅକ୍ଟୋବର ୭ରେ ଗୁଳିକରି ହତ୍ୟା କରାଯାଇଥିଲା। ଏଲେନା ତାଙ୍କ ପଦାଙ୍କ ଅନୁସରଣ କରି ମାନବାଧିକାର ଉଲ୍ଲଂଘନ ଉପରେ ଅନେକ ରିପୋର୍ଟ ପ୍ରସ୍ତୁତ କରିଥିଲେ।

ଚେଚନ୍ୟାରେ ୧୯୯୦ ଏବଂ ୨୦୦୦ ଦଶକରେ କ୍ରେମ୍‌ଲିନ୍ ବିଚ୍ଛିନ୍ନତାବାଦୀଙ୍କ ବିରୋଧରେ ଏକ ବଡ଼ ଯୁଦ୍ଧ ଲଢ଼ିଥିଲା। ଏହି ଯୁଦ୍ଧ ପରେ ସ୍ଥାନୀୟ ଷ୍ଟ୍ରଙ୍ଗ୍‌ମ୍ୟାନ୍ ରମଜାନ୍ କାଡିରୋଭ୍ ସେଠାକାର ନେତା ଭାବେ ଉଭା ହୋଇଥିଲେ। ସେ ରାଷ୍ଟ୍ରପତି ହେବା ପରଠାରୁ ମାନବାଧିକାର ଉଲ୍ଲଂଘନ ଅଭିଯୋଗ ବଢ଼ିବାରେ ଲାଗିଛି। କାଡିରୋଭ୍ ଗତ ଜାନୁୟାରୀରେ ଖବରଦାତା ଏଲେନା ଏବଂ ମାନବାଧିକାର କର୍ମୀ ଇଗୋର କାଲ୍ୟାପିନ୍‌ଙ୍କୁ 'ଆତଙ୍କବାଦୀ' ଆଖ୍ୟା ଦେଇ ଉଭୟଙ୍କୁ ଗିରଫ କରିବା ପାଇଁ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ସପ୍ତାହରେ ଚେଚନ୍ୟାର ଅଧିକାରୀମାନେ ଗ୍ରୋଜ୍ନି ସହରରେ ଏଲେନାଙ୍କ ☞ପୃଷ୍ଠା-୬





# ଫେରୁଛନ୍ତି କରିନା

**ମୁମ୍ବାଇ:** ବଲିଉଡ କୁଇନ୍ କରିନା କପୁର ଖାନ୍ ପୁଣିଥରେ ବଡ଼ ପରଦାକୁ ଫେରିବାକୁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଦ୍ୱିତୀୟ ସନ୍ତାନର ଜନନୀ ହେବା ପରେ ସେ କିଛିଦିନ ପାଇଁ ଅଭିନୟଠାରୁ ଦୂରରେ ଥିଲେ। କରିନାଙ୍କୁ ନିର୍ଦ୍ଦେଶକ ସୁଜୟ ଘୋଷଙ୍କ ଆଗାମୀ ପ୍ରୋଜେକ୍ଟରେ ଦେଖିବାକୁ ମିଳିବ। ଏହା ଏକ କ୍ରାଇମ ମିଷ୍ଟ୍ରି ମୁଭି । ଏହି ମୁଭିକୁ ନେଇ ବହୁ ବର୍ଷ ହେଲାଣି ଯୋଜନା ଚାଲିଛି। ଏବେ ସୁଜୟ ଏହାକୁ ନିର୍ମାଣ କରିବାକୁ ପ୍ରସ୍ତୁତ ହୋଇଛନ୍ତି। ଏଥିରେ କରିନା ମୁଖ୍ୟ ଭୂମିକାରେ ନଜର ଆସିବେ। ସୁଜୟ ଘୋଷ ନଭେଲ 'ଡିଭୋଶନ ଅଫ୍ ସସ୍‌ପେକ୍ଟ ଏକ୍ସ'କୁ ନେଇ ଚଳଚ୍ଚିତ୍ରଟି ନିର୍ମାଣ ହୋଇଛି। ଫିଲ୍ମର କାହାଣୀ ଜଣେ ଏକାକିନୀ ମହିଳାଙ୍କ ଜୀବନ ଉପରେ ଆଧାରିତ। ସେ ତାଙ୍କ ପତିଙ୍କୁ ହତ୍ୟା କରିଥିବାର ଅଭିଯୋଗ ରହିଛି । ଏଥିରେ କରିନାଙ୍କ ଲୁକ୍ ସବୁଠାରୁ ଅଲଗା ହେବ, ଯେଉଁଥିପାଇଁ ସେ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରି ସାରିଲେଣି । ସୂଚନାଯୋଗ୍ୟ, କରିନା କପୁର ଆମିର ଖାଁଙ୍କ ମୁଭି 'ଲାଲ୍ ସିଂ ଚଡ୍ଢା'ରେ ନଜର ଆସିବେ। ଫେବୃୟାରୀ ୧୪ରେ ଏହା ରିଲିଜ ହେବାକୁ ଥିବା ବେଳେ ଏବେ କିନ୍ତୁ ଏହାର ତାରିଖ ବଦଳି ଯାଇ ଏପ୍ରିଲ ୧୪ ହୋଇ ଯାଇଛି । ପ୍ରାୟ ୨ ବର୍ଷ ହେବ ଦର୍ଶକେ ଆମିର ଖାନ୍‌ଙ୍କ ଏହି ମୋଷ୍ଟ ୱାଣ୍ଟେଡ ଫିଲ୍ମ ଅପେକ୍ଷାରେ ରହିଛନ୍ତି ।

# ଶ୍ୱେତା ତିୱାରୀଙ୍କୁ ଲିଗାଲ ନୋଟିସ



**ମୁମ୍ବାଇ:** 'ଭଗବାନ ମୋ ବ୍ରା ସାଇଜ୍ ମାପୁଛନ୍ତି' ବୋଲି ଏକ ଖବରଦାତା ସମ୍ମିଳନୀରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଅଭିନେତ୍ରୀ ଶ୍ୱେତା ତିୱାରୀ ପରେ ଏଥିପାଇଁ କ୍ଷମା ମାଗିଥିଲେ। ହେଲେ ବିବାଦ ତାଙ୍କ ପିଛା ଛାଡ଼ିନାହିଁ। ମଧ୍ୟପ୍ରଦେଶ ଶିବପୁରୀ ଜିଲାର ଆଇନଜୀବୀ ଜିତେନ୍ଦ୍ର ସିମଧିୟା ଶ୍ୱେତାଙ୍କ ସମେତ 'ଶୋ ଷ୍ଟପର' ୱେବ୍ ସିରିଜ୍‌ର ଅନ୍ୟ କଳାକାରମାନଙ୍କୁ ଲିଗାଲ ନୋଟିସ୍ ପଠାଇଛନ୍ତି। ଶ୍ୱେତା ହିନ୍ଦୁ ଧର୍ମର ଭାବାବେଗକୁ ଆଘାତ ଦେଇଥିବାରୁ ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ୱେବ୍ ସିରିଜ୍‌ର ସମସ୍ତ ଅଭିନେତା ଅଭିନେତ୍ରୀ କ୍ଷମା ମାଗିବାକୁ ଆଇନଜୀବୀ ଦାବି କରିଛନ୍ତି। ସେମାନେ ଯଦି କ୍ଷମା ନ ମାଗନ୍ତି, ତେବେ କୋର୍ଟରେ ପିଟିଶନ ଦାଏର କରିବେ ବୋଲି ଜିତେନ୍ଦ୍ର କହିଛନ୍ତି।

# ନିଯୁକ୍ତି ପାଇଲେ କାଉ



**ନୂଆଦିଲ୍ଲୀ:** କାଉମାନଙ୍କୁ ମିଳିଛି ନିଯୁକ୍ତି। କଥାଟା ଶୁଣି ବିଶ୍ୱାସ ହେଉ ନାହିଁ କି! କିନ୍ତୁ ଏହା ସମ୍ପୂର୍ଣ୍ଣ ସତ ଘଟଣା। କାଉମାନେ ଏବେ ସଫେଇକର୍ମୀଭାବେ ନିଯୁକ୍ତ ହୋଇଛନ୍ତି। ଆଉ ନିଯୁକ୍ତି ମିଳିବା ପରେ ସେମାନେ ଏବେ ରାସ୍ତାରେ ପଡ଼ିଥିବା ଅଳିଆ ସଫା କରିବାରେ ଲାଗିଛନ୍ତି। ସାଧାରଣତଃ ଲୋକେ ରାସ୍ତାଘାଟ, ସହର ବଜାର ଏଣେତେଣେ ବିଭିନ୍ନ ପ୍ରକାରର ଅଳିଆ ଫିଙ୍ଗି ଦେଇଥାନ୍ତି। ତେଣୁ ସରକାର ସଫେଇକର୍ମୀ ନିଯୁକ୍ତ କରି ରାସ୍ତାଘାଟ ସଫା କରିଥାନ୍ତି। କିନ୍ତୁ ଏବେ ଏଇ କାମ କରିପାରୁଛନ୍ତି କାଉ। ହଁ ଏମିତି ଏକ ଆଶ୍ଚର୍ଯ୍ୟଜନକ ଘଟଣା ବାସ୍ତବିକ ରୂପ ନେଇଛି ସୁଇଡେନରେ। ସେଠାକାର ଏକ ଷ୍ଟାର୍ଟଅପ୍ କମ୍ପାନୀ କୋଭିଡ୍ କ୍ଲିନ୍ ପକ୍ଷରୁ ଏଭଳି ଏକ ପ୍ରୋଜେକ୍ଟରେ ପ୍ରଥମ ଥର ପାଇଁ କାମ ଆରମ୍ଭ ହୋଇଛି। କମ୍ପାନୀ ପ୍ରଥମେ ଏଥିପାଇଁ କାଉମାନଙ୍କୁ ସ୍ୱତନ୍ତ୍ରଭାବେ ତାଲିମ ପ୍ରଦାନ କରିଛି। ତାଲିମ ପାଇବା ପରେ କାଉମାନେ ରାସ୍ତାରେ ପଡ଼ିଥିବା ସିଗାରେଟ୍ ଖଣ୍ଡ ଓ ଅନ୍ୟ ମଇଳାକୁ ଉଠାଇ ଡଷ୍ଟବିନ୍‌ରେ ପକାଉଛନ୍ତି। ତେବେ କାଉମାନଙ୍କୁ ଏହି କାମ ବଦଳରେ ପୁରସ୍କାରସ୍ୱରୂପ ବିଭିନ୍ନ ପ୍ରକାରର ଖାଦ୍ୟ ଖାଇବାକୁ ଦିଆଯାଉଛି। କାଉଙ୍କ ସୁବିଧା ପାଇଁ ଡଷ୍ଟବିନ୍‌କୁ ମଧ୍ୟ ସ୍ୱତନ୍ତ୍ରଭାବେ ତିଆରି କରାଯାଇଛି। ତେଣୁ କାଉମାନେ ରାସ୍ତାରୁ ସିଗାରେଟ୍ ଖଣ୍ଡ ଉଠାଇ ଡଷ୍ଟବିନ୍‌ରେ ପକାଇବା ମାତ୍ରେ ସଙ୍ଗେ ସଙ୍ଗେ ଖାଇବା ନିମନ୍ତେ ବାଦାମ ବାହାରି ଆସୁଛି। କିନ୍ତୁ କାଉ ଯଦି ପଥର ଖଣ୍ଡ କିମ୍ବା ପତ୍ର ଆଦି ଡଷ୍ଟବିନ୍‌ରେ ପକାଇବେ ତେବେ ବାଦାମ ମିଳିବ ନାହିଁ। କମ୍ପାନୀ ପକ୍ଷରୁ ପାଇଲଟ୍ ପ୍ରୋଜେକ୍ଟରେ ଏଭଳି କାମ ଆରମ୍ଭ କରାଯାଇଛି। ଯଦି ଏହି କାମରେ ଆଖିଦୃଶିଆ ସଫଳତା ମିଳେ ତେବେ ସବୁ ସହରରେ ଏହି କାମ କରାଯିବ ବୋଲି କମ୍ପାନୀ କହିଛି।

# ବିବାହର ଗୋଟିଏ ଦିନ ପରେ ଛାଡ଼ପତ୍ର ନେଲେ ସ୍ତ୍ରୀ-ସ୍ୱାମୀ

**ଆବୁଧାବି:** ବିବାହ ସାତ ଜନ୍ମର ବନ୍ଧନ ଭାବରେ ବିବେଚନା କରାଯାଏ, କିନ୍ତୁ ବେଳେବେଳେ ଏହି ବନ୍ଧନ ଏତେ ଶୀଘ୍ର ଭାଙ୍ଗିଯାଏ ଯେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଏଭଳି ଏକ ମାମଲା ସାମ୍ନାକୁ ଆସିଛି। ବିବାହର ଗୋଟିଏ ଦିନ ପରେ ଏଠାରେ ସ୍ୱାମୀ-ସ୍ତ୍ରୀ ଛାଡ଼ପତ୍ର ନେଇଛନ୍ତି। ଏହା ସହିତ, ଏହି ବିବାହ ୟୁଏଇର ସବୁଠାରୁ ଛୋଟ ବିବାହ ଭାବରେ ପଞ୍ଜିକୃତ ହୋଇଛି। ୟୁଏଇର ନ୍ୟାୟ ମନ୍ତ୍ରଣାଳୟ ଗତ ବର୍ଷ ଘଟିଥିବା ଏହି ଛାଡ଼ପତ୍ର ସମ୍ପର୍କିତ ତଥ୍ୟ ପ୍ରକାଶ କରିଛି। ପରିସଂଖ୍ୟାନ ଅନୁଯାୟୀ, ୨୦୨୧ରେ ୟୁଏଇରେ ୬୪୮ ଛାଡ଼ପତ୍ର ମାମଲା ପଞ୍ଜୀକୃତ ହୋଇଥିଲା। ସବୁଠାରୁ କମ୍ ସମୟ ବିବାହ ଗୋଟିଏ ଦିନର ଏବଂ ଦୀର୍ଘତମ ବିବାହ ୪୭ ବର୍ଷର ଥିଲା। ତେବେ, ବିବାହର ୪୭ ବର୍ଷ ପରେ ଅଲଗା ହୋଇଥିବା ଦମ୍ପତି ୟୁଏଇର ମୂଳ ବାସିନ୍ଦା ନ ଥିଲେ। ତଥ୍ୟ ଦର୍ଶାଇଛି ଯେ ୩୧୧ ଛାଡ଼ପତ୍ର ମାମଲା ୟୁଏଇ ଦମ୍ପତିଙ୍କ ସହ ଜଡ଼ିତ ଥିବାବେଳେ ୧୯୪ଟି ମାମଲା ବିଦେଶୀଙ୍କ ସହ ଜଡ଼ିତ ଥିଲା। ୟୁଏଇର ଜଣେ ମହିଳା ନାଗରିକ ଏବଂ ବିଦେଶୀ ନାଗରିକଙ୍କ ମଧ୍ୟରେ ପନ୍ଦରଟି ଛାଡ଼ପତ୍ର ମାମଲା ଥିଲା। ଫେଡେରାଲ କୋର୍ଟ ଏହି ଛାଡ଼ପତ୍ରକୁ ଶାରଜା, ଉମ ଅଲ କ୍ୱେନ, ଅଜମାନ ଏବଂ ଫୁଜାଇରାରେ ଏମିରେଟ୍ସରେ ପଞ୍ଜିକୃତ କରିଥିଲେ। ନ୍ୟାୟ ମନ୍ତ୍ରଣାଳୟ କହିଛି ଯେ ୨୦୨୧ ମସିହାରେ ଏହି ସହରଗୁଡ଼ିକରେ ପଞ୍ଜୀକୃତ ହୋଇଥିବା ମୋଟ ବିବାହ ସଂଖ୍ୟା ୪,୫୪୨ ଥିଲା। ବିଭିନ୍ନ କାରଣରୁ ଦମ୍ପତି ଛାଡ଼ପତ୍ର ପାଇଁ ଆବେଦନ କରିଥିବାରୁ ଏହି ବିବାହ ମଧ୍ୟରୁ ଗୋଟିଏ ଦିନରୁ ଆରମ୍ଭ କରି ୧୫ ଦିନ ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟରେ କିଛି ଦମ୍ପତି ବିବାହର ୩୦ ଏବଂ ୪୭ ବର୍ଷ ପରେ ଛାଡ଼ପତ୍ର ହେବାକୁ ନିଷ୍ପତ୍ତି ନେଇଥିଲେ।

# ୧୦ ବର୍ଷ ପରେ ରିତେଶଙ୍କ ସହ ପରଦାକୁ ଫେରୁଛନ୍ତି ଜେନେଲିଆ



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଜେନେଲିଆ ଡି'ସୁଜା ଦୀର୍ଘ ସମୟ ପରେ ଅଭିନୟ ଜଗତକୁ ଫେରୁଛନ୍ତି। ପ୍ରାୟ ଦଶ ବର୍ଷ ପରେ ସ୍ୱାମୀ ରିତେଶ ଦେଶମୁଖଙ୍କ ସହ ସେ ଏକ ଫିଲ୍ମକୁ ଫେରିଛନ୍ତି। ଉଭୟ 'ମିଷ୍ଟର ମମି'ରେ ନଜର ଆସିବେ। ଫିଲ୍ମର ପୋଷ୍ଟର ରିଲିଜ ହୋଇଯାଇଛି। 'ମିଷ୍ଟର ମମ୍ମି' ହେଉଛି ଏକ କମେଡି ଡ୍ରାମା ଫିଲ୍ମ। ଏଥିରେ ପ୍ରଥମ କରି ରିତେଶଙ୍କୁ ନୂଆ ଚରିତ୍ରରେ ଦେଖିବାକୁ ମିଳିବ। ପ୍ରଥମଥର ସେ ପ୍ରେଗ୍ନେଣ୍ଟ ବାପାର ଭୂମିକାରେ ଅଭିନୟ କରିବେ। ଏଥିସହ ଦୀର୍ଘଦିନ ପରେ ଏହି ଫିଲ୍ମ ଜରିଆରେ ରିତେଶ ଓ ଜେନେଲିଆଙ୍କୁ ଏକାଠି ପରଦାରେ ଦେଖିବାକୁ ମିଳିବ। ଜେନେଲିଆ ସୋସିଆଲ ମିଡିଆରେ ଫିଲ୍ମର ପ୍ରଥମ ଲୁକ୍ ଶେୟାର କରିଛନ୍ତି। ପୋଷ୍ଟରରେ ଉଭୟ ରିତେଶ ଏବଂ ଜେନେଲିଆ ଗର୍ଭବତୀ ଥିବା ଦେଖାଯାଉଛି। ଜେନେଲିଆ ହସୁଥିବାବେଳେ ରିତେଶ ବିରକ୍ତ ଦେଖାଯାଉଛନ୍ତି। ପ୍ରଥମ ଲୁକ୍ ଶେୟାର୍ କରି ଜେନେଲିଆ ଲେଖିଛନ୍ତି – ଏକ ହସ କାହାଣୀ, ଯାହା ଆପଣ କେବେ ଦେଖି ନ ଥିବେ। ହୃଦୟ ସହିତ ପେଟ କାଟିବା ପର୍ଯ୍ୟନ୍ତ ହସିବାକୁ ପ୍ରସ୍ତୁତ ହୁଅ। ଟି-ସିରିଜ ବ୍ୟାନରରେ ତିଆରି ହେବାକୁ ଯାଉଥିବା ଏହି ଫିଲ୍ମରେ କମେଡି, ଡ୍ରାମା, ଟ୍ୱିଷ୍ଟ ଏବଂ ଇମୋଶନ ଦେଖିବାକୁ ମିଳିବ। ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଶାଦ ଅଲି ଅଛନ୍ତି।


GOVERNMENT OF ODISHA

**DEPARTMENT OF HIGHER EDUCATION**

EXTENSION OF DATELINE FOR ONLINE APPLICATION AND VALIDATION OF **'E-MEDHABRUTI'** AND **'VYASAKABI FAKIR MOHAN BHASABRUTI'** 2021-22

**No.N-68:**

| Scholarship Name | Scholarship Type | Activities | Date of Extension |
|---|---|---|---|
| e-Medhabruti | U.G, P.G. and Technical & Professional Merit | Fresh (Online application by Students) | 05.03.2022 |
| | | Fresh (Online validation by Heads of Institutions / Principals concerned | 31.03.2022 |
| Vyasakabi Fakir Mohan Bhasabruti | UG (Odia) & PG (Odia) | Fresh (Online application by Students) | 05.03.2022 |
| | | Fresh (Online validation by Heads of Institutions / Principals concerned | 31.03.2022 |

**NB:** Online validation by Principal / Head of concerned Institutions is mandatory for getting e- Medhabruti & Vyasakabi Fakir Mohan Bhasabruti Fresh Scholarship by the eligible students.

In case of any problem faced by the Students or Institutes at the time of online application or online validation respectively in the State Scholarship Portal, they may contact at 0674-2396550 or e-mail on scholarshiphed@gmail.com .

**Sd./-**
**Joint Secretary to Government**

**OIPR-11001/11/0033/2122**



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମୟୂରଭଞ୍ଜ, ବାରିପଦା

**ଘୋଷଣା**

No.୧୫୩ LA Case No. 06/2018, Date ୩୧।୦୩।୨୦୨୧

No.XXI-134:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଭୂ-ଅର୍ଜନ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ବଡ଼ଝରଣ, ଥାନା- ରାଇରଙ୍ଗପୁର ନଂ.୧୨୭, ତହସିଲ- ବିଜାତଳା, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା- ରାଜ୍ୟ ରାଜପଥ-୫୦ (ବିଶୋଇ-ରାଇରଙ୍ଗପୁର) ସଂପ୍ରସାରଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୩୩, ତା୦୬।୦୩।୨୦୨୦ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ବଡ଼ଝରଣ, ଥାନା- ରାଇରଙ୍ଗପୁର ନଂ.୧୨୭, ତହସିଲ- ବିଜାତଳା, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ ନାହିଁ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.mayurbhanj.nic.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ମୟୂରଭଞ୍ଜ, ବାରିପଦା ସ୍ଥିତ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ବିଜାତଳା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବଡ଼ଝରଣ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୨.୬୩ | ଏକର ୦.୧୮୮ | ଏଥିସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ବିଜାତଳା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନା ବୈଧ ତାରିଖ: ୧୫।୦୫।୨୦୨୦**

**ସ୍ୱା./- ଜିଲ୍ଲାପାଳ, ମୟୂରଭଞ୍ଜ**

**ମୌଜା- ବଡ଼ଝରଣ, ତହସିଲ- ବିଜାତଳା, ଜିଲ୍ଲା- ମୟୂରଭଞ୍ଜ**

| କ୍ର. ସଂ. | ଖାତା ନମ୍ବର | ପ୍ଲଟ୍ ନମ୍ବର | ମୋଟ ରକବା | ଅର୍ଜିତ ରକବା (ଡେ/ ବର୍ଗ କଡି) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୯୬ | ୪୭୨ / ୧୨୯୭ | ୦.୧୭ | ୦.୦୪ | ଶାରଦ ଜଳ ଏକ | ବିଜେନ୍ଦ୍ର ନାଥ ଗିରି, ପି- ପୁରୁଷୋତ୍ତମ ଗିରି, ଜାତି- ଗୋପାଳ, ବାସସ୍ଥାନ- ନିଜଗାଁ |
| ୨ | ୧୦୭ | ୫୨୬ | ୦.୩୩ | ୦.୦୩ | ଶାରଦ ଜଳ ଏକ | ଭରତ ମହାନ୍ତ, କର୍ଣ୍ଣ ମହାନ୍ତ, ଫୁଲସରି ମହାନ୍ତ, ସୁମିତ୍ରା ମହାନ୍ତ, ପି- ମକରୁ ମହାନ୍ତ, ଜାତି- କୁଡୁମୀ, ବାସସ୍ଥାନ- ସାନଝରଣ, ବିଶ୍ୱନାଥ ମହାନ୍ତ, ପିତା- ଜଗନ୍ନାଥ ମହାନ୍ତ, ଜାତି- କୁଡୁମୀ, ବାସସ୍ଥାନ- ମଦନଶୀଳା |
| ୩ | ୧୦୭ | ୪୭୪ | ୧.୧୫ | ୦.୦୧୧ | ଶାରଦ ଜଳ ଏକ | ଭରତ ମହାନ୍ତ, କର୍ଣ୍ଣ ମହାନ୍ତ, ଫୁଲସରି ମହାନ୍ତ, ସୁମିତ୍ରା ମହାନ୍ତ, ପି- ମକରୁ ମହାନ୍ତ, ଜାତି- କୁଡୁମୀ, ବାସସ୍ଥାନ- ସାନଝରଣ, ବିଶ୍ୱନାଥ ମହାନ୍ତ, ପିତା- ଜଗନ୍ନାଥ ମହାନ୍ତ, ଜାତି- କୁଡୁମୀ, ବାସସ୍ଥାନ- ମଦନଶୀଳା |
| ୪ | ୧୧୨ | ୫୨୫ | ୦.୪୪ | ୦.୦୬୪ | ଶାରଦ ଜଳ ଏକ | ଭୀମ ମାଝୀ, ପିତା- ଫାଗୁ ମାଝୀ, ଜାତି- ସାନ୍ତାଳ, ବାସସ୍ଥାନ- ନିଜଗାଁ |
| ୫ | ୧୩୬ | ୫୨୩ | ୦.୩୮ | ୦.୦୧୭ | ଶାରଦ ଜଳ ଏକ | ବଡ ରୂପାଇ ନାଏକ, ଜେନା ନାଏକ, ପିତା- ବୁଧୁ ନାଏକ, ଜାତି- କୋହ୍ଲ, ବାସସ୍ଥାନ- ନିଜଗାଁ |
| ୬ | ୧୭୬ | ୫୨୪ | ୦.୧୦ | ୦.୦୧୪ | ଶାରଦ ଏକ | ସୁପାଇ ମାଝୀ, ବାହାଡା ମାଝୀ, ପିତା- ଚୁନୁ ମାଝୀ, ବାଣ ମାଝୀ, ବାରଷା ମାଝୀ, ପିତା- ସୁପାଇ ମାଝୀ, ଜାତି- ସାନ୍ତାଳ, ବାସସ୍ଥାନ- ନିଜଗାଁ |
| | | ୫୨୪/ ୧୪୮୬ | ୦.୦୬ | ୦.୦୧୨ | ଶାରଦ ଏକ | |
| | | ମୋଟ | | ୦.୧୮୮ | | |

**ସ୍ୱା./- ଭୂ-ଅର୍ଜନ ଅଧିକାରୀ**
**ମୟୂରଭଞ୍ଜ**

OIPR-24058/14/0007/2122



## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

**ଘୋଷଣା**

No. RDM -LAA-CTC-0056-2018/ 3035 R&DM, Dated 28. JAN 2021

No.I-04:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ଯୋଡାମ୍ବ, ଥାନା- ବଡମ୍ବା ନଂ.-୪୪, ତହସିଲ- ବଡମ୍ବା, ଜିଲ୍ଲା- କଟକରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ନରସିଂହପୁର ଶାଖା କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୬୦୫, ତା୧୪।୦୧।୨୦୧୯ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଯୋଡାମ୍ବ, ଥାନା- ବଡମ୍ବା ନଂ.- ୪୪, ଜିଲ୍ଲା- କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.dkl.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ରେଙ୍ଗାଲି ଦକ୍ଷିଣ କେନାଲ ପ୍ରଣାଳୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: କଟକ** **ତହସିଲ: ବଡମ୍ବା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଯୋଡାମ୍ବ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧୧.୪୨୦ | ଏଥିସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: କଟକ** **ତହସିଲ: ବଡମ୍ବା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ/ପ୍ରଯୁଜ୍ୟ ନହେଁ | | | | | | | |

**ଅଧିସୂଚନା ବୈଧ ତାରିଖ: ୦୮।୦୬।୨୦୨୦**

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅତିରିକ୍ତ ଶାସନ ସଚିବ**

Land Schedule (Private)
**ନରସିଂହପୁର ଶାଖା କେନାଲ ୪୨୫୯୧ମିରୁ ୪୩୪୩୩ ମି**
**ମୌଜା- ଯୋଡାମ୍ବ, ତହସିଲ- ବଡମ୍ବା ନଂ.-୪୪, ଥାନା- ବଡମ୍ବା ନଂ.-୪୪, ଜିଲ୍ଲା- କଟକ**

| କ୍ରମିକ ନମ୍ବର | ଖତିୟାନର କ୍ରମିକ ନମ୍ବର | ପ୍ଲଟ୍ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୬୮ | ୧.୦୧୦ | ୦.୪୪୦ | ଅନନ୍ତ ରାଉତ, ପି- ଚୈତନ୍ୟ ରାଉତ |
| | | ୭୦ | ୦.୬୩୦ | ୦.୩୫୦ | |
| ୨ | ୫ | ୪୬୩ | ୦.୦୬୦ | ୦.୦୬୦ | ଆର୍ତ୍ତବନ୍ଧୁ ସାହୁ, ପି- କସ୍ତୁରି ସାହୁ |
| ୩ | ୮ | ୪୭ | ୦.୫୮୦ | ୦.୦୪୦ | ଉର୍ବଶୀ କୁମାରୀ ମିଶ୍ର, ସ୍ୱା- ବିନାୟକ ମିଶ୍ର |
| | | ୫୪ | ୦.୬୪୦ | ୦.୧୪୦ | |
| | | ୫୫ | ୧.୨୯୦ | ୦.୬୭୦ | |
| | | ୨୫/ ୫୫୭ | ୦.୨୮୦ | ୦.୨୪୦ | |
| ୪ | ୯ | ୫୯ | ୦.୪୦୦ | ୦.୦୩୦ | ଉର୍ମିଳା ସାହୁ, ସ୍ୱା- ବୃନ୍ଦାବନ ସାହୁ |
| | | ୬୨ | ୦.୬୪୦ | ୦.୧୬୦ | |
| ୫ | ୧୩ | ୭୬ | ୦.୪୮୦ | ୦.୨୦୦ | କାଳନ୍ଦି ବେହେରା, ପି- ନାଥ ଅଡବୁଦ୍ଧି |
| ୬ | ୨୫ | ୪୫୨/ ୫୬୪ | ୦.୨୭୦ | ୦.୨୧୦ | ଚକ୍ରଧର ସାହୁ, ଓଗେର ପିତା- ଅନନ୍ତ ସାହୁ |
| ୭ | ୩୧ | ୨୬୬ | ୧.୩୫୦ | ୦.୬୦୦ | ଜଗନ୍ନାଥ ମହାପାତ୍ର, ପି- ହରିହର ମହାପାତ୍ର ଓଗେର |
| | | ୨୬୭ | ୦.୪୨୦ | ୦.୪୨୦ | |
| | | ୨୬୮ | ୦.୮୫୦ | ୦.୪୨୦ | |
| | | ୨୬୯ | ୦.୨୪୦ | ୦.୨୪୦ | |
| | | ୨୭୦ | ୦.୩୨୦ | ୦.୨୦୦ | |
| | | ୩୧୦ | ୨.୬୨୦ | ୦.୩୪୦ | |
| ୮ | ୩୫ | ୪୫୯ | ୦.୧୨୦ | ୦.୦୧୦ | ଯୋଗୀନାଥ ପଣ୍ଡା, ପିତା- ଭୀମସେନ ପଣ୍ଡା ଓଗେର |
| ୯ | ୫୧ | ୪୬୧ | ୦.୩୪୦ | ୦.୨୭୦ | ନାରାୟଣ ପଲେଇ, ପି- କିର୍ତ୍ତନ ପଲେଇ |
| ୧୦ | ୫୫ | ୪୫ | ୦.୮୧୦ | ୦.୦୧୦ | ପ୍ରଭାକର ମିଶ୍ର, ପିତା- କାଶୀନାଥ ମିଶ୍ର |
| ୧୧ | ୬୨ | ୬୭ | ୦.୭୭୦ | ୦.୭୭୦ | ପ୍ରାଣକୃଷ୍ଣ ସାହୁ, ପି- ପ୍ରହ୍ଲାଦ ସାହୁ ଓଗେର |
| ୧୨ | ୬୫ | ୪୬୪ | ୦.୦୪୦ | ୦.୦୧୦ | ଫକୀର ସାହୁ, ପିତା- ରଘୁନାଥ ସାହୁ, ଓଗେର |
| ୧୩ | ୬୭ | ୨୭୩ | ୦.୦୮୦ | ୦.୦୧୦ | ଫଗୁ ଖିଲାର, ପିତା- ଆର୍ତ୍ତ ଖିଲାର |
| ୧୪ | ୭୨ | ୬୦ | ୦.୩୦୦ | ୦.୩୦୦ | ରଙ୍କନିଧି ସାହୁ, ପିତା- ଆନନ୍ଦ ସାହୁ |
| | | ୬୧ | ୦.୨୩୦ | ୦.୨୩୦ | |
| ୧୫ | ୭୫ | ୫୭ | ୦.୩୯୦ | ୦.୨୫୦ | ବିନାୟକ ମିଶ୍ର, ପି- ଦିଗାମ୍ବର ମିଶ୍ର, ଜା- ବ୍ରାହ୍ମଣ, ବା- ନିଜିଗଡ଼ |
| ୧୬ | ୯୨ | ୭୨ | ୦.୧୫୦ | ୦.୧୫୦ | ମହେଶ୍ୱର ରାଉତ, ପିତା- ଅନନ୍ତ ରାଉତ |
| | | ୭୩ | ୦.୨୧୦ | ୦.୧୭୦ | |
| | | ୭୨/୫୪୮ | ୦.୧୫୦ | ୦.୧୧୦ | |
| ୧୭ | ୯୫ | ୨୭୧ | ୦.୧୧୦ | ୦.୧୧୦ | ରଘୁ ଖିଲାର, ପିତା- ଆର୍ତ୍ତ ଖିଲାର |
| | | ୨୭୨ | ୦.୧୫୦ | ୦.୧୨୦ | |
| ୧୮ | ୯୬ | ୪୪୭ | ୧.୩୫୦ | ୧.୦୫୦ | ରଘୁନାଥ ସାହୁ, ପିତା- ଅନନ୍ତ ସାହୁ |
| ୧୯ | ୧୦୨ | ୪୬୨ | ୦.୬୨୦ | ୦.୬୨୦ | ରାମ ପ୍ରଧାନ, ପିତା- ଚନ୍ଦ୍ର ପ୍ରଧାନ |
| | | ୪୬୬ | ୦.୬୭୦ | ୦.୨୧୦ | |
| ୨୦ | ୧୦୩ | ୪୪୫ | ୦.୪୬୦ | ୦.୧୬୦ | ରାମ ଚନ୍ଦ୍ର ମହାପାତ୍ର, ପିତା- ଭାଗୀରଥି ମହାପାତ୍ର |
| | | ୪୫୧ | ୦.୫୨୦ | ୦.୪୨୦ | |
| | | ୪୫୨ | ୦.୨୫୦ | ୦.୦୪୦ | |
| ୨୧ | ୧୨୧ | ୬୧ | ୦.୩୬୦ | ୦.୩୨୦ | ସାରିଆ ରାଉତ, ସ୍ୱା- ଅନନ୍ତ ରାଉତ |
| ୨୨ | ୧୨୭ | ୩୦୮ | ୦.୧୯୦ | ୦.୧୭୦ | ଶେଷଦେବ ପଟ୍ଟନାୟକ, ପିତା- ଗୌରୀ ଚରଣ ପଟ୍ଟନାୟକ |
| | | ୩୦୯ | ୦.୩୫୦ | ୦.୧୫୦ | |
| ୨୩ | ୧୩୧ | ୪୬୩/୫୬୨ | ୦.୦୬୦ | ୦.୦୬୦ | ହାଡିବନ୍ଧୁ ସାହୁ, ପି- କେଶବ ସାହୁ ଓଗେର |
| ୨୪ | ୧୩୪/ ୬୫ | ୨୭୯ | ୦.୧୧୦ | ୦.୦୫୦ | ଦିବାକର ଗୋଛି, ପିତା- ହରିହର ଗୋଛି ଓଗେର |
| | | ୩୦୭/୬୫୮ | ୦.୨୦୦ | ୦.୨୦୦ | |
| ୨୫ | ୧୩୪/୮୯ | ୩୦୭ | ୦.୨୬୦ | ୦.୨୬୦ | ଗୋକୁଳାନନ୍ଦ ମହାନ୍ତି, ପିତା- ରାଘବ ମହାନ୍ତି |
| ୨୬ | ୧୩୪/୧୩୪ | ୬୫ | ୦.୨୦୦ | ୦.୧୬୦ | ବିପିନି ବିହାରୀ ପଲାଉ, ପି- ପ୍ରଫୁଲ ଚନ୍ଦ୍ର ପଲାଉ |
| ୨୭ | ୧୩୪/୧୯ | ୬୬ | ୦.୧୨୦ | ୦.୧୨୦ | ପ୍ରାଣକୃଷ୍ଣ ସାହୁ, ପି- ପ୍ରହଲ୍ଲାଦ ସାହୁ |
| | | ୬୯ | ୦.୬୪୦ | ୦.୧୨୦ | |
| ୨୮ | ୧୩୪/୧୪୦ | ୭୪ | ୦.୦୬୦ | ୦.୦୩୦ | ସୁବାସ ଚନ୍ଦ୍ର ରାଉତ, ପି- ଗୋବର୍ଦ୍ଧନ ରାଉତ |
| | ମୋଟ ରକବା | | ୨୨.୩୫୦ | ୧୧.୪୨୦ | |

OIPR-24001/14/0265/2122

# ହାଇୱେ ପାଟ୍ରୋଲିଂ ପ୍ରଦର୍ଶନ ଅତି ଖରାପ

**ଭୁବନେଶ୍ୱର, ୪।୨(ବ୍ୟୁରୋ)**

## ସିବି, ସିଆଇଡିକୁ ପରିବହନ ସଚିବଙ୍କ ଚିଠି

- ୩୬ ହାଇୱେ ପାଟ୍ରୋଲିଂ ଗାଡ଼ି ମାସକରେ ଧରିଛନ୍ତି ୧୦୪୬ ମାମଲା
- ୧୮ ଟିମ୍ ଉଲ୍ଲଂଘନକାରୀଙ୍କୁ ଧରିବାରେ ବିଫଳ
- ପାଟ୍ରୋଲିଂ ପାଇଁ ପୁନଃ ନିଯୁକ୍ତି ପାଇଛନ୍ତି ୧୧୯ ଅବସରପ୍ରାପ୍ତ ପୋଲିସ କର୍ମଚାରୀ
- ୩୬ ରାସ୍ତାରେ କଡ଼ାକଡ଼ି ପାଟ୍ରୋଲିଂ ଲାଗି ନିର୍ଦ୍ଦେଶ
- ୨୦୨୦, ୨୦୨୧ର ଦୁର୍ଘଟଣା ରିପୋର୍ଟ ଦେବେ ସବୁ ଥାନା

ରାଜ୍ୟ ସରକାର ଗତ କିଛିଦିନ ହେଲା ଓଡ଼ିଶାରେ ସଡକ ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ କରିବା ଲାଗି ଜୋରଦାର ଉଦ୍ୟମ ଚଳାଇଛନ୍ତି। ସବୁ ଜିଲାର ଏସ୍‌ପି ଏବଂ ଜିଲାପାଳଙ୍କୁ ପରିବହନ ବିଭାଗ ସଚିବ ବିଷ୍ଣୁପଦ ସେଠୀ ଦୁଇଥର ଚିଠି ଲେଖିସାରିଲେଣି। ଆର୍‌ଟିଓ ଏବଂ ପୋଲିସ ମିଳିତ ଭାବେ ଜଏଣ୍ଟ ଏନ୍‌ଫୋର୍ସମେଣ୍ଟ କମିଟି ଗଠନକରି କିପରି ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ ଧରିବେ ସେଥିପ୍ରତି ଧ୍ୟାନଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ସଚିବ ସେଠୀ ରାଜ୍ୟର ସିଆଇଡି ଏବଂ କ୍ରାଇମବ୍ରାଞ୍ଚ(ସିବି) ଅତିରିକ୍ତ ପୋଲିସ ଡିଜିମାନଙ୍କୁ ଚିଠି ଲେଖି ହାଇୱେ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ହାଇୱେ ପାଟ୍ରୋଲିଂ ପ୍ରଦର୍ଶନ ବେଶ୍ ନୈରାଶ୍ୟଜନକ ଥିବା ପରିବହନ ସଚିବ ଦର୍ଶାଇଛନ୍ତି।

ପରିବହନ ସଚିବ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ରାଜ୍ୟର ମୁଖ୍ୟ ୫ଟି ରାସ୍ତାରେ ହାଇୱେ ପାଟ୍ରୋଲିଂ କରାଯିବ। ସେଥିରେ ଭୁବନେଶ୍ୱର-ପୁରୀ, ସମ୍ବଲପୁର-ସୋହେଲା, ଜଳେଶ୍ୱର-ଇଚ୍ଛାପୁର, କଟକ-ସମ୍ବଲପୁର ଏବଂ ଝାରସୁଗୁଡା-ରାଉରକେଲା ରାସ୍ତା ଆଦି ରହିଛି। ଏହି ୫ ମୁଖ୍ୟ ରାସ୍ତାକୁ ୩୬ ଭାଗରେ ବିଭକ୍ତ କରାଯାଇଛି। ଏହିସବୁ ରାସ୍ତାରେ ବେଶି ସଡକ ଦୁର୍ଘଟଣା ଘଟିବା ସହ ବହୁ ଲୋକଙ୍କ ଜୀବନ ଯାଉଛି। ତେଣୁ ଏହି ରାସ୍ତାଗୁଡିକରେ ଅଧିକରୁ ଅଧିକ ହାଇୱେ ପାଟ୍ରୋଲିଂ ଲାଗି ଯୋଜନା କର। ଗତ ନଭେମ୍ବରରେ ଉକ୍ତ ୩୬ ରାସ୍ତାରେ ହାଇୱେ ପାଟ୍ରୋଲିଂ କିପରି ହୋଇଛି ସିଆଇଡି ଏବଂ ସିବି ରିପୋର୍ଟ ମୁତାବକ ହସ୍ତଗତ ହୋଇଛି। ଗତ ନଭେମ୍ବରରେ ସେହି ୩୬ ରାସ୍ତାରେ ୧୦୪୬ ଟ୍ରାଫିକ ନିୟମ ଉଲ୍ଲଂଘନ ମାମଲା ଧରାଯାଇଛି। ୩୬ ରାସ୍ତା ଲାଗି ୩୬ଟି ହାଇୱେ ପାଟ୍ରୋଲିଂ ଟିମ୍ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧୮ଟି ଟିମ୍ ନଭେମ୍ବରରେ ଗୋଟିଏ ହେଲେ ଟ୍ରାଫିକ ନିୟମ ଉଲ୍ଲଂଘନ ମାମଲା ଧରିନାହାନ୍ତି। ୬ଟି ଟିମ୍ ମାସକରେ ୧୦ରୁ କମ୍ ମାମଲା ଧରିଛନ୍ତି। ଦର୍ଶାଯାଇଥିବା ୩୬ ରାସ୍ତାରେ ବ୍ୟାପକ ଟ୍ରାଫିକ ନିୟମ ଉଲ୍ଲଂଘନ ହେଉଥିବା ଜଣାପଡିଛି। ସେହିପରି ଗତ ଡିସେମ୍ବରରେ ମଧ ହାଇୱେ ପାଟ୍ରୋଲିଂ ଟିମ୍ ପ୍ରଦର୍ଶନ ସମାନ। ୨୦୨୧ର ଜାନୁୟାରୀରୁ ଅକ୍ଟୋବର ମଧ୍ୟରେ ୨୦୨୦ର ଏହି ସମୟଠାରୁ ୧୨ ପ୍ରତିଶତ ଅଧିକ ସଡ଼କ ଦୁର୍ଘଟମାଜନିତ ମୃତ୍ୟୁ ରାଜ୍ୟରେ ଘଟିଛି। ତେଣୁ ଉକ୍ତ ୩୬ଟି ଯାକ ହାଇୱେ ପାଟ୍ରୋଲିଂ ଗାଡ଼ି କିପରି ଠିକ୍‌ରେ କାର୍ଯ୍ୟ କରି ଟ୍ରାଫିକ ନିୟମ ଉଲ୍ଲଂଘନକାରୀମାନଙ୍କୁ ଧରିବେ ସେଥିଲାଗି ପ୍ରତି ଜିଲାର ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେବାକୁ କୁହାଯାଇଛି। ଏହାସହ ହାଇୱେ ପାଟ୍ରୋଲିଂ ଗାଡ଼ିଗୁଡିକୁ ଲେଜର ଗନ୍, ବ୍ରେଥ୍ ଆନାଲାଇଜର ଯୋଗାଇବା ସହ ଉଲ୍ଲଂଘନକାରୀଙ୍କୁ ଚିହ୍ନଟ କରି ଧରିବାକୁ କୁହାଯାଇଛି। ଏସ୍‌ପିମାନେ ଏହାର ତତ୍ତ୍ୱାବଧାନ କରିବେ। ଏହାସହ ୨୦୨୦ ଏବଂ ୨୦୨୧ର ଥାନାୱାରି ଦୁର୍ଘଟଣାଜନିତର ତଥ୍ୟ ପ୍ରଦାନ କରିବାକୁ କୁହାଯାଇଛି। ଏହି ଦୁର୍ଘଟଣା କେଉଁ ରାସ୍ତାରେ ହୋଇଛି, କେଉଁ ଥାନା ଅଧୀନରେ ତାହା ଯାଉଛି, କେତୋଟି ଦୁର୍ଘଟଣା ଉକ୍ତ ଅଞ୍ଚଳରେ କେବେ କେବେ ଘଟିଛି, କେତେଜଣ ଆହତ ହୋଇଥିବା ବେଳେ କେତେଜଣଙ୍କ ମୃତ୍ୟୁ ଘଟିଛି ତା'ର ତଥ୍ୟ ଥାନାୱାରି ପ୍ରଦାନ କରିବାକୁ ପରିବହନ ସଚିବ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

ମିଳିଥିବା ତଥ୍ୟ ମୁତାବକ, ରାଜ୍ୟରେ ହାଇୱେ ପାଟ୍ରୋଲିଂ ଲାଗି ରାଜ୍ୟ ସରକାର ଓଡ଼ିଶାର ୧୧୯ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କୁ ପୁନଃ ନିଯୁକ୍ତି ଦେଇଛନ୍ତି। ୩୬ଟି ଦୁର୍ଘଟଣାପ୍ରବଣ ରାସ୍ତା ସକାଶେ ୩୬ଟି ଗାଡ଼ି ପ୍ରଦାନ କରିଛନ୍ତି। ପୁନଃ ନିଯୁକ୍ତି ପାଇଥିବା ଅବସରପ୍ରାପ୍ତ କର୍ମଚାରୀଙ୍କୁ ଏନ୍‌ଫୋର୍ସମେଣ୍ଟ କରିବା ଏବଂ ଦ୍ରୁତ ଗାଡ଼ି ଚାଳକଙ୍କୁ ଧରିବା, ଡିସିଆର୍ କରିବା ଆଦି ପାଇଁ ଯେତିକି କ୍ଷମତା ଦେବା କଥା ଦିଆଯାଇନାହିଁ। ରାଜ୍ୟ ପରିବହନ ବିଭାଗ ଉକ୍ତ କର୍ମଚାରୀମାନଙ୍କ ଫାଇଲ ଯାଞ୍ଚ କରିବା ପରେ ଏହି କ୍ଷମତା ପ୍ରଦାନ କରିବେ। ଏ ପର୍ଯ୍ୟନ୍ତ ଉକ୍ତ କର୍ମଚାରୀମାନଙ୍କୁ କ୍ଷମତା ଦିଆଯାଇ ନ ଥିବାବେଳେ ସେମାନେ କିଭଳି ଦୁର୍ଘଟଣାପ୍ରବଣ ୩୬ ରାସ୍ତାରେ କଡ଼ାକଡ଼ି ଚେକିଂ କରିବେ ସେନେଇ ଜଣେ ଅଧିକାରୀ ପ୍ରଶ୍ନ କରିଛନ୍ତି।

# ଗଛରେ ପିଟିହେଲା ଭ୍ୟାନ୍, ୩ ମୃତ



ଦୁର୍ଘଟଣାଗ୍ରସ୍ତ ଗାଡ଼ି

**ଫୁଲବାଣୀ ଅଫିସ/ କୋଟଗଡ଼ (ଡି.ଏନ୍.ଏ.),୪।୨**

## ୪ ଗୁରୁତର, ୨୧ ଆହତ

କନ୍ଧମାଳ ଜିଲା କୋଟଗଡ଼ ଥାନା ଅନ୍ତର୍ଗତ କୁଟିବିଲି ଘାଟି ରାସ୍ତାରେ ଶୁକ୍ରବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବାହାଘର ଭୋଜିକୁ ଲୋକଙ୍କୁ ନେଇ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ଗଛରେ ପିଟିହେବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ୪ ଜଣ ଗୁରୁତର ହୋଇଥିବା ବେଳେ ୨୧ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୨ଜଣ ମହିଳା ଓ ଜଣେ ଯୁବତୀ ଅଛନ୍ତି। ସେମାନେ ହେଲେ ମେରାଗୁଡାଲୁ ଗୁଣ୍ଡ୍ରାମାଝୀ(୫୦), ଜସ୍ମିତା ଗୁଣ୍ଡ୍ରାମାଝୀ(୩୫) ଓ ଅନାମାୟୀ ଗୁଣ୍ଡ୍ରାମାଝୀ(୧୯) ବୋଲି ଜଣାପଡ଼ିଛି। ଗୁରୁତର ଆହତମାନଙ୍କୁ ଫୁଲବାଣୀ ମେଡିକାଲ ଓ ଆହତମାନଙ୍କୁ କୋଟଗଡ଼ ଏବଂ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା କରାଯାଇଛି।

କୋଟଗଡ଼ ବ୍ଲକ ଓରା ପଞ୍ଚାୟତ ଆଟାଲି ଗ୍ରାମରୁ ୩୦ରୁ ଉର୍ଦ୍ଧ୍ୱ ଲୋକ ଏକ ପିକ୍‌ଅପ୍ ଭ୍ୟାନରେ ମଦାଙ୍ଗି ଗ୍ରାମକୁ ଏକ ବାହାଘର ଭୋଜି ଖାଇବାକୁ ଯାଉଥିଲେ। କୁଟିବାଲି ଠାରେ ଗାଡ଼ିଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ କୋଟଗଡ଼ ମେଡିକାଲରେ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟରେ ପୋଲିସକୁ ସହାୟତା କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିଛି। ଟାୟାର୍ ଫାଟିବା କାରଣରୁ ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ନାବାଳିକା ବଳାତ୍କାର ମାମଲା ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ

**ଫୁଲବାଣୀ ଅଫିସ, ୪।୨**

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଫୁଲବାଣୀ ଫାଷ୍ଟଟ୍ରାକ ପୋକ୍‌ସୋ କୋର୍ଟ ଅତିରିକ୍ତ ଜିଲା ଦୌରାଜଜ୍ ଭାସ୍କର ଚନ୍ଦ୍ର ସାହୁ ଅଭିଯୁକ୍ତ ଯୁବକଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୫୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୯ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଗୋଚ୍ଛାପଡା ଥାନା ଅଞ୍ଚଳର ସନିଆ ମଲ୍ଲିକ।

୨୦୧୮ ଜାନୁୟାରୀ ମାସରେ ନାବାଳିକା ଜଣକ ମାମୁଘରକୁ ଯାଇ ସନ୍ଧ୍ୟା ପ୍ରାୟ ୭ଟାରେ ଘରକୁ ଫେରୁଥିଲେ। ମକାବାରି ନିକଟରେ ସନିଆ ତାଙ୍କୁ ଅଟକାଇ ବଳାତ୍କାର କରିଥିଲେ। ଘଟଣା ବିଷୟରେ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏହି ଘଟଣା ଜଣାପଡ଼ିବାରୁ ଗ୍ରାମରେ ଏକ ସଭା ବସିଥିଲା। ସେଠାରେ ଘଟଣାର ଫଇସଲା ନ ହେବାରୁ ନାବାଳିକା ଜଣକ ସେହିମାସ ୨୭ ତାରିଖରେ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୬/୧୮ରେ ମାମଲା ରୁଜୁ କରି ସନିଆଙ୍କୁ ଗିରଫ କରିଥିଲା। ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

# ଏମାର ମଠରେ ଖନନ, ମିଳିଲାନି ଗୁପ୍ତଧନ

**ପୁରୀ ଅଫିସ, ୪।୨**

ପୁଣି ଚର୍ଚ୍ଚାରେ ସବୁଠାରୁ ବିତ୍ତଶାଳୀ ମଠ ପୁରୀର ଏମାର ମଠ। ପ୍ରାୟ ୫ମାସର ବ୍ୟବଧାନ ପରେ ପୁନର୍ବାର ଶୁକ୍ରବାର ପ୍ରଶାସନ ପକ୍ଷରୁ ଏମାର ମଠ ଯାଞ୍ଚ କରାଯାଇଛି। ଏହି ମଠରେ ପୂର୍ବରୁ ରୁପାଇଟା ମିଳିଥିବାରୁ ଦ୍ୱିତୀୟ ଥର ମଧ କୌଣସି ଗୁପ୍ତଧନ ମିଳିବା ଆଶାରେ କେତେକ ସ୍ଥାନ ଖନନ କରାଯାଇଥିଲା। ତେବେ ଗୋଟିଏ କ୍ଷୁଦ୍ର ଲୁହାଖଣ୍ଡ ବ୍ୟତୀତ ଅନ୍ୟ କୌଣସି ଦ୍ରବ୍ୟ ମିଳିନାହିଁ। ଫଳରେ ଗୁପ୍ତଧନ ମିଳିବା ଆଶା ମଉଳି ଯାଇଛି।

ସୂଚନାଯୋଗ୍ୟ, ୨୦୧୧ରେ ପର୍ଯ୍ୟାୟକ୍ରମେ ଏମାର ମଠର ଏକ ଗୁପ୍ତ କୋଠରିରୁ ରୁପାଇଟା ମିଳିଥିଲା। ପ୍ରଶାସନ ପ୍ରଥମେ ୫୨୨ ଓ ପରେ ୪୫ ଖଣ୍ଡ ରୁପା ଇଟା ଜବତ କରିଥିଲା। ୨୦୨୧ରେ ଏମାର ମଠର ପରିଚାଳନା ଦାୟିତ୍ୱ ମଠ ମହନ୍ତଙ୍କ ହାତରୁ କାଢ଼ି ନିଆଯାଇ ଦେବୋତ୍ତର ବିଭାଗ ପକ୍ଷରୁ ନବଗଠିତ ଟ୍ରଷ୍ଟ ବୋର୍ଡକୁ ଦିଆଯାଇଥିଲା। ମଠ ପରିସର ମାଟିତଳେ ଆହୁରି ରୁପାଇଟା, ସୁନା, ହୀରା ପ୍ରଭୃତି ଅନେକ ଗୁପ୍ତଧନ ପୋତା ହୋଇରହିଥିବା ଟ୍ରଷ୍ଟବୋର୍ଡ ସନ୍ଦେହ ପ୍ରକଟ କରି ୨୦୨୧ ଅଗଷ୍ଟରେ ଦେବୋତ୍ତର ବିଭାଗକୁ ଚିଠି ଲେଖିଥିଲା। ପ୍ରଶାସନ ପକ୍ଷରୁ ଗତ ସେପ୍ଟେମ୍ବର ୧୬ରେ ମେଟାଲ ଡିଟେକ୍ଟର ସାହାଯ୍ୟରେ ଏହି ମଠର ମହନ୍ତଙ୍କ ମୁଖ୍ୟଘର, ପ୍ରବେଶ ପଥ, ଅଗଣା, ପଙ୍ଗତ ବାରଣ୍ଡା କାନ୍ଥ, ଚଟାଣ ପ୍ରଭୃତି ବିଭିନ୍ନ ସ୍ଥାନକୁ ଟିକିନିଖି ଯାଞ୍ଚ କରାଯାଇଥିଲା। ସେତେବେଳେ ୩ଟି ସ୍ଥାନରେ କିଛି ପଦାର୍ଥ ଥିବା ସନ୍ଦେହରେ ବୃତ୍ତ ଚିହ୍ନ ଦିଆଯାଇ ଖୋଳାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ମେଟାଲ ଡିଟେକ୍ଟର ଦେଢ଼ଫୁଟ ପର୍ଯ୍ୟନ୍ତ ଚିହ୍ନଟ କରିପାରୁଥିବାରୁ ଟ୍ରଷ୍ଟବୋର୍ଡ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଚାରିଫୁଟ ପର୍ଯ୍ୟନ୍ତ ଚିହ୍ନଟ କରାଗଲା ଭଳି ଡିଟେକ୍ଟର ବ୍ୟବହାର କରାଯିବାକୁ ଦାବି ହୋଇଥିଲା। ଶୁକ୍ରବାର ଖନନ ପରେ ଲୁହାକଣ୍ଟା ଓ ଲୁହାଖଣ୍ଡ ଛଡ଼ା କିଛି ମିଳିନାହିଁ। ତେଣୁ ଉଚ୍ଚକ୍ଷମତା ସମ୍ପନ୍ନ ମେଟାଲ ଡିଟେକ୍ଟରରେ ଯାଞ୍ଚ କରିବା ପାଇଁ ଆଗାମୀ ବୈଠକରେ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଦାବି କରାଯିବ ବୋଲି ସଭାପତି ତଥା ଉତ୍ତର ପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାସ କହିଛନ୍ତି। ସେହିପରି ଏମାର ମଠରେ ଐତିହ୍ୟ ଓ ସୌନ୍ଦର୍ଯ୍ୟକରଣ ନେଇ ମଧ ବୈଠକରେ ଆଲୋଚନା ହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଖନନ କାର୍ଯ୍ୟ ସମ୍ପନ୍ନ ହୋଇଥିବା ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି। ତେବେ ଏହି ମଠ ସର୍ବପୁରାତନ ତଥା ଜଗନ୍ନାଥ ସଂସ୍କୃତି ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିବାରୁ ଏହାର ଉନ୍ନତୀକରଣ କାର୍ଯ୍ୟ କରାଯିବ। ସେହିପରି ମଠ କୋଠା ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ପୁନରୁଦ୍ଧାର ଲାଗି ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି।



ପ୍ରଶାସନ ପକ୍ଷରୁ ବୃତ୍ତଚିହ୍ନିତ ସ୍ଥାନକୁ ଖନନ କରାଯାଉଛି।


ମିଳିଥିବା ଲୁହାଖଣ୍ଡକୁ କମିଟି ସଦସ୍ୟ ଦେଖାଉଛନ୍ତି।


## ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank (Together for the better)

Oriental United

ମଣ୍ଡଳ ଶସ୍ତ କେନ୍ଦ୍ର, ସମ୍ବଲପୁର : ମଣ୍ଡଳ କାର୍ଯ୍ୟାଳୟ, ବାଲାଜୀ ମିଡ୍‌ଟାଉନ୍, ପ୍ରଥମ ମହଲା, ଦେହେରିପାଲି, ପୋ.: ବୁଢ଼ାରାଜା, ସମ୍ବଲପୁର-୭୬୮୦୦୪

### [ରୁଲ ୮(୧)] ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ପକ୍ଷରୁ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ଅର୍ଥରାଶି ସହିତ ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ପରିଶୋଧ କରିବା ପାଇଁ କୁହାଯାଇଥିଲା। ଋଣଗ୍ରହୀତାମାନେ ବକେୟା ଦେୟ ପରିଶୋଧ କରିବାରେ ବିଫଳ ହେବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆଇନର ଧାରା ୧୩(୪) ଅନୁଯାୟୀ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଅଛନ୍ତି । **ଋଣଗ୍ରହୀତାମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।** ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଓ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ଏହି ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନଦର୍ଶିତ ଅର୍ଥରାଶି ସହ ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ ।

| ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶିର ପରିମାଣ | ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ବଲାଙ୍ଗିର (୪୭୯୮୦୦) /** ଋଣଗ୍ରହୀତାମାନେ: ୧) ଶ୍ରୀ ପ୍ରତାପ କୁମାର ବେହେରା ଏବଂ ୨) ଶ୍ରୀ ପ୍ରଦୀପ କୁମାର ବେହେରା, ଉଭୟଙ୍କ ପିତା: ୰ ମୁରଲୀଧର ବେହେରା, ସା: ଗାନ୍ଧୀ ନଗର ପଡା, ବଲାଙ୍ଗିର, ଜିଲ୍ଲା: ବଲାଙ୍ଗିର, ପିନ୍-୭୬୭୦୦୧ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ପ୍ରଭାସିନୀ ବେହେରା, ୨) ଶ୍ରୀମତୀ ଆରତୀ ବେହେରା ଏବଂ ୩) ଶ୍ରୀମତୀ ମିନତୀ ସିଂହଦେଓ, ସମସ୍ତଙ୍କ ଠିକଣା- ସା: ଗାନ୍ଧୀ ନଗର ପଡା, ବଲାଙ୍ଗିର, ଜିଲ୍ଲା: ବଲାଙ୍ଗିର, ପିନ୍-୭୬୭୦୦୧ | ୧୭.୧୧.୨୦୨୧ / ୩୧.୦୧.୨୦୨୨ | ୩୧.୧୦.୨୦୨୧ ସୁଦ୍ଧା ଟ.୨୫,୯୬,୧୯୫/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | **ମୁରଲୀଧର ବେହେରା,** ପିତା: ମୋହନ ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୬୪୯/, ଖାତା ନଂ.: ୭୩୦/୧୦୮୮, କ୍ଷେତ୍ର: ଏକର ୦.୦୬୨ ଡିସିମିଲି, ମୌଜା: ବଲାଙ୍ଗିର କ, ତହସିଲ: ବଲାଙ୍ଗିର-୩୧୮, ଜିଲ୍ଲା: ବଲାଙ୍ଗିର |
| **ବଲାଙ୍ଗିର (୪୭୯୮୦୦) /** ଋଣଗ୍ରହୀତା: **ମେସର୍ସ ଚକାଡୋଲା ଟେଣ୍ଟ ହାଉସ୍, ସ୍ୱତ୍ୱାଧିକାରୀ: ଅଜିତ ମିଦ୍ୟା,** ସା: ମହାଲକ୍ଷ୍ମୀନଗର, ଡ଼ଃ. ଡିହାଡିସ୍ ରେସିଡେନ୍ସ ନିକଟ, ବଲାଙ୍ଗିର, ପିନ୍-୭୬୭୦୦୧ | ୧୯.୦୫.୨୦୨୧ / ୩୧.୦୧.୨୦୨୨ | ୩୧.୦୩.୨୦୨୧ ସୁଦ୍ଧା ଟ.୧୪,୯୫,୯୧୮.୪୦ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୬୨୭/୪୦୮୨, ୧୬୨୬/୪୦୮୩, ଖାତା ନଂ.: ୧୧୫୭/୨୮୨୨, କ୍ଷେତ୍ର: ଏକର୦.୦୬୯ଡିସିମିଲି, ମୌଜା: ସାଲେପାଲି, ଥାନା ନଂ.: ୧୪୯ (ବଲାଙ୍ଗିର), ତହସିଲ: ବଲାଙ୍ଗିର-୩୧୮, ଜିଲ୍ଲା: ବଲାଙ୍ଗିର |
| **ବ୍ରଜରାଜନଗର (୪୦୧୯୦୦) /** ଋଣଗ୍ରହୀତାମାନେ: ୧) ଶ୍ରୀ ଯୁଗଳ କିଶୋର ମହାନ୍ତି ଏବଂ ୨) ଶାନ୍ତିଲତା ମହାନ୍ତି, ସା: ନୂଆଡିହୀ, ଗାନ୍ଧୀ ଛକ, ବ୍ରଜରାଜନଗର, ଝାରସୁଗୁଡା, ଜିଲ୍ଲା: ଝାରସୁଗୁଡା, ପିନ୍-୭୬୮୨୧୬ | ୧୨.୧୧.୨୦୨୧ / ୦୧.୦୨.୨୦୨୨ | ୩୧.୧୦.୨୦୨୧ ସୁଦ୍ଧା ଟ.୧୧,୯୬,୩୭୭.୫୦ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | **ଯୁଗଳ କିଶୋର ମହାନ୍ତି,** ପିତା: ଶ୍ରୀ ଇନ୍ଦ୍ରମଣି ମହାନ୍ତିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୨୧/୭୮୧, ପ୍ଲଟ୍ ନଂ.; ୨୦୯୯/୮୬୫୧, କ୍ଷେତ୍ର: ଏକର୦.୦୨୫ଡିସିମିଲି, ପ୍ଲଟ୍ ନଂ.: ୨୧୦୦/୮୬୫୨, କ୍ଷେତ୍ର: ଏକର୦.୦୬୮ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୯୩ଡିସିମିଲି, ମୌଜା: ବ୍ରଜରାଜନଗର ଟାଉନ ୟୁନିଟ୍ ନଂ.: ୨, ଥାନା: ବ୍ରଜରାଜନଗର |
| **ବରଗଡ (୦୪୫୪୨୦) /** ଋଣଗ୍ରହୀତା: **ମେସର୍ସ ବାଲାଜୀ ପାଇପ୍ ଇଣ୍ଡଷ୍ଟ୍ରି, ସ୍ୱତ୍ୱାଧିକାରୀ: ଅନୁପ କୁମାର ଅଗ୍ରୱାଲ,** ପିତା: ବଜରଙ୍ଗଲାଲ ଅଗ୍ରୱାଲ, ସା: ସୋହେଲା, ପୋ.: ସୋହେଲା, ଜିଲ୍ଲା: ବରଗଡ-୭୬୮୦୩୩ | ୧୯.୧୧.୨୦୨୧ / ୦୨.୦୨.୨୦୨୨ | ୩୧.୧୦.୨୦୨୧ ସୁଦ୍ଧା ଟ.୫୬,୫୪,୨୩୩/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | **୧) ରମେଶ ଅଗ୍ରୱାଲଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୬୪୦/୩୨୦୪, ଖାତା ନଂ.: ୩୨୫/୫୯୭, କ୍ଷେତ୍ର: ଏକର୦.୦୧୦ଡିସିମିଲି, ମୌଜା: ଇଚ୍ଛାପାଲି, ଜିଲ୍ଲା: ବରଗଡ, **୨) କାର୍ତ୍ତିକ ସାହୁ** ଏବଂ **ପ୍ରଫୁଲ୍ଲ ସାହୁଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୯୧୨, ୧୦୧୯, ୧୦୧୫/୨୧୭୯, ୧୧୩୦/୨୪୭୩, ୧୦୨୦/୨୪୭୪ ଏବଂ ଖାତା ନଂ.: ୩୫୨/୩୯, କ୍ଷେତ୍ର: ଏକର୨.୪୩ଡିସିମିଲି, ମୌଜା: ଇଚ୍ଛାପାଲି, ଜିଲ୍ଲା: ବରଗଡ, **୩) ଅନୁପ କୁମାର ଅଗ୍ରୱାଲଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୪୧୨/୧୨୯୨, ଖାତା ନଂ.: ୫୬, ଅନୁରୂପ ମ୍ୟୁଟେସନ୍ ଖାତା ନଂ.: ୧୫୦/୭୩, କ୍ଷେତ୍ର: ଏକର୧.୦୦ଡିସିମିଲି, ମୌଜା: ଇଚ୍ଛାପାଲି, ଜିଲ୍ଲା: ବରଗଡ, **୪) ବଜରଙ୍ଗଲାଲ ଅଗ୍ରୱାଲଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୬୪୦/୩୨୦୫, ଖାତା ନଂ.: ୩୨୫/୫୯୮, କ୍ଷେତ୍ର: ଏକର୦.୦୧୦ଡିସିମିଲି, ମୌଜା: ଇଚ୍ଛାପାଲି, ଜିଲ୍ଲା: ବରଗଡ |
| **ରାଜଗାଙ୍ଗପୁର (୧୭୫୫୧୦) /** ଋଣଗ୍ରହୀତା: **ଶ୍ରୀ ଅବଦୁଲ ହମିଦ,** ପିତା: ୰ ହାଜି ଅବଦୁଲ ଲତିଫ୍, ଠିକଣା- ମେନ୍ ରୋଡ୍, ସୁନ୍ଦରଗଡ, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୭୦୦୦୧ | ୧୨.୧୧.୨୦୨୧ / ୦୩.୦୨.୨୦୨୨ | ୩୧.୧୦.୨୦୨୧ ସୁଦ୍ଧା ଟ.୪୭,୨୪,୦୯୫.୬୦ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | **ଅବଦୁଲ ହମିଦ,** ପିତା: ୰ ହାଜି ଅବଦୁଲ ଲତିଫ୍‌ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୩୭/୫୫୩, ପ୍ଲଟ୍ ନଂ.: ୧୮୨/୧୯୭୩, କ୍ଷେତ୍ର: ଏକର୦.୦୩୦୬ଡିସିମିଲି, ମୌଜା: ନୂଆଅମଲିପାଲି, ଥାନା/ତହସିଲ: ସଦର, ଜିଲ୍ଲା: ସୁନ୍ଦରଗଡ |
| **ସୁନ୍ଦରଗଡ (୩୧୩୩୦୦) /** ଋଣଗ୍ରହୀତାମାନେ: **୧) ଶ୍ରୀ ସୁନିଲ କେଶରୀ,** ପିତା: ଶ୍ରୀ ପରମେଶ୍ୱର କେଶରୀ ଏବଂ **୨) ବୀଣା ଦେବୀ,** ସ୍ୱାମୀ: ପରମେଶ୍ୱର କେଶରୀ, ସା: ୱାର୍ଡ ନଂ.: ୨, ଭିଟ୍ରିୟା ପଡା, ପୋ./ଥାନା/ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶା-୭୭୦୦୦୧ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅବଦୁଲ ହମିଦ,** ପିତା: ଅବଦୁଲ ହାଜିଜ, ସା: ଡେଙ୍ଗିଭାଡି, ପୋ/ଥାନା/ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶା-୭୭୦୦୦୧ | ୧୨.୧୧.୨୦୨୧ / ୦୩.୦୨.୨୦୨୨ | ୩୧.୧୦.୨୦୨୧ ସୁଦ୍ଧା ଟ.୧୩,୩୮,୨୧୫/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | **ବୀଣା ଦେବୀଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୬୦/୬୮୪, ପ୍ଲଟ୍ ନଂ.: ୧୧୨୫/୧୭୬୮, ପ୍ଲଟ୍ ନଂ.: ୧୧୨୬/୧୭୬୯, କ୍ଷେତ୍ର: ଏକର୦.୦୨୫ଡିସିମିଲି ଏବଂ ଏକର୦.୦୩୫ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୬୦ଡିସିମିଲି** |
| **ସୁନ୍ଦରଗଡ (୩୧୩୩୦୦) /** ଋଣଗ୍ରହୀତା: **ମେସର୍ସ କ୍ଷିତିଶ ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: କ୍ଷେତ୍ରମଞ୍ଜରୀ ଚୌଧାରୀ,** ସା: ଟାଉନ ପୋଲିସ୍ ଷ୍ଟେସନ୍ ନିକଟ, ରଙ୍ଗଡ଼ିପ, ସୁନ୍ଦରଗଡ, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୭୦୦୦୨ | ୧୯.୧୧.୨୦୨୧ / ୦୩.୦୨.୨୦୨୨ | ୩୧.୧୦.୨୦୨୧ ସୁଦ୍ଧା ଟ.୨୮,୫୩,୯୬୨.୮୫ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | **ଶ୍ରୀମତୀ କ୍ଷେତ୍ରମଞ୍ଜରୀ ଚୌଧାରୀଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୬୮/୪୧୪୨, ଖାତା ନଂ.: ୪୨୭/୬୪, କ୍ଷେତ୍ର: ଏକର୦.୧୦ଡିସିମିଲି, ମୌଜା: ଚିତାଭଙ୍ଗା, ପୋ/ତହସିଲ: ସୁନ୍ଦରଗଡ, ଜିଲ୍ଲା: ସୁନ୍ଦରଗଡ |
| **ସୁନ୍ଦରଗଡ (୧୪୯୮୧୦) /** ଋଣଗ୍ରହୀତାମାନେ: **୧) ଶ୍ରୀମତୀ କଲ୍ପନା ଦେଓ,** ସ୍ୱାମୀ: ଶ୍ରୀ ଦୁଷ୍ମନ୍ତ ପ୍ରତାପ ଦେଓ, ସା: ରାଜବାଟି, ପୋ.: ସୁନ୍ଦରଗଡ, ଜିଲ୍ଲା: ସୁନ୍ଦରଗଡ, **୨) ଶ୍ରୀ ଦୁଷ୍ମନ୍ତ ପ୍ରତାପ ଦେଓ,** ସା: ରାଜବାଟି, ପୋ.: ସୁନ୍ଦରଗଡ, ଜିଲ୍ଲା: ସୁନ୍ଦରଗଡ | ୧୧.୦୬.୨୦୨୧ / ୦୩.୦୨.୨୦୨୨ | ୩୧.୦୩.୨୦୨୧ ସୁଦ୍ଧା ଟ.୪୨,୧୨,୭୪୯.୯୩ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | **କଲ୍ପନା ଦେଓଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪/୨୭୩୮, ଖାତା ନଂ.: ୧୮୫/୯୨୪, କ୍ଷେତ୍ର: ଏକର୦.୧୬୦ଡିସିମିଲି, ମୌଜା: ଚିତାଭଙ୍ଗା, ରାଜବାଟି, ଜିଲ୍ଲା: ସୁନ୍ଦରଗଡ |
| **ସିଡିଏସ୍ ସମ୍ବଲପୁର (୧୪୧୯୨୦) /** ଋଣଗ୍ରହୀତା: **ସୁଶିଲ କୁମାର ଚୌଧାରୀ,** ପିତା: ବାସୁଦେବ ଚୌଧାରୀ, ସା: କୋଣାର୍କ ହୋଟେଲ୍ ନିକଟ, ୱାର୍ଡ ନଂ.: ୨୬, ବରେଇପାଲି, ସମ୍ବଲପୁର-୭୬୮୦୦୬ | ୨୧.୦୬.୨୦୨୧ / ୦୪.୦୨.୨୦୨୨ | ୩୧.୦୩.୨୦୨୧ ସୁଦ୍ଧା ଟ.୫,୨୯,୭୯୦.୧୨ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | **ସୁଶିଲ କୁମାର ଚୌଧାରୀ,** ପିତା: ବାସୁଦେବ ଚୌଧାରୀଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୬୭/୧୧୧୪, ପ୍ଲଟ୍ ନଂ.: ୫୬୦/୫୧୪୯, କ୍ଷେତ୍ର: ଏକର୦.୦୦୩ଡିସିମିଲି, ମୌଜା: ସମ୍ବଲପୁର ଟାଉନ ୟୁନିଟ୍ ନଂ.: ୧୩, ବରେଇପାଲି, ଜିଲ୍ଲା: ସମ୍ବଲପୁର |

**ସ୍ଥାନ : ସମ୍ବଲପୁର**
**ତାରିଖ : ୦୪.୦୨.୨୦୨୨**

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ



## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

always with U

ଆଞ୍ଚଳିକ କାର୍ଯ୍ୟାଳୟ: ପିପିଲି
ସା/ପୋ.: ପିପିଲି, ଜିଲ୍ଲା: ପୁରୀ, ଫୋନ୍: ୦୬୭୫୮-୨୪୦୭୫୦ / ୨୪୦୪୫୩

### ଦଖଲ ନୋଟିସ୍
[ପରିଶିଷ୍ଟ-୪(ରୁଲ ୮(୧)]
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାରା ୧୩(୧୨)ର ରୁଲ୍ ୮ ଅନୁଯାୟୀ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଋଣ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିହାରରେ ପରବର୍ତ୍ତୀ ସୁଧ ଓ ଦେୟ ଇତ୍ୟାଦି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪)ର ରୁଲ୍ ୮ ଅନୁଯାୟୀ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ଦର୍ଶିତ ତାରିଖରେ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କଲେ ଓଡିଶା ଗ୍ରାମ୍ୟ ବ୍ୟାଙ୍କର ଦାବି ମୁତାବକ ନିମ୍ନ ଦର୍ଶିତ ରାଶି ସହ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସହମତି କ୍ରମେ ସେବାବଦ ସୁଧ ଓ ଦେୟ ଇତ୍ୟାଦି ଏବଂ ଡିମାଣ୍ଡ ନୋଟିସ୍ ଜାରି ପରେ ପରିଶୋଧ ରାଶି ଯଦି କିଛି ଥାଏ ତାହାକୁ ଛାଡି ପ୍ରଦାନ କରିବାକୁ ବାଧ୍ୟ ହେବେ। ଦଖଲ ତାରିଖ ସୁଦ୍ଧା ନିମ୍ନରେ ଦର୍ଶାଯାଇଥିବା ବକେୟା ଦେୟ ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଓ ଦେୟ ଇତ୍ୟାଦି ନିମ୍ନରେ ଦର୍ଶିତ ।

**ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଆକାଉଣ୍ଟ ନଂ. / ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍/ଦଖଲ ନୋଟିସ୍ ତାରିଖ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଘୋରଡ଼ିଆ ଶାଖା /ଆକାଉଣ୍ଟ ନଂ.: ୦୦୪୦୧୩୦୩୦୦୦୦୦୦୪/** **ଋଣଗ୍ରହୀତା: ୧) ଶ୍ରୀ ବିଜୟ କୁମାର ରାଉତରାୟ,** ପିତା: ହରି ରାଉତରାୟ, ସା: ଡିଗିରିଆ, ପୋ.: ଯୋରକଣି, ଭାୟା: ଡେଲାଙ୍ଗ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୧୫ / **ଗ୍ୟାରେଣ୍ଟିଦାତା/ ବନ୍ଧକଦାତା: ୨) ଶ୍ରୀ ହରି ରାଉତରାୟ,** ପିତା: କୃଷ୍ଣ ରାଉତରାୟ, ସା: ଡିଗିରିଆ, ପୋ.: ଯୋରକଣି, ଭାୟା: ଡେଲାଙ୍ଗ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୧୫/ **ଗ୍ୟାରେଣ୍ଟିଦାତାମାନେ: ୩) ଶ୍ରୀ ରୁଷିଆ ଭୁଜବଳ,** ପିତା: ନାରାୟଣ ଭୁଜବଳ, **୪) ଶ୍ରୀ ସୁକାନ୍ତ ରାଉତରାୟ,** ପିତା: ହରି ରାଉତରାୟ, ଉଭୟଙ୍କ ଠିକଣା ସା: ଡିଗିରିଆ, ପୋ.: ଯୋରକଣି, ଭାୟା: ଡେଲାଙ୍ଗ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୧୫, **୫) ଶ୍ରୀ ପ୍ରଭାକର ବାରିକ,** ପିତା: କେ.ସି. ବାରିକ, ସା: ଶାଉରିଆ, ପୋ.: ଘୋରଡ଼ିଆ, ଭାୟା: ଡେଲାଙ୍ଗ, ଜିଲ୍ଲା: ପୁରୀ, ପିନ୍- ୭୫୨୦୧୫ | **ଶ୍ରୀ ହରି ରାଉତରାୟଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଡିଗିରିଆ, ପୋ.: ଯୋରକଣି, ଭାୟା: ଡେଲାଙ୍ଗ, ଜିଲ୍ଲା: ପୁରୀ, ଖାତା ନଂ.: ୧୨୨, ପ୍ଲଟ୍ ନଂ.: ୬୬୦, କ୍ଷେତ୍ର: ଏକର୦.୧୪ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୟା ନଦୀ, ପଶ୍ଚିମ: ରାସ୍ତା, ଉତ୍ତର: ଚେମା ରାଉତ, ଦକ୍ଷିଣ: ପ୍ରଭାକର ମାର୍ଥା | ୩୧.୦୮.୨୦୨୧ ସୁଦ୍ଧା ଟ.୧୩,୪୨,୩୪୩/- / ୧୪.୧୨.୨୦୨୧ ସୁଦ୍ଧା ଟ.୧୩,୭୧,୩୫୪.୨୧ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଓ ଦେୟ | ୩୧.୦୮.୨୦୨୧ / ୦୧.୦୨.୨୦୨୨ |
| **ନିମାପଡା ଶାଖା /ଆକାଉଣ୍ଟ ନଂ.: ୦୦୭୨୦୨୦୦୦୦୧୦୨୯୩ /** **ଋଣଗ୍ରହୀତା/ବନ୍ଧକଦାତା: ୧) ମେସର୍ସ ଶ୍ରୀ ବାସୁଦେବ ଜୁଏଲାରୀ, ସ୍ୱତ୍ୱାଧିକାରୀ: ପୂର୍ଣ୍ଣ ଚନ୍ଦ୍ର ସାହୁ,** ପିତା: ନରେନ୍ଦ୍ରନାଥ ସାହୁ, ସା: ଅମୁଣିହା ପାଟଣା, ପୋ.: ନିମାପଡା, ଜିଲ୍ଲା: ପୁରୀ, ପିନ୍-୭୫୨୧୦୬ / **ଗ୍ୟାରେଣ୍ଟିଦାତାମାନେ: ୨) ଶ୍ରୀ ପ୍ରସନ୍ନ କୁମାର ପଣ୍ଡା,** ପିତା: ଦାମୋଦର ପଣ୍ଡା, ସା: ଶ୍ୟାମସୁନ୍ଦରପୁର (ମଠସାହି), ପୋ.: ନିମାପଡା, ଜିଲ୍ଲା: ପୁରୀ, ପିନ୍-୭୫୨୧୦୬, **୩) ଶ୍ରୀମତୀ ଶାନ୍ତିଲତା ସାହୁ,** ସ୍ୱାମୀ: ପୂର୍ଣ୍ଣ ଚନ୍ଦ୍ର ସାହୁ, ସା: ଅମୁଣିହା ପାଟଣା, ପୋ.: ନିମାପଡା, ଜିଲ୍ଲା: ପୁରୀ, ପିନ୍-୭୫୨୧୦୬ | **ପୂର୍ଣ୍ଣ ଚନ୍ଦ୍ର ସାହୁଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାଟପୁର, ନିମାପଡା, ଖାତା ନଂ.: ୭୯୬, ୭୮୦ ଏବଂ ୭୬୫, ପ୍ଲଟ୍ ନଂ.: ୨୬୮୭, ୨୬୮୮, ୨୬୮୯, ୨୬୯୦ ଏବଂ ୨୭୪୮, କ୍ଷେତ୍ର: ଏକର୦.୦୩.୫ଡିସିମିଲି, ଏକର୦.୦.୫ଡିସିମିଲି, ଏକର୦.୦୧ଡିସିମିଲି, ଏକର୦.୦୪ଡିସିମିଲି ଏବଂ ଏକର୦.୨୯୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାଜକିଶୋର ମହାନ୍ତି, ପଶ୍ଚିମ: ରମେଶ ଚନ୍ଦ୍ର ମହାନ୍ତି, ଉତ୍ତର: ରାସ୍ତା, ଦକ୍ଷିଣ: ଶାନ୍ତିଲତା ରଥ | ୧୧.୦୬.୨୦୨୧ ସୁଦ୍ଧା ଟ.୪,୦୭,୨୮୮.୭୦ / ୦୬.୦୧.୨୦୨୨ ସୁଦ୍ଧା ଟ.୪,୧୮,୯୫୪.୧୮ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଓ ଦେୟ | ୧୧.୦୬.୨୦୨୧ / ୦୧.୦୨.୨୦୨୨ |
| **ନିମାପଡା ଶାଖା /ଆକାଉଣ୍ଟ ନଂ.: ୦୦୭୨୦୩୬୯୧୪୦୦୦୦୧ /** **ଋଣଗ୍ରହୀତା: ୧) ଶ୍ରୀମତୀ ଶୁଭଶ୍ରୀ ବେହେରା,** ସ୍ୱାମୀ: ଶତୃଘ୍ନ ବେହେରା, ସା/ପୋ.: ବିଷ୍ଣୁପୁର, ଜିଲ୍ଲା: ପୁରୀ, ପିନ୍-୭୫୨୧୦୬ / **ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ୨) ଶ୍ରୀ ଶତୃଘ୍ନ ବେହେରା,** ପିତା: ସମ୍ଭୁ ବେହେରା, ସା/ପୋ.: ବିଷ୍ଣୁପୁର, ଜିଲ୍ଲା: ପୁରୀ, ପିନ୍-୭୫୨୧୦୬ / **ଗ୍ୟାରେଣ୍ଟିଦାତା: ୩) ଶ୍ରୀ ଭରତ ବେହେରା,** ପିତା: ସମ୍ଭୁ ବେହେରା, ସା/ପୋ.: ବିଷ୍ଣୁପୁର, ଜିଲ୍ଲା: ପୁରୀ, ପିନ୍-୭୫୨୧୦୬, **୪) ଶ୍ରୀ ଗୟାଧର ବେହେରା,** ପିତା: ଲକ୍ଷ୍ମୀଧର ବେହେରା, ସା/ପୋ.: ନିମାପଡା, ଜିଲ୍ଲା: ପୁରୀ, ପିନ୍-୭୫୨୧୦୬ | **ଶତୃଘ୍ନ ବେହେରାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବିଷ୍ଣୁପୁର, ଖାତା ନଂ.: ୧୩୩୨/୫୪୧, ପ୍ଲଟ୍ ନଂ.: ୧୨୭୭/୪୪୨୪, କ୍ଷେତ୍ର: ଏକର୦.୩୬ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: କାଳନ୍ଦୀ ଦାସ, ପଶ୍ଚିମ: ରାସ୍ତା, ଉତ୍ତର: ରାସ୍ତା, ଦକ୍ଷିଣ: ଗଙ୍ଗାଧର ଦାସ | ୨୨.୦୨.୨୦୨୧ ସୁଦ୍ଧା ଟ.୧୫,୦୭,୯୦୮/- / ୦୬.୦୧.୨୦୨୨ ସୁଦ୍ଧା ଟ.୧୬,୮୧,୦୭୯/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଓ ଦେୟ | ୨୨.୦୨.୨୦୨୧ / ୦୧.୦୨.୨୦୨୨ |
| **ରସୁଲଗଡ ଶାଖା /ଆକାଉଣ୍ଟ ନଂ.: ୦୧୦୯୦୩୩୩୧୧୦୦୦୭୨ /** **ଋଣଗ୍ରହୀତା/ବନ୍ଧକାଦାତା: ୧) ଶ୍ରୀ ନୀଳମଣି ଦାସ,** ପିତା: ଦୈତାରୀ ଦାସ, ସା: ଏମ୍‌ଆଇଜି-୨, ଏଫ୍-୧/୮, ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର, ପୋ.: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୧୬ / **ଗ୍ୟାରେଣ୍ଟିଦାତାମାନେ: ୨) ଶ୍ରୀ ଜୟ ପ୍ରକାଶ ଦାସ,** ପିତା: ନୀଳମଣି ଦାସ, ପ୍ଲଟ୍ ନଂ.: ଏମ୍‌ଆଇଜି-୨, ଏଫ୍-୧/୮, ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର, ପୋ.: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୧୬, **୩) ଶ୍ରୀ ରାଧାଶ୍ୟାମ ମହାପାତ୍ର,** ପିତା: କୃପାସିନ୍ଧୁ ମହାପାତ୍ର, ସା: ସୁଧାକାନ୍ତ (Sudhakanta), ପୋ.: ନୂଆଗାଁ, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୧୯ **୪) ଶ୍ରୀମତୀ ସରସ୍ୱତୀ ଦାସ,** ପିତା: ନୀଳମଣି ଦାସ, ହାଉସ୍ ନଂ.: ଏମ୍‌ଆଇଜି-୨, ଏଫ୍-୧/୮, ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର, ପୋ.: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୧୬ | **ଶ୍ରୀ ନୀଳମଣି ଦାସଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଚନ୍ଦ୍ରଶେଖରପୁର, ହାଉସ୍ ନଂ.: ଏମ୍‌ଆଇଜି-୨, ଏଫ୍-୧/୮, ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, କ୍ଷେତ୍ର: ୫୩୦ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: କରିଡର ଏବଂ ପ୍ଲଟ୍ ନଂ.: ଏଫ୍-୧/୭, ପଶ୍ଚିମ: ଖୋଲା ସ୍ଥାନ ସରକାରୀ କ୍ୱାର୍ଟର, ଉତ୍ତର: ଖୋଲା ସ୍ଥାନ ଏବଂ ରାସ୍ତା, ଦକ୍ଷିଣ: ଏଫ୍-୧/୭, ସରକାରୀ କ୍ୱାର୍ଟର | ୩୧.୧୨.୨୦୧୯ ସୁଦ୍ଧା ଟ.୪,୨୬,୮୦୯/- / ୩୦.୧୨.୨୦୨୧ ସୁଦ୍ଧା ଟ.୩,୭୭,୯୭୪/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଓ ଦେୟ | ୩୧.୧୨.୨୦୧୯ / ୦୧.୦୨.୨୦୨୨ |

**ସ୍ଥାନ: ପିପିଲି, ତାରିଖ: ୦୪.୦୨.୨୦୨୨**

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମୁଖ୍ୟଯନ୍ତ୍ରୀ ଗିରଫ

ଭୁବନେଶ୍ୱର,୪।୨(ବ୍ୟୁରୋ)

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ମୁଖ୍ୟଯନ୍ତ୍ରୀ ରବି ନାରାୟଣ ପୃଷ୍ଟିଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ପରେ ତାଙ୍କ ନିକଟରୁ ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ମିଳିଛି। ଉକ୍ତ ସମ୍ପତ୍ତିର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ଏକ ମାମଲା (ନଂ.୧/୨୨) ରୁଜୁ କରି ଶୁକ୍ରବାର ରବି ନାରାୟଣଙ୍କୁ ଗିରଫ କରିଛି। ଏହାପରେ ତାଙ୍କୁ ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଭିଜିଲାନ୍ସ କୋର୍ଟ ସ୍ପେଶାଲ ଜଜ୍‌ଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ରବିଙ୍କ ଭୁବନେଶ୍ୱର ପଟିଆରେ ଥିବା ରେସିଡେନ୍‌ସିଆଲ ଫ୍ଲାଟ୍, ଜାଗମରାର ଗଜପତି ପ୍ୟାଲେସ୍‌ରେ ଥିବା ଫ୍ଲାଟ, ଖଣ୍ଡଗିରି ବାରଭୁଜା ମାର୍କେଟ କମ୍ପ୍ଲେକ୍ସରେ ଥିବା ଏକ ଶପ୍, ଶ୍ରୀରାମ ବିହାରସ୍ଥିତ ସମ୍ପର୍କୀୟଙ୍କ ଘର, ପୁରୀ ଶ୍ରୀକ୍ଷେତ୍ର ଭକ୍ତ ନିବାସରେ ଥିବା ଫ୍ଲାଟ, ଗଞ୍ଜାମ ଜିଲା ନୂଆଗାଁ ଥାନା ନୂଆପଡ଼ାରେ ଥିବା ପୈତୃକ ଘର ଓ ଭୁବନେଶ୍ୱରସ୍ଥିତ ଏସ୍‌ପିସିବି କାର୍ଯ୍ୟାଳୟରେ ଥିବା ତାଙ୍କ ଚାମ୍ବର ଆଦି ୭ ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏଥିରେ ଭିଜିଲାନ୍ସର ଜଣେ ଏସ୍‌ପି, ୨ ଜଣ ଅତିରିକ୍ତ ଏସ୍‌ପି, ୧୭ ଡିଏସ୍‌ପି ସାମିଲ ଥିଲେ। ଯାଞ୍ଚ ପରେ ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ଠାବ ହୋଇଥିବା ସମ୍ପତ୍ତିର ତଥ୍ୟ ଦିଆଯାଇଛି। ପୁରୀ ଶ୍ରୀକ୍ଷେତ୍ର ନିବାସ ଫ୍ଲାଟ୍‌କୁ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ହିସାବ କରାଯାଇଥିବାବେଳେ ନଖରାସ୍ଥିତ ଗ୍ରାଣ୍ଡ୍ ଆୱାସରେ ଥିବା ଫ୍ଲାଟ୍‌ର ମୂଲ୍ୟ ୬୦ ଲକ୍ଷରୁ ଉର୍ଦ୍ଧ୍ୱ, ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ୩ଟି ଫ୍ଲାଟ୍, ୮୯ ଲକ୍ଷ ୪୬ ହଜାର ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ଓ ଇନ୍‌ସ୍ୟୁରାନ୍ସ ରହିଛି। ତେବେ ପଟିଆରେ ଥିବା ଫ୍ଲାଟ୍, ଖଣ୍ଡଗିରିରେ ଥିବା ସପ୍, ୩୫୫ ଗ୍ରାମ ସୁନା ଅଳଙ୍କାର, ୬୯୨ ଗ୍ରାମ ରୁପା ଅଳଙ୍କାର, ଗୋଟିଏ ୪ ଚକିଆ ଯାନ, ଦୁଇଟି ବାଇକ୍‌ର ମୂଲ୍ୟ ଦିଆଯାଇନାହିଁ।

ଅନ୍ୟପକ୍ଷରେ ରବି ଓଡ଼ିଶା ବାହାରେ ଥିବା ରିୟଲ୍ ଇଷ୍ଟେଟ୍‌ରେ ବହୁ ଟଙ୍କା ଲଗାଇଥିବା ତଦନ୍ତବେଳେ ଜଣାପଡ଼ିଛି। ସେସବୁ ବେନାମି ସମ୍ପତ୍ତି ହୋଇଥିବାରୁ ଭିଜିଲାନ୍ସ ଯାଞ୍ଚ ଜାରି ରଖିଛି। ଜବତ ଟଙ୍କା ଓ କାଗଜପତ୍ରକୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏବଂ ବ୍ୟାଙ୍କିଙ୍ଗ୍ କନ୍‌ସଲ୍‌ଟାଣ୍ଟ ଯାଞ୍ଚ କରୁଛନ୍ତି। ଏହାର ତଦନ୍ତ ଚାଲୁ ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ହିସାବ ସରି ନ ଥିବାରୁ ଠାବ ସମ୍ପତ୍ତି ଓ ଆୟ ବହିର୍ଭୂତ ସମ୍ପତ୍ତିର ମୋଟ ମୂଲ୍ୟ ସମ୍ପର୍କରେ ସ୍ପଷ୍ଟ ହୋଇନାହିଁ। ତେବେ ରବିଙ୍କ ସମ୍ପତ୍ତିର ମୂଲ୍ୟ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଭିଜିଲାନ୍ସର ଜଣେ ଅଧିକାରୀ ଅନୁମାନ କରିଛନ୍ତି।

## ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠାବକଲା ଭିଜିଲାନ୍ସ

- ଓଡ଼ିଶା ବାହାର ରିୟଲ ଇଷ୍ଟେଟ୍‌ରେ ଲାଗିଛି ଟଙ୍କା
- ଏକକାଳୀନ ୭ ସ୍ଥାନରେ ଚଢ଼ାଉ ହୋଇଥିଲା
- ଜାମିନ ନ ମିଳିବାରୁ ଜେଲ୍ ଗଲେ


ରବି ନାରାୟଣ ପୃଷ୍ଟି

# ଅଫିସରଙ୍କ ବୟାନ ରେକର୍ଡ

## କେନ୍ଦ୍ରମନ୍ତ୍ରୀଙ୍କ ମାଡ଼ରେ ଆହତ ହେବା ଘଟଣା

ବାରିପଦା ଅଫିସ, ୪।୨

ମୟୂରଭଞ୍ଜ ଭାଜପା ଏମ୍‌ପି ତଥା କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ମାଡ଼ରେ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ (ପ୍ଲାନିଂ) କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଅଶ୍ୱିନୀ କୁମାର ମଲ୍ଲିକ ଆହତ ହୋଇଥିବା ଅଭିଯୋଗ ହୋଇଥିଲା। ବାରିପଦା ଟାଉନ ଥାନା ପୋଲିସ ଶୁକ୍ରବାର ସ୍ଥାନୀୟ ଜେଏମ୍‌ଏଫ୍‌ସି କୋର୍ଟରେ ଅଧିକାରୀ ମଲ୍ଲିକଙ୍କ ବୟାନ ରେକର୍ଡ କରାଇଛି। ଏହା ସହିତ ପୋଲିସ ତଦନ୍ତ ରିପୋର୍ଟ କୋର୍ଟରେ ଦାଖଲ କରିବା ସହ ସବିଶେଷ ତଥ୍ୟ ଲୋକସଭା ବାଚସ୍ପତିଙ୍କୁ ପ୍ରଦାନ କରିଛି। ମନ୍ତ୍ରୀ ଟୁଡୁ ଅଭିଯୋଗକୁ ଖଣ୍ଡନ କରିସାରିଥିବା ବେଳେ ଆଗୁଆ ଜାମିନ ପାଇଁ ହାଇକୋର୍ଟ ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଗତ ଜାନୁଆରୀ ୨୧ରେ କେନ୍ଦ୍ରମନ୍ତ୍ରୀ ଟୁଡୁ ନିଜ କାର୍ଯ୍ୟାଳୟକୁ ଦୁଇ ଅଧିକାରୀ ଉପନିର୍ଦ୍ଦେଶକ ଅଶ୍ୱିନୀ କୁମାର ମଲ୍ଲିକ ଓ ସହକାରୀ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ରଙ୍କୁ ଡକାଇଥିଲେ। ଏମ୍‌ପିଙ୍କ ହାତପାଣ୍ଠି ବିନିଯୋଗ ସମ୍ପର୍କରେ ଫାଇଲ ଧରି ଆସିବାକୁ କେନ୍ଦ୍ରମନ୍ତ୍ରୀ ଟୁଡୁ କଡ଼ା ତାଗିଦ କରି କହିଥିଲେ। ଯାହାର ଅଡିଓ ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହୋଇଥିଲା। ଅଧିକାରୀ ଦ୍ୱୟ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚି ଆଲୋଚନା କରିବା ସମୟରେ ମନ୍ତ୍ରୀ ଉତ୍‌କ୍ଷିପ୍ତ ହୋଇ ଏକ ଚେୟାରରେ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଦେବାଶିଷଙ୍କ ବାମହାତରେ ଶକ୍ତ ପ୍ରହାର ଲାଗିଥିବାରୁ ହାତଟି ଭାଙ୍ଗିଯାଇଥିଲା। ଗୁରୁତର ଅବସ୍ଥାରେ ସେ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି ହୋଇଥିଲେ। ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିଲେ। ଏନେଇ ଦେବାଶିଷଙ୍କ ଅଭିଯୋଗ କ୍ରମେ କେନ୍ଦ୍ରମନ୍ତ୍ରୀ ଟୁଡୁଙ୍କ ବିରୋଧରେ ପୋଲିସ ଏକ ମାମଲା(ନଂ.୫୦/୨୨)ରୁଜୁ କରିଥିଲା। କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥାର ଅଧିକାରୀମାନେ ମଧ୍ୟ ଘଟଣାର ତଦନ୍ତ କରି ଫେରିଥିବା ବେଳେ ଟାଉନଥାନା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ମନ୍ତ୍ରୀଙ୍କ ବାରିପଦା ସ୍ଥିତ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ଆଚରଣକୁ ବିଭିନ୍ନ ଦଳ ପକ୍ଷରୁ ନିନ୍ଦା କରାଯାଇଥିବା ବେଳେ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ୩ଦିନ ଧରି କଳାବ୍ୟାଜ୍ ପରିଧାନ ପୂର୍ବକ ପ୍ରତିବାଦ ଜଣାଇଥିଲେ।

## ସଂକ୍ଷେପରେ

### ଓଡ଼ିଆ ଆଇଏଫ୍‌ଏସ୍ ଅଫିସର ହଣ୍ଡୁରାସ ପାଇଁ ଭାରତର ରାଷ୍ଟ୍ରଦୂତ ନିଯୁକ୍ତ



ନୂଆଦିଲ୍ଲୀ,୪।୨: କେନ୍ଦ୍ର ସରକାର ଶୁକ୍ରବାର ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍)ର ଓଡ଼ିଆ ଅଫିସର ମନୋଜ କୁମାର ମହାପାତ୍ରଙ୍କୁ ହଣ୍ଡୁରାସ ପାଇଁ ଭାରତର ପରବର୍ତ୍ତୀ ରାଷ୍ଟ୍ରଦୂତ ନିଯୁକ୍ତ କରିଛନ୍ତି। ୨୦୦୦ ବ୍ୟାଚ୍‌ର ଏହି ଅଫିସର ଏବେ ଗୁଏଟମାଲାରେ ଭାରତର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟରତ ଅଛନ୍ତି। ଗୁଏଟମାଲା ସହରରେ ରହି ସେ ଖୁବ୍‌ଶୀଘ୍ର ହଣ୍ଡୁରାସରେ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟଭାର ଗ୍ରହଣ କରିବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଉଷୁନା ଚାଉଳ ପ୍ରସଙ୍ଗ ଉଠାଇଲା ବିଜେଡି

ଭୁବନେଶ୍ୱର,୪।୨(ବ୍ୟୁରୋ): ରାଜ୍ୟ ସଭାରେ ପୁଣି ଉଠିଛି ଉଷୁନା ଚାଉଳ ପ୍ରସଙ୍ଗ। ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ଅମର ପଟ୍ଟନାୟକ, ପ୍ରସନ୍ନ ଆଚାର୍ଯ୍ୟ ଓ ପ୍ରଶାନ୍ତ ନନ୍ଦ ଶୂନ୍ୟକାଳରେ କହିଛନ୍ତି ଯେ ରାଜ୍ୟରେ ଥିବା ବଳକା ଉଷୁନା ଚାଉଳ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଉଠାଉନାହିଁ। ଫଳରେ ରାଜ୍ୟର ବହୁ ଚାଷୀ ପ୍ରଭାବିତ ହେଉଛନ୍ତି। ଏହାପୂର୍ବରୁ ଉଷୁନା ଚାଉଳ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ। କିନ୍ତୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ଦାବି ଗ୍ରହଣ କରୁ ନ ଥିବାରୁ ବିଜେଡି ଏମ୍‌ପିମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଜେଡି ସଦସ୍ୟମାନେ ଦର୍ଶାଇଛନ୍ତି, ଓଡ଼ିଶାରେ ବର୍ଷକୁ ବର୍ଷ ଅଧିକ ଧାନ ଉତ୍ପାଦନ ହେଉଛି। ଫଳରେ ସରକାର ଚାଷୀଙ୍କ ସ୍ୱାର୍ଥ ପାଇଁ ଉତ୍ପାଦିତ ଧାନର ଉଚିତ ମୂଲ୍ୟ ଦେବାକୁ ଅଧିକ ଧାନ ସଂଗ୍ରହ କରୁଛନ୍ତି। ଏଥିଯୋଗୁ ଅଧିକରୁ ଅଧିକ ଉଷୁନା ଚାଉଳ ମହଜୁଦ ହୋଇ ରହୁଛି। ଏଫ୍‌ସିଆଇ ଏହି ବଳକା ଉଷୁନା ଚାଉଳ ଉଠାଣ କରୁ ନାହିଁ। କେନ୍ଦ୍ର ସରକାର ଏ ପ୍ରସଙ୍ଗରେ ତୁରନ୍ତ ହସ୍ତକ୍ଷେପ କରିବାକୁ ବିଜେଡି ସଦସ୍ୟମାନେ ଦାବି କରିଛନ୍ତି। ସେହିପରି ସସ୍ମିତ ପାତ୍ର ପ୍ରଶ୍ନୋତ୍ତର ସମୟରେ ଦେଶର ଚାଷୀ ଓ କୃଷି ପାଇଁ ସ୍ୱାମୀନାଥନ କମିଶନଙ୍କ ସୁପାରିସ ଲାଗୁ କରିବାକୁ ଦାବି କରିଛନ୍ତି।


ପୁରୀ ଷ୍ଟାଡିୟମରେ ଶୁକ୍ରବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏବଂ କ୍ରୀଡ଼ା ଭାରତୀ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଆୟୋଜିତ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ।


**OFFICE OF THE DEAN AND PRINCIPAL**
**SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT, ODISHA**
**TENDER CALL NOTICE**

No. 438 Date: 02.02.2022

No. E-897: Sealed quotation/tenders are invited from interested reputed Travel Agencies/Tour Operators/Private individuals having GST Registration & GeM registration for providing one number of AC-Petrol/Diesel Maruti Swift Dezire/Etios vehicle having sitting capacity of five including Driver on monthly hire basis. The last date of receipt of the tender papers is 24.02.2022 till 3.00 P.M. through Speed Post/Regd. Post/Courier. The detail information can be obtained in the District Website of Koraput District. **http://koraput.nic.in** and **www.slnmch.nic.in**. The authority reserves the right to accept/reject/cancel any or all the tenders in full or part without assigning any reason thereof.

Sd./- Dean and Principal
SLNMCH, Koraput
OIPR-10121/11/0014/2122


### ବାପା ଆଗରେ...

ପଶ୍ଚିମାଞ୍ଚଳ ରେଞ୍ଜ୍ ଅଁଳାବେରେଣି ସେକ୍ସନ ଅନ୍ତର୍ଗତ ମହୁଲଡଗର ଗ୍ରାମରେ ଗୁରୁବାର ବିଳମ୍ବିତ ରାତ୍ରିରେ ଘଟିଥିବା ଏଭଳି ଏକ ହୃଦୟ ବିଦାରକ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଅଞ୍ଚଳରେ ହାତୀ ଆକ୍ରମଣରେ ପୂର୍ବରୁ ଅନେକ ଜୀବନ ଯାଇଥିବାବେଳେ ପ୍ରଥମ ଥର ପାଇଁ ଜଣେ ୫ବର୍ଷର ଶିଶୁର ମୃତ୍ୟୁ ଘଟିଥିବା ଆଲୋଚନା ହେଉଛି।

ଗ୍ରାମବାସୀଙ୍କ କହିବା କଥା, ସ୍ତ୍ରୀ, ୯ ବର୍ଷର ବଡ଼ପୁଅ, ୬ ବର୍ଷର ମଝିଆ ଝିଅ ଏବଂ ୫ ବର୍ଷର ସାନ ପୁଅ ଋଷିଙ୍କୁ ନେଇ ରସାନନ୍ଦଙ୍କ ପରିବାର। ଚାଳଛପର ଘରେ ସ୍ଥାନ ଅଭାବରୁ ସାନପୁଅକୁ ଧରି ରସାନନ୍ଦ ବାରଣ୍ଡାରେ ଶୋଇଥିଲେ। ରାତି ପ୍ରାୟ ସାଢ଼େ ୧ଟାରେ ଗାଁ ଭିତରକୁ ପଶି ଆସିଥିବା ଏକ ଗୋଠଛଡ଼ା ଦନ୍ତା ଘର ଭାଙ୍ଗିବାକୁ ଉଦ୍ୟମ କରିଥିଲା। କିଛି ବୁଝିବା ପୂର୍ବରୁ ରସାନନ୍ଦଙ୍କୁ ଶୁଣ୍ଢରେ ଟେକି ନେଇ ଦାଣ୍ଡରେ କଚାଡ଼ି ଦେଇଥିଲା। ଏହାପରେ ଋଷିଙ୍କ ମୁଣ୍ଡକୁ ଗୋଡ଼ରେ ଦଳି ଦେଇଥିଲା। ଚିତ୍କାର ଶୁଣି ପାଖପଡ଼ୋଶୀ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଋଷିଙ୍କୁ ମୃତ ଘୋଷଣା କରିଥିଲେ। ରସାନନ୍ଦଙ୍କ ଅବସ୍ଥା ଅଧିକ ଗୁରୁତର ଥିବାରୁ ତାଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ପାଇ ବନ ବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ

ପ୍ରଥମ ପୃଷ୍ଠାରୁ...

କରିଛି। ରସାନନ୍ଦଙ୍କ ପରିବାରକୁ ପ୍ରାଥମିକ ପର୍ଯ୍ୟାୟରେ ୧୦ ହଜାର ଟଙ୍କା ସହାୟତା ଦିଆଯାଇଛି। ତଦନ୍ତ ପରେ ଅବଶିଷ୍ଟ ସହାୟତା ରାଶି ଯୋଗାଇ ଦିଆଯିବ। ଗୁରୁତରଙ୍କ ସମସ୍ତ ଖର୍ଚ୍ଚ ବନ ବିଭାଗ ବହନ କରିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି।


ମୃତ ପୁଅଙ୍କ ସହ ରସାନନ୍ଦ

### ରୁଷିଆ ଛାଡ଼ିଲେ...

ବିରୋଧରେ ୪ ଲକ୍ଷ ପୁରୁଷଙ୍କୁ ନେଇ ଏକ ଶୋଭାଯାତ୍ରା କରିଥିଲେ। ଏହି ରାଲି ପରେ ଏଲେନାଙ୍କୁ ବିଦେଶକୁ ପଠାଇଦେବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସମ୍ପାଦକ ମୁରାଟୋଭ୍ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଲେନା ମଧ୍ୟ ନିଜ ସୁରକ୍ଷାକୁ ନେଇ ଚିନ୍ତିତ ଥିବା କହିଛନ୍ତି। ଚେଚନ୍ୟାରେ ମାନବାଧିକାର କର୍ମୀମାନଙ୍କୁ ଅପହରଣ, ଗିରଫ ଓ ହତ୍ୟା ଧମକ ଦିଆଯାଉଥିବାରୁ ସେମାନଙ୍କ ଜୀବନ ବିପନ୍ନ ହେବାରେ ଲାଗିଛି। ନିକଟରେ ଆଇନପ୍ରଣେତା ଆଡାମ୍ ଡେଲିମ୍‌ଖାନୋଭ୍ ଜଣେ କଡ଼ା ମିଜାଜର ବିଚାରପତି ଓ ତାଙ୍କର ପରିବାର ସଦସ୍ୟମାନଙ୍କ ମୁଣ୍ଡକାଟ୍ ପାଇଁ ସୋସିଆଲ ମିଡିଆରେ ଧମକ ଦେଇଥିଲେ। ଚେଚନ୍ୟା ନେତା ରମଜାନ୍ କାଡିରୋଭ୍ ବୁଧବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ କ୍ରେମଲିନ୍‌ରେ ଭେଟି ଆଲୋଚନା କରିଥିଲେ। ତେବେ ଚେଚନ୍ୟା ସ୍ଥିତି ଅଣାୟତ୍ତ ହୋଇଥିବା ପ୍ରସଙ୍ଗକୁ କ୍ରେମଲିନ୍‌ର ଜଣେ ମୁଖପାତ୍ର ଖଣ୍ଡନ କରିଥିଲେ।

# ଚିଟ୍‌ଫଣ୍ଡ ସଂସ୍ଥାର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ନିର୍ଦ୍ଦେଶ

କଟକ ଅଫିସ, ୪।୨

ଓଡ଼ିଶା ହୋମ୍ସ ପ୍ରାଇଭେଟ୍ ଲିମିଟେଡ ନାମକ ଚିଟ୍‌ଫଣ୍ଡ ସଂସ୍ଥାର ୮ ଲକ୍ଷ ୮୭ ହଜାର ଟଙ୍କାର ବ୍ୟାଙ୍କ ଜମା ଓ ୧୮ ଏକର ବାଜ୍ୟାପ୍ତି ସମ୍ପତ୍ତି ବିକ୍ରି କରି ଲବ୍ଧ ଅର୍ଥକୁ କ୍ଷତିଗ୍ରସ୍ତ ଜମାକାରୀଙ୍କ ମଧ୍ୟରେ ବାଣ୍ଟି ଦେବାକୁ କଟକର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ କୋର୍ଟ ଶୁକ୍ରବାର ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି। ସୂଚନାଥାଉ କି ଉକ୍ତ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଜଗତ୍ ଜୀବନ ନାୟକ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ସ୍ୱଳ୍ପ ମୂଲ୍ୟରେ ଜମି ଓ ଫ୍ଲାଟ୍ ଯୋଗାଇ ଦେବା ଆଳରେ ୧୫୩ ଜଣ ଲୋକଙ୍କ ନିକଟରୁ ୭ କୋଟି ୬୪ ଲକ୍ଷ ଟଙ୍କା ଠକି ନେଇଥିଲେ। ନୟାପଲ୍ଲୀ ଅଞ୍ଚଳରେ ସଂସ୍ଥା ଏକ କାର୍ଯ୍ୟାଳୟ ଖୋଲି ଲୋକଙ୍କୁ ଏପରି ଠକି ଚାଲିଥିଲା। ହେଲେ ଜମି ଅଥବା ଫ୍ଲାଟ୍ ନ ମିଳିବାରୁ ଏକାଧିକ ଜମାକାରୀ ଏ ନେଇ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)ରେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଜଗତ୍ ଜୀବନ ନାୟକ, ନିର୍ଦ୍ଦେଶକ ସୁମନ୍ତ କୁମାର ଆଚାର୍ଯ୍ୟ, ଶଙ୍କର ପ୍ରସାଦ ପାଣିଗ୍ରାହୀଙ୍କ ବିରୋଧରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଥିଲା। ପରେ କ୍ରାଇମବ୍ରାଞ୍ଚ ସେମାନଙ୍କୁ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁ ପକ୍ଷରୁ କଟକର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ କୋର୍ଟରେ ପିଟିଶନ ଦାଏର ହେବା ପରେ ଶୁଣାଣି ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ପବ୍ଲିକ୍ ପ୍ରସିକ୍ୟୁଟର ସୁବ୍ରତ ମହାନ୍ତି ମାମଲା ପରିଚାଳନା କରିଥିଲେ।

# ଟିଟିଏଲ୍ ପକ୍ଷରୁ 'ଇମ୍ପାଲ୍‌ସ' ୨୦୨୨ ପାଳିତ

ଭୁବନେଶ୍ୱର,୪।୨




ଦେଶର ଏକ ପ୍ରମୁଖ ଘରୋଇ ଆଇଟି କମ୍ପାନୀ ତତ୍ତ୍ୱ ଟେକ୍ନୋଲୋଜିସ୍ ଲିମିଟେଡ୍ (ଟିଟିଏଲ୍)ର ୨୦ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କମ୍ପାନୀ ପକ୍ଷରୁ 'ଇମ୍ପାଲ୍‌ସ' ୨୦୨୨ କୋଭିଡ୍ କଟକଣା ମଧ୍ୟରେ ପାଳନ କରାଯାଇଛି। ଏହି ଅବସରରେ ତତ୍ତ୍ୱର ପରିଚାଳନା ନିର୍ଦ୍ଦେଶକ ଏ.କେ. ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କମ୍ପାନୀର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେବା ସହ କିଭଳି ଏକ ଛୋଟ ଅନୁଷ୍ଠାନକୁ ଏକ ବୃହତ୍ ପ୍ରତିଷ୍ଠାନରେ ପରିଣତ କରିଛନ୍ତି ସେସବୁ ବିଷୟରେ ସେ ଆଲୋକପାତ କରିଥିଲେ। ୨୦୦୨ରେ ୩ ଜଣ ସଦସ୍ୟଙ୍କୁ ନେଇ ଆରମ୍ଭ ହୋଇଥିବା ସଂସ୍ଥା ୨୦ ବର୍ଷର ଯାତ୍ରା ଅତିକ୍ରମ କରିସାରିଲାଣି। କେବଳ ଏହା ଭାରତରେ ନୁହେଁ ବରଂ ଆଫ୍ରିକା, ମିଡିଲ ଇଷ୍ଟ ଏବଂ ୟୁଏସ୍‌ଏ ଭଳି ରାଷ୍ଟ୍ରରେ ମଧ୍ୟ ନିଜର ଉପସ୍ଥିତିକୁ ଜାହିର କରି ଅନେକ ସଫଳତା ହାସଲ କରିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ତତ୍ତ୍ୱର ସହପ୍ରତିଷ୍ଠାତା ତଥା ସିଇଓ ତପେନ୍ଦ୍ର ଏନ୍. ସେନାପତି କହିଛନ୍ତି, ତତ୍ତ୍ୱ ନିରନ୍ତର ଉଦ୍ଭାବନ ଜାରି ରଖିଥିବାରୁ ଏହା ଆଜିର ଦୁନିଆରେ ପ୍ରାସଙ୍ଗିକତା ବଜାୟ ରଖିଛି। ଟେକ୍ନୋଲୋଜିର ପରିବର୍ତ୍ତିତ ଗତିଶୀଳତା ସହିତ ଆମେ ଗ୍ରାହକଙ୍କ ଆହ୍ୱାନଗୁଡ଼ିକୁ ସମାଧାନ କରିବା ପାଇଁ ସିଦ୍ଧତା ସହିତ ଉଦ୍ଭାବନଗୁଡ଼ିକ ଉପରେ ପ୍ରୟାସ ଜାରି ରଖିଛୁ। ତତ୍ତ୍ୱ ଟେକ୍ନୋଲୋଜିସ୍ ଲିମିଟେଡ୍‌ର ପ୍ରତିଷ୍ଠା ଦିବସରେ ଡିଜିଟାଲ ବୈଠକରେ ଯୋଗଦେଇଥିବା ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ କମ୍ପାନୀର ଡାଇରେକ୍ଟର ଅପରେଶନ୍ସ ଡେଭିଡ୍ ସାହୁ ଓ ଡାଇରେକ୍ଟର ଟେକ୍ନୋଲୋଜି ସ୍ମୃତି ନାୟକ ପ୍ରମୁଖ ସାମିଲ ଥିଲେ। ସେହିଭଳି ମିଳିତ ଭାବେ ତତ୍ତ୍ୱର ନିର୍ଦ୍ଦେଶକମାନେ ନିଯୁକ୍ତି ସୃଷ୍ଟି, ପ୍ରତିଭା ବୃଦ୍ଧି ଓ ଅନ୍ୟାନ୍ୟ ସାମାଜିକ ଦାୟିତ୍ୱଗୁଡ଼ିକ ଉପରେ କମ୍ପାନୀର ଯୋଗଦାନକୁ ପ୍ରଦର୍ଶନ କରି ତତ୍ତ୍ୱ ଇମ୍ପାକ୍ଟ୨୦୨୨ ପତ୍ରିକାର ଉନ୍ମୋଚନ କରିଥିଲେ। ସେହିଭଳି କମ୍ପାନୀର ଭୁବନେଶ୍ୱର,କୋଲକାତା,ଗୁଆହାଟୀ,ହାଇଦ୍ରାବାଦ ଓ ମୁମ୍ବାଇ କାର୍ଯ୍ୟାଳୟରେ ମଧ୍ୟ ଡିଜିଟାଲ ଜରିଆରେ ମଧ୍ୟ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି।


**ଓଡ଼ିଶା ସରକାର**
**କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଘୋଷଣା**

File No.34 Date 20.01.2022

No.IX-07:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ସର୍ଗିଗୁଡ଼ା (ଅତିରିକ୍ତ), ଥାନା- ନର୍ଲା, ତହସିଲ- ନର୍ଲା, ଜିଲ୍ଲା- କଳାହାଣ୍ଡିରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଟିଟିଲାଗଡ଼-ବିଜୟନଗରମ୍ ୩ୟ ରେଳପଥ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୩, ତା୧୭।୦୨।୨୦୨୧ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ସର୍ଗିଗୁଡ଼ା, ଥାନା- ନର୍ଲା, ଜିଲ୍ଲା- କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: କଳାହାଣ୍ଡି** **ତହସିଲ: ନର୍ଲା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସର୍ଗିଗୁଡ଼ା (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ଏ.୪.୪୫୯ | ଏ.୦.୯୨୦ | ଏଥିସହିତ ସଂଲଗ୍ନ ଅଛି |

**ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ପ୍ରଯୁଜ୍ୟ ନୁହେଁ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।**
**ପ୍ରଯୁଜ୍ୟ ନୁହେଁ।**

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| | | | | | | | |

ଅଧିସୂଚନା ବୈଧ ତାରିଖ:

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, କଳାହାଣ୍ଡି

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ପୂର୍ବତଟ ରେଳପଥ ଟିଟିଲାଗଡ଼-ବିଜୟନଗରମ ୩ୟ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣୀ**
**ମୌଜା- ସର୍ଗିଗୁଡ଼ା (ଅତିରିକ୍ତ) ଗ୍ରାମାଞ୍ଚଳ, ତହସିଲ- ନର୍ଲା, ଥାନା- ନର୍ଲା, ଥାନା ନଂ. ୬୨, ଜିଲ୍ଲା- କଳାହାଣ୍ଡି**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୧ | ୫୩ | ୨୨୦<br>୨୨୪<br>୩୨୩ | ୦.୦୫୦<br>୧.୫୦୨<br>୦.୧୮୦ | ୦.୦୧୦<br>୦.୧୮୦<br>୦.୧୮୦ | ମାଳ<br>ମାଳ/୪<br>ଘରବାରି/୨ | ଗୌରଚନ୍ଦ୍ର ନାଏକ, ପି. କୃପାସିନ୍ଧୁ ନାଏକ, ଜା. କୋଲତା, ବା. ନିଜଗାଁ |
| ୨ | ୧୬୩ | ୨୨୧ | ୦.୬୪୦ | ୦.୦୪୦ | ମାଳ/୨ | ଭାଗିରଥି ନାଗ, ପି. ଚନ୍ଦ୍ର ନାଗ, ଜା. ଗଉଡ଼, ବା. ନିଜଗାଁ |
| ୩ | ୧୨୪ | ୨୨୨ | ୦.୫୬୦ | ୦.୦୮୦ | ମାଳ /୨ | ପୁରନ୍ଦର ନାଏକ, ପି. ବିଦ୍ୟାଧର ନାଏକ, ଜା. ଓଡ଼ିଆ, ବା. ନିଜଗାଁ |
| ୪ | ୧୦୩ | ୨୨୩ | ୦.୯୯୦ | ୦.୧୪୦ | ମାଳ/ ୪ | ପ୍ରଦୀପ କୁମାର ନାଏକ, ରଶ୍ମିରଞ୍ଜନ ନାଏକ, ପି. ନରେନ୍ଦ୍ର ନାଏକ, ଜା. କୋଲତା, ବା. ନିଜଗାଁ |
| ୫ | ୨୨୫/୨୧୮ | ୩୪୦ | ୦.୧୬୦ | ୦.୧୬୦ | ବେର୍ଣ୍ଣା | ଜୟଶଙ୍କର ନାଏକ, ପି. କମଳ ନାଏକ, ଜା. କୋଲତା, ବା. ନିଜଗାଁ |
| ୬ | ୧୮୮ | ୩୪୩<br>୩୪୪ | ୦.୨୨୦<br>୦.୧୫୭ | ୦.୧୦୦<br>୦.୦୩୦ | ବେର୍ଣ୍ଣା ଘରବାରି / ୨ | ରେଖରାଜ ସରାଫ, ପି. ସନାତନ ସରାଫ, ଜା. ସୁନାରି, ବା. ନିଜଗାଁ |
| | | ମୋଟ | ୪.୪୫୯ | ୦.୯୨୦ | | |

Sd./- Special Land Acquisition Officer
Titilagarh-Vizianagaram 3rd Line
Railway Project, Bhawanipatna

ସ୍ୱା./- ଭୂ-ଅର୍ଜନ ଅଧିକାରୀ
ଟିଟିଲାଗଡ଼-ବିଜୟନଗରମ, ୩ୟ ରେଳ ପ୍ରକଳ୍ପ
ଭବାନୀପାଟଣା, କଳାହାଣ୍ଡି

OIPR-24180/14/0016/2122

“ନିଲମ ଶରଣ ଗୌର ଇଂଲିଶ୍ ସାହିତ୍ୟର ଜଣାଶୁଣା ନାମ। ଇଂଲିଶ୍ ଭାଷାରେ ଅନେକ ଗଳ୍ପ ସଂକଳନ ଓ ଉପନ୍ୟାସ ରଚନା କରି ସେ ପାଠକୀୟ ଆଦୃତି ଲାଭ କରିଛନ୍ତି। ୨୦୧୮ରେ ତାଙ୍କୁ ମିଳିଛି ସମ୍ମାନଜନକ The Hindu Prize for Fiction ପୁରସ୍କାର।

# ଭଉଣୀ

## ଅନୁବାଦ ଗଳ୍ପ

**ମୂଳ ଇଂଲିଶ୍: ନିଲମ ଶରଣ ଗୌର**
**ଅନୁସୃଜନ: ଡ. ନରେନ୍ଦ୍ର ସେଠୀ**

ବୁଢ଼ା ବରଗଛ ଗୋଟିଏ ଜାଗାରେ କୋଉ କାଳୁ ଠିଆ ହେଇଛି। ତା' ସାମ୍ନାରେ ଅନେକ ଆଗରୁ ଗଢ଼ି ଉଠିଥିବା ବଙ୍ଗଳାକୁ ଅନେଇଛି। ସେ ଯେତେବେଳେ ନୂଆ ହେଇ ଏଇ ଜାଗାରେ ଜନ୍ମ ହେଲା, ବଙ୍ଗଳା ଖୁବ୍ ବିଳାସପୂର୍ଣ୍ଣ ଢଙ୍ଗରେ ଠିଆ ହେଇଥିଲା। ତା' ଦେହରେ ଲାଗିଥିବା ରଙ୍ଗ ଓ ପୁରୁଣା କାରୁକାର୍ଯ୍ୟ କେତେ ଲୋକଙ୍କୁ ଟାଣି ଆଣୁଥିଲା। ଏଇ କେଇ ବର୍ଷ ହେଲା ବଙ୍ଗଳାରେ ଅନେକ ଦିନ ବିତେଇଥିବା ଅନ୍ତିମ ଅଧିବାସୀ ଛାଡ଼ି ଚାଲିଗଲେଣି ଓ ବଙ୍ଗଳାର ବାହାର ରଙ୍ଗ ଛାଡ଼ି ଠାଏଠାଏ ଖୋଳପା ମଧ୍ୟ ବାହାରି ଗଲାଣି। ଅନେକ ଦିନରୁ ଆଉ ବଙ୍ଗଳା ବାହାର କାନ୍ଥରେ ରଙ୍ଗ ଲାଗିନି। ବଙ୍ଗଳାର ପ୍ରଶସ୍ତ ଅଗଣା ଖାଲିପଡ଼ିଛି। ତା'ର ସୁଉଚ୍ଚ ପାଚେରି କିନ୍ତୁ ଯେମିତି ଏକ ନିର୍ଭୀକ ସୈନିକ ପରି ବଙ୍ଗଳାକୁ ଜଗି ରହିଛି।

ବୁଢ଼ା ବରଗଛ ସେମିତି ବଙ୍ଗଳାକୁ ଚାହିଁ ରହିଥିଲା। ଆଜି କଳା କୋଟ୍ ଓ ହ୍ୟାଟ୍ ପିନ୍ଧିଥିବା ଏକ ଆଗନ୍ତୁକ ଆସି ବଙ୍ଗଳାକୁ ତନ୍ନତନ୍ନ କରି ଅନଉଛି। ସେ ବୋଧେ କାହାକୁ କିଛି ପଚାରିବାକୁ ଚାହୁଁଛି। ପଡ଼ୋଶୀଙ୍କ କହିବା ଅନୁଯାୟୀ ଶ୍ରୀଯୁକ୍ତ ରୁଚିର ଓ ତାଙ୍କ ପତ୍ନୀ ଏ ବଙ୍ଗଳାର ମାଲିକ ଥିଲେ। ଅତି ମେଳାପୀ। ଆଖପାଖ ଲୋକମାନଙ୍କ ମଧ୍ୟରେ ଖୁବ୍ ଜଣାଶୁଣା। କିନ୍ତୁ ବୋଧେ ତାଙ୍କର କେହି ନିକଟ ସମ୍ପର୍କୀୟ ନ ଥିଲେ। ତଥାପି ଏଠି ରହୁଥିବା ପର୍ଯ୍ୟନ୍ତ ଅନେକ ଲୋକ ତାଙ୍କୁ ଦେଖାକରିବାକୁ ଆସୁଥିଲେ। ବଙ୍ଗଳା ବାହାରେ ଥିବା ବଡ଼ ଶକ୍ତ ଲୁହା ଗେଟ୍ ଏହାର ଅନ୍ତେବାସୀଙ୍କ ଦୃଢ଼ ଇଚ୍ଛାଶକ୍ତି, ନିର୍ଣ୍ଣୟ ନେଇପାରିବା ଭଳି ବ୍ୟକ୍ତିତ୍ୱକୁ ଯେମିତି ଉଲ୍ଲେଖ କରୁଥିଲା। ବଡ଼ବଡ଼ ଝରକା, କାରୁକାର୍ଯ୍ୟପୂର୍ଣ୍ଣ ଦୁଆରବନ୍ଧ, ପୁରୁଣା ତୈଳଚିତ୍ର ସବୁ ଦେଖି ଲାଗୁଥିଲା ଯେମିତି ଏହା କୋଉ ସଂଭ୍ରାନ୍ତ ଲୋକ କି ଜମିଦାର ରାଜାଙ୍କ ନଅର।

କଳା କୋଟ୍ ଓ ହ୍ୟାଟ୍ ପିନ୍ଧିଥିବା ସେ ଆଗନ୍ତୁକ ଜଣକ ବଙ୍ଗଳା ଭିତରକୁ ପ୍ରବେଶ କଲା। ଡ୍ରଇଂ ରୁମକୁ ପଶି ଚାରିଆଡ଼କୁ ଆଖି ବୁଲେଇଲା। ଅତି ସୁନ୍ଦର ଭାବରେ ପୁରୁଣା କାରୁକାର୍ଯ୍ୟର ଉତ୍କୃଷ୍ଟତା ପ୍ରଦର୍ଶନ କରୁଥିବା ବଡ଼ବଡ଼ ସୋଫା, ଚେୟାର, ଟେବୁଲ ସବୁ ଦେଖି ଆଗନ୍ତୁକ ଆଶ୍ଚର୍ଯ୍ୟ ହେଉଥିଲା। ଏତେ ବୃଦ୍ଧାବସ୍ଥାରେ ମଧ୍ୟ ଏଠାରେ ଆଗରୁ ରହୁଥିବା ଦମ୍ପତି ଏହାକୁ ଏତେ ସୁନ୍ଦର ଭାବରେ ସଜେଇଛନ୍ତି! ହେଲେ ବଙ୍ଗଳାଟି ଆଜି ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ ଜୀର୍ଣ୍ଣତାର ଦ୍ୱାରଦେଶରେ ଦଣ୍ଡାୟମାନ।

ଡ୍ରଇଂ ରୁମ୍ ଟେବୁଲ ଉପରେ ଏକ ବଡ଼ ପିତଳ ପାତ୍ରରେ ପାଣି ଓ ତା' ଉପରେ ଫୁଲର ପାଖୁଡ଼ା ଭାସୁଥିଲା। ସେଥିରୁ ଏବେ ମଧ୍ୟ ସୁଗନ୍ଧ ଆସୁଥିଲା। ସେ ସୁଗନ୍ଧ ନିଶ୍ଚୟ କେଇ ଗୁଣ ଅଧିକ ହେଇଥିବ, ଯେତେବେଳେ ପ୍ରଥମ କରି ଏଥିରେ ପାଖୁଡ଼ା ରଖାଯାଇଥିବ। ଡ୍ରଇଂ ରୁମ୍ କାନ୍ଥରେ ସୁନେଲି ରଙ୍ଗର ଫ୍ରେମ୍‌ରେ ଦମ୍ପତିଙ୍କ ବିବାହ ବେଳର ଫଟୋ ଧୀରେଧୀରେ ବଦଳି ଯାଇ ମଧ୍ୟବୟସ୍କ ଦମ୍ପତିଙ୍କ ଫଟୋରେ ପରିବର୍ତ୍ତନ ହେଇଥିଲା। ନୂଆ ବିବାହ ବେଳର ଫଟୋ ସବୁ ବେଡ୍‌ରୁମ୍‌ର ଡାହାଣ ପଟ କାନ୍ଥରେ ଟଙ୍ଗା ହେଇଥିଲା।

ଆଗନ୍ତୁକ ଡ୍ରଇଂ ରୁମ୍‌ରୁ ଯାଇ ବେଡ୍‌ରୁମ୍‌ରେ ପ୍ରବେଶ କରି ସାରିଥିଲେ। ବଡ଼ବଡ଼ ଝରକାରେ ରେଶମୀ ପରଦା ଝଲସି ଉଠୁଥିଲା। ବିଶାଳ ପଲଙ୍କରେ ଆରାମଦାୟକ ମୋଟା ଗଦି ଓ ତକିଆ ଥିଲା। ରହୁଥିବା ଅନ୍ତେବାସୀଙ୍କ ବିଳାସପୂର୍ଣ୍ଣ ଜୀବନଶୈଳୀକୁ ବଖାଣୁ ଥିଲା। ବେଡ୍‌ରୁମ୍ କାନ୍ଥରେ ଦମ୍ପତିଙ୍କ ବିଭିନ୍ନ ସମୟର ଟଙ୍ଗା ଯାଇଥିବା ଫଟୋକୁ ଦେଖିଲେ ଲାଗୁଥିଲା ଯେମିତି ବୟସ ବଢ଼ିବା ସହ ତାଙ୍କର ଭଲପାଇବା ପ୍ରେମ ମଧ୍ୟ ବଢ଼ିଛି।

ବଙ୍ଗଳା ଛାଡ଼ି ଯିବା ପୂର୍ବରୁ ଉଠେଇଥିବା ତାଙ୍କର ଶେଷ ଫଟୋ କିନ୍ତୁ ସବୁଠୁ ନିଆରା



ଥିଲା। ସେଇ ଫଟୋ ତଳ ଟେବୁଲ ଉପରେ ଏକ ଚିଠି ଆଗନ୍ତୁକଙ୍କ ଉଦ୍ଦେଶ୍ୟରେ ରଖା ଯାଇଥିଲା। ଚିଠିଟି ଲଫାପା ଭିତରେ ବନ୍ଦ ଥିଲା ଏବଂ ତା' ଉପରେ ବହଳେ ଧୂଳିର ଆବରଣ ଜମିଥିଲା। ଆଗନ୍ତୁକ ଧୂଳିକୁ ଝାଡ଼ି ଚିଠିକୁ ନେଇ ଝରକା ପାଖକୁ ଯାଇ ପଢ଼ିବାକୁ ଲାଗିଲା। ସେ ବହୁତ ଆଶ୍ଚର୍ଯ୍ୟ ହେଉଥିଲା। ଚିଠିକୁ ତା' ଅତି ପ୍ରିୟ ବଡ଼ ଭଉଣୀର ସ୍ୱାମୀ ତଥା ଭିଣୋଇ ଲେଖିଥିଲେ।

ସ୍ନେହର...

ଆମେ ଏ ବଙ୍ଗଳାକୁ ଆସିବା ପୂର୍ବରୁ ତୁ ସିଫ୍ଟ ହେଇ ସାରିଥିଲୁ। ତୋ' ଚାକିରି ଓ ବ୍ୟସ୍ତ ଜୀବନକୁ ନେଇ ତୋତେ ସମୟ ମିଳିଲାନି। ତୋ' ଭଉଣୀ ଆଉ ମୁଁ ସବୁବେଳେ ତୋତେ ମନେପକାଉ। ତୋ' ପ୍ରତି ଆମର ସ୍ନେହ ସେମିତି ଆମ ହୃଦୟରେ ଅଛି। ଏ ଟେବୁଲ ଉପରେ ତୋ' ଭଉଣୀ କିଛି କାଗଜ ରଖିଛି। ଏଇ ବଙ୍ଗଳାକୁ ତୋ' ନାଁରେ କରି ଦିଆଯାଇଛି। ଏବେଠୁ ତୁ ଏହାର ମାଲିକ।

ଆଗନ୍ତୁକଙ୍କ ଆଖି ଜକେଇ ଆସିଲା। ସେ ଝଟ୍‌କିନା ଟେବୁଲ ଉପରୁ କାଗଜ ଉଠେଇ ଦେଖିଲା ବଙ୍ଗଳାର ମାଲିକାନା ତା' ନାଁରେ ହେଇଥିବାର କବଲା ପତ୍ର। ବଡ଼ ଭଉଣୀର ଏ ଉପହାରରେ ଆଗନ୍ତୁକ ହଡ଼ବଡ଼େଇ ଗଲା। କୋଠରିର ବାମପଟ କାନ୍ଥରେ ଭାଇ ଭଉଣୀଙ୍କ ପିଲାଦିନର ଫଟୋସବୁ ଟଙ୍ଗା ହେଇଥିଲା। ସେ ଫଟୋରେ ଟେଡି, ଚକୋଲେଟ୍, ବାପା, ବୋଉ, ନିଜ ନିଜର ପ୍ରିୟ କାର୍ଟୁନ ଚରିତ୍ର ସବୁ ଦେଖି ଆଗନ୍ତୁକ ନିଜ ପିଲାଦିନ ଭିତରେ ହଜିଗଲା। ସେ ନିଜକୁ ପାଞ୍ଚ ବର୍ଷର ଓ ସାତ ବର୍ଷର ବଡ଼ ଭଉଣୀକୁ ଖୋଜୁଥିଲା। ବଡ଼ ଭଉଣୀର ସ୍ନେହବୋଳା ସୁରକ୍ଷିତ ପରଶକୁ ସେ ଖୋଜିବାରେ ଲାଗିଲା। ସେ ଆହୁରି କିଛି ଜିନିଷ ଖୋଜିଲା। ଭଉଣୀ ତା' ପାଇଁ ଯାହାହେଲେ କିଛି ଛାଡ଼ି ଯାଇଥିବ। ଅଚାନକ ଆଗନ୍ତୁକଙ୍କ ନଜର ଆଉ କିଛି ପରିତ୍ୟକ୍ତ କାଗଜ ଉପରେ ପଡ଼ିଲା। ସେ ସେସବୁ ଅଣ୍ଡାଳିଲା। ତା' ଭିତରୁ ଏକ ଏୟାର ଟିକଟ ପାଇ ସେ ଭାବିଲା ଭଉଣୀର ବର୍ତ୍ତମାନର ରହୁଥିବା ଘର ଠିକଣା ବିଷୟରେ କିଛି ମିଳିଯିବ। ଅନେକ ବର୍ଷର ବ୍ୟବଧାନ ନିଶ୍ଚୟ ପରସ୍ପରକୁ ଦେଖିବାମାତ୍ରେ ମିଳେଇଯିବ। ଭଉଣୀ ତାକୁ ଦେଖି କେତେ ଖୁସି ହେବ। ଏବେ ସେ ବୁଢ଼ୀ ହେଇ ଯାଇଥିବ। ତା' ମୁଣ୍ଡବାଳ ପାଚି ଧଳା ପଡ଼ିଥିବ। ମୁହଁ ଓ ଗାଲର ଚମଡ଼ା ଲୋଚାକୋଚା ହେଇ ଓହଳି ପଡ଼ିଥିବ। ତଥାପି ଭାଇର ଆସିବା ଖବର ପାଇ ସେ ଦୁଆର ମୁହଁରେ ଠିଆ ହେଇ ଅନେଇ ବସିବ। ଦୁହେଁ ଦୁହିଁଙ୍କୁ ବହୁତ ବର୍ଷ ପରେ ଦେଖିବେ। ପିଲାଦିନୁ ଚାଳିଶବର୍ଷ ହେବା ପର୍ଯ୍ୟନ୍ତ ଆଗନ୍ତୁକ ଭଉଣୀର ହାତତିଆରି ସ୍ୱେଟର ପିନ୍ଧିଛି। ଏସବୁ ଏବେ ମେଶିନ ବୁଣା ଜିନିଷରେ ବଦଳି ଗଲାଣି। ନିମିଷକ ମଧ୍ୟରେ ସେ ପ୍ଲେନ୍ ଟିକଟ, ବଙ୍ଗଳାର କାଗଜପତ୍ର ଓ ଅନ୍ୟାନ୍ୟ କିଛି ଜରୁରୀ ଜିନିଷ ଭଉଣୀର ଫଟୋ ପାଖରୁ ଏକାଠି କଲା। ଯେମିତି ସମ୍ପର୍କର ଆଉ ଏକ ପରୀକ୍ଷା ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ। ଏମିତି ବି ପିଲାଦିନୁ ବଡ଼ ଭଉଣୀ ତା'ର ସବୁଠୁ ପ୍ରିୟ ଶିକ୍ଷିକା ଥିଲା। ତା'ର କେତେ ଛୋଟଛୋଟ ଭୁଲ୍‌କୁ ସେ ତାଗିଦା କରି ସୁଧାରିଛି। ପିଲାଦିନର ନିଜ ଅପାରଗପଣିଆ ଉପରେ ହସି ଆଗନ୍ତୁକ ବଙ୍ଗଳାର ମୁଖ୍ୟଦ୍ୱାର ବନ୍ଦ କଲା। ସେ ଆଉ ବିଳମ୍ବ ନ କରି ଏୟାରପୋର୍ଟ ଆଡ଼େ ମୁହାଁଇଲା। ତା' ଆଖି ଆଗରେ ତା' ପିଲାଦିନ ଭାସି ଯାଉଥିଲା। ବଡ଼ ଭଉଣୀର ସ୍ନେହ, ଆଦର ଓ ସୁରକ୍ଷିତ ଉପସ୍ଥିତିକୁ ଏତେ ବର୍ଷ ଧରି ହଜେଇ ଦେବା ପରେ ଏକ ଛୋଟ ପିଲା ପରି ପୁଣି ତାକୁ ପାଇବା ପାଇଁ ବ୍ୟାକୁଳ ହେଉଥିଲା। ଆଗନ୍ତୁକ ଭାଇ ଜଣକ ଚାକିରି ଓ ବ୍ୟସ୍ତବହୁଳ ଜୀବନ ଭିତରେ ହଜି ଯାଇଥିଲା। ବଡ଼ ଭଉଣୀ ଜଣେ ସୁନ୍ଦର ସୁଶୀଳ ଓ ଯତ୍ନବାନ ସ୍ୱାମୀ ସହ ସଂସାର କଲା। ସେ କିନ୍ତୁ ଆଜି ପୁଣି ସେଇ ପିଲାଦିନର ବଡ଼ ଭଉଣୀକୁ ଖୋଜୁଥିଲା।

– ବୈଜ୍ଞାନିକ
ଭାବା ପରମାଣୁ ଗବେଷଣା କେନ୍ଦ୍ର
ପରିବେଶ ନିରୀକ୍ଷଣ ପରୀକ୍ଷାଗାର
ଯାଦୁଗୁଡ଼ା, ପୂର୍ବ ସିଂଭୂମ, ଝାଡ଼ଖଣ୍ଡ
ମୋ: ୭୦୦୪୦୬୮୧୧୦

## କବିତା

### ଇଟା

**ଦେବାଶିଷ ଚକ୍ରବର୍ତ୍ତୀ**

ଆଉ କେତେ ଦଳିବ ?
କେଉଁ ଅନାଦି କାଳରୁ କଞ୍ଚାମାଟି ପରି
ସରଳ ମନକୁ ମକଚି ଚାଳିନିକି
ତୁମ ଅହଙ୍କାରର ଗୋଇଠି ?
ନୀଳିମ ଆକାଶ ପରି ସତେଜ ମନରେ
ଦିନେ ଖେଳି ନଥିଲା କି
ଇନ୍ଦ୍ରଧନୁର ରୂପଛଟା
ଅଥଚ ତୁମ ସ୍ୱାର୍ଥପରତାର ରଡ଼ନିଆଁରେ
ଆଜି ତାହା ପାଲଟିଯାଇଛି ଇଟା।

ମୋ' ସ୍ୱପ୍ନଙ୍କ ଫସିଲ୍ ଉପରେ ତୁମେ
ନିରିମାଣୁନ କି ମୟୂରକଣ୍ଠୀ ମେଘର
ଶ୍ୟାମଳ କପୋଳରେ ଚୁମା ଆଙ୍କୁଥିବା ଇମାରତ
ଅଥଚ, ତୁମେ କେବେ ନଜର ଦେଇଛ କି
ତୁମପରି ଦାଉଦାଉ ହୀରାଫୁଲ ନହେଲେ ବି
ମୋର ବି ତ ଅଛି କାଣିଚାଏ ମାନ କି ଇଜ୍ଜତ
ତୁମେ ହୋଇପାର ଆଲୁଅରେ
ଝଲସୁଥିବା ଦ୍ୱିପ୍ରହର ଭଳି
ପ୍ରାଚୁର୍ଯ୍ୟର ବେଣ୍ଟପୋଖରୀର ପଦ୍ମବନ
ସବୁଠାରୁ ତଳପାହାଚରେ ଥିଲେ ବି
ମୋର କ'ଣ ନାହିଁ ଶିଶିରଭିଜା ସକାଳ ପରି
ଗୋଟେ ଛନଛନ ମନ ?
ମୋ' ହୃଦୟବୀଣାର ସୁରକୁ ଚୋରେଇ
ତୁମେ ଭରିଦେଇନ କି ପତ୍ରଝରାର କାରୁଣ୍ୟ ?

ତ୍ରେତୟା ହେଉ କି ଦ୍ୱାପର
ସତରେ ମୋତେ ନିସ୍ତାର ମିଳିଚି କି କେଉଁଠି ?
ଆସ୍ଥାର ମୁଠାଏ ମାଟି ଚକଟି
ଗୁରୁ ମଣି ପୂଜିଲି ଯେ ତୁମେ
ମାଗି ନଥିଲ କି ବୁଢ଼ାଆଙ୍ଗୁଠି ?
ତ୍ରେତୟାରେ ତପସ୍ୟା କଲି ବୋଲି
ତୁମେ ଛିଣ୍ଡେଇ ନ ଥିଲ କି ମୋ' ଜୀବନ ଫୁଲ
ଆପାଦ ମସ୍ତକ ସ୍ୱାର୍ଥପରତାର
ବିଭୂତି ବୋଳି ହେଲେ ବି
ତୁମେ ଈଶ୍ୱର, ମୁଁ ଇତର ?

ମୋର କେଭେ ଶୁଖୁନଥିବା
ଗ୍ଲାନିର ଘାଆ ଉପରେ
ତୁମେ ଘୋଡ଼େଇ ଦେଉନ କି
ମାୟାବୀ ଉଦାରପଣର ଚାଦର ?
ମୋର ଆଖିଏ ଇଚ୍ଛାର ଜହ୍ନରାତିଙ୍କୁ
ତୁମର ଜିଦ୍‌ଖୋର ଅହଙ୍କାର
ଯାଚି ଦେଇନି କି ବହଳ ଅନ୍ଧାର ?
ପାହାଡ଼ ଡଙ୍ଗରର ହସକୁରି ସୁନାମୁହିଁ
ସୋରିଷ କ୍ଷେତ ପରି ସରଳପଣରେ
ଦାଉଦାଉ ହୃଦୟର ଅଗଣାରେ
ତୁମେ ବିଛେଇ ଦେଉନ କି
ଅସନ୍ତୋଷର ଡହଡହ ନିଆଁରଡ଼ ?
ଶଠତାର ଗୋଇଠିରେ ଅହରହ
ରଗଡ଼ୁଥିଲେ ବି ତୁମେ ମହାମହିମ
ମୁଁ ଅଧମାଧମ ?

ଏଇମିତି କ'ଣ ତୁମ ହୀନସ୍ୱାର୍ଥର ହାତୁଡ଼ିରେ
ଆମ କପାଳ ହେଉଥିବ ଫାଳଫାଳ ?
ଅଯୁତ ଯୁଗର ସୂର୍ଯ୍ୟୋଦୟରେ ବି କ'ଣ
ଘୁଞ୍ଚିବନି ଆମ କପାଳରେ ନେସା
ହୋଇଥିବା
ନିଃସୀମ ଅନ୍ଧାର ?
ତୁମ ଚତୁରପଣର ଶିକୁଳିରେ
ବନ୍ଦୀହୋଇ ରହିଥିବ ପକ୍ଷୀର କାକଳି ପରି
ବିଭୋର ସକାଳ ?

ମୋ: ୯୪୩୭୭୫୨୩୯୫

### କେବେ କେବେ

**ନୃସିଂହ ତରାଇ**

କେବେ କେବେ ରାତି
ରକ୍ତାକ୍ତ ହେଉଥାଏ
କେବେ କାନ୍ଦେ, କେବେ କାତର ହୁଏ
କେବେ କେବେ ବଖାଣୁଥାଏ
ବିବଶତା, ବ୍ୟର୍ଥତା।
ଅବରୁଦ୍ଧ ଆକାଶର
ପ୍ରତିବିମ୍ବମାନେ
ପ୍ରତିଭାତ ହେଉଥା'ନ୍ତି
ରାତିର ରଙ୍ଗରେ।

ଅନ୍ଧାରର ଆଖିମାନେ
ଖୋଜୁଥାନ୍ତି ପୁଳାଏ
କଅଁଳ ପାପ
ନଚେତ୍ ଗୋଟେ
ନିରୀହପଣର ଶିକାର।
ସାମ୍ନାରେ ଅନ୍ଧାରର
ଅଜସ୍ର ଆସର।

ପାଗଳପଣର ଦଳେ ଠିକାଦାର
ଉନ୍ମାଦ, ଅସହିଷ୍ଣୁତାରେ
ଖେଳୁଛନ୍ତି ଖେଳ
ଅଭିସନ୍ଧିର ଆଖଡ଼ାଶାଳରେ
ଘୃଣାର ନାଟକ।
ଏବେ ରାତିର ରଙ୍ଗରେ ଦେଖ
ଚହଟୁଛି ଚିତ୍ର,
ଅସମର୍ଥ ମଣିଷର କ୍ଷୁଧା, ଶୋକ
ନିର୍ମମତା, ଯନ୍ତ୍ରଣା ଓ ଲୁହର ନିର୍ଝର।

ମୋ: ୭୯୭୮୩୮୧୨୧୩

ଗୀତି–କବିତା

### ଦେହ ଦେବାଳୟ

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ନିବୁଜ ଘରର ମଝି ଅଗଣାରେ
ଫର୍ଚ୍ଚା ଆକାଶ ଦିଶେ,
ସେହି ଆକାଶରେ ଜହ୍ନ, ତାରା ସାଥେ
ତୁମରି ମୁହଁଟି ହସେ ।।୦।।

ସାତ ସିନ୍ଦୁକର ଫରୁଆ ଫିଟାଇ
ବାହାରି ଆସଇ ବିନ୍ଦୁ,
ଚୋରା ବସନ୍ତର ମଧୁର ପରଶେ
ଉଛୁଳେ ଜୀବନ ସିନ୍ଧୁ ।।୧।।

ଜୁଆରିଆ ମନେ ଆଙ୍କି ହୋଇଯାଏ
ଲକ୍ଷ୍ମୀପାଦ ଖୋଟି ଚିତା,
ମହମହ ବାସେ ମହକି ଉଠଇ
ଦେହ ଦେବାଳୟ ହତା ।।୨।।

ମୋ: ୬୩୭୦୧୬୬୨୦୪

## ପୁସ୍ତକ ପରିଚୟ

### ଘରକୁ ଫେରିବାକୁ ଡର



**କବି:** ରକ୍ଷକ ନାୟକ
**ପ୍ରକାଶକ:** 'ଅପୂର୍ବା', ଭୁବନେଶ୍ୱର–୧
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୨୦୦/–

୭୧ଟି କବିତାକୁ ଏକାଠି କରି ଆଲୋଚ୍ୟ କବିତାଗ୍ରନ୍ଥରେ ଯତ୍ନ କରି ରଖାଯାଇଛି ଓ ବହିଟିର ଶିରୋନାମ ରଖାଯାଇଛି 'ଘରକୁ ଫେରିବାକୁ ଡର', ଯଦିଓ ଠିକ୍ ଏଇ ଶୀର୍ଷକରେ କୌଣସି କବିତା ବହିରେ ନାହିଁ। ତେବେ ଦୁଇଟି କବିତା ବହିର ମଝାମଝି ରହିଛି ଏଇ ଶୀର୍ଷକରେ– ୧. 'ଘର ପୁଅ ଘରକୁ ଫେରୁଛି' ଓ ୨. 'ଫେରିପାରୁନି'। ହେଲେ ଏଥିରେ ଅଛି ସ୍ଥାନ, କାଳ ଓ ପାତ୍ରର ଅସ୍ଥିରତା, କିନ୍ତୁ ଏସବୁ ସିଧାସିଧା ଶୀର୍ଷକକୁ ବ୍ୟଞ୍ଜିତ କରନ୍ତି ନାହିଁ। ସୁତରାଂ ବହିର ନାଁଟି ବହିରେ ଥିବା କବିତାଗୁଡ଼ିକର ଏକ ମିଶ୍ର ପ୍ରତିବେଦନ। କବିତାଗୁଡ଼ିକର ବଡ଼ ସଫଳତା ଯାହା ଆଖିରେ ପଡ଼େ, ତାହା ହେଉଛି 'ଆବେଦନର ତିର୍ଯ୍ୟକତା'। 'ଅଗଷ୍ଟ ପନ୍ଦର' ଉପରେ ଲେଖାଯାଉଛି କବିତା। ଅଗଷ୍ଟ ପନ୍ଦର ମାନେ ମୁକ୍ତି। କିନ୍ତୁ ରକ୍ଷକ ତାକୁ ଅଭିବ୍ୟକ୍ତି ଦିଅନ୍ତି ଏହିପରି: ''ଏ କ'ଣ ମୁକ୍ତି ?/ ଗୋଟେ ଗାଡ଼ିଆରୁ ଚିଲ ଥଣ୍ଟରେ/ ଯାଇ ଅନ୍ୟ ଏକ ଗାଡ଼ିଆରେ ପଡ଼ିବା/ ଏ କ'ଣ ସ୍ୱାଧୀନତା!'' (ପୃ:୪୫)। 'ରୁଖା ଉପରେ ଜଳୁଥାଏ ଅନ୍ଧାରର ଦୀପ', 'କୁଟାଖିଅକରେ ଥାଏ ଘରର ପୂରା ଇତିହାସ' (କରୋନା କବିତା), 'ଅଚଳ ନୋଟ୍ ଭଳି ଲାଗେ କରତାଳି' (ଚିତ୍ରଗତି) ଓ 'ବହିଯାଉଥିବା ଶୁଖିଲା ନଈରେ ବୁଡ଼ ମାରିହୁଏ' (ଅମିତ୍ରାର ଅବର୍ତ୍ତମାନରେ) ରକ୍ଷକଙ୍କ କବିତାରେ। 'ମାଛକୁ ପହଁରା' ପରି ଓ 'ଗଛକୁ ପତ୍ର ପରି' ତାଙ୍କ କବିତାକୁ ଆସେ ଶବ୍ଦ। କିନ୍ତୁ 'କବିତାର ବେଳ' ସହ 'ତାଙ୍କ ବେଳ' ପଟେନି। ତାଙ୍କ କଲମ ଯାହା ଲେଖିବା କଥା, ସେ କଥା ଆଉ କାହାର କଲମକୁ ଚାଲିଯାଏ। ପ୍ରତି ଶବ୍ଦ, ପ୍ରତିଟି ଧାଡ଼ି ଭିତରେ ରକ୍ଷକଙ୍କ କବିତା ଜୀବନର ବହୁ ପ୍ରତ୍ୟୟ ଛାଡ଼ିଯାଏ, ଯାହା ପାଠକଙ୍କୁ ଧନ୍ଦି ହେବାର ନୂଆ ନୂଆ ସୁଖରେ ଆମୋଦିତ କରୁଥାଏ।

### ସମକାଳୀନ ଓଡ଼ିଆ କବିତାଓଁ କା ହିନ୍ଦୀ ଅନୁବାଦ




**ଅନୁବାଦକ: ନାରାୟଣ ମୁଦୁଲି**

ଆଲୋଚ୍ୟ ହିନ୍ଦୀ ଅନୂଦିତ ଓଡ଼ିଆ କବିତାର ଏ ସଞ୍ଚୟନଟି ହେଉଛି ଅନୁବାଦକଙ୍କ ଉଦ୍ୟମର ପ୍ରଥମ ଭାଗ, ଅର୍ଥାତ୍ ପ୍ରୟାସ। ଓଡ଼ିଶା ରାଜ୍ୟ ରାଜଭାଷା ବିକାଶ ପରିଷଦର ପ୍ରମୁଖ ଲକ୍ଷ୍ୟ ପୂରଣର ବ୍ରତ ରଖି ମୁଦୁଲି ଏ ଗ୍ରନ୍ଥଟିକୁ ଆଲୋକକୁ ଆଣିଛନ୍ତି। ଯେଉଁ କବିମାନଙ୍କର କବିତାକୁ ଗ୍ରନ୍ଥରେ ସାମିଲ କରାଯାଇଛି, ସେମାନେ ହେଲେ– ହୃଷୀକେଶ ମଲ୍ଲିକ, ହୁସେନ ରବି ଗାନ୍ଧୀ, ପୀତାମ୍ବର ତରାଇ, ରକ୍ଷକ ନାୟକ, ପଞ୍ଚାନନ ସାହୁ, ଅୟସ୍‌କାନ୍ତ, ସୁଶାନ୍ତ ଦାଶ, ସର୍ବେଶ୍ୱର ପଧାନ, ହଂସନାଥ ମୁଦୁଲି, ମାଧବୀ ପଟେଲ, ଅଞ୍ଜଳି ପଟ୍ଟନାୟକ, ସୁକାନ୍ତି ତ୍ରିପାଠୀ, ଦିଲୀପ କୁମାର ତ୍ରିପାଠୀ, ଗିରିଧର ସାହୁ, ପୂରବୀ ଶତପଥୀ, ସଞ୍ଜୟ କୁମାର ଜୟସିଂହ, କାମଦେବ ମହାରଣା, କାନ୍ତିକିଶୋର ସାହୁ, ସୂର୍ଯ୍ୟସ୍ନାତ ତ୍ରିପାଠୀ, ପ୍ରଶାନ୍ତ କୁମାର ଦାଶ, ଦିଲୀପ କୁମାର ବେହେରା ଓ ଡମ୍ବରୁଧର ବାଗ। ସଂକଳନରେ କବି ଓ କବିତାର ଚୟନ କ୍ଷେତ୍ରରେ ଅନୁବାଦକଙ୍କର ମାନଦଣ୍ଡଟି ଯଦିଓ ସ୍ପଷ୍ଟ ନୁହେଁ, ତଥାପି ଅନୁବାଦଗୁଡ଼ିକ ମୂଳ କବିତାର ଶକ୍ତି ଓ ଆବେଦନ ଧାରଣରେ ବ୍ୟର୍ଥ ନୁହେଁ। ଓଡ଼ିଆ କବିତା ଅନୁବାଦ ସୂତ୍ରରେ ଅନ୍ୟ ଭାରତୀୟ ଭାଷାଗୁଡ଼ିକୁ ଖୁବ୍ କମ୍ ପରିମାଣରେ ଯାଉଥିବାରୁ ନାରାୟଣଙ୍କର ଏହି ଉଦ୍ୟମ ଆମ ଭାଷାର କବିତା ପାଇଁ ଆଶ୍ୱାସନାର ବିଷୟ। 'ଅନୁବାଦ ଔର୍ ଭାଷାଇ ଏକତା' ଶୀର୍ଷକ ଆଦ୍ୟଲେଖଟି ଅନୁବାଦ କର୍ମର ଜଟିଳତା ତଥା ହିନ୍ଦୀ ଜଗତରେ ଓଡ଼ିଆ ଭାଷାର ସ୍ଥିତି ସମ୍ପର୍କରେ ଏକ ମୂଲ୍ୟବାନ୍ ଦଲିଲ। ଗ୍ରନ୍ଥ ଶେଷରେ କବିମାନଙ୍କ ପରିଚୟ ସଂକଳନର କବିମାନଙ୍କୁ ସବିଶେଷ ଜାଣିବାରେ ସହାୟକ ହେବ। ଗ୍ରନ୍ଥର ଆଶାନୁରୂପ ପାଠକୀୟ ଆଦୃତି କାମନା କରୁଛୁଁ।

## କାଳକାଳକୁ



**''ନୈତିକତା ଏକ ଅର୍ଥ ନିର୍ଭର କଥା। ନୈତିକ ବୋଲାଇବାକୁ ଗରିବଙ୍କ ପାଖରେ ଧନ ନାହିଁ। ତେଣୁ ଧର୍ମ ହିଁ ସେମାନଙ୍କର ସମ୍ବଳ।''**

**– ଖୁସ୍‌ୱନ୍ତ ସିଂହ**

**ଖୁସ୍‌ୱନ୍ତ ସିଂହ**ଙ୍କ ଜନ୍ମ ୨ ଫେବୃୟାରୀ ୧୯୧୫ରେ, ବ୍ରିଟିଶ୍–ଭାରତର ପଞ୍ଜାବ ପ୍ରଦେଶରେ ଓ ପରଲୋକ ୨୦ ମାର୍ଚ୍ଚ ୨୦୧୪ରେ ନୂଆଦିଲ୍ଲୀରେ। ସେ ଥିଲେ ଏକାଧାରରେ ଜଣେ ବିଶିଷ୍ଟ ଲେଖକ, ଆଇନଜୀବୀ, କୂଟନୀତିଜ୍ଞ ଓ ସ୍ତମ୍ଭକାର। ତାଙ୍କର ପ୍ରକାଶିତ ଉପନ୍ୟାସଗୁଡ଼ିକ ମଧ୍ୟରେ ସବୁଠୁଁ ପ୍ରସିଦ୍ଧ 'Train to Pakistan' (୧୯୫୬)। ବିଶ୍ୱବ୍ୟାପି ଆଦୃତ ତାଙ୍କର ଆତ୍ମଜୀବନୀ 'Truth, Love & A Little Malice'. 'ଯୋଜନା', 'ଦ ନ୍ୟାଶନାଲ ହେରାଲ୍ଡ' ଓ 'ହିନ୍ଦୁସ୍ତାନ ଟାଇମ୍ସ'ର ସେ ଥିଲେ ପ୍ରତିଷ୍ଠାତା ସମ୍ପାଦକ। ଭାରତୀୟ ସମାଜ ଓ ସାହିତ୍ୟକୁ ନିଜର ଅବଦାନ ପାଇଁ ତାଙ୍କୁ ମିଳିଛି 'ପଦ୍ମଭୂଷଣ' (୧୯୭୪, ୧୯୮୪ରେ 'ସ୍ୱର୍ଣ୍ଣମନ୍ଦିର'ରେ ସେନା କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଫେରସ୍ତ), ପଦ୍ମବିଭୂଷଣ (୨୦୦୭) ଓ ୨୦୦୬ରେ 'ପଞ୍ଜାବ ରତନ' (ପଞ୍ଜାବ ସରକାରଙ୍କ ଦ୍ୱାରା ପ୍ରଦତ୍ତ)।

# ଜଳବାୟୁ ପରିବର୍ତ୍ତନର ରୂପରେଖ

## ବହି ବିଶେଷ



**ଡ. ମୃଣାଳ ଚାଟାର୍ଜୀ**

**ବହି: ସ୍ପିଡ୍ ଆଣ୍ଡ ସ୍କେଲ୍**
ଆନ୍ ଆକ୍ସନ ପ୍ଲାନ୍ ଫର୍ ସଲ୍‌ଭିଂ ଆୱାର କ୍ଲାଇମେଟ୍ କ୍ରାଇସିସ୍ ନାଓ
**ଲେଖକ:** ଜନ୍ ଡୁଅର
**ପ୍ରକାଶକ:** ପେଙ୍ଗୁଇନ୍
**ପୃଷ୍ଠା:** ୪୪୮, **ମୂଲ୍ୟ:** ଟ. ୭୯୯/–

ପଚିଶବର୍ଷ ତଳେ ବି ଓଡ଼ିଶାରେ ଜଳବାୟୁ ପରିବର୍ତ୍ତନ କେବଳ ଶିକ୍ଷାୟତନଗୁଡ଼ିକରେ ଏବଂ ପରିବେଶବିତ୍‌ମାନଙ୍କ ଆଲୋଚନାର ବିଷୟବସ୍ତୁ ଥିଲା। ୨୦୦୬ରେ ଆମେରିକାର ଉପରାଷ୍ଟ୍ରପତି (୧୯୯୩–୨୦୦୧) ଆଲ୍ ଗୋରେ ଆନ୍ ଇନ୍‌କନ୍‌ଭିନିଏଣ୍ଟ ଟ୍ରୁଥ୍ (ଏକ ଅସହଜ ସତ୍ୟ) ଶିରୋନାମରେ ଏକ ବୃତ୍ତଚିତ୍ରରେ ଏ ବିଷୟଟି ପ୍ରତି ବିଶ୍ୱର ମନଯୋଗ ଆକର୍ଷଣ କରିଥିଲେ। ପଚିଶବର୍ଷ ଭିତରେ ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ସାଧାରଣରେ ଆଲୋଚନା ଏବଂ ଆଶଙ୍କାର ବିଷୟ ହୋଇ ଉଠିଲାଣି। ସାରାପୃଥିବୀ ଏବେ ଜଳବାୟୁ ପରିବର୍ତ୍ତନର ଫଳକୁ ଅଙ୍ଗେ ନିଭାଉଛି। ଏଥିସହ ଏହାର ସାମାଜିକ ଏବଂ ଅର୍ଥନୈତିକ ପ୍ରଭାବକୁ ବି। କ୍ରମଶଃ ଅନିୟମିତ ହୋଇ ଉଠୁଥିବା ବର୍ଷା, ବୃଷ୍ଟିପାତର ଧରଣରେ ପରିବର୍ତ୍ତନ, ଅଧିକ ବାତ୍ୟା, ବନ୍ୟା ଏବଂ ମରୁଡ଼ି, ଗ୍ରୀଷ୍ମରେ ତାପମାତ୍ରାର ଅତ୍ୟଧିକ ବୃଦ୍ଧି– ଏ ସବୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବୋଲି ଏବେ ସାଧାରଣ ଲୋକେ ମଧ୍ୟ ଜାଣିଲେଣି ଏବଂ ଆଶଙ୍କା ପ୍ରକାଶ କଲେଣି।

**ବର୍ତ୍ତମାନର ପ୍ରଶ୍ନ:** ଜଳବାୟୁ ପରିବର୍ତ୍ତନକୁ କେମିତି ରୋକିହେବ। ପ୍ରକୃତିର ଯେତିକି କ୍ଷତି ଘଟିଯାଇଛି ତାକୁ କେମିତି ଭରଣା କରିହେବ ଏବଂ ଭବିଷ୍ୟତରେ କେମିତି ଏହା ନ ହେବ, ସେ ବିଷୟରେ ପଦକ୍ଷେପ ନେଇ ହେବ। ଇତିମଧ୍ୟରେ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ବହୁତ ବିଳମ୍ବ ହୋଇଯାଇଛି। ଏତେ ବିଳମ୍ବ ଯେ ଯେଉଁ କ୍ଷତି ହୋଇସାରିଛି, ସେଥିରୁ ଅନେକ ଆଉ ଭରଣା କରିବା ସମ୍ଭବ ନୁହଁ। ପୃଥିବୀର ବହୁ ପଶୁପକ୍ଷୀ ପ୍ରଜାତି ସମ୍ପୂର୍ଣ୍ଣ ଲୋପ ପାଇଯାଇଛନ୍ତି। ଅନେକ ଭୂମି ମରୁଭୂମି ହୋଇ ସାରିଛି। ଜଙ୍ଗଲ ନଷ୍ଟ ହୋଇ ସାରିଛି। ତାକୁ ଆଉ ଭରଣା କରିବା ହୁଏତ ସମ୍ଭବ ନୁହଁ। କିନ୍ତୁ ବର୍ତ୍ତମାନ ଯେତିକି ଅଛି, ତାକୁ କ'ଣ କରାଯାଇପାରେ ଏ ବିଷୟରେ ଏବେ ସାରା ପୃଥିବୀ ଚିନ୍ତା କରିବାକୁ ଲାଗିଲାଣି।

'ସ୍ପିଡ୍ ଆଣ୍ଡ ସ୍କେଲ୍' ପୁସ୍ତକରେ ଲେଖକ ଜଳବାୟୁର ସଂକଟରୁ ଉଧୁରିବା ପାଇଁ ପ୍ରୟୋଜନ କେତେଗୁଡ଼ିଏ ପଦକ୍ଷେପ ସମ୍ପର୍କରେ ଲେଖିଛନ୍ତି। ଏହି ପଦକ୍ଷେପଗୁଡ଼ିକ କାର୍ଯ୍ୟକାରୀ କରିହେବ ଏବଂ ଏହାକୁ କାର୍ଯ୍ୟକାରୀ କରିବାର ଆବଶ୍ୟକତା ମଧ୍ୟ ରହିଛି।

ଜନ୍ ଡୁଅର ଜଣେ ଅତ୍ୟନ୍ତ ସଫଳ ଭେଞ୍ଚର୍ କ୍ୟାପିଟାଲିଷ୍ଟ। କମ୍ପାନୀ ପରିଚାଳନାରେ ତାଙ୍କର ଯଥେଷ୍ଟ ଦକ୍ଷତା ରହିଛି। ଏ ପୁସ୍ତକରେ ସେ ଜଳବାୟୁ ପରିବର୍ତ୍ତନ କେମିତି ସମ୍ପୂର୍ଣ୍ଣ ପୃଥିବୀକୁ ଧ୍ୱଂସ କରିଦେଇପାରେ, ସେ କଥା ଅତି କଠୋର ଭାବେ କହିଛନ୍ତି। ଏକଥା ମଧ୍ୟ ସ୍ୱୀକାର କରିଛନ୍ତି ଯେ, ଏଥିପାଇଁ ବର୍ତ୍ତମାନ ଏବଂ ଏହା ପୂର୍ବ ପ୍ରଜନ୍ମର ଲୋକେ ଅଧିକ ଦାୟୀ। ବିଶେଷକରି ପାଶ୍ଚାତ୍ୟର ଉନ୍ନତ ଦେଶଗୁଡ଼ିକ ଏ କ୍ଷେତ୍ରରେ ଅଧିକ ଦାୟୀ। ସେମାନେ ପ୍ରକୃତିର ଅଧିକ କ୍ଷତି କରିଛନ୍ତି। ପ୍ରଦୂଷଣ ଅଧିକ କରିଛନ୍ତି। ଡୁଅରଙ୍କ ମତ ହେଲା ଯେ ସେମାନେ ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ଆଗଭର ହେବାର ଆବଶ୍ୟକତା ରହିଛି। ୨୦୫୦




ସୁଦ୍ଧା ପ୍ରଦୂଷଣକୁ ଶୂନସ୍ତରକୁ ଆଣିବାର ଲକ୍ଷ୍ୟ ରଖାଯାଇଛି। ୨୦୩୦ ସୁଦ୍ଧା ସେ ଦିଗରେ ଅନ୍ତତଃ ଅଧାଅଧି ବାଟ ଯିବାର ଲକ୍ଷ୍ୟଧାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ଲେଖକ।

ବର୍ତ୍ତମାନ ଯେତିକି ଅଙ୍ଗାରକାମ୍ଳ ଆମେ ପରିବେଶକୁ ଛାଡ଼ୁଛୁ ତା'ର ପରିମାଣ ହେଉଛି ୫୯ ଗିଗାଟନ୍। ଏତେ ପରିମାଣର ପ୍ରଦୂଷଣକୁ କମାଇବା ପାଇଁ ୩ଟି ବାଟ କରାଯାଇପାରେ। ଏ ତିନୋଟି କାମ ଏକା ସାଙ୍ଗରେ କରିବା ପାଇଁ ପଡ଼ିବ। ପ୍ରଥମ: ପ୍ରଦୂଷଣ କମ୍ କରିବା, ଦ୍ୱିତୀୟ: ଯେଉଁଥିପାଇଁ ପ୍ରଦୂଷଣ ହେଉଛି, ଯେଉଁ ଯନ୍ତ୍ରପାତି ବା ଉପକରଣ ପାଇଁ ସେଗୁଡ଼ିକର ଦକ୍ଷତା ବଢ଼ାଇବା, ଯେମିତି ପ୍ରଦୂଷଣର ମାତ୍ରା କମିବ ଏବଂ ତୃତୀୟ: ଯେତିକି ପ୍ରଦୂଷଣ ହେଉଛି ତାକୁ କେମିତି ପରିଶୁଦ୍ଧ କରିବା। ଏହି ତିନୋଟିଯାକ କାମ ଏକା ସାଙ୍ଗରେ କରାଯିବା ଉପରେ ସେ ଜୋର୍ ଦେଇଛନ୍ତି। ଯଦିଓ ସେ ଏକଥା ମଧ୍ୟ ରେଖାଙ୍କିତ କରିଛନ୍ତି ଯେ, ଆମେ ଏତେ ପ୍ରଦୂଷଣ କରିସାରିଲୁଣି ଯେ ଏଥିରୁ ବେଶ୍ କିଛି ପ୍ରଦୂଷଣ ଆମ ସହିତ ହଜାର ହଜାର ବର୍ଷ ଧରି ରହିବ। କିନ୍ତୁ ଆମକୁ ବଞ୍ଚିବା ପାଇଁ ହେଲେ ବର୍ତ୍ତମାନ ଏହାର ପରିମାଣ ନିହାତି କମେଇବାକୁ ପଡ଼ିବ।

ପରିବେଶକୁ ପ୍ରଦୂଷିତ କରୁ ନ ଥିବା ଯନ୍ତ୍ରପାତିର ଅଧିକ ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ସେ ଜୋର୍ ଦେଇଛନ୍ତି। ଏଥିରେ ଉନ୍ନତ କାରିଗରି ଜ୍ଞାନର ଯେତିକି ଆବଶ୍ୟକତା ରହିଛି, ରାଜନୈତିକ ଇଚ୍ଛାଶକ୍ତି ଏବଂ ଏ ସଂକ୍ରାନ୍ତୀୟ ନୀତିନିର୍ଦ୍ଧାରଣ ଓ ରୂପାୟନର ମଧ୍ୟ ସେତିକି ଆବଶ୍ୟକତା ରହିଛି। ଆବଶ୍ୟକତା ରହିଛି ଉନ୍ନତ କାରିଗରି ଜ୍ଞାନ, ରାଜନୈତିକ ଇଚ୍ଛାଶକ୍ତି ଓ ଏ ସଂକ୍ରାନ୍ତୀୟ ନୀତି। ଏ ତିନୋଟିଯାକ ମିଶିଲେ ଯାଇ ପ୍ରଦୂଷଣକୁ କିଛି ମାତ୍ରାରେ କମେଇ ହେବ।

ଡୁଅର ନିର୍ଦ୍ଦିଷ୍ଟ ଭାବରେ କେତେଗୁଡ଼ିଏ କାମ କରିବା ପାଇଁ ପରାମର୍ଶ ଦେଇଛନ୍ତି। ତାହା ହେଲା:

➤ଯାତାୟାତ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିଦ୍ୟୁତୀକରଣ ଅର୍ଥାତ୍ ଗାଡ଼ିମୋଟର, ରେଳ, ଉଡ଼ାଜାହାଜ, ଜାହାଜ– ଏସବୁ ଫସିଲ ଫୁଏଲ୍ସ ବଦଳରେ ଅନ୍ୟ ରେନ୍ୟୁଏବଲ୍ ପୁନଃ ଚକ୍ରଣ ହୋଇ ପାରୁଥିବା ଶକ୍ତିରେ ଚଲାଇବା।

➤ଯେଉଁଠି ଶକ୍ତିର ବ୍ୟବହାର ଆବଶ୍ୟକ, ସେ କ୍ଷେତ୍ରରେ ପୁନଃ ଚକ୍ରଣ ହୋଇପାରୁଥିବା ଏବଂ ପ୍ରଦୂଷଣ କରୁ ନ ଥିବା ଶକ୍ତିଉତ୍ସକୁ ଯିବା। ବିଦ୍ୟୁତ୍ ତିଆରି ପାଇଁ ଯଦି କୋଇଲା ବ୍ୟବହାର କରାଯାଉଛି, ତାହା ହେଲେ ସେଥିରେ ପ୍ରଦୂଷଣ ବେଶି। ତେଣୁ ଆମକୁ ଏମିତି ଭାବରେ ବିଦ୍ୟୁତ୍ ଉତ୍ପାଦନ କରିବାକୁ ପଡ଼ିବ, ଯେଉଁଥିରେ ପ୍ରଦୂଷଣ କମ୍ ହେବ।

➤ଫିକ୍ସଫୁଡ୍, ଖାଦ୍ୟ କେମିତି ବିନାପ୍ରଦୂଷଣରେ ଉତ୍ପାଦିତ ହୋଇପାରିବ, ସେଥିପ୍ରତି ଦୃଷ୍ଟି ଦେବା।

➤ପ୍ରକୃତିକୁ ରକ୍ଷାକରିବା। ଜଙ୍ଗଲ ହେଉ, ଜୀବଜନ୍ତୁ ହେଉ ବା ୱେଟ୍‌ଲ୍ୟାଣ୍ଡ ଆଦ୍ୟଭୂମି ହେଉ ତାକୁ ରକ୍ଷା କରିବା।

➤ମାନୁଫ୍ୟାକ୍‌ଚରିଂକୁ ଡିକାର୍ବୋନାଇଜ୍ କରିବା। ଅର୍ଥାତ୍ ନିର୍ମାଣ ଶିଳ୍ପରେ ପ୍ରଦୂଷଣର ମାତ୍ରାକୁ କମାଇବା।

➤ପ୍ରକୃତିରେ ଯେଉଁ ଅଙ୍ଗାରକାମ୍ଳ ଜମିଯାଇଛି ତାକୁ କମ୍ କରିବା।

ଏ ସବୁ ପାଇଁ ରାଜନୈତିକ ଇଚ୍ଛାଶକ୍ତି, ନୀତି ଏବଂ ଉନ୍ନତ କାରିଗରି ଜ୍ଞାନ ଏ ତିନୋଟିର ଏକ ସମନ୍ୱିତ ପ୍ରଚେଷ୍ଟା ଆବଶ୍ୟକ। 'ସ୍ପିଡ୍ ଆଣ୍ଡ ସ୍କେଲ୍' ବର୍ତ୍ତମାନ ସମୟ ପାଇଁ ଏକ ଅତ୍ୟନ୍ତ ଉପାଦେୟ ପୁସ୍ତକ। ବର୍ତ୍ତମାନ ସମୟରେ ଯଦି ଡୁଅର ରେଖାଙ୍କିତ କରିଥିବା କାର୍ଯ୍ୟଗୁଡ଼ିକ ଆମେ ନ କରିବା ବା କରି ନ ପାରିବା, ତେବେ ୫୦ ବର୍ଷ ପରେ ବଞ୍ଚି ରହିବା ପାଇଁ ପୃଥିବୀ ହୁଏତ ଆଉ ରହିବ ନାହିଁ। ଆମ ହାତରେ ଏଥିପାଇଁ ଆଉ ବେଶି ସମୟ ସତରେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଫେବୃୟାରୀ ୫/୨୦୨୨ Bhubaneswar, Saturday, February 5/ 2022







ବେଜିଂରେ ଶୁକ୍ରବାର ଆରମ୍ଭ ହୋଇଥିବା ୱିଣ୍ଟର ଅଲିମ୍ପିକ୍ସର ମନୋଜ୍ଞ ଉଦ୍‌ଘାଟନୀ ସମାରୋହ। କଲଡ୍ରନରେ ଅଗ୍ନି ସଂଯୋଗ କରିବା ପୂର୍ବରୁ ଚାଇନା ଆଥଲେଟ୍ ଡିନିଗିର ୟିଲାମୁଜିଆନ ଓ ଝାଓ ଜିଆୱେନ।

# ବେଜିଂ ୱିଣ୍ଟର ଅଲିମ୍ପିକ୍ସ ଆରମ୍ଭ

ବେଜିଂ, ୪।୨(ଏପି)

କରୋନା ସଂକ୍ରମଣ ଆଶଙ୍କା ଏବଂ ଆମେରିକା ଓ ବ୍ରିଟେନ ସମେତ କେତେକ ପାଶ୍ଚାତ୍ୟ ରାଷ୍ଟ୍ରର କୂଟନୈତିକ ବର୍ଜନ ସତ୍ତ୍ୱେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ବେଜିଂ ୱିଣ୍ଟର ଅଲିମ୍ପିକ୍ସ। ଝିଲିମିଲି ଆଲୋକମାଳା ଓ ଆତସବାଜି ମଧ୍ୟରେ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଓ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ସଭାପତି ଥୋମାସ ବ୍ୟାଚ୍‌ଙ୍କ ଆଗମନ ସହ ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହୋଇଥିଲା। ବେଜିଂ ପ୍ରଥମ ସହର ଭାବେ ଉଭୟ ଶୀତକାଳୀନ ଓ ଗ୍ରୀଷ୍ମକାଳୀନ ଅଲିମ୍ପିକ ଆୟୋଜନ କରିବାର ଗୌରବ ଅର୍ଜନ କରିଛି। ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ବିଶ୍ୱ ନେତାମାନଙ୍କ ମଧ୍ୟରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଅନ୍ୟତମ ଥିଲେ। ଇଭେଣ୍ଟର ମଶାଲ ରିଲେ ଇଭେଣ୍ଟରେ ଚାଇନା ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ)ର ରେଜିମେଣ୍ଟାଲ କମାଣ୍ଡର କ୍ୱି ଫାବାଓଙ୍କୁ ଜଣେ ମଶାଲଧାରୀ କରିଥିବାରୁ ଏହାର ପ୍ରତିବାଦ ସ୍ୱରୂପ ୱିଣ୍ଟର ଅଲିମ୍ପିକ୍ସର ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବକୁ ଭାରତ କୂଟନୈତିକ ବର୍ଜନ କରିଛି। ୨୦୨୦ରେ ଲଦାଖ ପୂର୍ବାଞ୍ଚଳ ଅନ୍ତର୍ଗତ ଗଲୱାନ ଉପତ୍ୟକାରେ ଭାରତ ଓ ପାକିସ୍ତାନ ସେନା ସାମ୍ନାସାମ୍ନି ବେଳେ କ୍ୱି ଫାବାଓ ଆହତ ହୋଇଥିଲେ। ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବରେ ଆୟୋଜକ ଦେଶ କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱ ଦରବାରରେ ନିଜ ଦେଶର ଐତିହ୍ୟ, ସଂସ୍କୃତି ଓ ସମୃଦ୍ଧିର ପରିପ୍ରକାଶ କରିବାକୁ ସୁଯୋଗ ପାଇଥାଏ। କିଛି ଦିନ ପୂର୍ବେ ଚୁପ୍‌ଚାପ୍ ନୂଆବର୍ଷ ପାଳନ ପରେ ଚାଇନା ବେଜିଂ ଅଲିମ୍ପିକ



ଉଦ୍‌ଘାଟନୀରେ ଭାରତୀୟ ପ୍ରତିନିଧି ଦଳ।

ମଞ୍ଚରେ 'ବ୍ୟାଘ୍ର ବର୍ଷ' ପାଳିଛି। ଚାଇନା ଲୋକକଥାରେ ବାଘକୁ ଶକ୍ତି ଓ ସୌଭାଗ୍ୟର ପ୍ରତୀକ ବୋଲି ବର୍ଣ୍ଣିତ ହୋଇଛି। ୱିଣ୍ଟର ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବରେ କାର୍ଯ୍ୟକ୍ରମ ଜରିଆରେ ତାହାର ଚିତ୍ରଣ କରାଯାଇଥିଲା। ପରେଡରେ ଭାଗ ନେଇଥିବା ସମସ୍ତ ୯୧ଟି ଦେଶର ପ୍ଲାକାର୍ଡଧାରୀମାନେ ବାଘମୁଣ୍ଡ ଚିତ୍ରିତ ଟୋପି ଓ ଜୋତା ପରିଧାନ କରିଥିଲେ। ଏଗୁଡ଼ିକ ନର୍ଦର୍ନ ହୁବେଇ ପ୍ରଦେଶରେ ତିଆରି କରାଯାଇଛି। ଗତ ସୋମବାର ସମଗ୍ର ଏସିଆରେ ଚନ୍ଦ୍ରର ନବବର୍ଷ ପାଳିତ ହୋଇଛି। ଏଥିସହ ବ୍ୟାଘ୍ର ବର୍ଷ ପଡ଼ିଥିବାରୁ କରୋନା ମହାମାରୀର ବିଦାୟ ହେବ ବୋଲି ଆଶା। ସୌଦିଆରବ ଓ ହାଇତି ପ୍ରଥମ ଥର ଭାଗ ନେଇଛନ୍ତି।

**ଉଦ୍‌ଘାଟନୀ ଉତ୍ସବ ପରେଡ୍‌ରେ ୪ଜଣିଆ ଭାରତୀୟ ଦଳ**

ଉଦ୍‌ଘାଟନୀ ଉତ୍ସବକୁ ଭାରତ କୂଟନୈତିକ ବର୍ଜନ କରିଥିଲେ ସୁଦ୍ଧା ସ୍କିଅର୍ ଅରିଫ୍ ଖାଁଙ୍କ ନେତୃତ୍ୱରେ ଏକ କ୍ଷୁଦ୍ର ୪ ଜଣିଆ ଭାରତୀୟ ଦଳ ଉଦ୍‌ଘାଟନୀ ଉତ୍ସବ ପରେଡ୍‌ରେ ଅଂଶଗ୍ରହଣ କରିଥିଲା। ଗେମ୍ସରେ ଭାରତର ଏକମାତ୍ର ପ୍ରତିଯୋଗୀ ଆରଫ୍ ଭାଗ ନେବେ। ସେ ସ୍ଲାଲମ ଓ ଜିଆଣ୍ଟ ସ୍ଲାଲମ ଇଭେଣ୍ଟରେ ୧୩ ଓ ୧୬ରେ ଅଂଶଗ୍ରହଣ କରିବେ। ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଭାରତ ଗେମ୍ସକୁ ୬ଜଣିଆ ଦଳ ପଠାଇଛି। ସେମାନଙ୍କ ମଧ୍ୟରେ ଜଣେ କୋଚ୍, ଜଣେ ଟେକ୍ନିସିଆନ ଓ ଜଣେ ଟିମ୍ ମ୍ୟାନେଜର ରହିଛନ୍ତି।

## ପୂର୍ବତନ କ୍ରିକେଟର ଅରୁଣଙ୍କ ପରଲୋକ

**ଭୁବନେଶ୍ୱର, ୪।୨ (କ୍ରୀଡ଼ା ପ୍ରତିନିଧି):** ରରାଜ୍ୟର ପୂର୍ବତନ କ୍ରିକେଟର ଅରୁଣ ନାୟକଙ୍କର ଶୁକ୍ରବାର ସକାଳେ ପରଲୋକ ଘଟିଛି। ଅସୁସ୍ଥତା କାରଣରୁ ସେ ଦୀର୍ଘଦିନହେବ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୪୩ ବର୍ଷ ହୋଇଥିଲା। ଅରୁଣ ବିଭିନ୍ନ ବୟସ ବର୍ଗ ଟୁର୍ନାମେଣ୍ଟରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ୧୬ ଓ ୧୯ ବର୍ଷରୁ କମ୍ ଏବଂ ୨୨ ବର୍ଷରୁ କମ୍ ରାଜ୍ୟ ଦଳର ସଦସ୍ୟ ଥିଲେ। ଏହା ବ୍ୟତୀତ ୧୯ ବର୍ଷରୁ କମ୍ ପୂର୍ବାଞ୍ଚଳ ଦଳରୁ ମଧ୍ୟ ସେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ମୃତ୍ୟୁରେ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି।

## ପ୍ୟାରିସରେ ପ୍ରମୋଦଙ୍କ ଟ୍ରେନିଂ ଆରମ୍ଭ

ନୂଆଦିଲ୍ଲୀ, ୪।୨ (ପି.ଟି.)

ପାରାଲିମ୍ପିକ୍ସ ଗୋଲ୍ଡ ମେଡାଲିଷ୍ଟ ଓଡ଼ିଶାର ପ୍ରମୋଦ ଭଗତ ପ୍ୟାରିସରେ ୧୦ ଦିନିଆ ଟ୍ରେନିଂ ଆରମ୍ଭ କରିଛନ୍ତି। ୨୦୨୪ ପ୍ୟାରିସ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ଚଳାଇଛନ୍ତି ପ୍ରମୋଦ। ଟୋକିଓ ଅଲିମ୍ପିକ୍ସର ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ପ୍ରମୋଦ ଓ ଅନ୍ୟତମ ଭାରତୀୟ ପାରା ଆଥ୍‌ଲେଟ ସୁକାନ୍ତ କଦମ ପ୍ୟାରିସର 'କ୍ରିପ୍ସ ଇଲେ ଡି ଫ୍ରାନ୍ସ' ଏକାଡେମୀରେ ଟ୍ରେନିଂ ନେଉଛନ୍ତି। ଏହା ପୂର୍ବରୁ ଉଭୟ ପ୍ରମୋଦ ଓ ସୁକାନ୍ତ ସ୍ପେନ୍‌ରେ ୧୫ ଦିନଧରି ଟ୍ରେନିଂ ନେଇଥିଲେ। ମାଇକେଲ ତାଲ୍‌ବା, କ୍ଲିମେଣ୍ଟ ଗିଲୋଟ ଓ ଫାବ୍ରିକ୍ ବେର୍ନାବେଙ୍କଠାରୁ କୋଚିଂ ନେଉଥିବା ପ୍ରମୋଦ ଓ ସୁକାନ୍ତଙ୍କ ସହ ଫ୍ରାନ୍ସ ପାରା ଆଥ୍‌ଲେଟ ମାଥ୍ୟୁ ଥୋମାସ ମଧ୍ୟ ଏହି ଏକାଡେମୀରେ



ସୁକାନ୍ତ କଦମଙ୍କ ସହ ପ୍ରମୋଦ ଭଗତ।

ଟ୍ରେନିଂ ନେଉଛନ୍ତି। ଥୋମାସ ଫ୍ରାନ୍ସ ପକ୍ଷରୁ ଏସଏଲ୍୩ କାଟେଗୋରିରେ ପ୍ରତିନିଧିତ୍ୱ କରିଥାନ୍ତି। ''୨୦୨୪ ପାରାଲିମ୍ପିକ୍ସ ଫ୍ରାନ୍ସରେ ହେବାକୁ ଯାଉଛି। ତେଣୁ ପରିବେଶ ଓ କୋର୍ଟ ସହିତ ଅଭ୍ୟସ୍ତ ହେବାପାଇଁ ଆମେ ଚାହୁଁଛୁ। ତେଣୁ ଏଠାକୁ ଟ୍ରେନିଂ ନେବାକୁ ପସନ୍ଦ କରିଛୁ'' ବୋଲି ଏସ୍‌ଏଲ୩ ବର୍ଗରେ ବିଶ୍ୱର ନମ୍ବରୱାନ ପ୍ରମୋଦ ପ୍ରକାଶ କରିଛନ୍ତି। ଫ୍ରାନ୍ସରେ ଟ୍ରେନିଂ ଅଲିମ୍ପିକ୍ସ ପ୍ରସ୍ତୁତିରେ ସହାୟକ ହେବ ବୋଲି ସୁକାନ୍ତ ଆଶା ରଖିଛନ୍ତି। ପ୍ରମୋଦ ଓ ସୁକାନ୍ତ ଫ୍ରାନ୍ସ ରାଜଧାନୀରେ ପିଏସ୍‌ଜି ପକ୍ଷରୁ ଲିଓନେଲ ମେସିଙ୍କ ଖେଳ ଦେଖିବା ସୁଯୋଗ ପାଇବେ।

## ୩ ବୟସ ବର୍ଗରେ ଫାଓ ୟୁଥ୍ ଲିଗ୍

**ଭୁବନେଶ୍ୱର, ୪।୨ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ସହଯୋଗରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ୩ଟି ବୟସ ବର୍ଗରେ ୟୁଥ୍ ଲିଗ୍ ଅନୁଷ୍ଠିତ ହେବ। ରାଜ୍ୟରେ ଫୁଟବଲର ବ୍ୟାପକ ବିକାଶ ପାଇଁ ୧୩, ୧୫ ଓ ୧୮ ବର୍ଷରୁ କମ୍ ବୟସ ବର୍ଗରେ ଏହି ଲିଗ୍ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ଏହା ବ୍ୟତୀତ ଫାଓ ପକ୍ଷରୁ ଏକ କ୍ଲବ ଆକ୍ରିଡିଟେଶନ ପ୍ରୋଗ୍ରାମ ଆରମ୍ଭ କରାଯିବାକୁ ଯୋଜନା ରହିଛି। ଆଗ୍ରହୀ କ୍ଲବଗୁଡ଼ିକ ସିଧାସଳଖ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସହିତ ଆକ୍ରିଡେଟେଡ ହୋଇପାରିବେ। ରାଜ୍ୟରେ ତୃଣମୂଳ ସ୍ତରରୁ ଫୁଟବଲର ବିକାଶ ପାଇଁ ଯୋଜନା ରହିଥିବାରୁ ଆଗାମୀ ଦିନରେ ଏହାର ସୁଫଳ ମିଳିବ ବୋଲି ଆଶାପ୍ରକାଶ କରାଯାଇଛି।

## ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବ ଭାରତ

**ନୂଆଦିଲ୍ଲୀ, ୪।୨ (ପି.ଟି.):** ଭାରତର ଜାତୀୟ ସିନିୟର ପୁରୁଷ ଫୁଟ୍‌ବଲ ଦଳ ବାହାରିନ ଓ ବେଲାରୁଷ ବିପକ୍ଷରେ ଦୁଇଟି ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଯଥାକ୍ରମେ ମାର୍ଚ୍ଚ ୨୩ ଓ ୨୬ରେ ଖେଳିବ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ପକ୍ଷରୁ ଶୁକ୍ରବାର ଏହି ଘୋଷଣା କରାଯାଇଛି। ଉଭୟ ମ୍ୟାଚ ବାହାରିନ୍‌ର ମାନାମାରେ ଖେଳାଯିବ।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ନୂତନ ଶାଖା କେନ୍ଦ୍ରର ଭୂମି ପୂଜନ



**ଖଣ୍ଡପଡା, ୪।୨(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତସ୍ଥ କଂସାରୀ ସାହି ପାଟଣାଠାରେ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳୀ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ରହ୍ମାକୁମାରୀ ମଞ୍ଜୁଳାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଏକ ନୂତନ ଶାଖା ଗୃହ ନିର୍ମାଣ ପାଇଁ ଭୂମି ପୂଜନ ଉତ୍ସବ ହୋଇଥିଲା। ଏହି ନୂତନ ଭବନ ନିର୍ମାଣ ନିମନ୍ତେ ବିକେ ବସନ୍ତ କୁମାର ଆବଶ୍ୟକ ଜାଗା ଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଧ୍ୟପ୍ରଦେଶ ଅଞ୍ଚଳର ନାଗା ସାଧୁ ରମେଶ ଗିରି ଯୋଗଦେଇ ଓମ୍ ଧ୍ୱଜା ଉତ୍ତୋଳନ କରିବା ସହ ପ୍ରସ୍ତର ସ୍ଥାପନା କରିଥିଲେ। ସଭାରେ ମୁଖ୍ୟ ଅତିଥି ଶ୍ରୀଗିରିଙ୍କ ସମେତ ସମ୍ମାନିତ ଅତିଥି ଭାବେ ପ୍ରଭାକର ଶିରୋମଣି, କଳାପଥର କେନ୍ଦ୍ରର ସଞ୍ଚାଳିକା ବିକେ ଯାଜ୍ଞସେନୀ, ବିକେ ତପସ୍ୱିନୀ ଓ ଅବସରପ୍ରାପ୍ତ ସୈନିକ ବିକେ ଜୟକୃଷ୍ଣ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଖଳିସାହି କେନ୍ଦ୍ରର ସଞ୍ଚାଳିକା ବିକେ ଜ୍ୟୋତ୍ସ୍ନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଖଣ୍ଡପଡା ପଠାଣି ସାମ' ପୂଜ୍ୟପୂଜା ସଂସଦ ପକ୍ଷରୁ ମୁଖ୍ୟ ଅତିଥି ନାଗା ସାଧୁ ଗିରି ଓ ସଞ୍ଚାଳିକା ବିକେ ଯାଜ୍ଞସେନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଖଣ୍ଡପଡା ପୂଜ୍ୟ ପୂଜା ସଂସଦର ସମ୍ପାଦକ ମହେନ୍ଦ୍ର କୁମାର ବାରିକ ସଂଯୋଜନା କରିଥିଲେ।

### ବୟୋଜ୍ୟେଷ୍ଠ ମହିଳାଙ୍କ ପରଲୋକ

**ଖଣ୍ଡପଡ଼ା,୪।୨(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଗ୍ରାମ ରତନପୁର ସାହିର ବୟୋଜ୍ୟେଷ୍ଠ ମହିଳା ତଥା ବରିଷ୍ଠ ଆଇନଜୀବୀ ପ୍ରସନ୍ନ ମିଶ୍ରଙ୍କ ମା' ବିମଳା ଦେବୀ (୯୦)ଙ୍କ ପରଲୋକ ହୋଇଯାଇଛି। ଦୀର୍ଘବର୍ଷ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସେ ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ କବିରାଜ ତ୍ରିଲୋଚନଙ୍କ ପତ୍ନୀ ଥିଲେ। ଗ୍ରାମ ଶ୍ମଶାନ ଘାଟରେ ଏକ ଶୋକାକୁଳ ପରିବେଶରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ଛାତ୍ରୀଙ୍କୁ ଅସଦାଚରଣ କରି ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୪।୨:** ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବ୍ରହ୍ମପୁର ସଦର ଥାନା ପୋଲିସ ରିଜନ ଖାନ (୨୧)ଙ୍କୁ ଗିରଫ କରିଛି। ଶୁକ୍ରବାର କୋର୍ଟରେ ପୀଡିତାଙ୍କ ଧାରା ୧୬୪ରେ ବୟାନ ରେକର୍ଡ କରାଯାଇଛି। ଶନିବାର ଅଭିଯୁକ୍ତ ରିଜନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଟାଉନ ଥାନା ସୋମନାଥନଗରରେ ରହୁଥିବା ରିଜନ ସଦର ଥାନା ଅଞ୍ଚଳରେ ରହୁଥିବା ଜଣେ ଛାତ୍ରୀଙ୍କୁ ଏକତରଫା ପ୍ରେମ କରୁଥିଲେ। ସେ ରାଜି ନ ହେବାରୁ ତାଙ୍କୁ ଟଣାଓଟରା କରିଥିଲେ।

# ଆଦିବାସୀ ଗାଁର ରୂପରେଖ ବଦଳୁନି

**ନୟାଗଡ଼ ଅଫିସ,୪।୨**

**ନୟାଗଡ଼ ଜିଲା ୯ ନଂ. ଜିଲା ପରିଷଦ ଜୋନ୍**

- ଜିତିଲା ପରେ ଭୁଲି ଯାଉଛନ୍ତି ପ୍ରତିଶ୍ରୁତି
- ଭୋଟରଙ୍କ ପ୍ରଶ୍ନର ଉତ୍ତର ଦେଇ ପାରୁନାହାନ୍ତି ପ୍ରାର୍ଥୀ

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ୯ ନଂ. ଜୋନ୍‌ରେ ଥିବା ବାଣିଗୋଛା, ଚଢ଼େୟାପଲ୍ଲୀ, କଳସଖମଣ, କୁଜାମେଣ୍ଢି, କୁଲୁରୁକୁମ୍ଭା, ନୂଆଗାଁ, ଦୁଡା ପଞ୍ଚାୟତରେ ବିକାଶ ବାଟବଣା। ନିର୍ବାଚନ ପରେ ନିର୍ବାଚନ ହେଉଥିଲେ ମଧ୍ୟ ଏଠାର ଗାଁଗୁଡିକର ରୂପରେଖ ଅଥବା ଆଦିବାସୀଙ୍କ ଜୀବନଜୀବିକା ବଦଳୁନି ବୋଲି ଅଭିଯୋଗ ହୋଇଆସୁଛି। ଜିତିଲା ପରେ ପ୍ରାର୍ଥୀ ଭୋଟରଙ୍କୁ ଦେଇଥିବା ପ୍ରତିଶ୍ରୁତି ଭୁଲି ଯାଉଥିବାରୁ ଗାଁର ବିକାଶ ହେଉ ନ ଥିବା କୁହାଯାଉଛି। ଚଳିତ ପଞ୍ଚାୟତ ନିର୍ବାଚନ ସମୟରେ ପ୍ରାର୍ଥୀ ଭୋଟ୍ ଭିକ୍ଷା କରିବାକୁ ଆସିବା ବେଳେ ଭୋଟରଙ୍କ ପ୍ରଶ୍ନର ଉତ୍ତର ରଖି ନ ପାରି ହଟହଟା ହେଉଛନ୍ତି। ଭୋଟରଙ୍କ ଆଗରେ ନତମସ୍ତକ ହୋଇ ନୀରବତା ଅବଲମ୍ବନ କରୁଛନ୍ତି। ଜିତିବା ପରେ ଗାଁକୁ ପରିବର୍ତ୍ତନ କରିଦେବେ ବୋଲି ନୂଆ ପ୍ରତିଶ୍ରୁତି ଦେଉଛନ୍ତି। ଏହି ଜୋନ୍‌ରେ ଗୋରେଖ କହଁର(ଭାଜପା), ସୁବାସ ଚନ୍ଦ୍ର ମଳିକ (କଂଗ୍ରେସ), ହରିଶ୍ଚନ୍ଦ୍ର ଜାନୀ (ବିଜେଡି)ରୁ ପ୍ରାର୍ଥୀ ହୋଇଛନ୍ତି। ଭୋଟର ପ୍ରାର୍ଥୀମାନଙ୍କୁ ପରଖୁଛନ୍ତି। ବିଗତ ଦିନରେ କଂଗ୍ରେସ, ବିଜେଡି ଓ ଭାଜପାକୁ ଭୋଟ୍ ଦେଇ ଭୋଟର ସୁଫଳ ପାଇ ନାହାନ୍ତି। ଏବେ ପୁଣି ଭୋଟ ଦେଲେ ସୁଫଳ ପାଇବେ ବୋଲି ଆଦିବାସୀ ଭାବି ପାରୁନାହାନ୍ତି। ଏହି ଜୋନର ବାଣିଗୋଛା ପଞ୍ଚାୟତର ଲେଖାରୀ, ବଡାଗାଁ, ବୁରୁପାଲ, କାମେଣ୍ଡିପଙ୍ଗା, ଗୁଡୁସାହି, ପୋଡାପଣ୍ଡା ଓ ଗରସା, ଚଢ଼େୟାପଲ୍ଲୀ ପଞ୍ଚାୟତର କିଳାପଦର, କୁସୁଗଣ୍ଡା, ପୋଡାପଣ୍ଡା, ଗୋଛା, ଜୀବନପଡା, କୁଲୁରା, ତାମୁଣ୍ଡବିରୁଡା ଗାଁକୁ ରାସ୍ତା ନାହିଁ। ସେହିପରି କଳସଖମଣ ପଞ୍ଚାୟତରେ ଗେଣ୍ଡାଳୀ, ନୂଆସାହି, ମଡିକୁମ୍ଭା, ପୋଡାସାହି, ଭୁତାପଦର, କଣାପାଦୁ, ଗଣିକୁମ୍ଭା, ଭୋଗବାଡି, ମଦକୁମ୍ଭା ଓ ପୋଡାସାହି, କୁଜାମେଣ୍ଢି ପଞ୍ଚାୟତର ତିଳାବାଡି, ବନ୍ଧଖମଣ, କୁମ୍ଭିକଳା, ଦକ୍ଷିଣପଡା, କଳାକିଆରି, ଗୁଣ୍ଡିରିବାରି, ପୋଡମ୍ଭା, ନୂଆଗାଁ ପଞ୍ଚାୟତର ଦଦରା, କାଣିପୋଖରୀ, ଧୁନ୍ଦୁଗାଡିଆ, ବଡଶିଖରପଙ୍ଗା, ଶିରିଶାବାଡି, ଚକାପାଦୁ, କୁଟିବାରି, ଗୋଛାବାରୀ, ଅଭୟପୁର, କଣ୍ଟାତଇଲା, ପିଡିଆପଦର, କୁମୁଟିବନ୍ଦର, ଡ୍ରାମାଗାଡୁ ଗାଁକୁ ମଧ୍ୟ ରାସ୍ତା ହୋଇପାରିନାହିଁ। ପୁଣି ଦୁଡା ପଞ୍ଚାୟତର ଗୋଛାବାରୀ, ବାଇଝରୀ, କୁରୁଡାଙ୍ଗୀ, ଜୟନ୍ତବାଡି, ସରିସିରା, କରୁମିକାଠପଟନୀ, ମିଟିଗାଡୁ, ଲୁରାଗଣ୍ଡା, ସୁନ୍ଦକୁମ୍ଭା ଏବଂ କୁଲରୁକୁମ୍ଭା ପଞ୍ଚାୟତର ତଳଦିଗିରି, ଉପରଦିଗିରି, ଦୋଳାମୁଣ୍ଡାଇ ଗାଁକୁ ମଧ୍ୟ ରାସ୍ତା ନାହିଁ। ସରକାରଙ୍କର ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଏହି ଗାଁଗୁଡିକୁ ସାମିଲ କରାଯାଇ ପାରୁନାହିଁ। ପୁଣି ମିନାଗାଡୁ ରାସ୍ତାରେ, ଦଦରା ଛକଠାରୁ ଗୁଣ୍ଡୁରିସାହି, ଧୁନ୍ଦୁଗାଡିଆ, ବଡଶିଖରପଙ୍ଗା, ଅଭୟପୁର କୁମୁଟିବନ୍ଧଠାରେ ପୋଲର ଆବଶ୍ୟକତା ଅଛି। ଏଠାକାର ଅଞ୍ଚଳରେ ରହୁଥିବା ଆଦିବାସୀ ବର୍ଷା ଋତୁରେ ନଦୀ ପାର ହେବାକୁ ହଇରାଣ ହେଉଛନ୍ତି। ପୁଣି ନୂଆଗାଁ ପଞ୍ଚାୟତ କାଣିପୋଖରୀ ୱାର୍ଡ ବିଦାଗୁଡାସାହିରେ, ଗୁଣ୍ଡୁରିସାହିର ମଶାଣିସାହି ଲୋକଙ୍କ ପାଇଁ ବିଦ୍ୟୁତ୍ ଆଲୋକ ସାତସପନ। ଦେଶ ସ୍ୱାଧୀନତାର ୭୫ ବର୍ଷ ପରେ ବି ବିଦ୍ୟୁତ୍ କ'ଣ ଲୋକେ ଜାଣିନାହାନ୍ତି। ଏପରି ଅନେକ ଗାଁରେ ଲାଇନ ନାହିଁ। ଯେଉଁ ଗାଁରେ ଲାଇନ ଅଛି ସେଠାରେ ଅଧିକାଂଶ ସମୟ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଅଭିଯୋଗ କଲେ କେହି ଶୁଣୁନାହାନ୍ତି। ନୂଆଗାଁ, ଦୁଡା ପରି ଗାଁରେ ନେଟୱର୍କ ନାହିଁ। ଏଠାରେ କୌଣସି ମୋବାଇଲ ଟାୱାର ନାହିଁ। ସ୍ୱାସ୍ଥ୍ୟସେବା ନ କହିଲେ ଭଲ। ପାଠପଢ଼ାରେ ମଧ୍ୟ ବହୁ ଅସୁବିଧା। ସବୁ ଅସୁବିଧା ମଧ୍ୟରେ ଏଠାର ଆଦିବାସୀ କଷ୍ଟମୟ ଜୀବନଯାପନ କରୁଛନ୍ତି।

### ନିର୍ବାଚନ ପ୍ରଚାର କଲେ ଯାତ୍ରା କଳାକାର ଦୈତାରି ପଣ୍ଡା



**ଖଣ୍ଡପଡା,୪।୨(ସ୍ୱ.ପ୍ର.)**

ପ୍ରାର୍ଥୀମାନେ ବିଭିନ୍ନ ଉପାୟରେ ଭୋଟରଙ୍କୁ ହାତେଇବା ଲାଗି ଉଦ୍ୟମ ଜାରି ରଖିଛନ୍ତି। ଶୁକ୍ରବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସରପଞ୍ଚ ଏବଂ ସମିତି ସଭ୍ୟ ପ୍ରାର୍ଥୀଙ୍କ ଲାଗି ଯାତ୍ରା ଜଗତର ଚର୍ଚ୍ଚିତ ଖଳନାୟକ ଦୈତାରି ପଣ୍ଡା ସ୍ଥାନୀୟ ସିଧାମୂଳା ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ପହଞ୍ଚି ଭୋଟରମାନଙ୍କୁ ପ୍ରଭାବିତ କରିଥିବା ଜଣାଯାଇଛି। ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ପଞ୍ଚାୟତରେ ସରପଞ୍ଚ ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥିନୀ ସ୍ନେହଲତା ସାହୁ ଓ ସମିତି ସଭ୍ୟ ପ୍ରାର୍ଥୀ ବିରୁପାକ୍ଷ ମିଶ୍ରଙ୍କ ପାଇଁ ଦୈତାରୀ ପ୍ରଚାର କରିଛନ୍ତି। ପଣ୍ଡା ପ୍ରାର୍ଥିନୀ, ପ୍ରାର୍ଥୀ ଓ ସମର୍ଥକଙ୍କ ଗହଣରେ ପଞ୍ଚାୟତ ଅଧୀନ ବିଭିନ୍ନ ଗାଁ ପରିକ୍ରମା କରି ଉକ୍ତ ୨ ପ୍ରାର୍ଥୀଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ କରିବାକୁ ନିବେଦନ କରିଥିଲେ। ଏହି ଖଳନାୟକଙ୍କ ପ୍ରଚାର ଶୈଳୀକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଆନନ୍ଦ ପ୍ରକାଶ ପାଇଛି।

## ଅଣପଞ୍ଜୀକୃତ ଚାଷୀଙ୍କ ସମିତି ଆଗରେ ଧାରଣା

**ଓଡ଼ଗାଁ,୪।୨(ସ୍ୱ.ପ୍ର.)**

**ଧାନର ଅଭାବୀ ବିକ୍ରି**

ଓଡ଼ଗାଁ ସେବା ସମବାୟ ସମିତିର ଅବହେଳା ଯୋଗୁ ଶତାଧିକ ଚାଷୀ ଧାନ ବିକ୍ରି କରିପାରିନାହାନ୍ତି। ସେମାନଙ୍କ ନାମ ଧାନ ବିକ୍ରି ନିମନ୍ତେ ପଞ୍ଜୀକୃତ ହୋଇ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଶୁକ୍ରବାର ସମିତି ଆଗରେ ବହୁ ଚାଷୀ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ଧାନ ବିକ୍ରି ପାଇଁ ଚାଷୀମାନେ ନାମ ପଞ୍ଜୀକୃତ କରିବାକୁ ସମବାୟ ସମିତିସମ୍ପାଦକଙ୍କ କାର୍ଯ୍ୟାଳୟରେ ସମସ୍ତ ନଥିପତ୍ର ଦାଖଲ କରିଥିଲେ। ହେଲେ ବିକ୍ରି ସମୟ ଗଡ଼ିଯାଇଥିଲେ ସୁଦ୍ଧା ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନଙ୍କୁ ଧାନ ବିକ୍ରି ନିମନ୍ତେ କୌଣସି ସୂଚନା ଆସି ନ ଥିଲା। ଫଳରେ ସେମାନଙ୍କ ନାମ ପଞ୍ଜୀକୃତ ହୋଇ ନ ଥିବା ସ୍ପଷ୍ଟ ହୋଇଥିବା ସେମାନେ କହିଛନ୍ତି। ଏହି କାରଣରୁ ସମସ୍ତ ଅଣପଞ୍ଜୀକୃତ ଚାଷୀ ଏକାଠି ହୋଇ ସମିତି ସମ୍ପାଦକଙ୍କୁ ଭେଟିବାକୁ ଆସିଥିବା ବେଳେ ସେ ଏ ନେଇ ଦୀର୍ଘ ସମୟ କୌଣସି ଉତ୍ତର ଦେଇ ନ ଥିଲେ। କ୍ରମଶଃ ଚାଷୀଙ୍କ ଉତ୍ତେଜନା ବୃଦ୍ଧି ପାଇବାରେ ସମବାୟ ସମିତି ସମ୍ପାଦକ ଓ ଜିଲା ଖାଦ୍ୟ ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ସାମୟିକ ପ୍ରତିଶ୍ରୁତି ପରେ ଚାଷୀମାନେ ଧାରଣାରୁ ହଟିଥିଲେ। ହେଲେ ପ୍ରତିଶ୍ରୁତି ଅନୁସାରେ ଧାନ ବିକ୍ରି ସମସ୍ୟା ସମାଧାନ ନ ହେଲେ ପରବର୍ତ୍ତୀ ସମୟରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏପରି କି ସେମାନେ ଆନ୍ଦୋଳନକୁ ତୀବ୍ରତର କରିବାରୁ ଏକ କମିଟି ଗଠନ କରାଯାଇଥିବା ଜଣାଯାଇଛି। କୃଷ୍ଣଚନ୍ଦ୍ର ମହାପାତ୍ର ସଭାପତି, ସୁକାନ୍ତ କୁମାର ସାହୁ ସମ୍ପାଦକ, ଜୟକୃଷ୍ଣ ପୃଷ୍ଟି, ରମେଶ ସାମଲ, ବଟକୃଷ୍ଣ ପ୍ରଧାନ, ଜୟକୃଷ୍ଣ ମହାପାତ୍ର, ସୁକାନ୍ତ ସାହୁଙ୍କୁ କାର୍ଯ୍ୟକାରୀ କମିଟିର ସଭ୍ୟ ଭାବେ ଚୟନ କରାଯାଇଥିଲା।



ଓଡ଼ଗାଁ ସମବାୟ ସମିତିରେ ଚାଷୀମାନେ ଧାରଣା ଦେଉଛନ୍ତି।

## ୭ ପଞ୍ଚାୟତରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ଖଣ୍ଡପଡା,୪।୨(ସ୍ୱ.ପ୍ର.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷ ନିମନ୍ତେ ପୋଲିସ ପକ୍ଷରୁ ଅହରହ ଉଦ୍ୟମ ଜାରି ରହିଛି। ଖଣ୍ଡପଡ଼ା ପୋଲିସ ପକ୍ଷରୁ ବ୍ଲକ ଅଧୀନ ରାଣୀପଡ଼ା, ଖଳିସାହି, ମର୍ଦ୍ଦରାଜପୁର, କଣ୍ଟିଲୋ, ବେଣାଗାଡିଆ, ବୋଦସା, ବାଣପୁର ପଞ୍ଚାୟତରେ ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ, ପ୍ରାର୍ଥିନୀମାନେ ଆଦୌ ଭୟଭୀତ ନ ହୋଇ ଶାନ୍ତିଶୃଙ୍ଖଳାର ସହ ସମସ୍ତ କାର୍ଯ୍ୟ ତୁଲାଇବାକୁ ବରିଷ୍ଠ ପୋଲିସ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଣ୍ଡପଡ଼ା, କଣ୍ଟିଲୋ, ଗଡିଆସାହି ଓ କୋସକା ଫାଣ୍ଡିର କାର୍ଯ୍ୟରତ ସମସ୍ତ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ।



ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

### ଓଡ଼ଗାଁ ଏନ୍‌ଏସି, ନୟାଗଡ଼ ପୌରାଞ୍ଚଳରେ ନୂତନ ନିର୍ବାହୀ ଅଧିକାରୀ

**ଓଡ଼ଗାଁ, ୪।୨(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ନିମନ୍ତେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ସନ୍ତୋଷ କୁମାର ଜେନା ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ନୟାଗଡ଼ ପୌରାଞ୍ଚଳ କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ପୂର୍ବରୁ ମଧ୍ୟ ଜେନା ଏନ୍‌ଏସିରେ ବର୍ଷେ ପାଇଁ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଥିଲେ। ଜେନା କାର୍ଯ୍ୟରେ ଯୋଗଦେବା ପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ତାଙ୍କୁ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଅବସରରେ ସ୍ଥାନୀୟ ପ୍ରେସ୍ କ୍ଲବ ପକ୍ଷରୁ ଖବରଦାତାମାନେ ଭେଟି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଷ୍ଟ୍ରିଟ୍ ଲାଇଟ୍‌ର ରକ୍ଷଣାବେକ୍ଷଣ ସହ ଅଯଥା ବିଦ୍ୟୁତ୍ ଶକ୍ତିର ଅପଚୟ, ପାନୀୟଜଳ ଯୋଗାଣ, ସହର ସଫେଇ, ଡ୍ରେନ୍ ସଫେଇ ତଥା ହୋଲ୍‌ଡିଂ ଟ୍ୟାଙ୍କ ସମ୍ପର୍କରେ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ଏ ସବୁର ନିରାକରଣ ସହ ବୁଢ଼ା ବୁଢ଼ିଆଣୀ ଡ୍ୟାମ୍‌ରୁ କାର୍ଯ୍ୟକାରୀ ହେଉଥିବା ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ସେ ଗୁରୁତର ସହ ଅନୁଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ଏଠାରେ ମାତ୍ର ୧୧ ମାସ ନିମନ୍ତେ କାର୍ଯ୍ୟରେ ଯୋଗ ଦେଇଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ରଙ୍କୁ ନୟାଗଡ଼ ପୌରାଞ୍ଚଳ କାର୍ଯ୍ୟାଳୟରେ ଶୁକ୍ରବାର ଯୋଗ ଦେଇଛନ୍ତି।

## ୧୩, ୧୫ ନଂ. ୱାର୍ଡରୁ ବିଜେଡି ହୋର୍ଡିଂ ଚୋରି

**ନୟାଗଡ଼ ଅଫିସ,୪।୨**

**ନୟାଗଡ ଜିଲା ପଞ୍ଚାୟତ ପରିକ୍ରମା**

ନୟାଗଡ଼ ବ୍ଲକ ଜିଲା ପରିଷଦ ଜୋନ ୧୪ ର ବିଜେଡି ପ୍ରାର୍ଥୀ ଆଶିଷ କୁମାର ଅଗ୍ରୱାଲଙ୍କର ପୋଷ୍ଟର ଓ ହୋର୍ଡିଂ ଇଟାମାଟି ପଞ୍ଚାୟତ ୧୩ ଓ ୧୫ ନଂ. ୱାର୍ଡରୁ ଚୋରି ହୋଇଯାଇଛି। କିଏ ଏହାକୁ ଚୋରି କରି ନେଇ ସେଠାରେ ଅନ୍ୟ ଦଳର ପୋଷ୍ଟର ଓ ହୋର୍ଡିଂ ଲଗାଇଛି। ଏ ନେଇ ବିଜେଡି ପକ୍ଷରୁ ଇଟାମାଟି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଏ ନେଇ ଥାନାର ଭାରପ୍ରାପ୍ତ ଅଧିକାରୀ ରମେଶ ଦେବତା କୁହନ୍ତି, ବିଜେଡି ପକ୍ଷରୁ ସ୍ମାରକପତ୍ର ମିଳିଛି। ଏହାର ତଦନ୍ତ କରାଯାଉଛି। ମାମଲା ରୁଜୁ ହୋଇନି।



ବିଜେଡି ପକ୍ଷରୁ ହୋର୍ଡିଂ ଚୋରିକୁ ନେଇ ଆଇଆଇସିଙ୍କୁ ସ୍ମାରକପତ୍ର ଦିଆଯାଉଛି।

### ନିର୍ବାଚନ ଆଇନ ଶୀତଳଭଣ୍ଡାରରେ

ଜିଲା ପରିଷଦ ପ୍ରାର୍ଥୀଙ୍କ ସହ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡମେମ୍ବର ପ୍ରାର୍ଥୀ ଏକାଠି ଯାଇ ଭୋଟ ପ୍ରଚାର କରିପାରିବେ ନାହିଁ ବୋଲି ନିୟମ ରହିଛି। ହେଲେ ନିୟମକୁ ଶୀତଳଭଣ୍ଡାରରେ ଫୋପାଡି ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡମେମ୍ବର ପ୍ରାର୍ଥୀଙ୍କୁ ସାଙ୍ଗରେ ନେଇ ଭୋଟ ପ୍ରଚାର ଚାଲିଛି। ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡମେମ୍ବର ପ୍ରାର୍ଥୀ ଦଳୀୟ ପ୍ରାର୍ଥୀ ହୋଇ ନ ଥିବାରୁ ଏମାନଙ୍କୁ ସାଙ୍ଗରେ ନେଇ ଯିବାକୁ ବାରଣ ରହିଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ରାଜନୈତିକ ଦଳ ବୈଠକରେ ଜିଲାପାଳ ଓ ଉପଜିଲାପାଳ ସୂଚନା ଦେଇଥିଲେ।

## ଜେଲ ଗଲେ ରାତ୍ର ଜଗୁଆଳି

**ନୟାଗଡ଼ ଅଫିସ,୪।୨**

**ଅବକାରୀ କାର୍ଯ୍ୟାଳୟରୁ ଚୋରି କରିଥିଲେ ୬ ବସ୍ତା ଭାଙ୍ଗ**




ନୟାଗଡ଼ ଅବକାରୀ କାର୍ଯ୍ୟାଳୟରୁ ୬ ବସ୍ତା ଭାଙ୍ଗ ଚୋରି ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ ଅବକାରୀ କାର୍ଯ୍ୟାଳୟର ରାତ୍ର ଜଗୁଆଳି ରାଜୀବ ଲୋଚନ ବାରିକ (୩୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନି ନାମଞ୍ଜୁର ପରେ ରାଜୀବଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ରାଜୀବଙ୍କ ଘର ନୟାଗଡ଼ର ଶାସ୍ତ୍ରୀନଗରରେ। ଅନ୍ୟପକ୍ଷେ ଚୋରି ଭାଙ୍ଗ ରାଜୀବଙ୍କ ଜଣେ ସମ୍ପର୍କୀୟଙ୍କଠାରୁ ଜବତ କରାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ନୟାଗଡ଼ ଅବକାରୀ ବିଭାଗର ୧ କୁଇଣ୍ଟାଲ ୮୩ କେଜି ଭାଙ୍ଗ ଗତ ୧ ତାରିଖରେ ଚୋରି ନେଇ ନୟାଗଡ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୋଲିସ ନଂ. ୧୪/୨୨ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା।

## ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

**ଖଣ୍ଡପଡା,୪।୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ପଞ୍ଚାୟତ ଗିରିଡିପାଟଣା ଗାଁରେ ନବନିର୍ମିତ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ନିମନ୍ତେ ଶୁକ୍ରବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ନିକଟସ୍ଥ ରଥିଆ ନାଳରୁ କଳସରେ ଜଳ ସଂଗ୍ରହ କରିବା ପରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ନୂତନ ମନ୍ଦିର ପରିସର ସ୍ଥିତ ଯଜ୍ଞବେଦି ନିକଟରେ ପହଞ୍ଚି କଳସୀଗୁଡ଼ିକ ସ୍ଥାପନ କରିଥିଲେ। ଏ ଅବସରରେ ଅଧିବାସ, ଅଙ୍କୁରା ରୋପଣ ଓ ସୂର୍ଯ୍ୟପୂଜା ଆଦି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୁରୋଧା ଭାବେ ବ୍ରାହ୍ମଣ ସମାଜର ସଦସ୍ୟମାନେ ସମସ୍ତ ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟା ସମୟରେ ପଣ୍ଡିତ ବସନ୍ତ କୁମାର ବିଶୋଇଙ୍କ ଦ୍ୱାରା ପ୍ରବଚନ ସହ ପାଲା ପରିବେଷଣ କରାଯାଇଥିଲା। ଶନିବାର ଶ୍ରୀପଞ୍ଚମୀ ତିଥିରେ ନୂତନ ମନ୍ଦିରରେ ବିଗ୍ରହ ସ୍ଥାପନ ସହ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମସ୍ତ ଦେବନୀତି ଅନୁଯାୟୀ ହେବ ବୋଲି ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ପ୍ରକାଶଥାଉ କି, ଗିରିଡିପାଟଣା ଗ୍ରାମବାସୀ ଏବଂ ବଦାନ୍ୟ ବ୍ୟକ୍ତିବିଶେଷଙ୍କ ସାହାଯ୍ୟ ଓ ସହଯୋଗରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ରାଧାକୃଷ୍ଣଙ୍କ ଏହି ନୂତନ ମନ୍ଦିର ନିର୍ମାଣ କରାଯାଇଛି।



## ସ୍ତ୍ରୀ ହତ୍ୟା ମାମଲା: ସ୍ୱାମୀଙ୍କୁ ୭ ବର୍ଷ କାରାଦଣ୍ଡ

**ନୟାଗଡ଼ ଅଫିସ,୪।୨**

ନୟାଗଡ଼ ଜିଲା ଫତେଗଡ଼ ଥାନା ବଡ଼ସହରା ମାମାଲି ମହାରଣା ହତ୍ୟା ମାମଲାର ରାୟ ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀଙ୍କ କୋର୍ଟରେ ଶୁକ୍ରବାର ପ୍ରକାଶ ପାଇଛି। ହତ୍ୟା ଘଟଣାରେ ସ୍ୱାମୀ ସଞ୍ଜୟ ମହାରଣାଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ହୋଇଥିବାବେଳେ ୨୦ ହଜାର ଜରିମାନା ହୋଇଛି। ଜରିମାନା ରାଶି ମୃତା ମାମାଲିଙ୍କ ଝିଅକୁ ଦେବାକୁ ନିର୍ଦ୍ଦେଶ ରହିଛି। ଅନ୍ୟପକ୍ଷେ ଶାଶୁ ସୁଧାବରୀ, ଶ୍ୱଶୁର ଲଡୁକେଶ୍ୱର, ଦିଅର ବିଜୟ ଓ ଅଜୟ, ନଣନ୍ଦ ବୀଣାପାଣି ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ, ଶରଣକୁଳ ଥାନା ପଞ୍ଚରିଡା ଗାଁର ନୀଳକଣ୍ଠ ମହାରଣାଙ୍କ ଝିଅ ମାମାଲି ୨୦୧୧ରେ ବୈଦିକ ରୀତିରେ ସଞ୍ଜୟଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷର ଦାବି ମୁତାବକ ୩୦ ହଜାର ଟଙ୍କା, ସୁନା ରୁପା ଅଳଙ୍କାର ଓ ଘର ଉପକରଣ ଯୌତୁକ ଆକାରରେ ଦିଆଯାଇଥିଲା। ବିବାହର କିଛିଦିନ ଏହି ଦମ୍ପତି ଭଲରେ ଚଳିଥିଲେ। ପରେ ଅଧିକ ୫୦ ହଜାର ଟଙ୍କା ଯୌତୁକ ଆଣିବାକୁ ମାମାଲି ଉପରେ ଚାପ ପ୍ରୟୋଗ କରାଯାଇଥିଲା। ମାମାଲି ବାପାଙ୍କ ଅସହାୟତା ପ୍ରକାଶ କରିବା ପରେ ଶାରୀରିକ ଓ ମାନସିକ ସ୍ତରରେ ନିର୍ଯାତନା ଦିଆଯାଇଥିଲା। ମାରପିଟ୍ ଗାଳିଗୁଲଜ ଭିତରେ ମାମାଲି ଗର୍ଭବତୀ ହୋଇଥିଲେ। ପରେ ସେ ବାପଘର ପଞ୍ଚରିଡା ଚାଲି ଆସିଥିଲେ। ବାପଘରେ ୫ ମାସ ରହିବା ପରେ ତାଙ୍କର ଝିଅଟିଏ ହୋଇଥିଲା। ହେଲେ ଝିଅ ଓ ମା'ଙ୍କୁ ଶାଶୁଘର ନେଲେ ନାହିଁ। ଭଦ୍ରଲୋକଙ୍କ ବୁଝାବୁଝି ପରେ ସ୍ୱାମୀ ମାମାଲିଙ୍କୁ ନେଇ ଭୁବନେଶ୍ୱରରେ ରଖିଥିଲେ। ସେଠାରେ ମଧ୍ୟ ସଞ୍ଜୟ ନିର୍ଯାତନା ଦେଉଥିଲେ। କିଛିମାସ ଚଳିବା ପରେ ୨୦୧୫ ଜୁଲାଇ ୮ରେ ମାମାଲିଙ୍କୁ ସଞ୍ଜୟ ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଶ୍ୱଶୁର ଘରକୁ ଫୋନ୍ ଯୋଗେ ଜଣାଇଥିଲେ ଯେ ଝିଅ ଗୁରୁତର ଅଛି। ମାମାଲିଙ୍କ ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଝିଅ ୨୦୧୫ ଜୁଲାଇ ୧୦ରେ ମରିଯାଇଥିଲା। ତେବେ ବିଷ ପିଆଇ ମାରିଦେବାକୁ ଉଦ୍ୟମ କରାଯାଇଛି ବୋଲି ମାମାଲି ମୃତ୍ୟୁ ପୂର୍ବରୁ ବାପଘର ଲୋକଙ୍କୁ ଜଣାଇଥିଲେ। ଏ ନେଇ ଶରଣକୁଳ ଥାନାରେ ଅଭିଯୋଗ ପରେ ପୋଲିସ ୪୯୮(ଏ), ୩୦୪(୩), ୩୦୨, ୩୪ ଆଇପିସି, ୪ଡିପି ଆକ୍ଟ ଦଫାରେ ମାମଲା ରୁଜୁକରି ତଦନ୍ତ କରିଥିଲା। ଏହି ଘଟଣାରେ ପୋଲିସ ସ୍ୱାମୀ ସଞ୍ଜୟଙ୍କ ସମେତ ଶାଶୁଘର ଲୋକଙ୍କୁ ଗିରଫ କରି ଜେଲ ପଠାଇଥିଲା। କେବଳ ସ୍ୱାମୀ ଜେଲ୍‌ରେ ଥିଲେ। ଅନ୍ୟମାନେ ଜାମିନ ପାଇଥିଲେ। ତେବେ ପୋଲିସ ଫାଇନାଲ ଚାର୍ଜଶିଟ୍‌ରେ ୩୦୨କୁ କାଟି ୩୦୬ ଦଫା ଯୋଡିଥିଲା। କୋର୍ଟ ଶୁଣାଣିରେ ୪୯୮(ଏ)ରେ ୨ବର୍ଷ ସଶ୍ରମ କାରାଦଣ୍ଡ, ୫ ହଜାର ଜରିମାନା ହୋଇଛି। ଜରିମାନା ଅନାଦେୟ ୬ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ୩୦୬ ଦଫାରେ ୭ ବର୍ଷ ସଶ୍ରମ କାରାଦଣ୍ଡ, ୧୦ ହଜାର ଜରିମାନା ହୋଇଛି। ଜରିମାନା ଅନାଦେୟ ୬ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ହେବ। ୪ ଡିପି ଆକ୍ଟରେ ବର୍ଷେ ସଶ୍ରମ କାରାଦଣ୍ଡ, ୫ ହଜାର ଜରିମାନା ହୋଇଛି। ଜରିମାନା ଅନାଦେୟ ୬ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ଏହି ମାମଲାକୁ ପବ୍ଲିକ୍ ପ୍ରସିକ୍ୟୁଟର ବିଷ୍ଣୁ ପ୍ରସନ୍ନ ମହାପାତ୍ର ପରିଚାଳନା କରିଥିଲେ।

# ଶିଶୁପୁତ୍ର ଉଦ୍ଧାର ପରେ ବି ରୁଜୁ ହେଲାନି ମାମଲା

**ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଶିଶୁ ବିକ୍ରି ଘଟଣା**

- ଲେବର ରୁମରୁ ବିଦା ୬ କର୍ମଚାରୀଙ୍କୁ ପୋଲିସର ଜେରା
- ଘଟଣାକୁ ରଫାଦଫା କରିବାକୁ ଚାପ

ନୟାଗଡ଼ ଅଫିସ,୪।୨

ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଜାନୁୟାରୀ ୨୮ ରେ ଚୋରି ଶିଶୁପୁତ୍ରକୁ ନୟାଗଡ ଟାଉନ ଥାନା ପୋଲିସ ଗୁରୁବାର ରାତିରେ ଉଦ୍ଧାର କରିଛି। ତେବେ ଶିଶୁପୁତ୍ର ଚୋରି ଅଭିଯୋଗର ୩ ଦିନ ବିତିଯିବାକୁ ବସିଥିବାବେଳେ ପୋଲିସ ମାମଲା ରୁଜୁ ନ କରିବା ସାଧାରଣରେ ସମାଲୋଚନା କରାଯାଇଛି। ଅନ୍ୟପକ୍ଷେ ପୋଲିସ ମାମଲା ନ କରି ଜିଲା ମୁଖ୍ୟ ଚିକିତ୍ସାଳୟର ଲେବର ରୁମ୍‌ରୁ ବିଦା କରାଯାଇଥିବା ୪ ଜଣ ଷ୍ଟାଫନର୍ସ, ଜଣେ ସୁଇପର, ଜଣେ ଆଟେଣ୍ଡାଣ୍ଟଙ୍କୁ ଜେରା କରୁଛି। ପୁଣି ଅଭିଯୋଗକାରୀ ମା' ବାପାଙ୍କୁ ପୋଲିସ ଥାନାରେ ବାରମ୍ବାର ଡକାଇ ପଚରାଉଚୁରା କରୁଛି। ହେଲେ ଯେଉଁ ପରିବାର ଶିଶୁପୁତ୍ରକୁ ନେଇ ରଖିଥିଲା ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉନି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ନର୍ସ ପିଲା ଚୋରି ଘଟଣାର ମୁଖ୍ୟ କାର୍ପେଟଦାର ସାଜିଛନ୍ତି। ସେ ଶିଶୁପୁତ୍ରକୁ ଚିକିତ୍ସାଳୟ ପଛ ପାଖରେ ଏକ ଦମ୍ପତିଙ୍କୁ ବିକ୍ରି କରିଥିଲେ। ଏହି ଦମ୍ପତିଙ୍କର ସନ୍ତାନ କିଛି ବର୍ଷ ତଳେ ପ୍ରାଣ ହରାଇଥିଲେ। ସେ ଶିଶୁପୁତ୍ରକୁ ନୟାଗଡରେ ରଖିଥିଲେ। ଶିଶୁପୁତ୍ର ବିକ୍ରି ନେଇ ଅଭିଯୋଗ ପରେ ତରବରିଆ ଭାବେ ଭୁବନେଶ୍ୱର ନେଇ ଯାଇଥିଲେ। ଖବର ପାଇ ପୋଲିସ ଚଢ଼ାଉ କରି ଶିଶୁପତ୍ରକୁ ଉଦ୍ଧାର କରିଥିଲେ ହେଁ ଘଟଣାର ରଫାଦଫା କରିବାକୁ ପ୍ରୟାସ ଚାଲିଛି ବୋଲି ଅଭିଯୋଗ ଉଠିଲାଣି। ସେହିଭଳି ଶିଶୁ ବିକ୍ରି ଘଟଣାରେ ସ୍ୱାସ୍ଥ୍ୟ ବିଭାଗ ନିଜର ଦୋଷ ଛଡାଇବା ପରେ ପରୋକ୍ଷରେ ଛୁଆ ବିକ୍ରିର ଅଭିଯୋଗ ଥିବା ନର୍ସଙ୍କୁ କ୍ଲିନଚିଟ୍ ମିଳିଛି। ଡିସଚାର୍ଜ ପରେ ପିଲା ଚୋରି ହୋଇଥିବା ଉପରେ ସ୍ୱାସ୍ଥ୍ୟ ବିଭାଗ କିଛି କରିପାରିବ ନାହିଁ ବୋଲି ସିଡିଏମ୍‌ଓ ସଫେଇ ଦେଇଛନ୍ତି। ଏଣୁ ଘଟଣାର ନିରପେକ୍ଷ ତଦନ୍ତ ଉପରେ ପ୍ରଶ୍ନ ଉଠିଛି।

ଏ ନେଇ ନୟାଗଡ ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା କୁହନ୍ତି, ଶିଶୁପୁତ୍ର ଚୋରି ଘଟଣାରେ ତଦନ୍ତ ଚାଲିଛି। ତେବେ ମାମଲା ରୁଜୁ କରାଯାଇନି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଉପେନ୍ଦ୍ର ନାଥ ବଡଜେନା କୁହନ୍ତି, ପୋଲିସ ଶିଶୁପୁତ୍ରକୁ ଉଦ୍ଧାର କରି ଗୁରୁବାର ରାତିରେ ସିଡବ୍ଲ୍ୟୁସିରେ ହାଜର କରାଇଥିଲା। ସିଡବ୍ଲ୍ୟୁସିର ନିର୍ଦ୍ଦେଶ ଅନୁସାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରୀକ୍ଷଣ କରାଯାଉଛି। ପିଲା ସୁସ୍ଥ ଅଛି। ଶିଶୁପୁତ୍ରଙ୍କ ମା'ବାପା ଥିବାରୁ ସେମାନଙ୍କୁ ପଚରାଉଚୁରା କରାଯିବ। ସିଡବ୍ଲ୍ୟୁସିର ନିର୍ଦ୍ଦେଶ ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ଅଭିଯୋଗ ଅନୁସାରେ, ଜାନୁୟାରୀ ୨୮ରେ ଇଟାମାଟି ଥାନା ନୋଉର ଗାଁର ରବୀନ୍ଦ୍ର ସ୍ୱାଇଁଙ୍କ ସ୍ତ୍ରୀ ଜଲି ଗର୍ଭ ଯନ୍ତ୍ରଣା ଭୋଗିଥିଲେ। ପରିବାର ଲୋକେ ଜଲିଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେହିଦିନ ପୂର୍ବାହ୍ନ ୯ଟାରେ ଜଲିଙ୍କ ଶିଶୁ ପୁତ୍ର ହୋଇଥିଲା। ଛୁଆ ଜନ୍ମ ପରେ ସେଠାରେ ଉପସ୍ଥିତ ଥିବା ଜଣେ ନର୍ସ ଟିକା ଦେବା ନାଁରେ ଶିଶୁପୁତ୍ରକୁ ନେଇଥିଲେ। ତେବେ ଶିଶୁପୁତ୍ରଙ୍କୁ ଆଉ ଫେରାଇ ନ ଥିଲେ। ଜଲିଙ୍କର ଦେଢ଼ବର୍ଷର ଏକ ସନ୍ତାନ ପରେ ପୁଅଟି ଜନ୍ମ ହୋଇଥିବାରୁ ପୋଲିସ ଗିରଫ କରିବ ବୋଲି ସମ୍ପୃକ୍ତ ନର୍ସ କୁଆଡେ ଜଲିଙ୍କୁ ଭୟଭୀତ କରାଇଥିଲେ। ଶିଶୁପୁତ୍ର ବିକ୍ରି ଘଟଣାରେ କେଉଁମାନେ ସାମିଲ ଅଛନ୍ତି ତା'ର ଖୋଳତାଡ ହେବା ଦରକାର। ଏହି ଘଟଣାର ପର୍ଦ୍ଦାଫାସ ନ ହେଲେ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରୁ ଲୋକଙ୍କ ଆସ୍ଥା ତୁଟିଯିବ। ଶିଶୁପୁତ୍ର ଚୋରି ପ୍ରସଙ୍ଗରେ ଜିଲା ମୁଖ୍ୟ ଚିକିତ୍ସାଳୟ ବଦନାମର ବୋଝ ମୁଣ୍ଡାଇଛି। ଏହି ଘଟଣାରେ ଯେଉଁମାନେ ସଂଶ୍ଳିଷ୍ଟ ଅଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଦରକାର।

## ସଂକ୍ଷେପରେ

### ଅସ୍ଥାୟୀ ବନ କର୍ମଚାରୀଙ୍କ ଦାବିପତ୍ର

ବାଲିଗୁଡା,୪।୨(ଡି.ଏନ୍.ଏ.)

ବାଲିଗୁଡା ବନଖଣ୍ଡରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀମାନେ ୧୪ ଦଫା ସମ୍ବଳିତ ଦାବିପତ୍ର ବନଖଣ୍ଡ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କୁ ପ୍ରଦାନ କରିଛନ୍ତି। ଆଉଟ ସୋର୍ସିଂ ବ୍ୟବସ୍ଥା ଉଚ୍ଛେଦ, ଓଡିଶା ଫରେଷ୍ଟ କର୍ମଚାରୀଙ୍କୁ ରେଗୁଲାର ନଚେତ ଇନିସିଆଲ ଆପଏଣ୍ଟିସରେ ଅର୍ନ୍ତଭୁକ୍ତ କରିବା, ଛଟେଇ ବନ୍ଦ କରିବା, କୌଣସି କାରଣବଶତଃ ମୃତ୍ୟୁ ହେଲେ ତାଙ୍କ ପରିବାରକୁ ୩୦ଲକ୍ଷ ଟଙ୍କାର କ୍ଷତପୂରଣ ସହ ପରିବାରର ଜଣକୁ ନିଯୁକ୍ତି ଆଦି ଦାବି ଉଲ୍ଲେଖ କରାଯାଇଛି। ସରକାର ଦାବି ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ସଂଘର ସଭାପତି ସକରାଜିତ ବେହେରଦଳେଇ,ଉପସଭାପତି ରବି ନାରାୟଣ ପାତ୍ର, ସଂପାଦକ ଅଜୁ ନାୟକ, କୋଷାଦକ୍ଷ ସାନୁଜ ବେରୁକ ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ।

### ମାଇକ୍ରୋ ଫାଇନାନ୍ସ କର୍ମକର୍ତ୍ତାଙ୍କୁ ନେଲା ଝାଡ଼ଖଣ୍ଡ ପୋଲିସ

ଭଞ୍ଜନଗର,୪।୨(ଡି.ଏନ୍.ଏ)-ମାଇକ୍ରୋ ଫାଇନାନ୍ସ ଲିମିଟେଡର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କୁ ଝାଡ଼ଖଣ୍ଡ ପୋଲିସ ଗୁରୁବାର ତଦନ୍ତ ପାଇଁ ଡ଼ାକି ନେଇଛି। ଝାଡ଼ଖଣ୍ଡ ପୋଲିସ ଗୁରୁବାର ସକାଳେ ସମ୍ପୃକ୍ତ କର୍ମକର୍ତ୍ତାଙ୍କ ବାସଭବନରେ ପହଞ୍ଚି ବହୁ ଆଲୋଚନା ପରେ ତଦନ୍ତରେ ସହଯୋଗ କରିବା ପାଇଁ ସନ୍ଧ୍ୟାରେ ଝାଡ଼ଖଣ୍ଡ ନେଇଛି। ତାଙ୍କର ଦୁଇ ସମ୍ପର୍କୀୟ ମଧ ଝାଡ଼ଖଣ୍ଡ ଅଭିମୁଖେ ଯାଇଛନ୍ତି।

### ପ୍ରାର୍ଥୀଙ୍କ ବ୍ୟାନର କାଢ଼ିଲା ପ୍ରଶାସନ

ଚକାପାଦ,୪।୨(ଡି.ଏନ.ଏ.)-ଚକାପାଦ ତହସିଲ୍ ଅଞ୍ଚଳରେ ଲାଗିଥିବା ବ୍ୟାନରକୁ ଶୁକ୍ରବାର ସନ୍ଧ୍ୟାରେ ପ୍ରଶାସନ କାଢ଼ି ନେଇଥିବା ପ୍ରାର୍ଥୀମାନେ ଅଭିଯୋଗ କରିଛନ୍ତି। ବ୍ୟାନର ପୋଷ୍ଟରକୁ କାହିଁକି କଢ଼ାଗଲା ସେ ନେଇ ପ୍ରାର୍ଥୀଙ୍କୁ କୌଣସି ସୂଚନା ଦିଆଯାଇନି।

### ପୋଖରୀରେ ବୁଡ଼ି ଜଣେ ମୃତ

ଶେରଗଡ,୪।୨(ଡି.ଏନ.ଏ.)- ଶେରଗଡ଼ ଥାନା ଅନ୍ତର୍ଗତ କେରିକେରିଝୋଲା ଗ୍ରାମ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ପାଣ୍ଡବ ନାୟକ। ପାଣ୍ଡବ ପାଣ୍ଡବ ଗାଧୋଇ ଯାଇ ପାଣିରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ଏ ନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ନଂ.୧/୨୨ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### କାଶୀନଗର ନାଗରିକ ମଞ୍ଚର ପୁନର୍ଗଠନ ପାଇଁ ପ୍ରସ୍ତୁତି ବୈଠକ

କାଶୀନଗର,୪।୨ ସ୍ଥାନୀୟ ବଂଶଧାରା ପାଠାଗାର ପରିସରରେ କାଶୀନଗର ନାଗରିକ ମଞ୍ଚର ପୁନର୍ଗଠନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି କବି ପ୍ରଶାନ୍ତ ମିଶ୍ର ଏଥିରେ ଅଧକ୍ଷତା କରିଥିବା ବେଳେ ସମ୍ପାଦକ କେ.ରାମାରାଓ ବିବରଣୀ ପାଠ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହ ସମ୍ପାଦକ ମୁନିକୋଟି ଶ୍ରୀନିବାସ ରାଓ, ଉପଦେଷ୍ଟା ହୃଷିକେଶ ଗଉଡ଼, ସମସ୍ତ କାର୍ଯ୍ୟକାରୀ କମିଟି ସଦସ୍ୟା ସଦସ୍ୟ, ଉପସ୍ଥିତ ସଚେତନ ନାଗରିକ ଓ ଗଣମାଧ୍ୟମ ପ୍ରତିନିଧି ଆଲୋଚନାରେ ଭାଗ ନେଇଥିଲେ। ଏନଏସିର ପୂର୍ବତନ ଅଧକ୍ଷା ଏମ.ସୁଧାରାଣୀ ବୈଠକରେ ଯୋଗଦେଇଥିଲେ। ଏହାଛଡ଼ା ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା ଯେ ନୂଆ ବସଷ୍ଟାଣ୍ଡ ନିର୍ମାଣ, ପଟେଲ ରୋଡର ଦୁଇ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ, ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର ଓ ସାପ କାମୁଡ଼ା ଇଞ୍ଜେକସନ ମହଜୁଦ ରଖିବା ସହ ସେଠାରେ ଖାଲି ପଡ଼ିଥିବା ସମସ୍ତ ବିଶେଷଜ୍ଞ ଡ଼ାକ୍ତର ପଦବୀ ପୂରଣ, ବାରାଣସୀ ସରକାରୀ ହାଇସ୍କୁଲ ଆଗରେ ଥିବା ପୋଖରୀର ସୌନ୍ଦର୍ଯ୍ୟକରଣ କାମରେ ଦୁର୍ନୀତି ଅଭିଯୋଗର ତଦନ୍ତ ଆଦି ଦାବି ସମ୍ବଳିତ ଏକ ପତ୍ର ବିଡିଓ ବା ତହସିଲଦାରଙ୍କ ଜରିଆରେ ଗଜପତି ଜିଲାପାଳଙ୍କୁ ଦିଆଯିବ। ଶେଷରେ ସୁଜନ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ୨୪ ଚୋରି ବାଇକ୍ ଜବତ, ୭ ଗିରଫ

ପାରଳାଖେମୁଣ୍ଡି,୪।୨(ଡି.ଏନ୍.ଏ.)



ଗିରଫ ଅଭିଯୁକ୍ତମାନେ ।

ଗଜପତି ଜିଲା ପୋଲିସ ଚୋରା ବାଇକ୍ ବିକ୍ରି ଘଟଣାର ପର୍ଦ୍ଦାଫାସ କରିଛି। ସେରଙ୍ଗ ପୋଲିସ ୨୪ଟି ଚୋରା ବାଇକ୍ ଜବତ କରିବା ସହ ୭ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଖବରଦାତା ସମ୍ମିଳନୀରେ ଏସ୍‌ପି ଜୟରାମ ଶତପଥୀ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ମାନେ ହେଲେ ଗଞ୍ଜାମ ଜିଲାର ହରି ଦଳବେହେରା, ସୁଶାନ୍ତ ସାମଲ, ରାୟଗଡା ଜିଲାର ଶ୍ରୀକାନ୍ତ ପାଳ, ଅଭିନାଶ ଶବର, ଶରତ ଶବର, ପାରଳାଖେମୁଣ୍ଡିର ଭାଗେଶ୍ୱର ଅଧିକାରୀ, ସେରଙ୍ଗ ଅଞ୍ଚଳର ଇସ୍ରାଏଲ ରଇତ। ଗତ ଗୁରୁବାର ଖଜୁରିପଦା ଫାଣ୍ଡି ପୋଲିସ ଗାଡି ତନଖି କରୁଥିବା ବେଳେ ସନ୍ଦେହଜନକ ଭାବେ ଏକ ବାଇକ୍‌କୁ ଯାଞ୍ଚ କରିଥିଲା। ଉକ୍ତ ଗାଡିର ଚାଳକ ଓ ଗାଡି କାଗଜପତ୍ରରେ ଉଲ୍ଲେଖ ମାଲିକଙ୍କ ନାମ ମିଶୁ ନ ଥିବାରୁ ଏହା ଚୋରା ବାଇକ୍ ବୋଲି ଜାଣିବାକୁ ପାଇଥିଲା। ପରେ ଅଧିକ ତଦନ୍ତ କରାଯିବାରେ ଅଭିଯୁକ୍ତ ତଥା ବ୍ରହ୍ମପୁରର ସୁଶାନ୍ତ ସାମଲଙ୍କ ସମ୍ପର୍କରେ ସୂଚନା ପାଇଥିଲା। ସୁଶାନ୍ତ ନକଲି କାଗଜପତ୍ର ପ୍ରସ୍ତୁତ କରି ଚୋରା ଗାଡି ବିକ୍ରି କରୁଥିଲେ ଓ ଅନ୍ୟ ଅଭିଯୁକ୍ତମାନେ ତାଙ୍କୁ ସହଯୋଗ କରୁଥିଲେ ବୋଲି ସୂଚନା ଦିଆଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ପି କହିଛନ୍ତି।

## ଭୋଟ ନ ଦେଲେ ଘର ଉଚ୍ଛେଦ ଧମକ

ପାରଳାଖେମୁଣ୍ଡି,୪।୨(ଡି.ଏନ୍.ଏ.)

ଗଜପତି ଜିଲା କାଶୀନଗର ବ୍ଲକ ହାଡୁଭଙ୍ଗୀ ଗ୍ରାମରେ ଶାସକ ଦଳ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବରୁ ଗାଁ ଲୋକେ ସରକାରୀ ଜମି ଜବରଦଖଲ କରି ରହିଥିବା ବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଡିସେମ୍ବରରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ନିର୍ବାଚନ ଆଚରଣ ବିଧି ଲାଗୁ ପରେ ଉଚ୍ଛେଦ ପ୍ରକ୍ରିୟା ବନ୍ଦ ରହିଛି। ହେଲେ ଗତ ଗୁରୁବାର ପ୍ରଶାସନ ପକ୍ଷରୁ ପୁଣି ଉଚ୍ଛେଦ ନିମନ୍ତେ ଲୋକଙ୍କ ଘର ଚିହ୍ନଟ କରାଯାଇଛି। ଏହାକୁ ପାଥେୟ କରି ଶାସକ ଦଳର ନେତା ବିଜେଡିକୁ ଭୋଟ ନ ଦେଲେ ଘର ଭଙ୍ଗାଯିବ ବୋଲି ଧମକ ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ଡକରବାଡ଼ି, ଗବାଟବାଡ଼ିକୁ ହେଲା ଜଳ ଯୋଗାଣ

ଦାରିଙ୍ଗବାଡ଼ି,୪।୨(ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପଞ୍ଚାୟତ ଡକରବାଡ଼ି ଏବଂ ଗବାଟବାଡ଼ି ଗ୍ରାମକୁ ଜଳ ଯୋଗାଣ ବନ୍ଦ ରହିଥିଲା। ପାଣି ଟାଙ୍କି ଥିଲେ ସୁଦ୍ଧା ଲୋକେ ପାଣି ପାଉ ନ ଥିଲେ। ଏ ନେଇ ଗତ ଗୁରୁବାର 'ଧରିତ୍ରୀ'ରେ ଏକ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଡିଓ ଗଦାଧର ପାତ୍ର ଏହାର ତଦନ୍ତ କରିବା ସହ ଆବଶ୍ୟକ ପଦକ୍ଷେପ ନେଇ ଶୁକ୍ରବାର ଜଳଯୋଗାଣ ସ୍ୱାଭାବିକ କରାଇଛନ୍ତି। ଲୋ ଭୋଲଟେଜ ସମସ୍ୟା ଯୋଗୁ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଥିବା ବିଡିଓ କହିଛନ୍ତି। ପାଣି ମିଳିବା ପରେ ୨ ଗ୍ରାମବାସୀ ଖୁସି ହୋଇଛନ୍ତି। ତେବେ ଟାଙ୍କିକୁ ପାଣି ଉଠାଇବା ପାଇଁ ଯେଉଁ ପମ୍ପ ଲାଗିଛି ତାହା ନିମ୍ନମାନର, ତାହାକୁ ବଦଳାଇ ଉଚ୍ଚ କ୍ଷମତାସମ୍ପର୍ଣ୍ଣ ପମ୍ପ ବ୍ୟବହାର କରାଯାଉ ଓ ନିମ୍ନମାନର ପାଇପ ବଦଳାଯାଉ ବୋଲି ଡକରବାଡ଼ିର ରାମଦେଉ ପ୍ରଧାନଙ୍କ ସମେତ ଅନ୍ୟ ମାନେ ଦାବି କରଛନ୍ତି।

## କୋଭିଡ୍ କଟକଣାରେ ଖୋଲିଲା ଧର୍ମାନୁଷ୍ଠାନ

ଛତ୍ରପୁର,୪।୨(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ଜନସାଧାରଣଙ୍କ ପାଇଁ ସବୁ ଧର୍ମାନୁଷ୍ଠାନ ଖୋଲିଛି । କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିଜର କ୍ଷମତା ପ୍ରୟୋଗ କରି ଡିସେମ୍ବରରେ ଜିଲାର ସମସ୍ତ ଧାର୍ମିକ ଅନୁଷ୍ଠାନକୁ ଜନସାଧାରଣ ଯିବା ଉପରେ ନିଷେଧ ଜାରି କରିଥିଲେ। କେବଳ ରୀତନୀତି ଅନୁସାରେ ପୂଜା ହୋଇଆସୁଥିଲା। ତେବେ ଏହି ନିଷେଧାଜ୍ଞାକୁ ଜିଲାପାଳ ଶୁକ୍ରବାର ଉଠାଇଦେବା ସହ ଧର୍ମାନୁଷ୍ଠାନକୁ ଜନସାଧାରଣଙ୍କ ପ୍ରବେଶକୁ ଅନୁମତି ଦେଇଛନ୍ତ। ତେବେ ଗୋଟିଏ ସମୟରେ ୧୦ ଜଣ ହିଁ ମନ୍ଦିର, ଚର୍ଚ୍ଚ, ମସଜିଦ୍‌ରେ ଉପସ୍ଥିତ ରହିପାରିବେ । ଏଥିସହ ମାସ୍କ ପିନ୍ଧିବା, ସାନିଟାଇଜର ଓ କୋଭିଡ୍-୧୯ ଗାଇଡଲାଇନକୁ ମାନିବା ବାଧ୍ୟତାମୂଳକ। ଧର୍ମାନୁଷ୍ଠାନ କମିଟି ଓ ବୋର୍ଡ ଦୈନିକ ଧର୍ମାନୁଷ୍ଠାନ ପରିସରକୁ ସାନିଟାଇଜ୍ କରିବା ନେଇ ଜିଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଧର୍ମାନୁଷ୍ଠାନ ପରିସରକୁ ପ୍ରବେଶ କଲାବେଳେ ସମସ୍ତଙ୍କର ଥର୍ମାଲ ସ୍କ୍ରିନିଂ କରିବା ବାଧ୍ୟତାମୂଳକ । ଜ୍ୱର, କଫ ଓ କାଶ ଥିବା ବ୍ୟକ୍ତିମାନେ ଧର୍ମାନୁଷ୍ଠାନକୁ ଯିବା ସମ୍ପୂର୍ଣ୍ଣ ନିଷେଧ ରହିଛି । ଏଭଳି ପୀଡିତଙ୍କୁ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି। ହାତ ସାନିଟାଇଜ୍ କରି ଭକ୍ତଙ୍କୁ ମନ୍ଦିର ମଧ୍ୟକୁ ପ୍ରବେଶ କରିବାକୁ ପଡିବ । କୌଣସି ମୂର୍ତ୍ତିକୁ ଛୁଇଁବା ମନା । ତେବେ କୌଣସି ଧର୍ମାନୁଷ୍ଠାନରେ ପ୍ରସାଦ ସେବନ ମଧ ବାରଣ ରହିଛି । ମା' ତାରାତାରିଣୀ ମନ୍ଦିରକୁ ଯିବା ଲାଗି ପାହାଡ ତଳୁ ବ୍ୟକ୍ତିଗତ ଗାଡି ବ୍ୟବହାରକୁ ପୂର୍ବଭଳି ଅନୁମତି ନାହିଁ । ୧୦ ବର୍ଷରୁ କମ୍ ବୟସ୍କ ପିଲା ଓ ୬୫ ବୟସରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମନ୍ଦିରକୁ ନ ଯିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି । ମନ୍ଦିର ପରିସରରେ ବିବାହ ଓ ସାମାଜିକ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ମନା ରହିଛି ।

## ୩.୫୩ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

ଫୁଲବାଣୀ ଅଫିସ, ୪।୨

କନ୍ଧମାଳ ଜିଲା ଫିରିଙ୍ଗିଆ ପୋଲିସ ଏକ ବୋଲେରୋ ପିକ୍‌ଅପ ଓ ଗୋଟିଏ ବୋଲେରୋ ଗାଡ଼ିରୁ ୩ କୁଇଣ୍ଟାଲ ୫୩ କିଲୋ ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ମାଲାଗାଁର ଶ୍ରୀକାନ୍ତ ଦିଗାଳ ଓ ତାଙ୍କ ଭାଇ ଗୋଲକ ଦିଗାଳ । ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବରପାଇ ପୋଲିସ ଏକ ଟିମ ଗଠନ କରିଥିଲା । ଉକ୍ତ ଟିମ୍ ଫିରିଙ୍ଗିଆ ବ୍ଲକ ପାଙ୍ଗାଉପରସାହି ପଞ୍ଚାୟତର ମାଲାଗାଁ ନିକଟ ବାଘ ନଦୀ ପୋଲ ନିକଟରେ ଚଢ଼ାଉ କରି ଗାଡ଼ି ଦୁଇଟିକୁ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ମିଳିଥିଲା । ଉକ୍ତ ଗଞ୍ଜେଇ ଭୁବନେଶ୍ୱର ଚାଲାଣ ହେବାକୁ ଥିବା ବୋଲି ଜଣାପଡିଛି।



୨ ଗାଡି ସହ ଜବତ ଗଞ୍ଜେଇ ।

## କେଶପୁର ବଜାରରେ ଭାଜପା କାର୍ଯ୍ୟାଳୟର ଶୁଭାରମ୍ଭ



ଭାଜପା କାର୍ଯ୍ୟାଳୟ ଶୁଭାରମ୍ଭ ଅବସରରେ ଭାଜପା କାର୍ଯ୍ୟକର୍ତ୍ତା ।

ଖଲ୍ଲିକୋଟ,୪।୨(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ କେଶପୁର ବଜାରରେ ଶୁକ୍ରବାର ଭାଜପା କାର୍ଯ୍ୟାଳୟ ଶୁଭାରମ୍ଭ ହୋଇଛି। ୧୩ନଂ. ଜିଲା ପରିଷଦ ଭାଜପା ପ୍ରାର୍ଥୀ ରାମଚନ୍ଦ୍ର ବୈଦ୍ୟ, ଘୁମୁସର ଜିଲା ଭାଜପା ନେତା ଅନିଲ କୁମାର ପଣ୍ଡା, ପଦ୍ମ ସୁବୁଦ୍ଧି, ରମେଶ ପରିଡ଼ା, ଅର୍ଜୁନ ସାହୁ ପ୍ରମୁଖ ଭାଜପା ନେତା ଉପସ୍ଥିତ ଥିଲେ।

## ମେଡିକାଲ ଛକରୁ ବୁଲେଟ ଚୋରି

କାଶୀନଗର,୪।୨

ଗଜପତି ଜିଲା କାଶୀନଗର ଏନ୍‌ଏସି ମେଡିକାଲ ଛକ ଠାରେ ଥିବା ମାର୍କେଟ କମ୍ପ୍ଲେକ୍ସ ବାରଣ୍ଡାରୁ ଗତ ଗୁରୁବାର ରାତିରେ ଏକ ବୁଲେଟ ଚୋରି ହୋଇଯାଇଛି। ଏହା ଜଣେ ସେନା କର୍ମଚାରୀଙ୍କ ହୋଇଥିବା ବେଳେ ସେ ତାଙ୍କ ବନ୍ଧୁ ଟୁନା ପାଣ୍ଡିଙ୍କଠାରେ ରଖିଥିଲେ। ଚୋରି ସମ୍ପର୍କରେ ଥାନାରେ ଅଭିଯୋଗ କରାଯାଇଛି।

## ସ୍ଥାପନ ହେଲାନି ମୋବାଇଲ ଟାୱାର

ଆର.ଉଦୟଗିରି,୪।୨(ଡି.ଏନ୍.ଏ.)

ଲୋକଙ୍କୁ ପ୍ରଶାସନିକ ଓ ସରକାରୀ ସୁବିଧା ସହଜରେ ଉପଲବ୍ଧ ସହ ସ୍ୱାସ୍ଥ୍ୟ ସେବାକୁ ସୁଗମ କରିବା ପାଇଁ ୫ ବର୍ଷ ପୂର୍ବରୁ ଅବିଭକ୍ତ ସିଆଳିଲଟି ପଞ୍ଚାୟତକୁ ଭାଗ କରି ପୁରୁଣାପାଣି ପଞ୍ଚାୟତ ଗଠନ କରାଯାଇଛି। ନିର୍ବାଚିତ ପ୍ରତିନିଧିମାନେ ଅଞ୍ଚଳବାସୀଙ୍କ ପାଖରେ ପହଞ୍ଚିବେ ବୋଲି ଭୋଟରଙ୍କ ଧାରଣା ଥିଲା। ହେଲେ ଏହି ଆଶା ମଉଳିଯିବାରେ ଲାଗିଛି। ଉଭୟ ସିଆଳିଲଟି ଓ ପୁରୁଣାପାଣି ପଞ୍ଚାୟତରେ ଏ ଯାଏ ମୋବାଇଲ୍ ଟାୱାର ସ୍ଥାପନ ହୋଇପାରିଲା ନାହିଁ। ଯୋଗାଯୋଗ କ୍ଷେତ୍ରରେ ଏହି ଦୁଇଟି ପଞ୍ଚାୟତର ଜନପ୍ରତିନିଧିମାନେ ସଫଳ ହୋଇ ପାରିନାହାନ୍ତି। ନିର୍ବାଚନ ପ୍ରତିନିଧି ଥିଲେ ମଧ ଯେମିତି ସରକାରୀ କାମ ଚାଲିଥିଲା ସେମିତି ଚାଲିଛି ବୋଲି ଅଭିଯୋଗ ହୋଇଛି। ୨୦୦୭ରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା ରାସ୍ତାକାମ ଏ ଯାଏ ସରିନି। ପୁରୁଣାପାଣି ପଞ୍ଚାୟତବାସୀଙ୍କ ଅଭିଯୋଗ ହେଲା ୬୦ବର୍ଷରୁ ଅଧିକ ସମୟ ହେଲାଣି, ଅଥଚ ସିଆଳିଲଟି ପଞ୍ଚାୟତକୁ ରାସ୍ତା ଯୋଗାଯୋଗ ଓ ସ୍ୱାସ୍ଥ୍ୟ ଭଳି ସୁବିଧା ଏପର୍ଯ୍ୟନ୍ତ ଉପଲବ୍ଧ ହୋଇପାରିଲା ନାହିଁ। ୨,୨୮୬ ଭୋଟର୍ ବିଶିଷ୍ଟ ସିଆଳିଲଟିରେ ଯେମିତି ସ୍ୱାସ୍ଥ୍ୟ ସୁବିଧା ବିପର୍ଯ୍ୟସ୍ତ ୧,୧୩୫ ଭୋଟର୍ ବିଶିଷ୍ଟ ପୁରୁଣାପାଣିରେ ମଧ ସମାନ ଅବସ୍ଥା। ୨୦୧୩ରୁ ଏପର୍ଯ୍ୟନ୍ତ ରୁବାଲ କଳାଦ୍ୱାରୀ, ଜାଡା, ଜାଡାପାଣି, ଗୁଣ୍ଡରୀସାହି, ଇତଲ, କୁମୁଟିପଙ୍କାଳ ଏବଂ ଏହାର ଆଖପାଖ ଅଞ୍ଚଳର ସମସ୍ୟା ବାରମ୍ବାର ଖବରକାଗଜ ପ୍ରକାଶ ହେଉଥିଲେ ମଧ ଏପର୍ଯ୍ୟନ୍ତ ସ୍ୱାସ୍ଥ୍ୟ, ରାସ୍ତାଘାଟ ଏବଂ ବିଦ୍ୟୁତ ସୁବିଧା ପହଞ୍ଚି ପାରିନାହିଁ। ତେବେ କୁମୁଟିପଙ୍କାଳ ଗ୍ରାମବାସୀ ମାନେ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

## ପିଇବା ପାଣି ସମସ୍ୟାରେ ଭଞ୍ଜରମୁଣ୍ଡା ଗ୍ରାମବାସୀ

ବଲସକୁମ୍ପା,୪।୨

କନ୍ଧମାଳ ଜିଲା ଖଜୁରୀପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତ ଭଞ୍ଜରମୁଣ୍ଡା ଗ୍ରାମରେ ପିଇବା ପାଣି ସମସ୍ୟା ଦେଖାଦେଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପାଣି ସମସ୍ୟାକୁ ନେଇ ବିଭାଗୀୟ ଅଧିକାରୀମାନଙ୍କୁ କିମ୍ବା ପଞ୍ଚାୟତଠୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ଦୌଡ଼ି ନୟାନ୍ତ ହୋଇ ଯାଉଥିଲେ ସୁଦ୍ଧା ଗ୍ରାମରେ ପିଇବା ପାଣି ସମସ୍ୟାର ସମାଧାନ ହୋଇ ପାରୁନାହିଁ। ନିର୍ବାଚନ ସମୟରେ ଅନେକ ନେତା, ମନ୍ତ୍ରୀ ଗାଁକୁ ଆସି ପିଇବା ପାଣି ସମସ୍ୟା ଦୂରୀକରଣ କରିବାକୁ ପ୍ରତିଶ୍ରୁତି ଦେଉଛନ୍ତି। ମାତ୍ର ଜିତିଲା ପରେ ଏହାର ସମାଧାନ ହେଉନାହିଁ। ବହୁ ନେହୁରା ହେବା ପରେ ଗାଁକୁ ବଲସକୁମ୍ପାଠାରୁ ଉଠା ଜଳସେଚନ ମାଧ୍ୟମରେ ପିଇବା ପାଣି ଯୋଗାଇ ଦିଆଯାଉଥିଲା। ମାତ୍ର ତାହା ବାର ମାସ ଭିତରେ ୧୩ ଥର ଖରାପ ହେବା ଯୋଗୁ ଠିକ୍ ସମୟରେ ଗ୍ରାମବାସୀ ପାଣି ପାଇ ପାରୁନାହାନ୍ତି।

ସେହିପରି ଗ୍ରାମର ଅଙ୍ଗନୱାଡି କେନ୍ଦ୍ରଠାରେ ଏକ ସୋଲାର ପାଣିଟାଙ୍କି ବସାଇ ଦିଆଗଲା। ସେଥିରୁ ମଧ କିଛିଦିନ ଗ୍ରାମବାସୀ ପିଇବା ପାଣି ବ୍ୟବହାର କଲେ। କିନ୍ତୁ ପରବର୍ତ୍ତୀ ସମୟରେ ତାହା ଖରାପ ହେବାରୁ ତାହାର ମରାମତି ମଧ କରାଯାଉନାହିଁ। ଗ୍ରାମବାସୀ ପିଇବା ପାଣି ଟୋପାଏ ପାଇଁ ଡହଳବିକଳ ହେଉଥିବା ସହିତ ନଦୀନାଳ ଚୁଆ ପାଣି ବ୍ୟବହାର କରୁଥିବା କହିଛନ୍ତି। ତେଣୁ ବିଭାଗୀୟ ଅଧିକାରୀମାନେ ଏହାକୁ ଗୁରୁତର ଭାବେ ଗ୍ରହଣ କରି ପିଇବା ପାଣି ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।



ସୋଲାର ପାଣି ଟାଙ୍କି ।

### ବିଜେଡିରେ ମିଶିଲେ ଭାଜପା ସମର୍ଥକ

ପୋଲସରା,୪।୨(ଡି.ଏନ.ଏ.)

ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ହାତୀଓଟସ୍ଥିତ ବାସଭବନ ପରିସରରେ ଶୁକ୍ରବାର ବିଜେଡ଼ିର ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ତୁଙ୍ଗାପଡା ଗ୍ରାମର ବିଜେଡିର ଯୁବ ସଙ୍ଗଠକ ସିଲୁ ଦଳାଇଙ୍କ ନେତୃତ୍ୱରେ ଦଳିତ ସାହିର ୪୦ରୁ ଉର୍ଦ୍ଧ୍ୱ ପରିବାର ଭାଜପା ଛାଡ଼ି ବିଜେଡି ମିଶିଥିଲେ। ଦଳିତସାହିର ଅଭିମନ୍ୟୁ ନାହାକ, ସନିଆ ନାହାକ, ବିଶୁ ନାହାକ, ଦିବଂ ନାହାକ, ମାଲ ନାହାକ ସମେତ ୪୦ଟି ପରିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ବିଜେଡି ପକ୍ଷରୁ ସମସ୍ତଙ୍କୁ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା।

### ବିଜେଡି କଥାରେ ନୁହେଁ କାମରେ ବିଶ୍ୱାସ କରେ

ଟିକିଟି,୪।୨(ଡି.ଏନ.ଏ.)

ଓଡିଶାରଦ୍ରୁତ ପ୍ରଗତି ପାଇଁ ରାଜ୍ୟ ସରକାର ଅହରହ କାର୍ଯ୍ୟ କରି ଚାଲିଛନ୍ତି । ଗ୍ରାମାଞ୍ଚଳର ଉନ୍ନତି ପାଇଁ ବିକାଶଧାରା ଜାରି ରହିଛି । ଏଣୁ ରାଜ୍ୟ ସରକାର କଥାରେ ନୁହେଁ ସଦାସର୍ବଦା କାମରେ ବିଶ୍ୱାସ କରନ୍ତି ବୋଲି ଶୁକ୍ରବାର ଟିକିଟି ବ୍ଲକ ଅନ୍ତର୍ଗତ ବରାହୀ ପୀଠଠାରେ ବିଜେଡି ସଭାପତି ହାରମ୍ଭ ରେଡ୍ଡୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ସମ୍ମାନିତ ଅତିଥି ଭାବେ ଟିକିଟି ନିର୍ବାଚନମଣ୍ଡଳୀର ଯୁବସଂଗଠକ ସୁରେନ୍ଦ୍ର ମଣ୍ଡଳ, ପୂର୍ବତନ ବ୍ଲକ ଅଧକ୍ଷ ଏମ୍. ନାଗରାଜ, ଯୁବ ବିଜେଡି ସଭାପତି ସଚ୍ଚିଦାନନ୍ଦ ପଣ୍ଡା ଯୋଗଦେଇ ମତବ୍ୟକ୍ତ କରିଥିଲେ।

### ମଧୁ ବାବୁଙ୍କ ତିରୋଧାନ ଦିବସ

ବୁଗୁଡ଼ା,୪।୨(ଡି.ଏନ.ଏ.)

ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଶିଶୁ ମନ୍ଦିର ପରିଚାଳନା ସମିତି ସଭାପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜିକ କର୍ମୀ ତ୍ରିଲୋଚନ ସାହୁ ମୁଖ୍ୟ ଅତିଥି ଏବଂ ଅବସରପ୍ରାପ୍ତ ଶିକ୍ଷକ କାଶୀନାଥ ବିଷୋୟୀ ଓ ଉପେନ୍ଦ୍ର କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ତାଙ୍କର ସ୍ମୃତଚାରଣ କରିଥିଲେ। ପ୍ରଧାନାଚାର୍ଯ୍ୟ ମାଧବ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଚାଳନା ସମିତିର କର୍ମକର୍ତ୍ତା ଏବଂ ଗୁରୁମା ଗୁରୁଜୀ ଉପସ୍ଥିତ ରହିଥିଲେ।

### ପ୍ରଚାରରେ ବିଜେଡି ଜିଲା ପରିଷଦ ପ୍ରାର୍ଥୀ

ଗଞ୍ଜାମ,୪।୨(ଡି.ଏନ.ଏ.)

ଆସନ୍ତା ୨୦ରେ ଗଞ୍ଜାମ ବ୍ଲକରେ ହେବ ପଞ୍ଚାୟତ ନିର୍ବାଚନ। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛନ୍ତି ରାଜନୈତିକ ଦଳର ନେତା ଓ କର୍ମୀ। ପ୍ରଚାରକୁ ଓହ୍ଲାଇଛନ୍ତି ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ। ବର୍ତ୍ତମାନ ଚଳିତ ନିର୍ବାଚନରେ ପ୍ରଚାର ପାଇଁ ବିଜେଡି ପ୍ରାର୍ଥୀମାନେ ଆଗୁଆ ଥିବା ଦେଖିବାକୁ ମିଳିଛି। ପ୍ରଚାରର ମଙ୍ଗ ଧରିଛନ୍ତି ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା। ବିଧାୟକ ବେହେରା ୧୪ ଓ ୧୫ ନଂ. ଜୋନ ଜିଲା ପରିଷଦ ପ୍ରାର୍ଥୀ ସସ୍ମିତା ସ୍ୱାଇଁ ଓ ସନାତନ ବେହେରାଙ୍କୁ ସାଙ୍ଗରେ ନେଇ ଜୋରଦାର ପ୍ରଚାର କରୁଛନ୍ତି।

### ବିଜେଡିରେ ମିଶିଲେ ଭାଜପା ସଙ୍ଗଠକ

ଭଞ୍ଜନଗର,୪।୨(ଡି.ଏନ.ଏ.)

ଭଞ୍ଜନଗର ବ୍ଲକ କୁଲାଡ଼ ଅଟୋ ଆସୋସିଏଶନର ପୂର୍ବତନ ସଭାପତି ରଘୁନାଥ ସାହୁ ଏବଂ କୋଟିବରାଡ଼ିର ଭାଜପା ସଙ୍ଗଠକ ସନ୍ତୋଷ ଗଉଡ ଶୁକ୍ରବାର ବିଜେଡ଼ିରେ ମିଶିଛନ୍ତି। କୋଟିବରାଡ଼ି ଠାରେ ବିଜେଡ଼ି ପକ୍ଷରୁ ଆୟୋଜିତ ପଥପ୍ରାନ୍ତ ସଭାରେ ଦୁଇ ନେତାଙ୍କୁ ସ୍ୱାଗତ କରାଯାଇଥିଲା। ସଭାରେ ବିଜେଡ଼ି ଜିଲା ପରିଷଦ ପ୍ରାର୍ଥୀ ଜିତେନ୍ଦ୍ର କେଶରୀ ଆରୁଖ, କୁଲାଡ଼ ସରପଞ୍ଚ ପ୍ରାର୍ଥିନୀ ସଂଯୁକ୍ତା ରାଜୁ, ସମିତିସଭ୍ୟ ପ୍ରାର୍ଥିନୀ ପି. ରେଣୁକା ପାତ୍ର, ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଏମ୍‌ପି ପ୍ରତିନିଧି ଦିବାକର ନାୟକ, ବୁଲୁ ରାଜୁ, ରାମହରି ପାତ୍ର ପ୍ରମୁଖ ଯୋଗଦେଇଥିଲେ।